

ସନ୍ଦୀପଙ୍କ ସହ କାମ କରିବେ ପ୍ରଭାସ

▸ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/thesakalanews

/TheSakala

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-183 ◆BHUBANESWAR ◆THURSDAY ◆28 DECEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୩ ◆ଭୁବନେଶ୍ୱର ◆ଗୁରୁବାର ◆୨୮ ଡିସେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦





ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

# ସନ୍ଦୀପଙ୍କ ସହ କାମ କରିବେ ପ୍ରଭାସ



ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆନିମଲ୍' ରିଲିଜ୍ ଦିନରୁ ହିଁ ବେଶ୍ ହଇଚଇ ସୃଷ୍ଟି କରିଥିଲା। ରଣବୀର କପୁର, ରଶ୍ମିକା ମନ୍ଦାନା, ଅନୀଲ କପୁର ଓ ବବି ଦେଓଲଙ୍କ ଅଭିନୀତ ଏହି ଚଳଚ୍ଚିତ୍ର ଏବେ ବି ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରୁଛି। ଏହାର ଦ୍ୱିତୀୟ ପାର୍ଟ ମଧ୍ୟ ଆସିବ ବୋଲି ସନ୍ଦୀପ ଘୋଷଣା କରିଛନ୍ତି। ତେବେ 'ଆନିମଲ୍'ର ସିକ୍ୱେଲକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। କିନ୍ତୁ ସନ୍ଦୀପ ଏହା ପୂର୍ବରୁ ଆଉ ଏକ ବଡ଼ ବଜେଟ୍‌ରେ ଫିଲ୍ମ ନିର୍ମାଣ କରିବେ। ଫିଲ୍ମର ଟାଇଟଲ୍ ରହିଛି 'ସ୍ପିରିଟ୍'। ଏଥିରେ ସାଉଥ୍ ସୁପରଷ୍ଟାର ପ୍ରଭାସ ଲିଡ୍ ରୋଲ୍‌ରେ ନଜର ଆସିବେ। ଏଥିରେ ପ୍ରଭାସ ଜଣେ ପୁଲିସ୍ ଅଫିସର୍ ଭୂମିକାରେ ଦେଖାଯିବେ। ତେବେ 'ସ୍ପିରିଟ୍' ନିର୍ମାଣ କରିସାରିବା ପରେ ହିଁ ସନ୍ଦୀପ ରଣବୀର କପୁରଙ୍କ ସହ 'ଆନିମଲ୍ ପାର୍କ'ରେ କାମ କରିବେ।

# ବିରଳ ଚିତ୍ରଶିଳ୍ପୀ

## ନିଦରେ ଆଙ୍କନ୍ତି ଚିତ୍ର



ଅନେକ ଲୋକଙ୍କର ନିଦରେ ଚାଲିବା ଅଭ୍ୟାସ ଥାଏ। ବ୍ରିଟେନ୍‌ରେ ରହୁଥିବା ଲି ହାଡୱିନ୍ ଏପରି ଜଣେ ଚିତ୍ରଶିଳ୍ପୀ ଯେ କି ଶୋଇବା ପରେ ହିଁ ତାଙ୍କ କଳାପ୍ରତିଭା ଜାଗ୍ରତ ହୋଇଥାଏ। ଲି ନିଦରେ ଚିତ୍ର ଆଙ୍କନ୍ତି, ସକାଳ ହେବାମାତ୍ରେ ସେ ଏସବୁ ବାବଦରେ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ତେବେ ଲି ଯେତେ ଗଭୀର ନିଦରେ ଶୁଅନ୍ତି ସେତେ ସୁନ୍ଦର ଚିତ୍ର କରନ୍ତି। ଲିଙ୍କର ଚାରିବର୍ଷ ବୟସରୁ ନିଦରେ ଚାଲିବାର ଅଭ୍ୟାସ ଥିଲା। ସେ ଶିଢ଼ିରୁ ଓହ୍ଲାଇ ତଳକୁ ଚାଲି ଯାଉଥିଲେ ଓ କାନ୍ଥରେ କିଛି ଲେଖୁଥିଲେ। ଏହାପରେ ସାତବର୍ଷ ବୟସରେ ତାଙ୍କୁ ଡାକ୍ତରଙ୍କୁ ଦେଖାଯାଇଥିଲା। ଡାକ୍ତର କହିଥିଲେ, ବଡ଼ ହେଲେ ସବୁ ଠିକ୍ ହୋଇଯିବ। ଏହାପରେ ଲି ୧୫ବର୍ଷ ବୟସରୁ ନିଦରେ ଚିତ୍ର ଆଙ୍କିବା ଆରମ୍ଭ କରିଦେଲେ। ସେ, ଯେକୌଣସି ସ୍ଥାନରେ ରହିଲେ (ନିଜ ଘର ହେଉ ଅବା ଅନ୍ୟ କେଉଁଠି) ସବୁଠି ନିଦରେ ଚିତ୍ର ଆଙ୍କିଥାନ୍ତି। ବେଳେବେଳେ ସେ ସଂଖ୍ୟାଗୁଡ଼ିକୁ ନେଇ ଚିତ୍ର ଆଙ୍କନ୍ତି। ଏବେ ସେ ଶୋଇବା ପୂର୍ବରୁ ଚିତ୍ର କରିବା ପାଇଁ ପାଖରେ ଡ୍ରଇଁ ବୁକ୍, ରଙ୍ଗ, ପେନସିଲ୍ ଆଦି ଉପକରଣ ରଖି ଶୋଉଛନ୍ତି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ସେ ଦିନରେ ଗୋଟିଏ ହାତରେ ଚିତ୍ର କରନ୍ତି ଓ ରାତିରେ ଶୋଇବା ପରେ ସେ ଦୁଇ ହାତରେ ଚିତ୍ର ଆଙ୍କନ୍ତି। ସେ ନିଦରେ ଥିବା ସମୟରେ ବହୁତ କମ୍ ସମୟରେ ଚିତ୍ର ଆଙ୍କି ଦିଅନ୍ତି। ସ୍କୁଲରେ ପଢୁଥିବା ସମୟରେ ଚିତ୍ରାଙ୍କନରେ ତାଙ୍କର ଆଦୌ ରୁଚି ନ ଥିଲା। କିନ୍ତୁ କେବେ ବି ସେ ଭାବି ନ ଥିଲେ ଏହାକୁ ପେଶା ଭାବେ ଆପଣାଇବେ। ତେବେ, ତାଙ୍କର ଏହି ନିଦରେ ଚାଲିବା ଅଭ୍ୟାସକୁ ନେଇ ତାଙ୍କ ସ୍ୱାମୀଙ୍କୁ କୌଣସି ଅସୁବିଧା ହୋଇ ନ ଥାଏ। ସେ ରାତିରେ ଲି ଚିତ୍ର ଆଙ୍କୁଥିବାବେଳର ଭିଡିଓ କରି ସକାଳେ ତାଙ୍କୁ ଦେଖାଇଥାନ୍ତି। କାରଣ ସକାଳେ ଲି ରାତି ଘଟଣା ବାବଦରେ ସବୁ ଭୁଲି ଯାଇଥାନ୍ତି। ଥରେ ସେ ନିଜ ବନ୍ଧୁଙ୍କ ଘରକୁ ଯାଇଥିବା ସମୟରେ ଚିତ୍ର କରିବା ପାଇଁ ଉପକରଣ ନ ପାଇବାରୁ କୁକୁଡ଼ା ହାଡ଼ ଓ ବଗିଚାରେ ଥିବା କୋଇଲାକୁ ବ୍ୟବହାର କରି ଚିତ୍ର କରିଥିଲେ। ଖାଲି ସେତିକି ନୁହେଁ, ନିଦରେ ସେ ଛୁରୀ ଏବଂ କଣ୍ଟା ସାହାଯ୍ୟରେ ମଧ୍ୟ କାନ୍ଥରେ ଚିତ୍ର ଆଙ୍କନ୍ତି।

# ଜୀବନଦେଲା ଆଇଫୋନ୍, ବଞ୍ଚିଗଲେ ଯବାନ



ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ସୈନିକଙ୍କ ଜୀବନ ରକ୍ଷା କରୁଥିବା ସମସ୍ତେ ଜାଣନ୍ତି। ତେବେ ଏବେ ଆଇଫୋନ୍ ଜଣେ ଯବାନଙ୍କ ଜୀବନ ରକ୍ଷକ ପାଲଟିଛି। ଏଭଳି ଏକ ଘଟଣା ଇସ୍ରାଏଲରୁ ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଲିଙ୍ଗ ଏଲ୍‌ଚ୍ୟାମ୍ ନାମକ ଜଣେ ୟୁଜର ଏହି କାହାଣୀକୁ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାସହ ସେ ଏକ ଭିଡିଓକୁ ମଧ୍ୟ ପୋଷ୍ଟ କରିଛନ୍ତି। ଯେଉଁଥିରେ ଗୁଳି ବାଜିବା ପରେ ଆଇଫୋନ୍ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ଆଇଫୋନ୍‌ଟିକୁ ସମ୍ପୃକ୍ତ ଯବାନ ତାଙ୍କ ପକେଟ୍‌ରେ ରଖିଥିଲେ। ତେବେ ଗୁଳି ତାଙ୍କ ଶରୀରରେ ଲାଗିବା ପୂର୍ବରୁ ପ୍ରଥମେ ତାହା ତାଙ୍କ ଫୋନ୍‌ରେ ବାଜିଥିଲା। ଫଳରେ ଯବାନଙ୍କୁ ଗୁରୁତର ଆଘାତ ଲାଗିବାରୁ ରକ୍ଷା ମିଳିଥିଲା। ଅବଶ୍ୟ ଏକଥା ସ୍ପଷ୍ଟ ହୋଇନି ଯେ, ସେ କେଉଁ ଆଇଫୋନ୍ ବ୍ୟବହାର କରିଥିଲେ। ତେବେ ଅନୁମାନ କରାଯାଉଛି ତାଙ୍କ ପାଖରେ ଆଇଫୋନ୍ ଏକ୍ସ ଥିଲା। ଅବଶ୍ୟ ଏହା ପ୍ରଥମ ଘଟଣା ନୁହେଁ, ୨୦୨୨ରେ ୟୁକ୍ରେନ୍‌ର ଜଣେ ସୈନିକଙ୍କ ପାଇଁ ମଧ୍ୟ ଆଇଫୋନ୍ ସୁରକ୍ଷା କବଚ ସାଜିଥିଲା। ଆଇଫୋନ୍ ଯୋଗୁଁ ଗୁଳିଟି ସୈନିକଙ୍କ ଛାତିରେ ସିଧା ବାଜି ନଥିଲା।

# ଭୁଲାମନଙ୍କ ଗାଁ

ସାଧାରଣତଃ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଲୋକେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଭୁଲିଯାଆନ୍ତି। ଯାହା ପରବର୍ତ୍ତୀ ସମୟରେ ସେମାନଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଏହି ପରିପ୍ରେକ୍ଷୀରେ ଏପରି ଏକ ଗ୍ରାମ ରହିଛି, ଯେଉଁଠି ରହୁଥିବା ଲୋକେ ସବୁ କିଛି ଭୁଲିଯାଆନ୍ତି। ଫ୍ରାନ୍ସର ଲାଣ୍ଡେସ୍ ନାମକ ଏହି ଗାଁର ପ୍ରତ୍ୟେକ ନାଗରିକ ଡିମେନ୍ସିଆରେ ପୀଡ଼ିତ। ଏଠାରେ ସବୁଠୁ ବୟସ୍କ ନାଗରିକଙ୍କ ବୟସ ୧୦୨ ବର୍ଷ ହୋଇଥିବାବେଳେ ସବୁଠୁ କନିଷ୍ଠ ବ୍ୟକ୍ତି ୪୦ ବର୍ଷର। ଡିମେନ୍ସିଆରେ ପୀଡ଼ିତ ଲୋକମାନଙ୍କ ପାଇଁ ଏହି ଗାଁ ସ୍ୱତନ୍ତ୍ର ଭାବରେ ନିର୍ମାଣ କରାଯାଇଛି। ଏହି ଗ୍ରାମ ବୋର୍ଡୋ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ତତ୍ତ୍ୱାବଧାନରେ ରହିଥାଏ। ଏଠାରେ ସମୁଦାୟ ୧୨୦ ଲୋକ ବାସ କରନ୍ତି ଏବଂ ସମାନ ସଂଖ୍ୟକ ମେଡିକାଲ ଅଧିକାରୀ ସେମାନଙ୍କ ପାଇଁ ନିୟୋଜିତ ହୋଇଛନ୍ତି। ଏଠାରେ ରହୁଥିବା ଲୋକେ ନିଜ ପାଖରେ ଟଙ୍କା ରଖିବାର କୌଣସି ଆବଶ୍ୟକତା ନଥାଏ। ଗାଁ ଛକ ନିକଟରେ ଏକ ସାଧାରଣ ଦୋକାନ ଅଛି, ଯେଉଁଠାରେ ସମସ୍ତ ଜିନିଷ ମାଗଣାରେ ଉପଲବ୍ଧ। ଦୋକାନ ସହିତ ରେଷ୍ଟୋରାଁ, ପ୍ରେକ୍ଷାଳୟ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଏଠାରେ ରହୁଥିବା ଲୋକଙ୍କ ପାଇଁ କରାଯାଇଛି। ଏହି ଗାଁରେ ରହୁଥିବା ଲୋକଙ୍କ ପାଇଁ ତାଙ୍କ ପରିବାର ୩୨୪,୩୦୦ ଅର୍ଥାତ୍ ପ୍ରାୟ ୨୫ ଲକ୍ଷ ଟଙ୍କା ଫି ବାବଦରେ ଦେଇଥାନ୍ତି। ଫ୍ରାନ୍ସ ସରକାର ମଧ୍ୟ ଏହି ଗାଁ ପାଇଁ ୧୭୯ କୋଟିରୁ ଅଧିକ ଟଙ୍କା ଦାନ କରିଛନ୍ତି।



## ଆଜିର ଇତିହାସ

- ୧୮୮୨- ମୁମ୍ବାଇରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା।
- ୧୯୩୭-ପ୍ରତିଷ୍ଠିତ ଭାରତୀୟ ଉଦ୍ୟୋଗପତି ରତନ ଟାଟାଙ୍କ ଜନ୍ମ।
- ୧୯୫୦-'ଦ ପିକ୍ ଡିଷ୍ଟ୍ରିକ୍ଟ' ବ୍ରିଟେନର ପ୍ରଥମ ଜାତୀୟ ଉଦ୍ୟାନ ହେଲା।
- ୧୯୫୭- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୭୪- ପାକିସ୍ତାନରେ ୬.୩ ତୀବ୍ରତାର ଭୂମିକମ୍ପ ଯୋଗୁଁ ୫୨୦୦ ଲୋକଙ୍କ ମୃତ୍ୟୁ।
- ୨୦୧୩- ଆମ ଆଦ୍‌ମୀ ପାର୍ଟି ଦିଲ୍ଲୀରେ କଂଗ୍ରେସ ସମର୍ଥନରେ ସରକାର ତିଆରି ହେଲା।

## ଆଜିର ବ୍ୟକ୍ତିତ୍ୱ

# ଭକ୍ତକବି ମଧୁସୂଦନ



ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେଉଁ କେତେଜଣ ମନୀଷୀ ଉତ୍କଳ ସାରସ୍ୱତ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ ସେମାନଙ୍କ ମଧ୍ୟରେ ଭକ୍ତକବି ମଧୁସୂଦନ ରାଓ ଅନ୍ୟତମ। 'ବର୍ଣ୍ଣବୋଧ' ହେଉଛି ତାଙ୍କର ଅନବଦ୍ୟ ସୃଷ୍ଟି। ପରିବର୍ତ୍ତିତ ଶିକ୍ଷାପ୍ରଣାଳୀ ସତ୍ତ୍ୱେ ଆଜି ବି 'ବର୍ଣ୍ଣବୋଧ'ର ଆଦର ରହିଛି। 'ବିଲୁଆ ବଡ଼ ଚତୁର। ପଇଡ଼ ବଡ଼ ମଧୁର। ହରିଣ ନ ଦିଏ ଧରା। ଦଉଡ଼ନା ବଡ଼ ଖରା' ୧୦୦ ବର୍ଷରୁ ଅଧିକ ସମୟ ଧରି 'ବର୍ଣ୍ଣବୋଧ'ର ଏହି ପଦ୍ୟାଂଶରୁ ପ୍ରତ୍ୟେକ ଓଡ଼ିଆଙ୍କର ପାଠପଢ଼ାର ମୂଳଦୂଆ ପଡ଼ି ଆସିଛି। ତେବେ ଓଡ଼ିଆ ଭାଷାକୁ ଚିହ୍ନାଇବା ଓ ଓଡ଼ିଆଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଭକ୍ତକବି ମଧୁସୂଦନ ରାଓଙ୍କର ଅତୁଳନୀୟ ଯୋଗଦାନ ରହିଛି। ସେ ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, କବି, ସାହିତ୍ୟିକ, ପଣ୍ଡିତ, ସୁସଂଗଠକ ଓ ସମାଜ ସଂସ୍କାରକ। ସାହିତ୍ୟର ପ୍ରଚାର ପ୍ରସାର ପାଇଁ, ସେ କଟକରେ 'ଉତ୍କଳ ସାହିତ୍ୟ ସମାଜ' ପ୍ରତିଷ୍ଠା କରିଥିଲେ। ବ୍ରାହ୍ମମନସ୍କ ମଧୁସୂଦନ ବିଭୁଭକ୍ତିରେ ମନପ୍ରାଣ ସମର୍ପିଥିଲେ। ତେଣୁ ତାଙ୍କ ଲେଖନୀରୁ ଅସଂଖ୍ୟ ଭକ୍ତିଗୀତ ନିଃସୃତ ହୋଇଥିଲା। ଆଧୁନିକ ଓଡ଼ିଆ ସାହିତ୍ୟରେ ଆଧ୍ୟାତ୍ମିକତାର ଏକ ଅମିୟଧାରାର ସେ ପ୍ରବର୍ତ୍ତକ। ଗଦ୍ୟ ସାହିତ୍ୟରେ ମଧ୍ୟ ତାଙ୍କର ଗଭୀର ପ୍ରବେଶ ଥିଲା। ସେ ଜଣେ ସଫଳ ପ୍ରାବନ୍ଧିକ ଓ ଅନୁବାଦକ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ।

ମଧୁସୂଦନ ରାଓ ୧୮୫୩ ମସିହା ଜାନୁଆରୀ ୨୯ ତାରିଖରେ ପୁରୀ ସହରର ପଥୁରିଆ ସାହିରେ ଜନ୍ମଲାଭ କରିଥିଲେ। ତାଙ୍କ ପିତାଙ୍କ ନାମ ଭାଗୀରଥି ରାଓ ଓ ମା' ଅମ୍ବିକା ବାଈ। ଓଡ଼ିଶା ମରହଟ୍ଟା ଶାସନାଧୀନ ଥିବା ସମୟରେ ମଧୁସୂଦନଙ୍କ ପରିବାର ମହାରାଷ୍ଟ୍ରରୁ ଓଡ଼ିଶା ଚାଲି ଆସିଥିଲେ। ମଧୁସୂଦନ ଥିଲେ ଗଭୀର ଈଶ୍ୱର ବିଶ୍ୱାସୀ। ପିଲାଟି ଦିନରୁ ସେ ଭଗବତ ସେବାରେ ନିଜକୁ ନିୟୋଜିତ କରିଥିଲେ। ଚାଟଶାଳୀରୁ ଶିକ୍ଷାରମ୍ଭ କରି ଭୁବନେଶ୍ୱରର ଏକ ମାଇନର୍ ସ୍କୁଲରେ ଶିକ୍ଷାଲାଭ କରିଥିଲେ। ଏହାପରେ ସେ ପୁରୀ ଜିଲ୍ଲାସ୍କୁଲରେ ପାଠ ପଢ଼ିଥିଲେ। ସେତେବେଳେ କବିବର ରାଧାନାଥ ରାୟ ତାଙ୍କ ଶିକ୍ଷକ ଥିଲେ। ମଧୁସୂଦନ ପିଲାବେଳୁ ଗୁରୁ ରାଧାନାଥଙ୍କ ପୁସ୍ତକ ପଢ଼ି ଖୁବ୍ ପ୍ରଭାବିତ ହୋଇଥିଲେ। ରେଭେନ୍‌ସା କଲେଜରୁ ଏଫ୍.ଏ. ପାସ୍ କଲା ପରେ ଉଚ୍ଚତର ଶିକ୍ଷା ପାଇଁ ଓଡ଼ିଶାରେ ସୁଯୋଗ ନ ଥିବାରୁ ସେ ପାଠପଢ଼ା ଶେଷ କରି ବିଭିନ୍ନ ଜାଗାରେ ଶିକ୍ଷକତା ବୃତ୍ତି ଗ୍ରହଣ କଲେ। ୧୮୬୬ ମସିହାରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ସମୟରେ ସେ ସ୍କୁଲରେ ପାଠ ପଢୁଥିଲେ। ସେତେବେଳେ ଲୋକଙ୍କ ସମସ୍ୟା ଓ ଦୁର୍ଭିକ୍ଷଜନିତ ମୃତ୍ୟୁ ତାଙ୍କୁ ବିଚଳିତ କରିଥିଲା। ଲୋକଙ୍କୁ ଯଥୋଚିତ ସହଯୋଗ କରିବା ପରେ ମଧ୍ୟ ସେସମୟର ଶୋଚନୀୟ ଦୃଶ୍ୟ ତାଙ୍କୁ ବ୍ୟତିବ୍ୟସ୍ତ କରିବାରୁ ସେ ଆମିଷ ଖାଇବା ଛାଡ଼ି ଦେଇଥିଲେ। ମଧୁସୂଦନ ପ୍ରଥମେ ଅସ୍ଥାୟୀ ଶିକ୍ଷକ ଭାବେ ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଯାଜପୁର ଜିଲ୍ଲାର ଇଂରାଜୀ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତି ପାଇ ସେଠାରେ ଦେଢ଼ବର୍ଷ କାର୍ଯ୍ୟ କରିବା ପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ପଦବୀରେ ଯୋଗଦେଲେ। ପରେ ନିଜର ଆଦର୍ଶ ଓ ପାରଦର୍ଶିତା ପାଇଁ କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରେ ପ୍ରଥମ ଓଡ଼ିଆ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଶିକ୍ଷକତା ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଆଦର୍ଶ ଯୋଗୁଁ ସେ ଶିକ୍ଷା ବିଭାଗର ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ଶେଷରେ ସେ ଭାରତୀୟ ଶିକ୍ଷା ବିଭାଗରେ କାର୍ଯ୍ୟ କରିଥିଲେ। ସେ ସମୟରେ ଓଡ଼ିଆ ପୁସ୍ତକର ଅଭାବ ରହୁଥିବାରୁ ସେ ଛାତ୍ରଛାତ୍ରୀଙ୍କ ବର୍ଣ୍ଣ ପରିଚୟ ପାଇଁ ଓଡ଼ିଆ ବର୍ଣ୍ଣବୋଧ ରଚନା କରିଥିଲେ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଲୋକପ୍ରିୟ ହୋଇ ରହିଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗ ଏବଂ ଓଡ଼ିଆରେ ପିଲାଙ୍କ ପାଇଁ ବିଭିନ୍ନ କଥା ଜଣାଇବା ଉଦ୍ଦେଶ୍ୟରେ ମଧୁସୂଦନ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ ଓ କବିତା ବି ଲେଖିଥିଲେ। ଶିଶୁମାନଙ୍କ ପାଇଁ ସେ ଶିଶୁବୋଧ, ବାଲ୍ୟବୋଧ, ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗ ରଚନା କରିଥିଲେ। ଏହାବ୍ୟତୀତ ତାଙ୍କ ରଚିତ ଛାନ୍ଦମାଳା, କବିତାବଳୀ, ବିବିଧ କବିତା, କୁସୁମାଞ୍ଜଳି, ବସନ୍ତ ଗାଥା, ଉତ୍କଳ ଗାଥା, ଆଦି ସେତେବେଳେ ବେଶ୍ ଜନାଦୃତ ହୋଇଥିଲା। ଇଂରେଜ ସରକାର ମଧୁସୂଦନଙ୍କୁ 'ରାୟ ବାହାଦୁର' ସମ୍ମାନରେ ସମ୍ମାନିତ କରିଥିଲେ। ବ୍ରାହ୍ମଧର୍ମରେ ଦୀକ୍ଷିତ ମଧୁସୂଦନ ସାବଲୀଳ ଆଧ୍ୟାତ୍ମିକ କବିତା ରଚନାରେ ପାରଙ୍ଗମ ଥିଲେ, ତେଣୁ ତାଙ୍କୁ 'ଭକ୍ତକବି' ବୋଲି କୁହାଯାଏ। ୧୯୧୨ ମସିହା ଆଜିର ଦିନରେ ତାଙ୍କର ବିୟୋଗ ଘଟିଥିଲା। ପାଠ୍ୟପୁସ୍ତକ ମଧ୍ୟରେ ସେ ଯେଉଁ ନିରୋଳା ଶିଶୁ ସାହିତ୍ୟର ଉପାଦାନମାନ ପରିବେଷଣ କରିଯାଇଛନ୍ତି, ତାହା ତାଙ୍କୁ ଶିଶୁ ସାହିତ୍ୟର ସ୍ରଷ୍ଟା ଭାବେ ଅଭିହିତ କରାଇଥାଏ।

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ବନ୍ଧୁଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ। ଚିନ୍ତାରେ ରହିବେ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।

# କେଶ ଝଡ଼ାରେ ଏଆଇ




ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଏଆଇକୁ ଉପଯୋଗ କରାଯାଇ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟକୁ ସହଜ ଓ ସରଳ ପ୍ରକ୍ରିୟାରେ କରାଯିବାକୁ ଚେଷ୍ଟା କରାଯାଉଛି। ଏହି କ୍ରମରେ ହଂକଂର ଏକ ଷ୍ଟାର୍ଟଅପ୍ ଏଆଇକୁ ଉପଯୋଗ କରି ଲୋକଙ୍କର କେଶ ଜନିତ ବିଭିନ୍ନ ସମସ୍ୟାର ସମାଧାନ ସଫଳତାପୂର୍ବକ କରୁଥିବା ଦେଖାଯାଇଛି। 'ହେୟାର୍‌କୋସିସ୍' ନାମକ ଏହି ଷ୍ଟାର୍ଟଅପ୍ ଏଆଇକୁ ଉପଯୋଗ କରି ଲୋକଙ୍କର କେଶ ଝଡ଼ା ସମସ୍ୟାର କାରଣ ଜାଣିବା ସହ ଏହାର ନିରାକରଣ ଦିଗରେ କାର୍ଯ୍ୟ କରିଥାଏ। ତେବେ ଏହି ଷ୍ଟାର୍ଟଅପ୍‌ର ଡାଟା ବିଶ୍ଳେଷକ ଟିମ୍ ଏବଂ କେଶ ବିଶେଷଜ୍ଞମାନେ ମିଶି ଏକ ଆପ୍ଲିକେସନ୍‌କୁ ଡିଜାଇନ୍ କରିଛନ୍ତି। ଏହି ଆପ୍ ଏଆଇ ଆଲଗାରଦିମ୍‌କୁ ଉପଯୋଗ କରିଥାଏ। ଯାହାକି ଆଇପ୍ୟାଡ୍ ଓ ହ୍ୟାଣ୍ଡହେଲଡ୍ ଲେନ୍ସ ମାଧ୍ୟମରେ କେଶ ଓ କେଶ ମୂଳର ସମସ୍ୟା ଜାଣିଥାଏ। ଏହାବାଦ୍ ଏକ ମିଲିଅନ୍‌ରୁ ଅଧିକ ଫଟୋ ଉପରେ ଉକ୍ତ ଏଆଇ ମଡେଲ୍‌କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ତେବେ ଲୋକଙ୍କର ଚିକିତ୍ସା କରିବା ପୂର୍ବରୁ ପ୍ରଥମେ ଏଆଇ ଆଲଗାରଦିମ୍ ବ୍ୟବହାରକାରୀଙ୍କ ମୁଣ୍ଡର ଫଟୋକୁ ସ୍କାନ କରିଥାଏ। ଏହାପରେ ସେମାନଙ୍କର କେଶ ତଥା କେଶମୂଳର ସମସ୍ୟା ସମ୍ପର୍କରେ ଜଣାଏ। ଏନେଇ ଏହି ଷ୍ଟାର୍ଟଅପ୍‌କୁ ହଂକଂ ୟୁନିର୍ଭସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଉଦ୍ୟୋଗ କେନ୍ଦ୍ର ଏବଂ ସିଟିୟୁଟେକ୍ ୩୦୦ କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ମିଳିଛି। ତେବେ ଏହାର ପ୍ରତିଷ୍ଠାତା ମାଇକେଲ୍ ଓଙ୍ଗ କହନ୍ତି, କୋଭିଡ୍ ସମୟରେ ଜଣେ ବନ୍ଧୁଙ୍କ ସହ ସେଲଫି ନେବା ବେଳେ ତାଙ୍କର କେଶ ଝଡ଼ିବା ସେ ଦେଖିଥିଲେ। ଏହାପରେ ଏଭଳି ଏକ ଆପ୍ ନିର୍ମାଣ ପାଇଁ ସେ ଭାବିଥିଲେ। ଏବେ ଏହାର ଉପଯୋଗ ସ୍ଥାନୀୟ ଅଞ୍ଚଳର ହେୟାର୍ ସାଲୋନ ତଥା ଚିକିତ୍ସା କେନ୍ଦ୍ରରେ କରାଯାଉଛି। ଆସନ୍ତା ଜାନୁଆରି ମାସରେ ଏହି ଫାର୍ମ ଉକ୍ତ ଟେକ୍ନୋଲୋଜିକୁ ଲାସ୍ ଭେଗାସ୍‌ରେ ଅନୁଷ୍ଠିତ ହେବାକୁ ଥିବା କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ ଶୋ'ରେ ପ୍ରଦର୍ଶନ କରିବ।

# ଅଫିସ୍ ଡେସ୍କରେ ଦେବଦେବୀଙ୍କ ମୂର୍ତ୍ତି ରଖୁଥିଲେ...

**ଆଜିର ସମୟରେ ସମସ୍ତେ ଘର ଓ ଅଫିସ୍‌କୁ ବାସ୍ତୁ ଅନୁସାରେ ନିର୍ମାଣ କରୁଥିବାର ଦେଖାଯାଉଛି। ଅନେକ ନିଜର ଅଫିସ୍ ଡେସ୍କକୁ ସଜାଇ ରଖିବାକୁ ଖୁବ୍ ପସନ୍ଦ କରନ୍ତି। ବିଶେଷକରି ଡେସ୍କରେ ଦେବଦେବୀଙ୍କ ମୂର୍ତ୍ତି ରଖିଥାନ୍ତି। ତେବେ ଡେସ୍କକୁ ସଜାଇବାବେଳେ ଏହା ସହିତ ଜଡ଼ିତ ବାସ୍ତୁ ନିୟମଗୁଡ଼ିକ ମଧ୍ୟ ଧ୍ୟାନ ଦେବା କଥା।**



- ଦେବଦେବୀଙ୍କର ଫଟୋ କିମ୍ବା ମୂର୍ତ୍ତି ରଖୁଥିଲେ, ଡେସ୍କର ଉତ୍ତର କିମ୍ବା ପୂର୍ବ ଦିଗରେ ରଖନ୍ତୁ। ଧ୍ୟାନ ଦେବେ ଯେମିତି ଠାକୁରଙ୍କର ଫଟୋ କିମ୍ବା ମୂର୍ତ୍ତି ଉପରେ ଯେମିତି ଧୂଳି ଜମି ନ ଯାଏ।
- ଡେସ୍କରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ମୂର୍ତ୍ତି ରଖିପାରିବେ। ଏହା କ୍ୟାରିୟର୍ ପାଇଁ ଭଲ ହୋଇଥାଏ।
- ସେହିପରି ଧନର ଆଗମନ ପାଇଁ ଡେସ୍କରେ ମା' ଲକ୍ଷ୍ମୀଙ୍କ ଫଟୋ କିମ୍ବା ମୂର୍ତ୍ତି ରଖିପାରିବେ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାପ୍ରାପ୍ତି ହେବା ସହ ଧନହାନି ସମସ୍ୟା ଦେଖାଯାଏ ନାହିଁ ବୋଲି କୁହାଯାଏ।
- ଯଦି ଆପଣ ଅଲଗା କିଛି ମୂର୍ତ୍ତି ରଖିବାକୁ ଚାହୁଁଛନ୍ତି, ଏଥିପାଇଁ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ଏକ ଭଲ ବିକଳ୍ପ।
- ଡେସ୍କ ଉପରେ କେବେ ବି ଶୁଖି ଯାଇଥିବା କିମ୍ବା କଣ୍ଟା ଥିବା ଗଛ ରଖିବା ଠିକ୍ ନୁହେଁ। ଏହା ନିରାଶର ସୂଚନା ଦେଇଥାଏ।

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-183 ◆BHUBANESWAR ◆THURSDAY ◆28 DECEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୩ ◆ଭୁବନେଶ୍ୱର ◆ଗୁରୁବାର ◆୨୮ ଡିସେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦




ସେଞ୍ଚୁରିଅନ୍‌ରେ ଲୋକେଶଙ୍କ ଶତକ

▶କ୍ରୀଡ଼ା ପୃଷ୍ଠାରେ...

## ୧୦ କୋଟି ଜନ-ଧନ ଆକାଉଣ୍ଟ ବନ୍ଦ




■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ୨୦୧୪ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା(ପିଏମ୍‌ଜେଡିୱାଇ) ବିଫଳ ହୋଇଛି। କାରଣ ଯୋଜନା ଆରମ୍ଭଠାରୁ ଏଯାଏ ଏହା ଅଧୀନରେ ୫୧ କୋଟିରୁ ଅଧିକ ଆକାଉଣ୍ଟ ଖୋଲାଯାଇଛି। ହେଲେ ବାସ୍ତବ ଚିତ୍ର ଓଲଟା। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଖୋଲାଯାଇଥିବା ୧୦ କୋଟିରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଛି। ଏହି ବନ୍ଦ ବ୍ୟାଙ୍କ ଆକାଉଣ୍ଟଗୁଡିକରେ ପ୍ରାୟ ୧୨,୭୭୯ କୋଟି ଟଙ୍କାର ଅର୍ଥ ରାଶି ଜମା ରହିଛି, ଯେଉଁ ଅର୍ଥର କୌଣସି ଦାବିଦାର ନ ଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବନ୍ଦ ଆକାଉଣ୍ଟଗୁଡିକ ମଧ୍ୟରୁ ୪.୯୩ କୋଟି ଆକାଉଣ୍ଟ ମହିଳାମାନଙ୍କ ନାମରେ ରହିଛି। ଦୀର୍ଘ ଦିନ ଧରି ଖାତାଧାରୀଙ୍କର ଆକାଉଣ୍ଟ ସହ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିବାରୁ ଏଗୁଡିକୁ ବ୍ୟାଙ୍କ ବନ୍ଦ କରିଦେଇଛି।

## ଆଉ ମିଳିବନି ଏମ୍.ଫିଲ୍ ଡିଗ୍ରୀ: ୟୁଜିସି



■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଏଣିକି ଆଉ ଏମ୍.ଫିଲ୍ ଡିଗ୍ରୀକୁ ସ୍ୱୀକୃତି ମିଳିବନି। ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯିବା ସହିତ ଏହି ପାଠ୍ୟକ୍ରମକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଏଥିସହିତ ସବୁ ବିଶ୍ୱବିଦ୍ୟାଳୟ ଏହି ପାଠ୍ୟକ୍ରମ ପାଇଁ ନାମଲେଖା ବନ୍ଦ କରିବାକୁ ମଧ୍ୟ ୟୁଜିସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ୟୁଜିସି କର୍ତ୍ତୃପକ୍ଷ ଏମ୍.ଫିଲ୍ ପାଠ୍ୟକ୍ରମକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେଇଥିଲା ବେଳେ ବର୍ତ୍ତମାନ ଠାରୁ ଏହି ଡିଗ୍ରୀକୁ ନେଇ କୌଣସି କଲେଜ କିମ୍ବା ବିଶ୍ୱବିଦ୍ୟାଳୟରେ ନାମଲେଖା ହେବ ନାହିଁ ବୋଲି କହିଛନ୍ତି। ଏନେଇ ସ ମ ସ୍ତ ଶିକ୍ଷାନୁଷ୍ଠାନକୁ ନୋଟିସ୍ କରାଯାଇଛି। ସେହିପରି ଏହି ପାଠ୍ୟକ୍ରମରେ କୌଣସି ଛାତ୍ରଛାତ୍ରୀ ନାମ ନ ଲେଖାଇବାକୁ ମଧ୍ୟ ୟୁଜିସି ସେକ୍ରେଟାରୀ ମନୀଷ ଯୋଶୀ ଅନୁରୋଧ କରିଛନ୍ତି। ୨୭ ଡିସେମ୍ବର, ୨୦୨୩ରୁ ଏମ୍.ଫିଲ୍ ପାଠ୍ୟକ୍ରମର ମାନ୍ୟତା ରଦ୍ଦ କରି ଦିଆଗଲା ବୋଲି ୟୁଜିସି ପକ୍ଷରୁ ବିଜ୍ଞପ୍ତି ଦିଆଯିବା ସହ ଏମ୍.ଫିଲ୍( ମାଷ୍ଟର ଅଫ୍ ଫିଲୋସୋଫି) ଏକ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ନୁହେଁ ବୋଲି କୁହାଯାଇଛି।

## ସେନ୍‌ସେକ୍ସ ୭୨ ହଜାର ପଏଣ୍ଟ ଟପିଲା



**୪ ଦିନରେ ୧୧ ଲକ୍ଷ କୋଟି କମାଇଲେ ନିବେଶକ**

■ ମୁମ୍ବଇ, ୨୭।୧୨ (ଏଜେନ୍ସି): କ୍ରମାଗତ ଭାବେ ଘରୋଇ ପୁଞ୍ଜି ବଜାରରେ ଉତ୍ସାହ ଧାରା ଲାଗି ରହିଛି। ବଜାର କାରବାରରେ ଦୈନିକ ପ୍ରତିଷ୍ଠା ହେଉଛି ନୂଆ ନୂଆ ରେକର୍ଡ। ଏଥିଯୋଗୁ ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ୭୨ ହଜାର ପଏଣ୍ଟ ସ୍ତର ଅତିକ୍ରମ କରିଛି। ବୁଧବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୭୮୩ ପଏଣ୍ଟ ବୃଦ୍ଧି ଘଟି ୭୨,୧୧୯.୮୫ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୧୩ ପଏଣ୍ଟ ବୃଦ୍ଧି ଘଟି ୨୧,୬୫୪.୭୫ ପଏଣ୍ଟରେ କାରବାର ବନ୍ଦ ହୋଇଛି। କ୍ରମାଗତ ୪ ଦିନର କାରବାରରେ ନିବେଶକମାନେ ୧୧.୧୧ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ଆଜିର କାରବାରରେ ବ୍ୟାଙ୍କ, ଅଟୋ, ଇସ୍ପାତ, ଶକ୍ତି ଏବଂ ଟେକ୍ କମ୍ପାନୀ ଆଦିର ଶେୟାର ମୂଲ୍ୟରେ ବୃହତ୍ ବୃଦ୍ଧି ପରିଲକ୍ଷିତ ହୋଇଥିଲା।

## ନାଁ ନ ନେଇ କେନ୍ଦ୍ରମନ୍ତ୍ରୀଙ୍କ ମୁଖା ଖୋଲିଲେ ପାଣ୍ଡିଆନ

# ଧାମନଗରରେ ଧର୍ମେନ୍ଦ୍ରଙ୍କୁ ଟାର୍ଗେଟ

- ଉପନିର୍ବାଚନରେ ଜିତିଲେ, ଧାମନଗରବାସୀଙ୍କ ବିଶ୍ୱାସ ଭାଙ୍ଗିଲେ
- ପ୍ରଚାର ବେଳେ ପାଞ୍ଚ ଥର ଆସି ଦେଇଥିଲେ ଶହଶହ ମିଛ ପ୍ରତିଶ୍ରୁତି
- ବିଜୟ ପରେ ଧାମନଗରବାସୀଙ୍କୁ ଧନ୍ୟବାଦ ଦେବାକୁ ବି ଭୁଲିଗଲେ
- ଭୋଟ ରାଜନୀତି କରୁଥିବା ନେତାଙ୍କ ଚରିତ୍ର ଏଥିରୁ ସ୍ପଷ୍ଟ ହୋଇଯାଇଛି
- ଲୋକଙ୍କ ସେବା ମନୋବୃତ୍ତି ନେଇ ରାଜନୀତି କରୁଛନ୍ତି ମୁଖ୍ୟମନ୍ତ୍ରୀ
- ୬ ମାସ ମଧ୍ୟରେ ଧାମନଗରକୁ ମିଳିଛି ୩୦୦ କୋଟି ଟଙ୍କା
- ଗତ ୫ ମାସ ମଧ୍ୟରେ ଭଦ୍ରକ ଅଞ୍ଚଳକୁ ଦିଆଯାଇଛି ୨୫୦ କୋଟି
- ବିକାଶ ରୋକିବାକୁ ବିରୋଧୀ ଚଳାଇଛନ୍ତି ମିଛ ଅପପ୍ରଚାର



■ ଭୁବନେଶ୍ୱର, ୨୭।୧୨ (ସମିସ): ଭଦ୍ରକ ଜିଲ୍ଲା ଗସ୍ତ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି ବିଜେଡି ନେତା ତଥା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ସମାବେଶରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ କାଳରେ ଯଦିଓ ସେ କାହା ନାମ ଉଲ୍ଲେଖ କରି ନାହାନ୍ତି; ମାତ୍ର ତାଙ୍କର ପ୍ରତ୍ୟେକ ଶାଣିତ ଶବ୍ଦ ଓ ଆକ୍ଷେପ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଥିବା ପରୋକ୍ଷରେ ସ୍ପଷ୍ଟ ହୋଇ ଯାଇଛି। ଗତ ଧାମନଗର ଉପନିର୍ବାଚନ ସମୟରେ ବିଜେପିର ପ୍ରଚାରର ମଙ୍ଗ ଧରିଥିବା ନେତା ଦଳୀୟ ପ୍ରାର୍ଥୀଙ୍କ ବିଜୟ କେତେଥର ଧାମନଗର ଆସିଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରତାରଣାରେ ପରିଣତ ହୋଇଥିବା ତାଙ୍କ ପ୍ରତିଶ୍ରୁତିକୁ ଶ୍ରୀ ପାଣ୍ଡିଆନ ସ୍ଥାନୀୟ ଜନସାଧାରଣଙ୍କୁ ସ୍ମରଣ କରାଇ ଦେଇଛନ୍ତି। ସମ୍ପୃକ୍ତ ନେତା ଧାମନଗରବାସୀଙ୍କ ବିଶ୍ୱାସ ଭାଙ୍ଗିଥିବା ଉଲ୍ଲେଖ କରି ଭୋଟ ରାଜନୀତି କରୁଥିବା ଏହି ନେତାଙ୍କ ପ୍ରକୃତ ଚେହେରା ସ୍ପଷ୍ଟ ହୋଇ ଯାଇଛି ବୋଲି କଟାକ୍ଷ କରିଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି ଯେ ଉପ ନିର୍ବାଚନ ପ୍ରଚାର କାଳରେ ସମ୍ପୃକ୍ତ ନେତା ଧାମନଗର ନିର୍ବାଚନମଣ୍ଡଳୀର ରୂପରେଖ ପରିବର୍ତ୍ତନ ନେଇ ପାଞ୍ଚପାଞ୍ଚ ଥର ପ୍ରତିଶ୍ରୁତି ଦେଇଥିଲେ। ଗତ ୧୦ ମାସ ମଧ୍ୟରେ ସମ୍ପୃକ୍ତ ନେତା ୧୦୦ ଥରରୁ ଊର୍ଦ୍ଧ୍ୱ ଦିଲ୍ଲୀରୁ ଓଡ଼ିଶା ଆସିଥିବେ। ମାତ୍ର ଥରଟିଏ ମଧ୍ୟ ଧାମନଗରକୁ ସେ ଆସିଲେ ନାହିଁ। ବିଜୟଲାଭ ପରେ ଧାମନଗରକୁ ଥରେ ଆସି ▶ପୃଷ୍ଠା-୧୮

## ରୂପାନ୍ତରଣ ଧାରାରେ ଭଦ୍ରକ

- ଆଖଣ୍ଡଳମଣି ମନ୍ଦିର ବିକାଶ ପାଇଁ ୪୮ କୋଟି ଟଙ୍କା
- ୮୯୩ କୋଟିରେ ଚାନ୍ଦବାଲି ପାଇପ ଜଳ ଯୋଗାଣ ପ୍ରକଳ୍ପ
- ୧୦୦ କୋଟି ଟଙ୍କା ବ୍ୟୟରେ ଭଦ୍ରକରେ ରିଙ୍ଗ ରୋଡ୍
- ଆଖୁଆପଦାଠାରେ ନଦୀଗର୍ଭ ଜଳାଶୟ ପାଇଁ ୪୮୦ କୋଟି
- ୧୬୪ କୋଟି ଟଙ୍କାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ

■ ଭଦ୍ରକ, ୨୭।୧୨ (ସମିସ): 'ନୂଆ ଓଡ଼ିଶା, ନବୀନ ଓଡ଼ିଶା' ଗଠନ ଲକ୍ଷ୍ୟରେ ରାଜ୍ୟବ୍ୟାପୀ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଭିନ୍ନ ଅଞ୍ଚଳରେ ଏହାର ଅନୁଧ୍ୟାନ ଓ ସମୀକ୍ଷା କରୁଛନ୍ତି। ଏହିକ୍ରମରେ ଆଜି ଆଜି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ନିମନ୍ତେ ଭଦ୍ରକ ଜିଲ୍ଲାରେ ପହଞ୍ଚିଛନ୍ତି। ଶ୍ରୀ ପାଣ୍ଡିଆନ ପ୍ରସିଦ୍ଧ ଶୈବ କ୍ଷେତ୍ର ଆରଡିଠାରେ ବାବା ଆଖଣ୍ଡଳମଣିଙ୍କୁ ପୂଜାର୍ଚ୍ଚନା ସହ ମନ୍ଦିର ତଥା ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ୪୮ କୋଟି ଟଙ୍କା ବ୍ୟୟରେ ▶ପୃଷ୍ଠା-୧୮

▶▶ 'ପରିକ୍ରମା' ପ୍ରକଳ୍ପ ଲୋକାର୍ପଣ

## ପଦ୍ମନାଭସ୍ୱାମୀ, ସିଦ୍ଧି ବିନାୟକଙ୍କୁ ନିମନ୍ତ୍ରଣ

- ତିରୁପତି, ଓଁକାରେଶ୍ୱର, ବାଙ୍କେବିହାରୀଙ୍କୁ ଦିଆଗଲା ନିମନ୍ତ୍ରଣ ଚିଟାଉ
- ଦେଶର ସବୁ ପ୍ରମୁଖ ଜଗନ୍ନାଥ ମନ୍ଦିରରେ ପହଞ୍ଚିଲା ନିମନ୍ତ୍ରଣ ପତ୍ର
- ବିଭିନ୍ନ ରାଜ୍ୟରେ ସେବାୟତ ଓ ଶ୍ରୀମନ୍ଦିର ପ୍ରତିନିଧିଙ୍କୁ ଭବ୍ୟ ସ୍ୱାଗତ



■ ପୁରୀ, ୨୭।୧୨ (ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସାମିଲ ହେବା ପାଇଁ ଦେଶର ପ୍ରମୁଖ ଦେବ ପୀଠକୁ ନିମନ୍ତ୍ରଣ ପର୍ବ ଗତକାଲିଠାରୁ ଆରମ୍ଭ ହୋଇଛି। ପଣ୍ଡୁ ପୂର୍ଣ୍ଣିମାରୁ ୩୦ଟି ଟିମ୍ ନିମନ୍ତ୍ରଣପତ୍ର ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପ୍ରମୁଖ ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ଦେବପୀଠଗୁଡ଼ିକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ବୁଧବାର ଦ୍ୱିତୀୟ ଦିନରେ କେରଳର ପଦ୍ମନାଭସ୍ୱାମୀ ମନ୍ଦିର, ମୁମ୍ବାଇ ସହରର ଅନ୍ଧେରୀ ସ୍ଥିତ ଜଗନ୍ନାଥ ମନ୍ଦିର, ସିଦ୍ଧ ବିନାୟକ ମନ୍ଦିର, ଅହମ୍ମଦାବାଦର ଜଗନ୍ନାଥ ମନ୍ଦିର, କୋଲକାତାର କାଳୀଘାଟର କାଳୀ ମନ୍ଦିର, ଖିଦିରପୁର ଜଗନ୍ନାଥ ମନ୍ଦିର, ମଦୁରାଇର ଶ୍ରୀରାମେଶ୍ୱରମ ମନ୍ଦିର, ଚେନ୍ନାଇର ଜଗନ୍ନାଥ ମନ୍ଦିର ଓ ପଦ୍ମାବତୀ ମନ୍ଦିର, ମଧ୍ୟପ୍ରଦେଶର ଚାମୁଣ୍ଡେଶ୍ୱରୀ ମନ୍ଦିର, ମହୀଶୂର ଜଗନ୍ନାଥ ମନ୍ଦିର, ମଥୁରା କୃଷ୍ଣ ଜନ୍ମ ଭୂମିସ୍ଥଳ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଜଗନ୍ନାଥ ମନ୍ଦିର, ତିରୁମାଳା ତିରୁପତି, ଶିରିଡି ମନ୍ଦିର, ଇନ୍ଦୋରର ଓଁକାରେଶ୍ୱର ମନ୍ଦିର, ବିଜୟୱାଡା କନକଦୁର୍ଗା ମନ୍ଦିର, ବୃନ୍ଦାବନର ବାଙ୍କେବିହାରୀ ମନ୍ଦିର ମୁଖ୍ୟମାନଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି।

ସେହିପରି ରାଜ୍ୟ ମଧ୍ୟରେ କନ୍ଧମାଳ ଫୁଲବାଣୀର ଶ୍ରୀଜଗନ୍ନାଥ ମନ୍ଦିର, ଦଧିବାମନଜୀଉ ମନ୍ଦିର, ଯାଜପୁରର ବିରଜା ମନ୍ଦିର ଓ ବରାହ ମନ୍ଦିର, କଟକ ସାଲେପୁରର ରାମକୃଷ୍ଣପୁର ଦାରୁସ୍ଥଳୀ, ଢେଙ୍କାନାଳର କପିଳାସ ଚନ୍ଦ୍ରଶେଖର ମନ୍ଦିର ଓ ବଳଦେବଜୀ ମନ୍ଦିର, କଳାହାଣ୍ଡିର ▶ପୃଷ୍ଠା-୧୮

## ସୁଶ୍ରୀତା ମିଶ୍ର ଓଜେଏସ୍ ଟପ୍ପର୍



**ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ୮ ଛାତ୍ରୀ**

**୫୫ କୃତକାର୍ଯ୍ୟଙ୍କ ମଧ୍ୟରେ ୩୯ ଛାତ୍ରୀ**

■ କଟକ, ୨୭।୧୨ (ସମିସ): ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ୍ ସର୍ଭିସ୍(ଓଜେଏସ୍) ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମୁଦାୟ ୫୫ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୩୯ଜଣ ଛାତ୍ରୀ ରହିଛନ୍ତି। ପ୍ରଥମ ୧୦ଜଣଙ୍କ ମଧ୍ୟରେ ଶୀର୍ଷ ୮ଟି ସ୍ଥାନରେ ରହି ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ପ୍ରଥମ ୧୫ଟି ସ୍ଥାନରେ ୧୨ଜଣ ଛାତ୍ରୀ ରହିଛନ୍ତି। ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରୁ ସୁଶ୍ରୀତା ମିଶ୍ର ଶୀର୍ଷରେ ଥିବାବେଳେ ତାଙ୍କ ପଛକୁ ନୀଲିଶା ପଟ୍ଟନାୟକ, ଅନନ୍ୟା ମିଶ୍ର, ରାଣୀ ରଞ୍ଜିତା ପଟ୍ଟନାୟକ, ଲୋପାମୁଦ୍ରା ଆଚାର୍ଯ୍ୟ, ହର୍ଷିତା ମିଶ୍ର, ପ୍ରଜ୍ଞା ସୁମନ ମହାପାତ୍ର, ଏସ୍.ଆର. ତୋଷାଳି, ସତ୍ୟଜିତ ପାଣି, ଲଳିତେନ୍ଦୁ ଦେବତା ରହିଛନ୍ତି।

କୃତୀ ପରୀକ୍ଷାର୍ଥୀମାନେ ସିଭିଲ୍ ଜଜ୍ ଭାବେ ନିଯୁକ୍ତି ପାଇବେ। ଉଲ୍ଲେଖଯୋଗ୍ୟ, ଓଜେଏସ୍ ମୁଖ୍ୟ ଲିଖିତ ପରୀକ୍ଷାରେ ୧୦୧ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିଲେ। ଗତ ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ସେମାନଙ୍କର ପ୍ରମାଣପତ୍ର ଯାଞ୍ଚ ସହ ସାକ୍ଷାତ୍‌କାର କରାଯାଇଥିଲା।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

■ ଚମ୍ପୁଆ, ୨୭।୧୨(ସମିସ): ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ହରିଡ଼ାଯୋଡ଼ିଠାରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ହରିଡାଯୋଡ଼ି ଗ୍ରାମର ସୁକୁରା ମୁଣ୍ଡାଙ୍କ ପୁଅ ମିଥୁନ ମୁଣ୍ଡା (୪୦)। ହାତୀଟି ମିଥୁନ୍‌ଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ତାଙ୍କ ମୁଣ୍ଡକୁ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ମଙ୍ଗଳବାର ସଂଧ୍ୟାରେ ଏହି ଅଘଟଣ ଘଟିଛି। ଖବର ପାଇ ବନ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ମିଥୁନ୍‌ଙ୍କ ଶବକୁ ବ୍ୟବଚ୍ଛେଦ ଲାଗି ଚମ୍ପୁଆ ଡାକ୍ତରଖାନାକୁ ପଠାଯାଇଥିଲା। ଅପରପକ୍ଷେ, ମୃତକଙ୍କ ପରିବାରକୁ ପ୍ରାଥମିକ ଭାବେ ୬୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ▶ପୃଷ୍ଠା-୧୮

## 'ନବୀନ' ପ୍ରେରଣାରେ ନବୀନ ଡାକ୍ତର

**୨୦ ବର୍ଷ ତଳେ ଦେଇଥିଲେ ପୁରସ୍କାର, ଆଜି ଦେବେ ନିଯୁକ୍ତି**



■ ଭୁବନେଶ୍ୱର, ୨୭।୧୨ (ସମିସ): ଗଣତନ୍ତ୍ର ଦିବସ ଅବସରରେ ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇ ୨୦ ବର୍ଷ ପୂର୍ବେ ବାରବାଟି ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ନବୀନ କୁମାର ପରିଡ଼ା। ଏବେ ୨୦ ବର୍ଷ ପରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ହାତରୁ ନେବେ ମେଡ଼ିକାଲ ଅଫିସର ନେବାକୁ ଅପେକ୍ଷା କରିଛନ୍ତି ସେ ଦିନର ସେଇ ସାନ ପିଲା ଓ ଆଜିର ଡ଼ାକ୍ତର ନବୀନ କୁମାର ପରିଡ଼ା। ସ୍କୁଲରେ ଶିକ୍ଷାଲାଭ ସମୟରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଲଗାତାର ୨୦୦୨ ଓ ୨୦୦୩ରେ ପୁରସ୍କାର ପାଇ ଡା. ପରିଡ଼ା ଆଗକୁ ବଢ଼ିବା ପାଇଁ ପ୍ରେରଣା ପାଇଥିଲେ। ପାରିବାରିକ ଅଭାବ ଅନଟନ, ବାପାଙ୍କ ଅସୁସ୍ଥତାରେ ଭାଙ୍ଗି ନ ପଡ଼ି ନିଜର ଯାତ୍ରା ଜାରି ରଖିଥିଲେ। ସ୍କୁଲ ଶିକ୍ଷା ସାରିବା ▶ପୃଷ୍ଠା-୧୮



**ସଫଳତା ପଛରେ ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା**

## ଲୋକକଥା




ସତେଇଶ ବର୍ଷର ଭେଣ୍ଡିଆ ହେଲାଣି
ବିଜୁ ଜନତାର ଦଳ
ନବୀନ ଓଡ଼ିଶା ଗଢ଼ିବା ପାଇଁକି
ଦିହରେ ତା' କାଠେ ବଳ
ବିରୋଧୀ କେତେ ବିକଳ
ବିକାଶ ମାଟିରେ ପାଦ ଥାପିବାକୁ
ହଉଚନ୍ତି ଟଳମଳ !!

## ଯମ ଯନ୍ତ୍ରଣା ଦେଉଛି ୫୫ନମ୍ବର ଜାତୀୟ ରାଜପଥ

# ଆଉ କେତେ ମଲେ ଚେତିବ କେନ୍ଦ୍ର



**୭ ବର୍ଷରେ ଗଲାଣି ୨୩୦୫ ଜୀବନ**

**ତଥାପି ସରୁନି ଦୋହରୀକରଣ କାମ**

■ ଅନୁଗୋଳ, ୨୭।୧୨(ସଂଗ୍ରାମ ଦାସ): ମୁଣ୍ଡ ପରେ ମୁଣ୍ଡ ଗଡ଼ି ଚାଲିଛି। ରାଜପଥ ରକ୍ତରଂଜିତ ହେଉଛି। ଯେତିକି ମରୁଛନ୍ତି, ତା'ଠୁ ଢେର୍ ଅଧିକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି। କିନ୍ତୁ ଏତେ ସବୁ ପରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷଙ୍କ ଚେତା ପଶୁନି। ଗତ ୭ବର୍ଷ ଧରି ଚାଲିଥିବା ୫୫ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ସରିବାର ନାଁ ଗନ୍ଧ ଧରୁନି। ଉଦ୍‌ବେଗଜନକ କଥା ହେଲା, ଏହି ୭ବର୍ଷ ମଧ୍ୟରେ ୨ ହଜାର ୩୦୫ ଜଣ ଲୋକଙ୍କ ଜୀବନ ଗଲାଣି। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଏଥିପାଇଁ ସାମାନ୍ୟତମ ଚିନ୍ତା-ଦକ ନାହିଁ। ୨୦୧୭ରୁ ଆରମ୍ଭ ହୋଇଥିବା ଏହି କାମ ୨୦୧୯ରେ ସାରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ କଣ୍ଟ ପୂରିବାକୁ ୪ ବର୍ଷ ଅତିକ୍ରାନ୍ତ ହୋଇସାରିଲାଣି, ଏଯାଏଁ କାମ ସରିନାହିଁ। ଆଗାମୀ ଦୁଇ ବର୍ଷ ମଧ୍ୟରେ କାମ ସରିବ କି ନାହିଁ, ତା' ବି ସନ୍ଦେହ। ସମ୍ବଲପୁରରୁ ମଙ୍ଗୁଳି ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୪୦ ପ୍ରତିଶତ କାମ ସରିଛି। କିନ୍ତୁ ବାକି କାମ କେବେ ସରିବ, କାହାରି ପାଖରେ ତା'ର ଉତ୍ତର ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଥିବାରୁ ଏହାକୁ ପ୍ରଶମିତ କରିବା ପାଇଁ କିଛି ଦିନ ତଳେ ଅନୁଗୋଳ ବିଜେପି ପକ୍ଷରୁ ▶ପୃଷ୍ଠା-୧୮

**ଟ୍ରେଲର-ବୁଲେଟ୍ ମୁହାଁମୁହିଁ ଧକ୍କା**

## ଦୁଇ ବାଇକ୍ ଆରୋହୀ ମୃତ

**୩ ଘଣ୍ଟା ରାଜପଥ ଅବରୋଧ**

■ ରେଢ଼ାଖୋଲ, ୨୭।୧୨ (ସମିସ): ସମ୍ବଲପୁର ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ରେଢ଼ାଖୋଲ ସହରସ୍ଥିତ ପୁରୁଣା ପେଟ୍ରୋଲ ଟାଙ୍କି ନିକଟ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଆଜି ଏକ ଦୁର୍ଘଟଣାରେ ୨ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଆଜି ଅପରାହ୍ଣ ପ୍ରାୟ ୫ଟାରେ ଏକ ଟ୍ରେଲର୍ ମୁହାଁମୁହିଁ ଏକ ବୁଲେଟ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରେଢ଼ାଖୋଲ ସହର ରଥସାହି ବାସିନ୍ଦା ବିବେକା ଭିତିରିଆଙ୍କ ପୁତ୍ର ଶ୍ୟାମସୁନ୍ଦର ଭିତିରିଆ (୨୩) ଓରଫ୍ ଚଗୁଲୁ ଓ ରାଜବାଟୀର ବାସିନ୍ଦା ବିଦେଶୀ ସାହୁଙ୍କ ପୁତ୍ର ଶୁଭେନ୍ଦୁ ସାହୁ (୨୩) ଓରଫ୍ ଜୁଲୁ। ଦୁହେଁ ସରପାଲ ଗ୍ରାମ ନିକଟ ଜଙ୍ଗଲରୁ ବଣଭୋଜି ସାରି ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସମ୍ବଲପୁରରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ଏକ ଟ୍ରେଲର୍ ମୁହାଁମୁହିଁ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉକ୍ତ ଟ୍ରେଲର୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଅପରପକ୍ଷେ, ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ▶ପୃଷ୍ଠା-୧୮

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତ୍ରଣପତ୍ର ନେଇ ବାରିପଦାରେ ୩ ଜଣିଆ ସେବାୟତ ପ୍ରତିନିଧି

# ଶ୍ରୀଜଗନ୍ନାଥ ମନ୍ଦିର ଓ ମା' ଅମ୍ବିକାଙ୍କୁ ନିମନ୍ତ୍ରଣ





**ବାରିପଦା, ୨୭ ।୧୨(ସମିସ):** ଆସନ୍ତା ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପ୍ରକଳ୍ପର ଲୋକାର୍ପଣ ହେବ । ଏଥି ସହିତ ଓଡ଼ିଶା ସମେତ ଶ୍ରୀମନ୍ଦିର ଇତିହାସରେ ଯୋଡି ହେବ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହି ଭବ୍ୟ ଆୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଓ ଲୋକାର୍ପଣ ନିମନ୍ତେ ଲଗ୍ନ ନିମନ୍ତ୍ରଣପତ୍ର ରାଜ୍ୟବ୍ୟାପୀ ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବୁଧବାର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ଓ ମା' ଅମ୍ବିକାଙ୍କ ମନ୍ଦିରରେ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି । ନିମନ୍ତ୍ରଣ ଲାଗି ଆସିଥିବା ପ୍ରତିନିଧିମାନେ ମନ୍ଦିର ପ୍ରବେଶ ପଥରେ ପହଞ୍ଚିବା ପରେ ସେମାନଙ୍କୁ ସଂକୀର୍ତ୍ତନ, ହୁଳହୁଳି, ଯୋଡ଼ି ଶଙ୍ଖ, ଝୋଟି ଓ ଚିତା ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ପାଛୋଟି ନେଇଥିଲେ । ନିମନ୍ତ୍ରଣ ପତ୍ର ଧରି ବାରିପଦା ଶ୍ରୀମନ୍ଦିରର ୩ଜଣିଆ ସେବାୟତ ଶ୍ରୀମନ୍ଦିରର ମୁଖ୍ୟ ଶିଙ୍ଗାଡି ସଞ୍ଜୟ କୁମାର ଦଉମହାପାତ୍ରଙ୍କ ନେତୃତ୍ୱରେ ମୁଖ୍ୟ ଶିଙ୍ଗାର କୁନୁ ଦଉମହାପାତ୍ର ଏବଂ ବୟୋଜ୍ୟୋଷ୍ଠ ସେବାୟତ ଗଦାଧର ଆପଟ ପହଞ୍ଚିଛନ୍ତି । ସେମାନେ ବାରିପଦାର ଦୁଇଟି ମନ୍ଦିରର ମୁଖ୍ୟ ପୂଜକଙ୍କୁ ଏହି ନିମନ୍ତ୍ରଣ ପତ୍ର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ, ଜାନୁଆରୀ ୧୭ ତାରିଖରେ ଶ୍ରୀ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ଭବ୍ୟ ଆୟୋଜନ ହୋଇଛି । ଏଥିପାଇଁ ୩୦ଟି ଟିମରେ ୧୨୪ଜଣ ସେବାୟତ ନିୟୋଜିତ ହୋଇଥିବା ବେଳେ ସେମାନେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ପହଞ୍ଚି ମନ୍ଦିରଗୁଡିକରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିବେ । ଏହି କ୍ରମରେ ବୁଧବାର ବାରିପଦାରେ ୩ ଜଣିଆ ସେବାୟତ ପହଞ୍ଚିଥିଲେ । ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଶ୍ରୀମନ୍ଦିରର ସେବାୟତମାନେ କହିଛନ୍ତି ଯେ, ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ । ସେଥିପାଇଁ ସାରା ଓଡ଼ିଶା ଓ ଭାରତ ବର୍ଷରେ ଯେଉଁ ବଡ ବଡ ମନ୍ଦିରମାନ ରହିଛି ସେଠି ନିମନ୍ତ୍ରଣ କରାଯିବ । ନିମନ୍ତ୍ରଣ ପାଇଁ ମହାପ୍ରଭୁଙ୍କର ଫୁଲ, ତୁଳସୀ, ଚନ୍ଦନ, ନିମନ୍ତ୍ରଣ କାର୍ଡ ସହିତ ଅଙ୍ଗଲାଗି ସାମଗ୍ରୀ ପ୍ରଦାନ କରାଯାଇଛି । ଏହାଛଡା ଉକ୍ତ ଦିନ ସମସ୍ତେ ଘର ଆଗରେ ପୂର୍ଣ୍ଣ କଳସ ବସାଇବା ସହ ଆମିଷ ନ ଖାଇବାକୁ ନିବେଦନ ମଧ୍ୟ କରିଛନ୍ତି । ନିମନ୍ତ୍ରଣ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ଼ ଦେବାଶିଷ ମାରାଣ୍ଡି, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ବାରିପଦା ପୌରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସତ୍ୟଭାମା ବେହେରା ସମେତ ଅନ୍ୟ କାଉନସିଲର ଉପସ୍ଥିତ ଥିଲେ ।

## 'ମାରିସା'ର କଲେଜ ତାଲା ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ବାରିପଦା, ୨୭ ।୧୨(ସମିସ):** ଚଳିତ ଶିକ୍ଷାବର୍ଷରେ ରାଜ୍ୟ ଶିକ୍ଷାବୃତ୍ତି ପୋର୍ଟାଲରେ ଆବଶ୍ୟକ ପରିବର୍ତ୍ତନ ସହ ଆବେଦନ ସମୟସୀମା ବୃଦ୍ଧି ଦାବିରେ 'ମାରିସା' ପକ୍ଷରୁ ଡାକରା ଦିଆଯାଇଥିବା ମୟୂରଭଞ୍ଜ ଜିଲ୍ଲାର ସମସ୍ତ କଲେଜରେ ତାଲା ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ କରିଛି । ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ସଚିବାଳୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଉପନିର୍ଦ୍ଦେଶିକା ସଂଘମିତ୍ରା ଦାସଙ୍କ ସହ ଆଲୋଚନା ପରେ ଡିସେମ୍ବର ୨୯ରେ ହେବାକୁ ଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ନେଇ କୁହାଯାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ବୃତ୍ତି ସୁଯୋଗ ପ୍ରଦାନ କରିବା ନିମନ୍ତେ ଯଥାଶୀଘ୍ର ଷ୍ଟେଟ୍ ସ୍କଲରସିପ୍ ପୋର୍ଟାଲରେ ପରିବର୍ତ୍ତନ କରାଯାଇ ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନଲାଇନ୍ ଆବେଦନର ସୁଯୋଗ ପ୍ରଦାନ କରାଯିବ । ଏଥିସହିତ ଛାତ୍ରବୃତ୍ତି ଆବେଦନ ସମୟସୀମା ବୃଦ୍ଧି କରାଯିବ ବୋଲି ଉପନିର୍ଦ୍ଦେଶିକା ପ୍ରତିଶ୍ରୁତି ଦେଇଛନ୍ତି । ପ୍ରକାଶ ଥାଉକି ପୋର୍ଟାଲରେ କେବଳ କିଛି ମନୋନୀତ ସରକାରୀ କଲେଜ ପାଇଁ ଛାତ୍ରବୃତ୍ତି ଆବେଦନର ବିକଳ୍ପ ରହିଛି । ତେଣୁ ଅନ୍ୟ କଲେଜରେ ପଢୁଥିବା ଛାତ୍ରମାନେ ଅନଲାଇନ୍ ଆବେଦନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମହାବିଦ୍ୟାଳୟରେ ନାମଲେଖା ଫି', ରି-ଆଡ଼ମିଶନ ଫି ସହିତ ସମସ୍ତ ଫି ଦିନକୁ ଦିନ ବୃଦ୍ଧି ହେଉଥିବା ବେଳେ ଛାତ୍ରବୃତ୍ତି ପୂର୍ବରୁ ଯେତିକି ଥିଲା ଏଯାବତ୍ ସେତିକି ହିଁ ରହିଛି । ଏହା ଆଦିବାସୀ ଛାତ୍ରଛାତ୍ରୀଙ୍କ ଫି ଦାଖଲ ସମୟରେ ସମସ୍ୟା ସୃଷ୍ଟି କରୁଛି । ଅନେକ ଆଦିବାସୀ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି



ଟଙ୍କା ଉପରେ ନିର୍ଭର କରୁଥିବା ବେଳେ ପାଠପଢାରେ ସମସ୍ୟା ସୃଷ୍ଟି କରୁଛି । ତେଣୁ ଏହାର ରାଶି ବୃଦ୍ଧି କରିବାକୁ 'ମାରିସା' ପକ୍ଷରୁ ଦାବି ହୋଇଥିଲା । ଆଲୋଚନା ସମୟରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଜିଲ୍ଲା ସଭାପତି ତୋଫାନ୍ ହେମ୍ବ୍ରମ୍ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ତାରାଶ୍ ମାର୍ଣ୍ଡି ଉପସ୍ଥିତ ଥିଲେ ।

## ଜାତୀୟସ୍ତରୀୟ କରାଟେ ଚାମ୍ପିଅନ୍‌ଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୨୭।୧୨(ସମିସ):** ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୩ତମ ଅଲ ଇଣ୍ଡିଆ ଅପନ କରାଟେ ଚାମ୍ପିଅନସିପରେ ଚାମ୍ପିଅନଙ୍କୁ ବାରିପଦାରେ ସମ୍ବର୍ଦ୍ଧିତ କରାଯାଇଛି । ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସଭାପତି ତଥା କାଉନସିଲର ଦେବାଶିଷ ପାତ୍ର, ଉପସଭାପତି ସ୍ୱସ୍ତିକ ଜେନା, ପ୍ରଶିକ୍ଷକ ପ୍ରଦୀପ ଦେ ପ୍ରମୁଖ ଚାମ୍ପିଅନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ବାରିପଦା ଉତ୍କଳ କରାଟେ ସ୍କୁଲରୁ ୧୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେଥିରେ ୬ବର୍ଷ ବାଳକ ବିଭାଗରେ ଭୌବଳ ବାରିକ କଟାରେ ତୃତୀୟ, ୬ବର୍ଷ ବାଳିକା ବିଭାଗରେ କଦୈବ ସାହିଦ କାଟାରେ ତୃତୀୟ, ୬ବର୍ଷ ବାଳିକା ବିଭାଗରେ ପ୍ରିୟାରାସି ରାଉତ ତୃତୀୟ, ୯ବର୍ଷ ବାଳକ ବିଭାଗରେ ଶିବା ସିଂ କଟାରେ ଦ୍ୱିତୀୟ ଓ କୁମିତେରେ ପ୍ରଥମ, ୯ବର୍ଷ ବାଳକ ବିଭାଗରେ ଓମ ପ୍ରକାଶ ବେହେରା କୁମତିରେ ତୃତୀୟ, ୯ବର୍ଷ ବାଳିକା ବିଭାଗରେ ସାନଭୀ ପାଢୀ କୁମତିରେ ପ୍ରଥମ, ୧୦ବର୍ଷ ବାଳକ ବଭାଗରେ ଆରିୟନ ଦେହୁରୀ କୁମତିରେ ଦ୍ୱିତୀୟ, ୯ବର୍ଷ ବାଳକ ବିଭାଗରେ ସତ୍ୟପ୍ରକାଶ ବେହେରା କୁମତିରେ ଦ୍ୱିତୀୟ, ୧୩ବର୍ଷ ବାଳକ ବିଭାଗରେ ଓମପ୍ରକାଶ ଦେ କୁମତିରେ ପ୍ରଥମ ଓ କାଟାରେ ତୃତୀୟ ୧୩ ବର୍ଷ ବାଳକ ବିଭାଗରେ ଶିବାନନ୍ଦ ନାୟକ କୁମତିରେ ଦ୍ୱିତୀୟ ଓ ସେନସେଇର ନବ ପଟ୍ଟନାୟକ ସିନିୟର ବିଭାଗରେ କାଟାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

## ରାଜ୍ୟସ୍ତରୀୟ ଜାମ୍ବୋରେଟ୍‌ରେ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସଙ୍କ କୃତିତ୍ୱ




**ବାରିପଦା, ୨୭ ।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବରୁଣେଇ ରାଜ୍ୟ ତାଲିମ କେନ୍ଦ୍ରରେ ୧୯ତମ ରାଜ୍ୟସ୍ତରୀୟ ଜାମ୍ବୋରେଟରେ ମୟୂରଭଂଜ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସମାନେ କୃତିତ୍ୱ ଲାଭ କରିଛନ୍ତି । ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ମୁଖ୍ୟ କମିସନର ପୂର୍ଣ୍ଣଚନ୍ଦ୍ର ସେଠୀ ଓ ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ସ୍କାଉଟ୍ସ ଆୟୋଜକ କମିଶନର ବିଜୟ କୁମାର ପାଣିଗ୍ରାହୀ ଓ ଜିଲ୍ଲା ଗାଇଡ୍ ଆୟୋଜକ କମିଶନର ସୁଲୋଚନା ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସ୍କାଉଟ୍ସ ଟ୍ରେନିଂ କମିଶନର ରମେଶ ଚନ୍ଦ୍ର ବିଶୋଇ କଣ୍ଟିଜେଣ୍ଟ ଲିଡର ଭାବେ ଅଂଶ ଗ୍ରହଣ କରି ସ୍କାଉଟ ମାଷ୍ଟର ଶାନ୍ତନୁ କୁମାର ଦାଶ ଓ ସ୍କାଉଟ ମାଷ୍ଟର ଦୀପକ ରାମ ଏବଂ ଗାଇଡ୍ କ୍ୟାପଟେନ ଜ୍ୟୋତିର୍ମୟୀ ମହାରଣା, ପଦ୍ମିନୀ ପରିଡା, ଅନନ୍ଦିତା ମହାନ୍ତଙ୍କ ନେତୃତ୍ୱରେ ୫୦ ଜଣ ଗାଇଡ୍ସ ଓ ୨୫ଜଣ ସ୍କାଉଟ୍ସ ଅଂଶ ଗ୍ରହଣ କରିଥିଲେ । ରାଜ୍ୟସ୍ତରୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଯୋଗାସନ ଓ ଲୋକନୃତ୍ୟରେ ଦ୍ୱିତୀୟ ସ୍ଥାନ ଏବଂ କ୍ୟାମ୍ପ ଫାୟାର, ଫୁଡ ପ୍ଲାଜାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ କୃତୀ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମାସେ ପରେ ଖୋଲିଲା ଶିମିଳିପାଳ; ପ୍ରଥମ ଦିନରେ ବୁଲିଲେ ୧୯୦ ପର୍ଯ୍ୟଟକ

**ବାରିପଦା, ୨୭ ।୧୨(ସମିସ):** ମାସେ ବ୍ୟବଧାନ ପରେ ବୁଧବାରଠାରୁ ଶିମିଳିପାଳ ଅଭୟାରଣ୍ୟ ପୁଣି ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ୨୭ଟି ଗାଡିରେ ଓଡ଼ିଶା ଓ ରାଜ୍ୟ ବାହାରର ସମୁଦାୟ ୧୯୦ଜଣ ପର୍ଯ୍ୟଟକ ଶିମିଳିପାଳ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିଛନ୍ତି । ଅଭୟାରଣ୍ୟ ମଧ୍ୟକୁ ବାରିପଦା ପଟୁ ପିଠାବଟା ତନଖି ଫାଟକ ଦେଇ ୧୨ଟି ଗାଡି ଓ ଯଶିପୁର ପଟୁ କାଳୀଆଣି ତନଖି ଫାଟକ ଦେଇ ୧୫ଟି ଗାଡି ପର୍ଯ୍ୟଟକଙ୍କୁ ନେଇ ପ୍ରବେଶ କରିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏବେ ପର୍ଯ୍ୟଟନ ଋତୁ ଚାଲି ଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶିମିଳିପାଳ ବିକାଶ ପରିଷଦ ବନ୍ଦ ଡାକରା ଦେଇଥିଲା । ୫ଦଫା ଦାବିକୁ ନେଇ ଅସ୍ତକୁଅଁର, ଗୁଡୁଗୁଡ଼ିଆ, ବରେହିପାଣି ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ । ଜୋରନ୍ଦା ଛକ ଓ ବରେହିପାଣି ଛକର ମୁଖ୍ୟ ରାସ୍ତା ଗୁଡିକ ଅବରୋଧ କରି ଧାରଣା ଦେଇଥିଲେ; ଯାହାକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସାମୂହିକ ଭାବେ ନଭେମ୍ବର ୨୬ତାରିଖରୁ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିଥିଲା । ତେବେ ସମସ୍ୟାର ସମାଧାନ ହେବା ପରେ ଦୀର୍ଘ ଏକ ମାସର ବ୍ୟବଧାନ ପରେ ଶିମିଳିପାଳ ଅଭୟାରଣ୍ୟ ପୁନଶ୍ଚ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି । ଯାହାକି ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ମଧ୍ୟରେ ଖୁସି ଲହରୀ ଖେଳିଯାଇଛି ।

● ମର୍ଣ୍ଣପୁରମ୍ ସ୍ୱର୍ଣ୍ଣ ବନ୍ଧକ ବ୍ୟାଙ୍କରୁ ଡକାୟତି ଉଦ୍ୟମ ବିଫଳ

## ସାଇରନ ବାଜିବାରୁ ଚମ୍ପଟ ମାରିଲେ ଡକାୟତ

**ବାରିପଦା, ୨୭ ।୧୨(ସମିସ):** ବୁଧବାର ସ୍ୱଷ୍ଟ ଦିବାଲୋକରେ ବାରିପଦା ଷ୍ଟେସନ ବଜାର ଅଞ୍ଚଳରେ ଥିବା ମର୍ଣ୍ଣପୁରମ ସ୍ୱର୍ଣ୍ଣ ବନ୍ଧକ ବ୍ୟାଙ୍କ କାର୍ଯ୍ୟାଳୟରୁ ଡକାୟତି ଉଦ୍ୟମ ବିଫଳ ହୋଇଛି । ବ୍ୟାଙ୍କ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଡକାୟତି ବିଫଳ ହୋଇଛି । ଶେଷରେ ବ୍ୟାଙ୍କ ସୁରକ୍ଷା ସାଇରନ ବାଜିବାରୁ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି । ସୂଚନା ଅନୁଯାୟୀ, ବୁଧବାର ସକାଳେ କର୍ମଚାରୀମାନେ ବ୍ୟାଙ୍କ ଶାଖା କାର୍ଯ୍ୟାଳୟର ଫାଟକ ଖୋଲି ଭିତରକୁ ପ୍ରବେଶ କରିଥିଲେ । ଏହି ସମୟରେ ହଠାତ ୨ ଜଣ ବ୍ୟକ୍ତି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରି କର୍ମଚାରୀଙ୍କୁ ମାରପିଟ କରିଥିଲେ । ପରେ ଆଉ ୩ଜଣ ସେଠାରେ ପହଞ୍ଚି ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ । ବନ୍ଧୁକ ଓ ମାରଣାସ୍ତ୍ର ଦେଖେଇ କିଛି ସମୟ ପାଇଁ ବ୍ୟାଙ୍କ ମଧ୍ୟରେ ଆତଙ୍କ ଖେଳାଇଥିଲେ । ବନ୍ଧୁକ ମୁନରେ କର୍ମଚାରୀଙ୍କୁ ଭୟଭୀତ କରି ବନ୍ଧକ ଥିବା ସ୍ୱର୍ଣ୍ଣ ଅଳଙ୍କାର ଓ ଟଙ୍କାକୁ ଦେବାକୁ କହିଥିଲେ । ତେବେ ବ୍ୟାଙ୍କର ଜଣେ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଲଗାଇ ସୁରକ୍ଷା ନିମନ୍ତେ ଟେବୁଲ ତଳେ ଥିବା ସୁଇଚକୁ ଚିପି ଦେଇଥିଲେ । ସାଇରନ ବାଜିବାରୁ ଡ଼କାୟତମାନେ ଘଟଣାସ୍ଥଳରୁ ଖସି ଫେରାର ଯାଇଥିଲେ । ଏ ନେଇ କର୍ମଚାରୀମାନେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସମସ୍ତ ଡକାୟତଙ୍କ ଚେହେରା ସିସି କ୍ୟାମେରାରେ କଏଦ ହୋଇଛି । ତେବେ ଡ଼କାୟତମାନେ ଓଡ଼ିଆରେ କଥାବାର୍ତ୍ତା କରୁଥିବା କର୍ମଚାରୀମାନେ କହିଛନ୍ତି । ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି ।





## ଇଣ୍ଡିଆ ମେଣ୍ଟ ପକ୍ଷରୁ ରେଳ ଚଳାଚଳ ପାଇଁ ଦାବିପତ୍ର



**ବାରିପଦା, ୨୭ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ରେଳ ଚଳାଚଳ ସମ୍ବନ୍ଧରେ କଂଗ୍ରେସ, ସିପିଆଇ, ସିପିଏମ (ଇଣ୍ଡିଆ ମେଣ୍ଟ) ପକ୍ଷରୁ ଏକ ଦାବିପତ୍ର ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯାଇଛି । ଇଣ୍ଡିଆ ମେଣ୍ଟ ପକ୍ଷରୁ ଜିଲ୍ଲାର ରେଳ ଚଳାଚଳ ନିମନ୍ତେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି । ଦାବି ଅନୁଯାୟୀ, ଭଞ୍ଜପୁର-ବାଙ୍ଗିରିପୋଷି -ରୁପ୍ସା ଡିଏମୟୁ ଟ୍ରେନକୁ ପୂର୍ବଭଳି ବାଲେଶ୍ୱର ପର୍ଯ୍ୟନ୍ତ ଚଳାଚଳ, ମାତ୍ରାଧିକ ବସ ଭଡାରୁ ତ୍ରାହି ପାଇବା ପାଇଁ ରାତ୍ରିକାଳୀନ ଏକ ଟ୍ରେନ ବାଙ୍ଗିରିପୋଷିରୁ ପୁରୀ ପର୍ଯ୍ୟନ୍ତ ଦୈନିକ ଚଳାଚଳ, ବାଙ୍ଗିରିପୋଷିରୁ ପୁରୀ ଚାଲୁଥିବା ଦୈନିକ ଟ୍ରେନରେ ସାଧାରଣ ବଗି ସଂଖ୍ୟା ଅଧିକ କରିବା, ବ୍ୟାବସାୟିକ ଦୃଷ୍ଟି କୋଣରୁ ଦୈନିକ ବାଙ୍ଗିରିପୋଷିରୁ କଲକାତା ପର୍ଯ୍ୟନ୍ତ ଟ୍ରେନ ଚଳାଚଳ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଏହାର ଏକ ନକଲ ଦକ୍ଷିଣ ପୂର୍ବ ରେଳବାଇ, ଖଡଗପୁର ମୁଖ୍ୟଙ୍କ ନିମନ୍ତେ ପ୍ରେରଣ କରାଯାଇଛି । କାର୍ଯ୍ୟକ୍ରମରେ କଂଗ୍ରେସ ଦଳରୁ ଶାନ୍ତନୁ ପାଲ, ନିର୍ମଳ ପ୍ରଧାନ, ବୁଧୁରାମ ସିଂ, ସିପିଆଇ ତରଫରୁ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସଞ୍ଜୀବ ବଳ, କ୍ଷିତୀଶ ସାସମଲ, ଶ୍ରୀକାନ୍ତ ସାମଲ, ସୁଦର୍ଶନ ରାଉଳ, ସିପିଏମ ତରଫରୁ ରବି ଗୋସ୍ୱାମୀ, ଅମଲ ଦେ, ରଘୁନାଥ ପଣ୍ଡା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଅନନ୍ତ ଦାସ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ

**ବାରିପଦା, ୨୭ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ଭାବେ କାଉନସିଲର ଅନନ୍ତ କୁମାର ଦାସ ମନୋନୀତ ହୋଇଛନ୍ତି । ଏ ନେଇ ଯୋଜନା ଓ ପରିସଂଖ୍ୟାନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନନ୍ତ ବାରିପଦା ପୌରପାଳିକାର ୨୩ନଂ. ୱାର୍ଡର କାଉନସିଲର ଭାବେ କାର୍ଯ୍ୟରତ । ତାଙ୍କର କାର୍ଯ୍ୟଦକ୍ଷତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ (କର୍ପୋରେଟ ସଦସ୍ୟ) ପ୍ରଦାନ କରାଯାଇଛି । ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ବିଭାଗର ଅଧ୍ୟକ୍ଷ ସରୋଜିନୀ ହେମ୍ବ୍ରମ ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



## ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




**ବାରିପଦା, ୨୭ ।୧୨(ସମିସ):** କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ତରଫରୁ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ହାଇବ୍ରିଡ ପଦ୍ଧତିରେ ଅନୁଷ୍ଠିତ ଏହି ବୈଠକରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରଶନ୍ନଜିତ୍ ମିଶ୍ର ଆଭାସୀ ମାଧ୍ୟମରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲକାତାରୁ ଅଟାରିର ପ୍ରଧାନ ବୈଜ୍ଞାନିକ ଡଃ. ଅଭିଜିତ୍ ହାଲ୍‌ଦାର, ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶକ ଡଃ. ହେମନ୍ତ କୁମାର ସାହୁ ଏବଂ ଅନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ କୃଷି, ପଶୁପାଳନ, ମତ୍ସ୍ୟ, ଜଳଛାୟା, ଶିଳ୍ପ, ବ୍ୟାଙ୍କ, ନାବାର୍ଡ, ସମାଜ କଲ୍ୟାଣ, ଅରଣ୍ୟ, ବୟନଶିଳ୍ପ, ଆକାଶବାଣୀର ପ୍ରତିନିଧି, କୃଷକ ଓ କୃଷି ମହିଳା ପ୍ରତିନିଧି ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର ବିଗତ ଦିନର କାର୍ଯ୍ୟାବଳୀକୁ ଅନୁଶୀଳନ କରିବା ସହିତ ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡା ଉପରେ ମତାମତ ଦେଇଥିଲେ । ବିଶେଷ କରି ଆଦିବାସୀ ସମାଜର ସମଗ୍ର ଉନ୍ନତି ପାଇଁ ସେମାନଙ୍କୁ ଚାଷ କାର୍ଯ୍ୟ ଆଡକୁ ଆକର୍ଷିତ କରିବା ପାଇଁ ଏହି ଯୋଜନା ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଥିଲା । ଅଣଧାନ ଚାଷ ଏବଂ କୃଷି ଯାନ୍ତ୍ରିକରଣ, ମହୁମାଛି ପାଳନ, କୁକୁଡା ପାଳନର ଅନେକ ଦିଗ ଉପରେ ପରୀକ୍ଷା ନିରୀକ୍ଷା କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ସଙ୍ଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ । ଗୃହବିଜ୍ଞାନୀ ଡଃ. ଝୁନିଲତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

ୱାଟ୍‌କୋର ଅବହେଳା; ୯ ନଂ. ୱାର୍ଡବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ

## ଲୋକେ ପିଉଛନ୍ତି ଗୋଳିଆ ପାଣି; ସଂକ୍ରମଣ ଆଶଙ୍କା

**ବାରିପଦା, ୨୭।୧୨(ସମିସ):** ବାରିପଦା ପୌରପାଳିକା ଅନ୍ତର୍ଗତ ୯ନଂ. ୱାର୍ଡବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଏନେଇ ଲୋକେ ବାରମ୍ବାର ଅଭିଯୋଗ କଲେ ବି କୌଣସି ଫଳ ମିଳୁନାହିଁ । ଫଳରେ ଦୀର୍ଘଦିନ ହେବ ୱାର୍ଡବାସୀ ବାଧହୋଇ ପାନୀୟ ଜଳ ଟ୍ୟାପରୁ ଗୋଳିଆ ପାଣି ବାହାରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ଉକ୍ତ ଅଞ୍ଚଳକୁ ବିଭାଗ ପକ୍ଷରୁ ଦୀର୍ଘଦିନ ହେବ ପାନୀୟ ଜଳ ଯୋଗାଣ ନିମନ୍ତେ ବିଛା ଯାଇଥିବା ପାଇପ ମାଟି ତଳେ ପୋତି ହୋଇ ରହିଥିବାରୁ ତାହା ପୁରୁଣା ହୋଇଗଲାଣି । ତେଣୁ ପାଇପ ଫାଟିଯିବା ଆଶଙ୍କା କରାଯାଉଛି । ତେଣୁକରି

### ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ଗୋଳିଆ ପାଣି ପିଉଛନ୍ତି । ୱାର୍ଡର ମଧୁବନ, ହୁଡ୍‌କୋ କଲୋନୀ ଆଦି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି । ସହରର ଅନେକ ସ୍ଥାନରେ ପାଇପ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳିଥିବା ବେଳେ ଅନୁରୂପ ଭାବେ ଉକ୍ତ ୱାର୍ଡର ପାଇପ ମଧ୍ୟ ଫାଟିଥିବା ସନ୍ଦେହ କରାଯାଉଛି । ପ୍ରତ୍ୟେକ ଦିନ ଜନସ୍ୱାସ୍ଥ୍ୟ ବିଭାଗ (ୱାଟକୋ) ପକ୍ଷରୁ ଯୋଗାଣ ହେଉଥିବା ଅନେକ ସ୍ଥାନର ରାସ୍ତା କଡରେ ବିନା କାରଣରେ ପାଣି ଜମିରହିଥିବା ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଏ ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ବିଭାଗ ସମସ୍ୟାକୁ ଗୁରୁତ୍ୱର ସହ ନେଉନାହିଁ । ତେଣୁ ସ୍ଥାନୀୟ ଲୋକେ ରାଉରକେଲା ପରି ହଇଜା ରୋଗରେ ସଂକ୍ରମିତ ହେବା ଆଶଙ୍କାରେ ରହିଛନ୍ତି । ରାଜ୍ୟ ସରକାର ବାରିପଦାବାସୀଙ୍କୁ ସ୍ୱଚ୍ଛ ପାନୀୟ ଯୋଗାଇବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ସହ ଡ୍ରିଙ୍କଫର୍ମ ଟ୍ୟାପ ଆଦି ଅନେକ ମହତକାଂକ୍ଷୀ ଯୋଜନା କରିଛନ୍ତି; କିନ୍ତୁ ୱାଟକୋ ବିଭାଗ ଗୋଳିଆ ପାନୀୟ ଜଳ ସମସ୍ୟାର ଅନେକ ଦିନ ହେବ ସମାଧାନ କରିପାରୁନାହିଁ । ବାରିପଦା ସହରର ଅନେକ ସ୍ଥାନରେ ପାଇପ ଫାଟି ଏହିପରି ସମସ୍ୟା ରହିଥିବାରୁ ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମଧ୍ୟ ଏହାର ସମାଧାନ ନେଇ ୱାଟକୋ ଅଧିକାରୀଙ୍କୁ ଜଣାଇଛନ୍ତି; କିନ୍ତୁ ମରାମତି କରି ବିଭାଗ କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ କଥାକୁ ଟାଳି ଦେଉଛନ୍ତି । ଏ ନେଇ ୱାଟକୋ ଅଧିକାରୀ ପିସି ମଲ୍ଲିକଙ୍କ ପଚାରିବାରୁ ସେ ସମସ୍ୟା ବାବଦରେ ଅବଗତ ନ ଥିଲେ । ଗଣମାଧ୍ୟମ ଜରିଆରେ ସୂଚନା ପାଇଛନ୍ତି । ଆଗାମୀ ଦୁଇ ଦିନରେ ଗୋଳିଆ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।



# ସାଇ ନର୍ସିଂହୋମ୍‌ରେ ରୋଗୀମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

**ଯାଜପୁର, ୨୭ ।୧୨(ସମିସ):**

ଚଳିତ ମାସ ୨୧ ତାରିଖ ଦିନ ଯାଜପୁର ପୌରପାଳିକାର ମାନସାପୋଲ ନିକଟରେ ଥିବା ଓମ୍ ସାଇ ନର୍ସିଂହୋମରେ ରୋଗୀ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ଟିମ ନର୍ସିଂହୋମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜିଲ୍ଲାପାଳ ଏହି ଘଟଣାକୁ ୮ଟି ପଏଣ୍ଟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଜିଲ୍ଲା ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କ ନେତୃତ୍ୱରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଏହି ତଦନ୍ତ ଟିମରେ ଡାକ୍ତ ସୁଧାଂଶୁ ଶେଖର ବଳ, ଯାଜପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ପ୍ରମୁଖ ଅଛନ୍ତି। ଆଜି କିମ୍ବା ଆସନ୍ତାକାଲି ଏହି ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଘଟଣା ଦିନ ପଣସା ଅଞ୍ଚଳର ଜଣେ ରୋଗୀ ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। କିନ୍ତୁ ଉପଯୁକ୍ତ ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଉତ୍ତେଜନା ଦେଖା ଯାଇ ନର୍ସିଂ ହୋମ ଭଙ୍ଗାରୁଜା ଓ ରାସ୍ତାରୋକ କରାଯାଇଥିଲା। ଏହାପରେ ଜିଲ୍ଲାପାଳ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତକାରୀ ଟିମର ରିପୋର୍ଟ ଆସିବା ପରେ ସମ୍ପୃକ୍ତ ନର୍ସିଂହୋମ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାକୁ ଦେଖିବାକୁ ବାକି ରହିଲା।



# ଓଜେଏସ୍ ପରୀକ୍ଷାରେ ରାଜ୍ୟରେ ସୁଶ୍ରୀତା ମିଶ୍ର ଟପ୍ପର



**ଯାଜପୁର, ୨୭ ।୧୨(ସମିସ):** ଆଜି ପ୍ରକାଶ ପାଇଛି ଓଜେଏସ ପରୀକ୍ଷା ଫଳ। ଏହି ପରୀକ୍ଷାରେ ସାରା ରାଜ୍ୟର ଟପ୍ପର ହୋଇଛନ୍ତି ଯାଜପୁର ଜିଲ୍ଲାର ସୁଶ୍ରୀତା ମିଶ୍ର। ସେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶ୍ରୀନାଥ ମିଶ୍ରଙ୍କ ଝିଅ। ସୁଶ୍ରୀତା ଭୁବନେଶ୍ୱର ଡିଏଭିରୁ ଯୁକ୍ତ ଦୁଇ ବିଜ୍ଞାନ ପାସ କରିବା ପରେ ବାଣୀବିହାରସ୍ଥ ଆଇନ କଲେଜରୁ ଇଣ୍ଟିଗ୍ରେଟେଡ ଆଇନରେ ପାଠ ପଢ଼ିବା ପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଏଜଏସ ପରିକ୍ଷା ଦେଇ ଏଭଳି ଏକ ସଫଳତା ପାଇଛନ୍ତି। ଏହି ପରିକ୍ଷାରେ ମୋଟ ମୋଟ ୫୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୩୯ ଜଣ ଝିଅ। ପ୍ରଥମ ୧୦ଟି ସ୍ଥାନରେ ୮ ଜଣ ଅଛନ୍ତି ଝିଅ। ସୁଶ୍ରୀତାଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କଠିନ ପରିଶ୍ରମ ଓ ମା' ବିରଜାଙ୍କ ଆଶୀର୍ବାଦ ଯୋଗୁଁ ଝିଅ ଏଭଳି ସଫଳତା ପାଇଲା ବୋଲି ବାପା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ସହିଦ ସ୍ପୋର୍ଟିଂ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବରୀ, ୨୭ ।୧୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ଅଜାଣ ହାଟ ପଡ଼ିଆରେ ସହିଦ ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଗୋଲଡେନ୍ ଷ୍ଟାର କ୍ରିକେଟ ଟିମ ଗମୁ ଓ ୱାରିଅର କ୍ରିକେଟ ଟିମ ଚନ୍ଦନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଲଡେନ୍ ଷ୍ଟାର କ୍ରିକେଟ୍ ଟିମ ଗମୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୩୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ୱାରିଅର କ୍ରିକେଟ ଟିମ ଚନ୍ଦନପୁର ୧୮ ଓଭର ଖେଳି ୨୩୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବରୀ ନିର୍ବାଚନ ମଣ୍ଡଳୀର ସମାଜସେବୀ ତଥା ଯୁବନେତା ଅଶୋକ କୁମାର ବେହେରା ଫିତା କାଟି ଖେଳକୁ ଉଦଘାଟନ କରିଥିଲେ।

# ପୌରପାଳିକା ପକ୍ଷରୁ ଜାଗା ମିଶନ କାର୍ଯ୍ୟକାରିତା ନେଇ ସମୀକ୍ଷା

**ଯାଜପୁର, ୨୭ ।୧୨(ସମିସ):** ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଯାଜପୁର ପୌରପାଳିକା ପକ୍ଷରୁ ଜାଗା ମିଶନ କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଜାଗା ମିଶନର ରାଜ୍ୟ ଉପଦେଷ୍ଟା ଶାଶ୍ୱତି ମିଶ୍ର ଯୋଗଦେଇ ଏହି ଯୋଜନା ଅନୁଯାୟୀ ହିତାଧିକାରୀ କିଭଳି ଲାଭବାନ ହେଉଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଯାଜପୁର ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପୌରାଞ୍ଚଳରେ ଜାଗା ମିଶନ କିଭଳି କାର୍ଯ୍ୟକାରୀ ହେଉଛି ଓ କିଭଳି ହିତାଧିକାରୀ ଲାଭ ଉଠାଉଛନ୍ତି ସେ ନେଇ ସୂଚନା ଦେଇଥିଲେ। ବୈଠକ ପରେ ଶ୍ରୀମତୀ ମିଶ୍ର କଲ୍ୟାଣପୁର ବସ୍ତି ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ପରେ ମୁକ୍ତା ଯୋଜନା ଅଧିନରେ ନିର୍ମାଣ ହୋଇଥିବା ରାଜପୁର ମିନିପାର୍କ ଓ ଆଙ୍କୁଲା ମେଡିକାଲ ପାର୍କକୁ ବୁଲି ଦେଖି ସମସ୍ତ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତ କରିଥିଲେ।

# ଜାନୁଆରୀ ୩ରେ ଏନ୍‌ସି କଲେଜ ଓ ୪ରେ ବ୍ୟାସନଗର କଲେଜରେ ନିଯୁକ୍ତି ମେଳା

**ଯାଜପୁର, ୨୭ ।୧୨(ସମିସ):** ଆଜି ଅପରାହ୍ନରେ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଙ୍କ ଅଧ୍ୟକ୍ଷତାରେ ଆସନ୍ତା ଜାନୁଆରୀ ମାସ ୩ ତାରିଖ ଓ ୪ ତାରିଖରେ ଦୁଇଟି କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜାନୁଆରୀ ୩ ତାରିଖରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ୪ ତାରିଖରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସକାଳ ୧୦ ଘଟିକାଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ନିଯୁକ୍ତି ମେଳ ଅନୁଷ୍ଠିତ ହେବ। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ଅଂଶଗ୍ରହଣ କରି ନିଯୁକ୍ତି ପ୍ରଦାନ କରିବେ। ଏହାବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ନିଯୁକ୍ତିଭିତ୍ତିକ ସ୍ୱଳ୍ପ ଅବଧିର ଦକ୍ଷତା ବିକାଶ ତାଲିମ ପ୍ରଦାନ ପାଇଁ ପ୍ରାର୍ଥୀଙ୍କୁ ଚୟନ କରିବେ। ଏହି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ପ୍ରଶିକ୍ଷଣ ସମୟରେ ରହିବା ଓ ଖାଦ୍ୟପେୟ ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଯେଉଁ ପ୍ରାର୍ଥୀ, ପ୍ରାର୍ଥିନୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଓ ସରକାରୀ ପଲିଟେକ୍‌ନିକ୍, ଯାଜପୁରରେ ଉପଲବ୍ଧ ଥିବା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଚ୍ଛୁକ ଥିବେ ସେମାନଙ୍କୁ ମଧ୍ୟ ଏହି ମେଳାରେ ସୁଯୋଗ ପ୍ରଦାନ କରାଯିବ। ପ୍ରାର୍ଥୀ, ପ୍ରାର୍ଥିନୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ସହିତ ସାକ୍ଷାତ କରି ସିଧାସଳଖ ନିଯୁକ୍ତିର ସୁଯୋଗ ପାଇପାରିବେ। କେବଳ ଯାଜପୁର ଜିଲ୍ଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀ, ଯେଉଁମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ହୋଇଥିବ ଓ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ପାଶ୍‌ରୁ ସ୍ନାତକ ପାଶ୍, ଆଇଟିଆଇ ଓ ଡିପ୍ଲୋମା ପାଶ୍ କରିଥିବେ ସେମାନେ ଏହି ନିଯୁକ୍ତି ମେଳାର ସୁଯୋଗ ନେଇପାରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଗାଡ଼ି ଧକ୍କାରେ ଯୁବକ ମୃତ

**ବଡ଼ଚଣା, ୨୭।୧୨(ସମିସ):** ଗତକାଲି ରାତ୍ର ୧୦ ଘଟିକା ସମୟରେ ୧୬ନମ୍ବର ଜାତୀୟ ରାଜପଥ ବଡ଼ଘୁମୁରି ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣା ସୁଙ୍ଗୁଡା ଗ୍ରାମର ଡମ୍ବରୁଧର ସେଠୀଙ୍କ ପୁଅ କଳ୍ପତରୁ ସେଠୀ (୨୪)। ସେ ବାଇକରେ କଟକରୁ ଚଣ୍ଡିଖୋଲ ଫେରୁ ଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ସେ ଗୁରୁତ୍ରର ଆହତ ହୋଇ ରାସ୍ତା କଡରେ ପଡ଼ିଥିଲେ। ବଡଚଣା ପୁଲିସ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇ ଗ୍ରାମର ଶତାଧିକ ଯୁବକ ବଡ଼ଚଣା ମେଡିକାଲରେ ପହଞ୍ଚିଥିଲେ। ଆଜି ସକାଳେ ଶବ ବ୍ୟବଚ୍ଛେଦ କରାଯାଇ ଏକ ମୋଟର ସାଇକେଲ ଶୋଭା ଯାତ୍ରାରେ ଚଣ୍ଡିଖୋଲ ଛକ ଓ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା।

# ବିଲରେ ଅଗ୍ନିକାଣ୍ଡ ଘଟି ଧାନ ସହ ପୋଡ଼ିଗଲା ମେସିନ୍

**ସୁକିନ୍ଦା, ୨୭।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ ଅଧୀନ ମାଣତିରା ଗ୍ରାମ ପାଖ ଧାନ ବିଲରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଧାନ ସହ ଧାନକଟା ମେସିନ ଜଳିପୋଡ଼ି ପାଉଁଶ ହୋଇଯାଇଛି। ମାଣତିରା ଗ୍ରାମ ପାଖରେ ଥିବା ରଘୁନାଥ ମହାନ୍ତଙ୍କ ଧାନ ବିଲରେ ବୁଧବାର ଦିନ ମେସିନ ଦ୍ୱାରା ଧାନ କଟା ଚାଲିଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ମେସିନରୁ ସଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ବିଫଳ ହେବାପରେ ସୁକିନ୍ଦା ଦମକଳ ବାହିନୀକୁ ଯୋଗାଯୋଗ କରିଥଲେ। ସୁକିନ୍ଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଧାନ ଓ ଧାନକଟା ମେସିନ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା।

**କନେଷ୍ଟବଳଙ୍କୁ ଆକ୍ରମଣ ମାମଲା**

# ପୂର୍ବତନ ଥାନାଧିକାରୀଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା

**ସୁକିନ୍ଦା, ୨୭।୧୨(ସମିସ):** ବୁଧବାର ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟରେ ବିଚାରାଧୀନ ଥିବା ଏକ ମାମଲାର ଶୁଣାଣି କରି ମାନ୍ୟବର ବିଚାରପତି ସୁକିନ୍ଦା ଥାନାର ପୂର୍ବତନ ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। ସୂଚନା ମୁତାବକ ୨୦୨୨ ମାର୍ଚ୍ଚ ୩ ତାରିଖରେ ସୁକିନ୍ଦା ଥାନାର କାର୍ଯ୍ୟରତ ଡ୍ରାଇଭର ସୁକୁମାର ସ୍ୱାଇଁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମୟରେ ଥାନା ଅଧିକାରୀ ଶିବ ଚରଣ ବେହେରା ତାଙ୍କୁ ଆକ୍ରମଣ କରି ଆହତ କରିଥିବା ନେଇ ସୁକୁମାରଙ୍କ ମା ସୁକିନ୍ଦା କୋର୍ଟରେ ମାମଲା ଦାଏର କରିଥିଲେ। ଏହି ଆକ୍ରମଣ ସମୟରେ ଆଇଆଇସିଙ୍କ ବାପା ପଞ୍ଚାନନ ବେହେରା ସହାୟତା କରିଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଘଟଣାକୁ ନେଇ ପୁଲିସ ବିଭାଗରେ ହଟଚମଟ ସୃଷ୍ଟି ହୋଇଥିଲା। ସେହି ମାମଲାରେ ଶିବ ଚରଣ ନିଜେ କୋର୍ଟରେ ହାଜର ନ ହୋଇ ଓକିଲଙ୍କ ଦ୍ୱାରା ହାଜର ହୋଇଥିଲେ। ଏହି ମାମଲାରେ ଦଫା ୩୦୭ ଥିବାରୁ ସୁକିନ୍ଦା କୋର୍ଟରେ ଜାମିନ ଆବେଦନ ଖାରଜ ହେବା ସହ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିବା ଜଣାପଡ଼ିଛି। ଶ୍ରୀ ବେହେରା ଏବେ କଟକ ଜିଲ୍ଲା ବାଙ୍କି ଥାନାର ଥାନା ଅଧିକାରୀ ଥିବା ଜଣାପଡ଼ିଛି।

# ଧର୍ମଶାଳା ମହୋତ୍ସବ: ମନ ମୋହିଲା କୁନି କୁନି କଳାକାରଙ୍କ ନୃତ୍ୟ

**ଧର୍ମଶାଳା, ୨୭ ।୧୨(ସମିସ):** ଧର୍ମଶାଳା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁକ୍ତ ମଞ୍ଚରେ ଧାନମଣ୍ଡଳସ୍ଥ ଉଦୀୟମାନ କଳା ପରିଷଦର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାତା ଅନୀଲ କୁମାର ଦାସଙ୍କ ମଞ୍ଚ ସଂଯୋଜନାରେ କୁନି କୁନି କଳାକାର ଲୋକନୃତ୍ୟ ସମ୍ବଲପୁରୀ, ଆଦିବାସୀ, ପାଇକ ଆଖଡ଼ା, ଓଡ଼ିଶୀ ନୃତ୍ୟ, ଗୋଟି ପୁଅ ଓ ଆଧ୍ୟାତ୍ମିକ ଗୀତରେ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମାନ ମୋହି ଥିଲେ। ଶେଷ ପର୍ଯ୍ୟନ୍ତ ରହି ଦର୍ଶକମାନେ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, କମିଟିର ସଭାପତି ଜଳଧର ମହାନ୍ତି, ଉପ ସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ, ସଭ୍ୟ କିଶୋର ନାୟକ, ରାମଚନ୍ଦ୍ର ମଲିକ, ସବ୍ୟସାଚୀ ସୁନ୍ଦର ରାୟ, ସମାଜସେବୀ କାହ୍ନୁଚରଣ ଦାସ, ଅଜାମ୍ବର ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ବ୍ଲକ୍ ଓ ପୌରପାଳିକା ସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

**ଯାଜପୁର, ୨୭।୧୨(ସମିସ):** ଯାଜପୁର ବ୍ଲକ ପଣସା ବିଏନ ସ୍କୁଲ ପଡ଼ିଆରେ ବ୍ଲକ ଓ ପୌରପାଳିକା ସ୍ତରୀୟ କ୍ରୀଡ଼ା ଉତ୍ସବର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହାକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି ସତ୍ୟ ପ୍ରକାଶ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ସହକାରୀ ଜିଲ୍ଲାପାଳ ସୂର୍ଯ୍ୟ ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନା ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତି ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହେବ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଖେଳାଳିଙ୍କ ଉଦ୍ଦେଶ୍ୟରେ ଜର୍ସି ଉନ୍ମୋଚନ ହୋଇ ସମସ୍ତ କ୍ରୀଡାବିତଙ୍କୁ ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୭୧ଟି ଦଳ ଭାଗ ନେଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ସୁଯୋଗ ପାଇବେ। ଏଥିପାଇଁ କ୍ରୀଡ଼ାବିତଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଜେଡି ନଗର ସଭାପତି ମନୋଜ କୁମାର ସାହୁ, କାଉନସିଲର ସେକ ମୂର୍ତ୍ତଜା, ସମାଜସେବୀ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖରସ୍ରୋତା ପୁସ୍ତକ ମେଳା ଉଦ୍‌ଯାପିତ



**ବିଞ୍ଝାରପୁର, ୨୭।୧୨(ସମିସ)**

ବିଞ୍ଝାରପୁର ବ୍ଲକ ଫତେପୁର ଯଜ୍ଞ ପଡ଼ିଆରେ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ୫ଦିନିଆ ପୁସ୍ତକ ମେଳାର ଆଜି ଉଦଯାପିତ ହୋଇଯାଇଛି। ଏଥି ପାଇଁ ଆୟୋଜିତ ଏକ ଉଦଯାପନୀ ସନ୍ଧ୍ୟାରେ ପଦ୍ମାକର ଗୁରୁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପବିତ୍ର ମୋହନ୍ ଯେନା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ କୁମାର ନନ୍ଦ ଓ ବିଶିଷ୍ଟ ବକ୍ତା ଭାବେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ବିଡ଼ିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ବିଂଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଜିତେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ତିମ ସନ୍ଧ୍ୟାରେ ପୂର୍ବତନ ବିଧାୟକ ପବିତ୍ର କୁମାର ଜେନାଙ୍କ ଅଭିଭାଷଣ ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହି ଅବସର ରେ ଗୀତିକାର, ନାଟ୍ୟକାର ଡଃ ଅଧ୍ୟାପକ ଦୀପକ କୁମାର ଜେନାଙ୍କୁ ଖରସ୍ରୋତା ପୁସ୍ତକ ମେଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକଙ୍କ ପକ୍ଷରୁ ସର୍ବେଶ୍ୱର ଧଳ, ବ୍ରଜ ସୁନ୍ଦର ସାମଲ, ଉମେଶ ସାମଲ, ପୁରୁଷୋତ୍ତମ ବେହେରା, ସୁଧୀର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ସ୍ୱାଇଁ, ଶରତ ପରିଡ଼ା, ପ୍ରଭାସ ସାମଲ, ଗିରିଧାରୀ ଦାସ୍, ରବୀନ୍ଦ୍ର ଆଚାର୍ଯ୍ୟ, ଅର୍ଜୁନ ରାଉତ, ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

DSPL-491
ଆମ ଓଡ଼ିଶା ନବୀନ ଓଡ଼ିଶା
TRANSPARENCY TECHNOLOGY TEAMWORK TIME TRANSFORMATION
ଭ୍ରୁଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ

ସୂଚନାଦାତାଙ୍କୁ ପ୍ରୋତ୍ସାହନ
ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଅଣପଞ୍ଜିକୃତ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଟ.୨୫୦୦୦/- ପ୍ରୋତ୍ସାହନ ରାଶି ୩ ଟି କିସ୍ତିରେ ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ।
ସର୍ତ୍ତାବଳୀ
- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନାଦାତାଙ୍କୁ ପ୍ରଥମ କିସ୍ତିରେ ଟ.୧୦,୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ କେସ୍ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ ଟ.୧୦,୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- କୋର୍ଟ କେସ୍‌ର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିର ଟ.୫,୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନାହିଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ।
PC & PNDT ଆଇନ ଅନୁଯାୟୀ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0152/2324

**କୂଳ ଖାଉଛି ଖରସ୍ରୋତା**

# ଜରି ଗାଇଡ୍ ବନ୍ଧ ପ୍ରତି ବିପଦ; ଜରି, ବାଙ୍ଗରା ଗ୍ରାମବାସୀ ଆତଙ୍କିତ



ବିଂଝାରପୁର,୨୭।୧୨(ସମିସ):

ବିଂଝାରପୁର ଜଳସେଚନ ସବଡିଭିଜନ ଅନ୍ତର୍ଗତ ସର୍ବପୁରାତନ ଜରି ଗାଇଡ୍ ବନ୍ଧ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଜରି ଓ ବାଙ୍ଗରା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ନଦୀବନ୍ଧର ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

ଖରସ୍ରୋତା ନଦୀର ପ୍ରଖର ବନ୍ୟା ରୋକିବାକୁ ଜରି, ଛନ୍ଦାମୁଣ୍ଡ, ବାଙ୍ଗରା ଦେଇ ୧୯୬୦ରେ ନିର୍ମିତ ଗାଇଡ୍ ବନ୍ଧ କ୍ରମଶଃ ଦୁର୍ବଳ ଓ ଅଣଓସାରିଆ ହୋଇଯାଇଛି। ନଦୀବନ୍ଧରେ ନଦୀ ପାଣି ଲାଗିଯାଇଥିବାରୁ ଯେକୌଣସି ମୁହୂର୍ତ୍ତରେ ଏହି ବନ୍ଧ ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି। ପ୍ରତି ବର୍ଷ ବନ୍ୟାରେ ଏହି ବନ୍ଧର ବିଭିନ୍ନ ସ୍ଥାନରେ ଘାଇ ହେବା ଆଶଙ୍କାକୁ ଏଡ଼ାଇବା ପାଇଁ ପ୍ରତିବର୍ଷ ଜଳସେଚନ ବିଭାଗ ପକ୍ଷରୁ କେତେକ ସ୍ଥାନରେ ବାଉଁଶ କିମ୍ବା ବଲ୍ଲହା ଦ୍ୱାରା ଯେନତେନ ପ୍ରକାର ବନ୍ଧକୁ ବନ୍ୟା ଦାଉରୁ ସୁରକ୍ଷା କରିଦିଅନ୍ତି। କିନ୍ତୁ ବନ୍ଧର ସ୍ଥାୟୀ ସୁରକ୍ଷା ପାଇଁ ଅଦ୍ୟାବଧି କୌଣସି ପଦକ୍ଷେପ ବିଭାଗ ପକ୍ଷରୁ ନିଆ ନ ଯିବା ଯୋଗୁ ଏବେ ଜରି, ବାଙ୍ଗରା, ଠାକୁରାଣୀପାଳ ଓ ଛନ୍ଦାମୁଣ୍ଡ ଗ୍ରାମରେ ବସବାସ କରୁଥିବା ହଜାର ହଜାର ଲୋକେ ଅଜଣା ଭୟ ଓ ଆତଙ୍କରେ ସର୍ବଦା ସମୟ ଅତିବାହିତ କରୁଛନ୍ତି। ବନ୍ଧର ଟୋଓ ନ ଥିବାରୁ ପଥର ପ୍ୟାକିଂ କରାଯିବା ମଧ୍ୟ ଏଠାରେ ସମ୍ଭପର ହେଉନାହିଁ। ଯେତେବେଳେ ହେଉଛି, ବର୍ଷେ ଦୁଇ ବର୍ଷ ମଧ୍ୟରେ ତାହା ଖସି ନଦୀ ଗର୍ଭକୁ ଚାଲିଯାଉଛି। ବହୁବାର ଏହି ବନ୍ଧକୁ ଦେଖିବାକୁ ଆସି ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ବନ୍ଧ ସୁରକ୍ଷା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବେ ବୋଲି ଗ୍ରାମବାସୀଙ୍କୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ ବି ତାହା ଆଦୌ କାର୍ଯ୍ୟକାରୀ ହେଉନାହିଁ। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନ ପକ୍ଷରୁ ଖରସ୍ରୋତା ଅପରପାର୍ଶ୍ୱରେ ହଦୁଅ, ମଧୁବନ, ମାହାରାକୂଳ ଆଦି ସ୍ଥାନରେ ସେପଟ ନଦୀ ବନ୍ଧ ଓ ଜନବସତିର ସୁରକ୍ଷା ପାଇଁ ଉଚ୍ଚ ପଥର ସ୍ପର ନିର୍ମାଣ କରାଯାଇଥିବାରୁ ଏହା ଜରି ଗାଇଡ୍ ବନ୍ଧକୁ କ୍ରମଶଃ ନଷ୍ଟ କରୁଛି। ନଦୀ ବନ୍ଧ ଓ ନଦୀ କୂଳରେ ବସବାସ କରୁଥିବା ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି। ନିକଟ ଭାବିଷ୍ୟତରେ ମଧୁବନ, ଜରି ଘାଟଛନ୍ଦାରେ ଖରସ୍ରୋତା ନଦୀରେ ଏକ ବଡ଼ ସେତୁ ନିର୍ମାଣ ହେବା ଯୋଜନା ଥିବାରୁ ଏହି ଗାଇଡ୍ ବନ୍ଧରେ ଭାରୀଯାନ ସହିତ ଗାଡ଼ି ଅଧିକ ଯାତାୟାତ କଲେ ଏ ବନ୍ଧ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଏହି ନଦୀବନ୍ଧର ସୁଦୃଢ଼ୀକରଣ କରିବା ସହିତ ପ୍ରଶସ୍ତିକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲ ଆଜି ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବିଂଝାରପୁର ବ୍ଲକରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଏଥିସହିତ ଆସନ୍ତାବର୍ଷ ବର୍ଷାଋତୁ ପୂର୍ବରୁ ଅତି କମ୍‌ରେ ବିଭିନ୍ନ ସ୍ଥାନରେ ଦଶଟି ପଥର ସ୍ପର ନିର୍ମାଣ କରି ତୁରନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବନ୍ଧକୁ ସୁରକ୍ଷା କରିବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ତତ୍‌କ୍ଷଣାତ ଯାଜପୁର ଜଳସେଚନ ସବଡିଭିଜନର ସହକାରୀ ଯନ୍ତ୍ରୀଙ୍କୁ ଡାକି ତୁରନ୍ତ ବନ୍ଧର ସୁରକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଟିମକୁ ଜିରୋ ଗ୍ରାଉଣ୍ଡକୁ ପଠାଇ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ତାଙ୍କୁ ରିପୋର୍ଟ ତୁରନ୍ତ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଭାରୀଯାନ ଚଳାଚଳ ଯୋଗୁଁ ନଷ୍ଟ ହେଉଛି ରାସ୍ତା



**ଯଖପୁରା, ୨୭।୧୨ (ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ଛକଠାରେ ଯାଜପୁର କ୍ଲଷ୍ଟର ଡେଭେଲପମେଣ୍ଟ ଲିମିଟେଡ (ଜେସିଡିଏଲ) ଦ୍ୱାରା ନିର୍ମିତ ରାସ୍ତା ମରଣଯନ୍ତା ପାଲଟିଲାଣି। କଳିଙ୍ଗନଗର ଶିଳ୍ପାଞ୍ଚଳର କାରଖାନା ରାସ୍ତାର ସୁରକ୍ଷା ଓ ଜନମଙ୍ଗଳ ପାଇଁ ଦାୟିତ୍ୱ ନେଉଥିବାବେଳେ ନିଜ ଅଫିସକୁ ସଂଯୋଗ କରୁଥିବା ରାସ୍ତା ଅବହେଳିତ ଅବସ୍ଥାରେ ରହିଛି। ଜେସିଡିଏଲଠାରେ ୟୁନିଅନ ବ୍ୟାଙ୍କ, କେନ୍ଦ୍ର ସରକାରଙ୍କ ଗୋଟିଏ ଟ୍ରେନିଂ ସେଣ୍ଟର ଓ ଇଏସଆଇ ମେଡିକାଲ ରହିଥିବାରୁ ଏହି ରାସ୍ତାଟି ବ୍ୟସ୍ତବହୁଳ ହୋଇଥାଏ। ବିଜୁ ପଟ୍ଟନାୟକ ମାର୍ଗରୁ ଜେସିଡିଏଲ ବାଟର ଦୂରତ୍ୱ ମାତ୍ର ୩୦୦ ମିଟର ଅଟେ। ଏହି ରାସ୍ତା ଦେଇ କୋଇଲା ବୋଝେଇ ଟ୍ରକ୍, ବାଲିଗାଡି, ଟିପ୍‌ସ ଗାଡ଼ି ଓ ବଡ ବଡ ଟ୍ରଲର ଯାତାୟାତ କରୁଥିବାରୁ ରାସ୍ତା ନଷ୍ଟ ହେଉଛି। ରାସ୍ତାଟି ଅଣଓସାରିଆ ହୋଇଥିବାରୁ ଭାରୀଯାନ ଯିବାବେଳେ ସାଧାରଣ ଲୋକ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ କଳିଙ୍ଗନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅବସ୍ଥିତ। ଯଦି ଏହି ଅଣଓସାରିଆ ରାସ୍ତାରେ ଭାରୀଯାନକୁ ରୋକାଯାଆନ୍ତା, ତେବେ ସାଧାରଣ ଲୋକେ ସମସ୍ୟା ଭୋଗନ୍ତେ ନାହିଁ। ଏହି ରାସ୍ତାର ଗୋଟିଏ ପଟେ ବିଜୁ ପଟ୍ଟନାୟକ ମାର୍ଗ ଥିବାବେଳେ ଅନ୍ୟପଟେ ୫୩ନଂ ଜାତୀୟ ରାଜପଥକୁ ସଂଯୋଗ କରୁଛି। ତେଣୁ ଏହି ରାସ୍ତାରେ ଭାରୀଯାନକୁ ରୋକାଯିବା କଥା। କିନ୍ତୁ ଜେସିଡିଏଲ ତାହା ନ କରି ବାରମ୍ବାର ନଷ୍ଟ ହେଉଥିବା ରାସ୍ତାର ମରାମତି ବାବଦରେ ବହୁ ଅର୍ଥ ବ୍ୟୟ କରୁଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଯଖପୁରା ରେଲୱେ ସାଇଡ୍‌ରେ ପୁଣି ଚୋରା ମୋରମ୍



**ଯଖପୁରା,୨୭ ।୧୨(ସମିସ):** ଯଖପୁରା ତୃତୀୟ ରେଲୱେ ଲାଇନ ସାଇଡ୍‌କୁ ଦୁଇଦିନ ତଳେ ମୋରମ କେଉଁଠୁ ଆସିଲା, ଏ ନେଇ ସବୁଆଡେ ଚର୍ଚ୍ଚା। ଗତ କିଛିଦିନ ତଳେ ଯଖପୁରା ପୁଲିସ ରେଲୱେ ସାଇଡ୍‌କୁ ଯାଉଥିବା ଦୁଇଟା ମୋରମ ବୋଝେଇ ହାଇୱାକୁ ଜବତ କରିଥିଲା। ମୋରମ ବୋଝେଇ ଗାଡ଼ି ଦୁଇଟିକୁ ଥାନାକୁ ଆଣି ଖଣି ବିଭାଗକୁ ହସ୍ତାନ୍ତର କରିଥିଲା। ଏହି ମୋରମ ଉଠିବାର କିଛିଦିନ ପରେ ପୁଣି ରେଲୱେ ସାଇଡ୍‌କୁ କାହା ଦ୍ୱାରା ଓ କେଉଁଠୁ ମୋରମ ଆସିଲା, ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ରେଲୱେ ସାଇଡ୍‌ରେ ପଡିଥିବା ମୋରମ ଯଖପୁରା ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ଯଖପୁରା ପୁଲିସ ଓ ପ୍ରଶାସନର ଜାଣତରେ ବା ଖାମଖିଆଲି ଯୋଗୁଁ ସରକାର ବାରମ୍ବାର ଏତେ ବଡ ରାଜସ୍ୱ ହରାଉଥିବାବେଳେ ମୋରମ ମାଫିଆ ଲାଭବାନ ହେଉଛନ୍ତି। ରେଲୱେ ସାଇଡ୍‌ରେ ପଡିଥିବା ମୋରମ କେଉଁ ଅଞ୍ଚଳର ଓ କିଏ ସେ ମୋରମ ମାଫିଆ ଯାଞ୍ଚ କଲେ, ସତ୍ୟତା ଜଣାପଡ଼ିବ।

## ଟ୍ରାକ୍ଟର ଚୋରି ଅଭିଯୋଗ

**ପାଣିକୋଇଲି, ୨୭।୧୨ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁରରୁ ଏକ ଟ୍ରାକ୍ଟର ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ବ୍ରଜନଗର ଗ୍ରାମର ମୋହନ ଚନ୍ଦ୍ର ଧଳଙ୍କ ସ୍ତ୍ରୀ ବିଦ୍ୟାଭାରତୀ ଟ୍ରାକ୍ଟର ଚୋରି ହୋଇଥିବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଭାରତୀଙ୍କ ଅଭିଯୋଗ ମୁତାବକ ତାଙ୍କ ନ୍ୟୁ ହଲାଣ୍ଡ ଟ୍ରାକ୍ଟରକୁ ଷଠିପୁରର ଅଶୋକ ମୁଣ୍ଡାଙ୍କ ପୁଅ ଦିପୁ ମୁଣ୍ଡା ଚଳାଉଥିଲେ। ଟ୍ରାକ୍ଟରକୁ ଦିପୁ ତାଙ୍କ ଷଠିପୁର ଘର ନିକଟରେ ରଖି ଘରେ ରହିଥିଲେ। ସକାଳୁ ଦେଖିବା ବେଳକୁ କେହି ଦୁର୍ବୃତ୍ତ ଉକ୍ତ ଟ୍ରାକ୍ଟରକୁ ଚୋରି କରି ନେଇଛି।

## ମଙ୍ଗଳପୁର ବାଳିକା ବିଦ୍ୟାଳୟ ପୁରାତନ ଛାତ୍ରୀଙ୍କ ବୈଠକ

**ମଙ୍ଗଳପୁର, ୨୭।୧୨(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥ ମଙ୍ଗଳପୁର ବଜାର ସଲଗ୍ନ ମଙ୍ଗଳପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ସରୋଜିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଗେନ୍ଦ୍ର କୁମାର ମିଶ୍ର , ପ୍ରାକ୍ତନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ଶୈଳବାସିନୀ ନାୟକ, ନିରୂପମା ରାୟଙ୍କୁ ପୁରାତନ ଛାତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନ୍ଧୁମିଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପୁରାତନ ଓ ବର୍ତ୍ତମାନର ଛାତ୍ରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିବା ସହ ବର୍ତ୍ତମାନ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀ ରଶ୍ମିତା ସାମଲ ଓ ମଙ୍ଗଳପୁରର ଜଣାଶୁଣା ଯୁବ ସମାଜସେବୀ ବିଜୟ ପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରୀ ସ୍ନେହଲତା ପୃଷ୍ଟି ସଂଯୋଜନା କରିଥିବାବେଳେ ପାର୍ବତୀ ବେହେରା, ମନୋରମା ପଣ୍ଡା, ତିଲୋତ୍ତମା ପଣ୍ଡା, ସସ୍ମିତା ପାତ୍ର, ଏଲିନା ମଲ୍ଲିକ, ଚମ୍ପାବତୀ ପାତ୍ର, କ୍ରିଷ୍ଣା କର, ସୁଲୋଚନା ବାରିକ, ଲତିକା ପାତ୍ର, ପ୍ରଭାମଣି ବେହେରା, ପ୍ରିୟତମା ବେହେରା, ପ୍ରମୋଦିନୀ ବେହୁରିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସରସ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଅନ୍ନଦାତା ଦିବସ ପାଳିତ

**କୁନ୍ଦଳ,୨୭।୧୨(ସମିସ):** ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତର କୃଷ୍ଣପୁର ଶାସନଠାରେ ଅନ୍ନଦାତା ଦିବସ ପାଳିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କ ଶାଖା ମୁଖ୍ୟ ପରିଚାଳକ ଚନ୍ଦନ କୁମାର ମହାଲା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବ୍ୟାଙ୍କ ପକ୍ଷରୁ କୃଷକଙ୍କୁ କୃଷି ସମ୍ବନ୍ଧୀୟ ବିଭିନ୍ନ ସହଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବ୍ୟାଙ୍କର ଉପଶାଖା ପରିଚାଳକ ଦେବବ୍ରତ ନିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କ ସବୁ ସମୟରେ କୃଷକଙ୍କ ସାଥୀ, ବ୍ୟାଙ୍କରୁ ଋଣ ନେଇ ଚାଷ କାର୍ଯ୍ୟରେ ଲଗାଇବା ପରେ ଯଥା ସମୟରେ ଋଣ ପରିଶୋଧ କଲେ ବ୍ୟାଙ୍କ କୃଷକଙ୍କୁ ଆବଶ୍ୟକ ସ୍ଥଳେ ଅଧିକରୁ ଅଧିକତର ଚାଷ କାର୍ଯ୍ୟ ପାଇଁ ଋଣ ଯୋଗାଇ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସଫଳ ଚାଷୀ ବ୍ରଜବନ୍ଧୁ ନାୟକ, ଯତୀନ୍ଦ୍ର ନାଥ ଦାଶ, ବାନାମ୍ବର ଲେଙ୍କା, ନବକିଶୋର ଆଚାର୍ଯ୍ୟ, ରଞ୍ଜିତ ସିଂହ, ବୀର କିଶୋର ଦାଶ, ରମେଶ ଚନ୍ଦ୍ର ଗଡ଼ନାୟକ, ନୃସିଂହ ଚରଣ ଜେନା, ସୌମ୍ୟରଞ୍ଜନ ଶତପଥୀ, ସରୋଜ ମିଶ୍ର, ଶରତ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ବ୍ୟାଙ୍କର କୃଷି ସମ୍ବନ୍ଧୀୟ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପବିତ୍ର କୁମାର ନାୟକ, ବିଶ୍ୱନାଥ ସାମଲ, ଧରିତ୍ରୀ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପ୍ରାଣାଙ୍କ ପରଲୋକ

**ବଡ଼ଚଣା, ୨୭।୧୨(ସମିସ):** ଚଣ୍ଡିଖୋଲସ୍ଥ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କ ମାତା ଇନ୍ଦୁମତି



ପୃଷ୍ଟି (୮୧)ଙ୍କ ଆଜି ହୃଦଘାଟରେ ପରଲୋକ ଘଟିଛି। ସେ ବିଦ୍ୟାଧରପୁର ବାସଭବନରେ ବସିଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଧର୍ମପ୍ରାଣା, ମେଳାପୀ, ପରୋପକାରୀ, ସ୍ନେହୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି, ସାନପୁଅ ସୋମନାଥ ପୃଷ୍ଟି, ଝିଅ ସୁଜାତା, ସ୍ୱାଇଁ ଟଂଜନ ଉପସ୍ଥିତ ଥିଲେ।

■ ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

## 'ଅଧ୍ୟାପନା ଓ ଶିକ୍ଷା ଗ୍ରହଣ ପିଲାଙ୍କ ମେରୁଦଣ୍ଡ ସଦୃଶ'

**କୋରେଇ,୨୭।୧୨(ସମିସ):** ଅଧ୍ୟାପନା ଓ ଶିକ୍ଷା ଗ୍ରହଣ ପ୍ରତ୍ୟେକ ପିଲାଙ୍କ ମେରୁଦଣ୍ଡ ସଦୃଶ। ଯାହାକି ପିଲାଙ୍କୁ ଭବିଷ୍ୟତରେ ଉତ୍ତମ ବ୍ୟକ୍ତି ରୂପେ ଗଢ଼ି ତୋଳିଥାଏ। ଏଥିପାଇଁ ବିଦ୍ୟାଳୟର ପରିବେଶ ମଧ୍ୟ ନିର୍ଭରଶୀଳ। ତତ୍‌ସହିତ ବିଦ୍ୟାଳୟର କର୍ମକର୍ତ୍ତା,



ଶିକ୍ଷକ, ଅଭିଭାବକ ସମସ୍ତେ ସଚେତନ ହେବା ସହିତ ପିଲାଟି ପ୍ରତି ଦାୟିତ୍ୱବାନ ହେବା ଜରୁରି ଅଟେ ବୋଲି କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତର ମଲାରିଆ ନିକଟରେ ଅବସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଅଧ୍ୟକ୍ଷ ମୋହିନୀ ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସଟି ଜାଭିୟର ଗ୍ରୁପର ଅଧ୍ୟକ୍ଷ ଡଃ ପ୍ରିୟଦର୍ଶୀ ନାୟକ, ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଡିଆଇଟିର ଅଧ୍ୟକ୍ଷା ନିବେଦିତା ଗୁରୁ, କୋରେଇ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କେଡି ସାର୍ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ବିଗତ ଦିନରେ ସ୍କୁଲରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ମୃତିରେଖା ନାୟକଙ୍କୁ ସମ୍ବର୍ଦ୍ଧନା

**ଯାଜପୁର, ୨୭ ।୧୨(ସମିସ):** ଯାଜପୁର ବ୍ଲକର ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରିଣୀ ଡଃ ସ୍ମୃତିରେଖା ନାୟକଙ୍କୁ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଓ ନାଥସାହି ନେତାଲ ଉପ୍ରା ବିଦ୍ୟାଳୟ ପକ୍ଷରୁ



ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଡଃ ନାୟକ ଡକ୍ଟରେଟ ଡିଗ୍ରୀ ହାସଲ କରିବା ପରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବା ଅବସରେ ତାଙ୍କର ଏହି କୃତିତ୍ୱ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ଦକ୍ଷ ଶିକ୍ଷା ପ୍ରଶାସକ ଭାବେ ଡଃ ନାୟକ ସୁନାମ ଅର୍ଜନ କରିବା ସହିତ ଜାତୀୟ ସ୍ତରରେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ ଡଃ ନାୟକ ପିଲାମାନଙ୍କୁ ଦେଶର ମହାପୁରୁଷଙ୍କ ଜୀବନାଦର୍ଶକୁ ଅନୁସରଣ କରି ସଫଳତା ଆଡ଼କୁ ଆଗେଇବାକୁ ପ୍ରେରଣା ଦେଇଥିଲେ।

## କୁଆଖିଆ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ



**କୁଆଖିଆ/ହରିପୁର,୨୭।୧୨(ସମିସ):** କୁଆଖିଆ ବଜାରରେ ଚାଲିଥିବା ୬୯ତମ ଲକ୍ଷ୍ମୀନାରାୟଣ (ଗଜ ଉଧାରଣ) ପୂଜା ଅବସରରେ କୁଆଖିଆ ମହୋତ୍ସବର ଆୟୋଜନ କରାଯାଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଥିବାବେଳେ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଲକ୍ଷ୍ମୀନାରାୟଣଙ୍କ ପୂଜା ମଣ୍ଡପରେ ପାଲା ପରିବେଷଣ କରାଯାଉଛି। ଏଠାରେ ପାଲାପ୍ରେମୀଙ୍କ ସମାଗମ ହେଉଛି।

ଅନ୍ୟପକ୍ଷରେ କୁଆଖିଆ ମହୋତ୍ସବର ପଞ୍ଚମ ଦିବସରେ ଯାଜପୁର ପ୍ରସିଦ୍ଧ କିଙ୍ଗ ଡ୍ୟାନ୍ସ ଗ୍ରୁପର କଳାକାର ନୃତ୍ୟ ପରିବେଷଣ କରି ଜନତାଙ୍କ ମନମୁଗ୍ଧ କରୁଛନ୍ତି। ପ୍ରଥମେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ଥିଲା। କୁଆଖିଆ ମହୋତ୍ସବ ସଭାପତି ରାଜେଶ ସାହୁ, ସମ୍ପାଦକ ଅରୁଣ ରାଉତ, କମିଟିର ମହାସଚିବ ଅରୁଣ ସାହୁ, ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ ଓ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ

**ଧର୍ମଶାଳା,୨୭।୧୨ (ସମିସ):** ଧର୍ମଶାଳା ବାଣୀପୀଠର ୭୬ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଆଜି ପୁରାତନ ଛାତ୍ର ସଂସଦ ସଭାପତି ଡାକ୍ତର ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।




ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବୀରେନ୍ଦ୍ର କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ପୁରାତନ ଛାତ୍ର ନିଜର ଅନୁଭୂତି ଓ ଅନୁଭବରୁ ପ୍ରାପ୍ତ ଜ୍ଞାନ ଓ ସାହାସକୁ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌଶଳପୂର୍ଣ୍ଣ ଭାବେ ସଂଚୟିତ କରାଇ ପାରିଲେ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶିବଚରଣ ମାଝୀ ଯୋଗଦେଇ ଭଲ ଶିକ୍ଷକ ଓ ଉତ୍ତମ ଛାତ୍ର ସମନ୍ୱୟ କରି ଭାବନା ଶୈକ୍ଷିକ ବାତାବରଣ ନିର୍ମାଣ କରିବା ସହିତ ଭବିଷ୍ୟତ ନିର୍ମାଣ ସହାୟତା କରିବ। ପୁରାତନ ଛାତ୍ରଛାତ୍ରୀଙ୍କ ପୁନର୍ମିଳନ ନୂତନ ଭାବାବେଗ ସୃଷ୍ଟି କରୁଛି ବୋଲି କହିଥିଲେ। ଏ ଅବସରରେ ପୁରାତନ ଛାତ୍ର ସଂସଦର ସ୍ମରଣିକା ବାଣୀବିତାନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୧୨ଜଣ ପୁରାତନ ଶିକ୍ଷକ ଓ ଛାତ୍ରଛାତ୍ରୀ ଅରକ୍ଷିତ ରାଉତ, ଦେବେନ୍ଦ୍ର ଶତପଥୀ, ହାଡ଼ିବନ୍ଧୁ ସାହୁ, ପଦ୍ମନାଭ ସାହୁ, ଲୋକନାଥ ରାଉତ, ଗୋବିନ୍ଦ ଚନ୍ଦ୍ର ସାହୁ, ରମଣିକ ଲାଲ, ଗୋଲକ ବିହାରୀ ନାଥ, ଦନେଇ ସାହୁ, ଜଗବନ୍ଧୁ ନାୟକ, କଲ୍ୟାଣୀ ଦାସ, ବଟକୃଷ୍ଣ ସାମଲଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

ଚଳିତ ବର୍ଷର ବଟକୃଷ୍ଣ ସ୍ମୃତି ମେଧାବୃତ୍ତି କୁମାରୀ ସଂଗୀତା ମୁଦୁଲି, ପଣ୍ଡିତ ମଧୁସୂଦନ ମହାପାତ୍ର ସ୍ମୃତି ମେଧାବୃତ୍ତି ହର୍ଷିତ କୁମାର ସ୍ୱାଇଁ, ଇଂ. ବୈକୁଣ୍ଠନାଥ ମେଧାବୃତ୍ତି ରୋହିତ ପ୍ରଧାନ, ସତ୍ୟଜିତ ସାହୁ, ରବିନାରାୟଣ ଦାସ ସ୍ମୃତି ମେଧାବୃତ୍ତି ସୁଶ୍ରୀ ସଂଗୀତା ମଲିକଙ୍କୁ ପ୍ରଦାନ କରାଯାଇଥିଲା। ମାନପତ୍ରକୁ ଅଧ୍ୟାପକ ବିଜୟ କୁମାର ନାୟକ, ଅଖିଳ କୁମାର ସ୍ୱାଇଁ, ପବିତ୍ର ମୋହନ ବିଶ୍ୱାଳ, ମହମ୍ମଦ ରିଆଜୁଲ୍ ହକ୍, ବିକ୍ରମ କେଶରୀ ମହାନ୍ତି, ସୋମନାଥ ସାହୁ ପାଠ କରିଥିଲେ। ପୁରାତନ ଛାତ୍ର ସୁନାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଆଦିକନ୍ଦ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ରମେଶ ଚନ୍ଦ୍ର ସିଂହ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଫେବୃଆରୀ ୬ରୁ ଓଳାଶୁଣୀ ଗୁମ୍ଫା ମେଳା**

# ସନ୍ଥଭୂଇଁର ଐତିହ୍ୟ, ସଂସ୍କୃତି ଉପରେ ହେବ ଆଲୋଚନାଚକ୍ର

ବାଲିଚନ୍ଦ୍ରପୁର, ୨୭।୧୨ (ସମିସ):

ଓଳାଶୁଣୀ ପୀଠର ସନ୍ଥସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ପୁଣ୍ୟ ମହାସମାଧି ଦିବସ ଶୁଭାବସରରେ ପାଳିତ ହେବ ଓଳାଶୁଣୀ ଗୁମ୍ଫା ମେଳା। ଏ ଅବସରରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଏକାଦଶତମ ଓଳାଶୁଣୀ ଗୁମ୍ଫା ମହୋତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଦିନ ପୌରାଣିକ ଗାଙ୍ଗୀ ପୀଠଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଏଥିରେ ସଭାପତିତ୍ୱ କରିଥିଲେ। ଓଳାଶୁଣୀ ପୀଠ ପରିଚାଳନା ନେଇ ଦେବୋତ୍ତର ବିଭାଗର କାର୍ଯ୍ୟାନ୍ୱୟନ, ପୂର୍ବପଟରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ରାସ୍ତା ସଂଯୋଗୀକରଣ ଓ ମହୋତ୍ସବ ପାଳନ ସମୟରେ ଏକ ଅନୁଷ୍ଠାନର ଅନଧିକୃତ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଯାଜପୁର



ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇବା ନେଇ ବୈଠକରେ ସର୍ବସମ୍ମତି ମତ ପ୍ରକାଶ ପାଇଥିଲା। ଡେରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାମଲ ଓ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରମୁଖ ଓଳାଶୁଣୀ ପୀଠର ବିକାଶ, ଏହାର ପରିଚାଳନା ସହିତ ମହୋତ୍ସବ ପାଳନ ନେଇ ବିଶଦ ଆଲୋକପାତ କରିଥିଲେ। ମହୋତ୍ସବର ଅବ୍ୟବହିତ ପୂର୍ବରୁ ଟ୍ରଷ୍ଟ ଓ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ବହୁ ସନ୍ଥ, ଆଧ୍ୟାତ୍ମପ୍ରେମୀ ଗବେଷକ ଓ ବିଦ୍ୱାନ ଯୋଗଦେଇ ସନ୍ଥ ଅରକ୍ଷିତଙ୍କ ଜୀବନଦର୍ଶନ ଓ ଓଳାଶୁଣୀର ଐତିହ୍ୟ ସଂସ୍କୃତି ଉପରେ ଆଲୋକପାତ କରିବେ ବୋଲି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗୀପୀଠର ଯୁବସନ୍ୟାସୀ କୌସ୍ତୁଭ ବ୍ରହ୍ମଚାରୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବିଶ୍ୱେଶ୍ୱର ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଗଠନର ରାଜ୍ୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିପିନ ବିହାରୀ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ବସନ୍ତରାଜ ସାମଲ, ପଲାଇ ପଞ୍ଚାୟତର ବିଜେଡ଼ି ସଭାପତି ଦେବଦତ୍ତ ସାମଲ, ଅନନ୍ତ ସିଂହ, ଶିକ୍ଷାବିତ୍ ଭାବଗ୍ରାହୀ ରାଉତ, ପୂର୍ବତନ ଶିକ୍ଷକ ଶରତ କୁମାର ସାମଲ, ମହାବାହୁ ସଂଗଠନର ସଭାପତି ଶିବପ୍ରସାଦ ସାମଲ ପ୍ରମୁଖ ବହୁ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଇସ୍ରାଏଲ ଦୂତାବାସରେ ଏନ୍‌ଆଇଏ-ଏନ୍‌ଏସ୍‌ଜି

**ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):** ଦିଲ୍ଲୀର ଚାଣକ୍ୟପୁରୀ ସ୍ଥିତ ଇସ୍ରାଏଲ ଦୂତାବାସ ନିକଟରେ ବିସ୍ଫୋରଣକୁ ନେଇ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଏବଂ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ସକ୍ରିୟ ହୋଇ ଉଠିଛି। ଉଭୟ ଟିମ୍ ଦୂତାବାସ ନିକଟରେ ପହଞ୍ଚି ପ୍ରମାଣ ସଂଗ୍ରହ କରୁଛି। ଫରେନସିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରହିଛି। ଦୂତାବାସରୁ ୨୬୦ ମିଟର ଦୂରରେ ଥିବା ନନ୍ଦାସ ହାଉସର ୪ ନଂ ଫାଟରେ ଏହି ବିସ୍ଫୋରଣ ହୋଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଏହି ସ୍ଥାନରେ କୌଣସି ସିସିଟିଭି କ୍ୟାମେରା ଲାଗି ନ ଥିଲା। ଅନ୍ୟପକ୍ଷରେ ପୁଲିସକୁ ଏକ ସିସିଟିଭି ଫୁଟେଜ ମିଳିଛି। ଏହାର ଆଖପାଖରେ ୨ ଜଣ ବୁଲୁଥିବା ଦେଖା ଯାଉଛି। ପୁଲିସ ଉଭୟଙ୍କୁ ଟ୍ରାକ୍ କରିବା ପାଇଁ ପ୍ରୟାସ କରୁଛି। ଆଖପାଖର ଅଞ୍ଚଳର କଲ୍ ମଧ୍ୟ ଟ୍ରେସ୍ କରୁଛି। ସେହିପରି ଘଟଣାସ୍ଥଳରୁ ମିଳିଥିବା ଚିଠିଟି 'ସର୍ ଅଲ୍ଲାହ ରେଜିଷ୍ଟାନ୍ସ' ଗ୍ରୁପର ବୋଲି ଜଣାପଡ଼ିଛି। ଏଥିରେ ଜିୟୋନିଷ୍ଟ, ଗାଜା ଏବଂ ପାଲେଷ୍ଟାଇନ ଶବ୍ଦ ଲେଖାଯାଇଛି। ଅନ୍ୟ ଏକ ରିପୋର୍ଟରେ ଚିଠିରେ ଗାଜା ଆକ୍ରମଣର ପ୍ରତିଶୋଧ ନିଆଯିବ ବୋଲି ଲେଖାଯାଇଛି। ଅନ୍ୟପକ୍ଷରେ ଭାରତରେ ରହୁଥିବା ନିଜ ନାଗରିକଙ୍କ ପାଇଁ ଇସ୍ରାଏଲ ମାର୍ଗଦର୍ଶିକା ଜାରି କରିଛି। ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ନ ଯିବା ପାଇଁ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି।

## ଯକୃତ-କିଡ୍‌ନୀ ଚୋରିକରୁଛି ଇସ୍ରାଏଲ!

**ତେଲ ଆଭିଭ, ୨୭।୧୨ (ଏଜେନ୍ସି):** ଇସ୍ରାଏଲ ସେନା ଗାଜାରେ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହ ଚୋରି କରୁଛି। ଏହି ସବୁ ସବରୁ ଯକୃତ, ବୃକକ, ହୃତ୍‌ପିଣ୍ଡ ଆଦି ଅଙ୍ଗପ୍ରତ୍ୟଙ୍ଗ ଚୋରି କରୁଛି। ଏକ ରିପୋର୍ଟରେ ଏହି ଦାବି କରାଯାଇଛି। ଏଥିରେ କୁହାଯାଇଛି ଯେ ଇସ୍ରାଏଲ ସେନା ୮୦ ପାଲେଷ୍ଟିନୀୟଙ୍କ ମୃତଦେହ ଚୋରି କରିଛି। ଏହ ସବୁକୁ ନେଇ ବିଯୁକ୍ତ ୪୦ ଡିଗ୍ରୀ ତାପମାତ୍ରାରେ ରଖିଛି। ଏହି ମୃତଦେହରୁ ଅଙ୍ଗପ୍ରତ୍ୟଙ୍ଗ ବାହାର କରାଯିବ। ଅନ୍ୟପକ୍ଷରେ ଇସ୍ରାଏଲରେ ପାଲେଷ୍ଟିନୀୟଙ୍କ ମୃତଦେହ ଜବତ କରିବା ବେଆଇନ ନୁହେଁ ବୋଲି ଏକ ମାନବାଧିକାର ସଂଗଠନ କହିଛି। ୨୦୨୧ରେ ଏଥିପାଇଁ ଆଇନ ପାରିତ କରାଯାଇଥିଲା। ଇସ୍ରାଏଲ ମେଡିକାଲ ସ୍କୁଲ୍‌ରେ ପରୀକ୍ଷଣ ପାଇଁ ଏହି ସବୁ ମୃତଦେହ ରଖାଯିବ।

## ୧ରୁ ୪୫୦ ଟଙ୍କାରେ ମିଳିବ ଗ୍ୟାସ୍ ସିଲିଣ୍ଡର

**ଜୟପୁର, ୨୭।୧୨ (ଏଜେନ୍ସି):** ରାଜସ୍ଥାନରେ ଆସନ୍ତା ୧ ତାରିଖରୁ ୪୫୦ ଟଙ୍କାରେ ରୋଷେଇ ଗ୍ୟାସ ସିଲିଣ୍ଡର ମିଳିବ। ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ବୁଧବାର ଟୋଙ୍କରେ ଏହି ଘୋଷଣା କରିଛନ୍ତି। ତେବେ କେବଳ ଉଜ୍ଜ୍ୱଲା ଏବଂ ବିପିଏଲ ଗ୍ୟାସ ହିତାଧିକାରୀ ଏହି ଗ୍ୟାସ୍ ପାଇବେ। ରାଜସ୍ଥାନର ପୂର୍ବତନ ଅଶୋକ ଗେହଲଟ ସରକାର ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଦେଉଥିଲେ। ତେବେ ବିଧାନସଭା ନିର୍ବାଚନରେ ବିଜେପି ୪୫୦ ଟଙ୍କାରେ ଏହା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ହେବା ପରେ ଶହେ ଦିବସ ସଙ୍କଳ୍ପ ଯାତ୍ରାରେ ସରକାର ଏହି ପ୍ରତିଶ୍ରୁତିକୁ ସାମିଲ କରିଥିଲେ। ଏହା ପୂର୍ବରୁ ଖାଦ୍ୟ ଏବଂ ଯୋଗାଣ ବିଭାଗ ଏକ ପ୍ରସ୍ତାବ ବନାଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇ ଥିଲା। ଏହାକୁ ସେ ମଞ୍ଜୁରି ଦେଇଛନ୍ତି। ଏବେ ହିତାଧିକାରୀ ୫୦ ଟଙ୍କା କମ୍ ଦାମରେ ରୋଷେଇ ଗ୍ୟାସ ମିଳିବ।

● ବାହାଘର ପାଇଁ ରାଜି ହେଲେନି ପ୍ରେମିକାର ବାପା

## ଗାଡ଼ି ଚଢ଼ାଇ ହତ୍ୟାକଲା ପ୍ରେମିକ

**କୋଲକାତା, ୨୭।୧୨ (ଏଜେନ୍ସି):** ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲା ବୋଲପୁର ଥାନା ଅନ୍ତର୍ଗତ ଯଜ୍ଞ ନଗର ଗ୍ରାମରୁ ଏକ ଜଘନ୍ୟ ମାମଲା ସାମ୍ନାକୁ ଆସିଛି। ବିବାହ ପାଇଁ ରାଜି ନ ହେବାରୁ ପ୍ରେମିକାର ବାପାକୁ ପ୍ରେମିକ ଗାଡ଼ି ଚଢ଼ାଇ ହତ୍ୟା କରିଛି। ପରେ ପ୍ରେମିକକୁ ନେଇ ଚମ୍ପଟ ମାରିଛି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଗାଜୁ ଶେଖ୍ ନାମକ ଯୁବକ କୁଦୁସ ଶେଖଙ୍କ ଝିଅକୁ ଭଲ ପାଉଥିଲେ। ତେବେ ଯୁବତୀଙ୍କ ପରିବାର ଲୋକ ବିବାହ ପାଇଁ ରାଜି ନ ଥିଲେ। ସେ ଅନ୍ୟ ସ୍ଥାନରେ ଝିଅର ବିବାହ କରି ଦେଇଥିଲେ। ବିବାହର ୮ ଦିନ ପରେ ଝିଅଜ୍ୱାଇଁ ମଙ୍ଗଳବାର ଘରକୁ ଆସିଥିଲେ। ଏହି ଖବର ଜାଣିବା ପରେ ପ୍ରେମିକ କୁଦୁସ ଶେଖ୍‌ଙ୍କ ଘରେ ପହଞ୍ଚି ଥିଲା। ଏହା ଦେଖି ପ୍ରେମିକା ମଧ୍ୟ ତାଙ୍କ ସହ କାର୍‌ରେ ପଳାଇ ଥିଲେ। ହେଲେ ବାପାମାଆ ଅଟକାଇବାକୁ ଉଦ୍ୟମ କରିଥିଲେ। ଉଭୟେ କାର୍ ଆଗରେ ଛିଡ଼ା ହୋଇ ଯାଇଥିଲେ। ହେଲେ ପ୍ରେମିକ ଉଭୟଙ୍କ ଉପରେ କାର୍ ଚଢ଼ାଇ ପଳାଇ ଥିଲା। ଏଥିରେ କୁଦୁସଙ୍କୁ ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଏତଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଛି।

ମୁହଁକୁ ମୁହଁ ଦିଶୁନି ; ଘନ କୁହୁଡ଼ି ବଳୟରେ ଉତ୍ତରଭାରତ

# ସିରିଜ୍ ଦୁର୍ଘଟଣାରେ ୮ ମୃତ; ୪୯ ଆହତ









**ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି)**

ଉତ୍ତର ଭାରତରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ଏଥିଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇଯାଇଛି। ଦିନ ତମାମ କୁହୁଡି ଛାଇ ହୋଇ ରହୁଛି। ସ୍ଥିତି ଏପରି ହୋଇଛି ଯେ ମୁହଁ ଦେଖାଯାଉ ନାହିଁ। ଏବେ ଦିଲ୍ଲୀରେ କୁହୁଡ଼ିକୁ ନେଇ ରେଡ୍ ଆଲର୍ଟ ଜାରି ହୋଇଛି। ଘନ କୁହୁଡ଼ି ଯୋଗୁଁ ରେଳ, ସଡ଼କ ଏବଂ ଆକାଶ ପଥରେ ଯାତ୍ରା ପ୍ରଭାବିତ ହୋଇଛି। କେବଳ ଦିଲ୍ଲୀରେ ୧୧୦ ବିମାନ ଏବଂ ୨୫ ଟ୍ରେନ ବିଳମ୍ବରେ ଯାତ୍ରା ଆରମ୍ଭ କରିଛି। ୨ଟି ବିମାନର ଗତି ପଥ ପରିବର୍ତ୍ତନ କରିବାକୁ ପଡ଼ିଛି। ଘନ କୁହୁଡ଼ି ପାଇଁ ଉତ୍ତରପ୍ରଦେଶ ଏବଂ ରାଜସ୍ଥାରେ ମଙ୍ଗଳବାର ରାତିରୁ ବୁଧବାର ସକାଳ ପର୍ଯ୍ୟନ୍ତ ସିରିଜ୍ ସଡ଼କ ଦୁର୍ଘଟଣା ଘଟିଛି। ୟୁପିରେ ୬ ଏବଂ ରାଜସ୍ଥାନରେ ୩ଟି ଦୁର୍ଘଟଣାରେ ୫୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଉଭୟ ରାଜ୍ୟର ୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ୪୯ ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ ୟୁପିର ଆଗ୍ରା-ଫିରୋଜାବାଦ ରାଜପଥରେ ବୁଧବାର ସକାଳେ ୧୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ-ମେରଠ ଏକ୍ସପ୍ରେସ-ୱେରେ ୨୫ଟି ଗାଡ଼ି ପରସ୍ପର ଧକ୍କା ହେବାରୁ ଜଣେ ପ୍ରାଣ ହରାଇଛନ୍ତି। ୫ ଜଣ ଆହତ ହୋଇଛନ୍ତି। ଉନ୍ନାଓର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ-ୱେରେ ୬ଟି ଗାଡ଼ି ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ ଆହତ ହୋଇଛନ୍ତି। ବାଗପତରେ ଟ୍ରକ୍ ଏବଂ ବସ୍ ମଧ୍ୟରେ ଧକ୍କା ହୋଇ ୨ ମହିଳାଙ୍କ ଜୀବନ ଯାଇଛି। ୧୩ ଜଣ ଆହତ ହୋଇଛନ୍ତି। ସେହିପରି ରାଜସ୍ଥାନ ଭରତପୁରରେ ଏକ ବସ୍ ଏବଂ ଅଟୋ ମୁହାଁମୁହିଁ ହେବାରୁ ଜଣେ ମହିଳାଙ୍କ ସମେତ ୨ ଜଣ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ହନୁମାନଗଡ଼ ଏବଂ ସିକର ଏନ୍‌ଏଚ୍‌ରେ ହୋଇଥିବା ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ୬ ଜଣ ଆହତ ହୋଇଛନ୍ତି।

ଅନ୍ୟପକ୍ଷରେ ଘନ କୁହୁଡ଼ିକୁ ନେଇ ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ ସମେତ ୧୪ ରାଜ୍ୟକୁ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ପଞ୍ଜାବ ଏବଂ ହରିୟାଣାକୁ ରେଡ୍ ଆଲର୍ଟ ଜାରି କରାଯାଇଛି।

## ସାଇନବୋର୍ଡରେ କନ୍ନଡ଼ ଭାଷା ବ୍ୟବହାର ଦାବିରେ ବେଙ୍ଗାଲୁରୁରେ ହଙ୍ଗାମା

**ଦୁଇ ମଲ୍ ବନ୍ଦ, ବିଭିନ୍ନ ସ୍ଥାନରେ ପୁଲିସ ଛାଉଣୀ**

**ବେଙ୍ଗାଲୁରୁ,୨୭।୧୨(ଏଜେନ୍ସି)**



କର୍ଣ୍ଣାଟକରେ ସ୍ଥାନୀୟ କନ୍ନଡ଼ ଭାଷାର ବ୍ୟବହାରକୁ ନେଇ କର୍ଣ୍ଣାଟକ ରକ୍ଷଣା ବେଦିକେ (କେଆରଭି) ସଂଗଠନ ପକ୍ଷରୁ ହଙ୍ଗାମା କରାଯାଇଛି। ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ସ୍ଥାନରେ କନ୍ନଡ଼ ଭାଷା ବଦଳରେ ଇଂରାଜୀରେ ନେମପ୍ଲେଟ୍ ଏବଂ ସାଇନବୋର୍ଡ ଲେଖାଯାଇଥିବାରୁ ଏହି ସଂଗଠନ ପକ୍ଷରୁ ବେଙ୍ଗାଲୁରୁର ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରାଯାଇଛି। ଏହାକୁ ନେଇ ହେବାଲସ୍ଥିତ ଏସିଆଫିନିକ୍ସ ମଲ ଏବଂ ହ୍ୱାଇଟ୍‌ଫିଲ୍ଡରେ ରହିଥିବା ଫିନିକ୍ସ ମାର୍କେଟ ସିଟି ଭଳି ଦୁଇଟି ପ୍ରମୁଖ ମଲକୁ ତୁରନ୍ତ ବନ୍ଦ କରିଦିଆଯାଇଛି। କେଆରଭି ସଂଗଠନ ପକ୍ଷରୁ ହଙ୍ଗାମା କରାଯିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ଏପରିକି ବେଙ୍ଗାଲୁରୁ ଆନ୍ତର୍ଜାତିକ ବିମାନ ବନ୍ଦର ପରିସରରେ ମଧ୍ୟ ବିକ୍ଷୋଭକାରୀମାନେ ହଙ୍ଗାମା କରିଛନ୍ତି। ଏହାବ୍ୟତୀତ ଏମଜି ରୋଡ୍, ଗାନ୍ଧୀ ନଗର, ସେଣ୍ଟ ମାର୍କସ୍ ରୋଡ୍, ୟୁବି ସିଟି, ବ୍ରିଗେଡ୍ ରୋଡ୍, କନିଙ୍ଗହାମ୍ ରୋଡ୍ ଏବଂ ରେସିଡେନ୍ସି ରୋଡ୍ ଭଳି ସହରର ବହୁ ପ୍ରମୁଖ ସ୍ଥାନରେ ବିକ୍ଷୋଭକାରୀମାନେ ହଙ୍ଗାମା କରିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାରା ରାଜ୍ୟରେ କନ୍ନଡ଼ ଭାଷାକୁ ଗୁରୁତ୍ୱ ଦେବା ଲାଗି ପୂର୍ବରୁ ହୋଇଥିବା ଦାବିକୁ ନେଇ ରାଜ୍ୟ ସରକାର ସମସ୍ତ ସାଇନବୋର୍ଡରେ ରହିଥିବା ଲେଖା ମଧ୍ୟରୁ ୬୦ ପ୍ରତିଶତ ଲେଖା ସ୍ଥାନୀୟ ଭାଷାରେ ରହିବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାକୁ କୌଣସି କେହି ପାଳନ କରୁ ନଥିବାରୁ କେଆରଭି ସଂଗଠନ ରାସ୍ତାକୁ ଓହ୍ଲାଇଛି ବୋଲି ସଂଗଠନ ସଭାପତି ଟି ଏନ ନାରାୟନ ଗୌଡ଼ା କହିଛନ୍ତି। ଯଦି ସବୁ ସ୍ତରରେ ଏହି ନିର୍ଦ୍ଦେଶନାମା ପାଳନ କରା ନ ଯାଏ ତେବେ ଖୁବଶୀଘ୍ର ସାରା ରାଜ୍ୟରେ ବିକ୍ଷୋଭ କରାଯିବ ବୋଲି ସେ କହିଛନ୍ତି।

● ୮ ରାଜ୍ୟକୁ ବ୍ୟାପିଲାଣି ଜେଏନ.୧

## ୧୦୯ ନୂଆ ରୋଗୀ ଚିହ୍ନଟ



● କେବଳ ଗୁଜରାଟରେ ୩୬ ମାମଲା
● ଦିନକରେ ୫୨୯ ସଂକ୍ରମିତ; ୩ ମୃତ

**ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):** କରୋନାର ନୂଆ ପ୍ରଜାତି ଜେଏନ୍.୧ ମାମଲା ଦେଶରେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହା ୮ ରାଜ୍ୟକୁ ବ୍ୟାପି ଗଲାଣି। କେବଳ ଗତ ୨୪ ଘଣ୍ଟାରେ ୪୦ ରୋଗୀ ଚିହ୍ନଟ ହୋଇଛନ୍ତି। ଗୁଜରାଟରୁ ସବୁଠାରୁ ଅଧିକ ୩୬ ସଂକ୍ରମିତ ଅଛନ୍ତି। ଏ ପର୍ଯ୍ୟନ୍ତ ଦେଶରେ ଏହି ପ୍ରଜାତିର ୧୦୯ ରୋଗୀ ଚିହ୍ନଟ ହେଲେଣି। ଅନ୍ୟପକ୍ଷରେ ଦେଶରୁ ଦିନକରେ ୫୨୯ କରୋନା ମାମଲା ଆସିଛି। ୩ ଜଣ ସଂକ୍ରମିତ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ଚିକିତ୍ସାଧୀନ ରୋଗୀସଂଖ୍ୟା ୪,୦୯୩କୁ ବୃଦ୍ଧି ପାଇଛି। ୨୦୨୦ ଫେବୃଆରୀରେ ଦେଶରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଏହା ପରଠାରୁ ଏ ପର୍ଯ୍ୟନ୍ତ ୪,୫୦ କୋଟି ଲୋକ ସଂକ୍ରମିତ ହୋଇଥିବାବେଳେ ୫, ୩୩, ୩୪୦ ଜଣ କରୋନାରେ ପ୍ରାଣ ହରାଇଲେଣି।

● ନ୍ୟାୟ ମିଳିବାକୁ ଦେଲେ ପ୍ରତିଶ୍ରୁତି

## ମୃତକଙ୍କ ପରିବାରଙ୍କୁ ଭେଟିଲେ ରାଜନାଥ



**ଶ୍ରୀନଗର,୨୭।୧୨(ଏଜେନ୍ସି):** ଜମ୍ମୁ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ଆତଙ୍କବାଦ ନିରୋଧୀ ଅପରେସନ ବେଳେ ପୁଲିସ ହେପାଜତରେ ଥିବା ୩ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ସୁରକ୍ଷାକର୍ମୀଙ୍କ ନିର୍ଯାତନା ଯୋଗୁଁ ଏହି ତିନି ନାଗରିକଙ୍କ ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ ଲୋକ ଦାବି କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଥିଲେ। ତେବେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ବୁଧବାର ଏହି ତିନି ମୃତକଙ୍କ ପରିବାରକୁଭେଟିବା ସହିତ ସେମାନଙ୍କୁ ନ୍ୟାୟ ମିଳିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାକୁ ନେଇ ଯାଞ୍ଚ କରାଯାଉଥିଲା ବେଳେ ଦୋଷୀ ପ୍ରତି ନିଶ୍ଚିତ ଭାବେ କଡ଼ା ପଦକ୍ଷେପ ନିଆଯିବ ବୋଲି ରାଜନାଥ କହିଛନ୍ତି। ସୁରକ୍ଷାକର୍ମୀଙ୍କ ମାଡ଼ରେ ଆହତ ହୋଇ ସରକାରୀ କଲେଜରେ ଚିକତ୍ସିତ ହେଉଥିବା ୪ ଜଣଙ୍କୁ ମଧ୍ୟ ରାଜନାଥ ହସ୍ପିଟାଲରେ ଭେଟିଛନ୍ତି। ରାଜନାଥଙ୍କ ସହ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ ମଧ୍ୟ ଗସ୍ତ କରିଥିଲେ।

● ଭାରତ ଯୋଡ଼ୋ ଯାତ୍ରା ପରେ କଂଗ୍ରେସର ନ୍ୟାୟ ଯାତ୍ରା

## ଜାନୁଆରୀ ୧୪ରୁ ମାର୍ଚ୍ଚ ୨୦ ଯାଏଁ ୬୨୦୦ କିମି ଯାତ୍ରା କରିବେ ରାହୁଲ

**ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି):** ୨୦୨୪ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏହାପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣି ଏକ ଯାତ୍ରା ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ପୂର୍ବରୁ କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ସେ ଭାରତ ଯୋଡୋ ଯାତ୍ରା କରିଥିଲେ। ଏବେ ଚଳିତ ମାସ ୧୪ ତାରିଖରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ରାହୁଲ ନ୍ୟାୟ ଯାତ୍ରା କରିବାକୁ ଯାଉଛନ୍ତି। ମଣିପୁରରୁ ଏହି ଯାତ୍ରା ଆରମ୍ଭ ହେବା ସହିତ ୧୪ଟି ରାଜ୍ୟର ପ୍ରାୟ ୮୫ଟି ଜିଲ୍ଲା ଦେଇ ଶେଷରେ ମୁମ୍ବାଇରେ ପହଞ୍ଚିବ। ଏହି ଯାତ୍ରାରେ ରାହୁଲ ୬୨୦୦ କିଲୋମିଟର ଅତିକ୍ରମ କରିବେ। ତେବେ ପୂର୍ବଥର ଭଳି ଏହା ସମ୍ପୂର୍ଣ୍ଣ ପଦଯାତ୍ରା ହେବ ନାହିଁ। ଅଧିକାଂଶ ଯାତ୍ରା ବସ୍ ଏବଂ ଅଳ୍ପ କେତେକ ସ୍ଥାନରେ ପଦଯାତ୍ରା କରାଯିବ। ଏହି ଯାତ୍ରା ବେଳେ ରାହୁଲ ଓଡ଼ିଶା ସମେତ ୧୪ଟି ରାଜ୍ୟର ୮୫ଟି ଜିଲ୍ଲାକୁ ଗସ୍ତ କରିବେ। ମଣିପୁର ନାଗାଲାଣ୍ଡ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଉତ୍ତରପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ କଂଗ୍ରେସର ଭାରତ ନ୍ୟାୟ ଯାତ୍ରା ହେବ। ଭାରତ ଯୋଡୋ ଯାତ୍ରାର ଦ୍ୱିତୀୟ ସଂସ୍କରଣ ଭାବରେ ଏହି ଯାତ୍ରା ଆୟୋଜନ ହେବ। ଏ ସମ୍ପର୍କରେ ଦଳୀୟ ମହାସଚିବ ଜୟରାମ ରମେଶ କହିଛନ୍ତି, ଆମେ ଜନତାଙ୍କୁ ଆର୍ଥିକ ଏବଂ ସାମାଜିକ ନ୍ୟାୟ ଦେବା ଲକ୍ଷ୍ୟରେ ଏହି ଯାତ୍ରା ଆୟୋଜନ କରିଛୁ।

ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ:ଏକାଠି ହୋଇପାରୁନାହାନ୍ତି ଶାସକ-ବିରୋଧୀ

# ଆମନ୍ତ୍ରିତ, ଅଣ ଆମନ୍ତ୍ରିତ ନେତାଙ୍କୁ ନେଇ ବିବାଦ

**ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି)**



ବହୁ ପ୍ରତୀକ୍ଷିତ ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଆଉ ମାତ୍ର ଅଳ୍ପ କିଛି ଦିନର ଅପେକ୍ଷା। ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ବେଳେ ଆସନ୍ତା ଜାନୁଆରୀ ୨୨ ତାରିଖରେ ଏହି ଭବ୍ୟ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହିକ୍ରମରେ ଦେଶ ବିଦେଶରୁ ଅତିଥି ନିମନ୍ତ୍ରଣ କାର୍ଯ୍ୟ ଚାଲୁ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ଯେଉଁ ଦଳୀୟ ନେତାଙ୍କୁ ଆମନ୍ତ୍ରଣ କରାଯାଇଛି ଏବଂ ଯେଉଁମାନଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ ତାହାକୁ ନେଇ ଏବେ ବିବାଦ ତେଜିଥିବା ବେଳେ ଆମନ୍ତ୍ରିତ ନେତାଙ୍କ ମଧ୍ୟରେ କିଏ ଉତ୍ସବକୁ ଆସିବେ ଏବଂ କିଏ ନ ଆସିବେ ତାହାକୁ ନେଇ ମଧ୍ୟ ରାଜନୀତି ଜୋର ଧରିଛି। ପୂର୍ବରୁ ଚୀନ୍ ବିରୋଧରେ ଗଲୱାନ ସଂଘର୍ଷ କିମ୍ବା ବାଲାକୋଟ୍ ଆକ୍ରମଣ ହେଉ କି କୋଭିଡ୍ ପ୍ରସଙ୍ଗ, ସବୁଥିରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କିନ୍ତୁ ଭାରତ ଭଳି ଦେଶରେ ଏବଂ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ବି ଶାସକ-ବିରୋଧୀ ଏକାଠି ହୋଇ ନପାରିବା ବୁଦ୍ଧିଜୀବୀ ମହଲକୁ ଚିନ୍ତିତ କରିଛି। କୌଣସି ଦଳ ଏହାକୁ ହିନ୍ଦୁତ୍ୱର ଦ୍ୱାହି ଦେଇ ଏହି ଉତ୍ସବକୁ ଆସିବାକୁ ଚାହୁଁ ନଥିଲା ବେଳେ ଅନ୍ୟ କେହି ଏହାକୁ ବିଜେପିର ଷ୍ଟେଜ୍ ଶୋ' କହି ଏଥିରେ ସାମିଲ ହେବାକୁ ମନା କରିଦେଇଛନ୍ତି। ବିଶେଷକରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଏହି ଭବ୍ୟ ଉତ୍ସବକୁ ଉଦଘାଟନ କରିବାକୁ ଯାଉଥିବାରୁ ଏହାକୁ ଅନ୍ୟ ବିରୋଧୀ ଦଳ ବିରୋଧ କରିବା ସହିତ ଉତ୍ସବରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ଗତକାଲି ସିପିଆଇ(ଏମ) ନେତା ସୀତାରାମ ୟେଚୁରୀ ଏବଂ ବ୍ରିନ୍ଦା କରାତ୍ ଏହି ଉତ୍ସବରେ ଯୋଗ ଦେଉ ନଥିବା ରୋକ୍‌ଠୋକ୍ ମନା କରିଦେଇଥିଲେ। ଏହାପରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ମଧ୍ୟ ଉତ୍ସବରେ ଯୋଗ ଦେବାକୁ ମନା କରିଦେଇଛନ୍ତି। କିନ୍ତୁ ଯେଉଁ ଦଳୀୟ ନେତାମାନଙ୍କୁ ଆସିବାକୁ ନିମନ୍ତ୍ରଣ କରାଯାଇଛି ସେମାନଙ୍କ ମଧ୍ୟରୁ ଅନେକ ଯୋଗ ଦେବେ କି ନାହିଁ ତା' ମଧ୍ୟ ନିଶ୍ଚିତ ହୋଇନାହିଁ। କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡ଼ଗେ ଏବଂ ସୋନିଆ ଗାନ୍ଧୀଙ୍କ ଉତ୍ସବକୁ ନିମନ୍ତ୍ରଣ କରାଯାଇଥିଲା ବେଳେ ରାହୁଲ କିମ୍ବା ପ୍ରିୟଙ୍କା ଭଦ୍ରାଙ୍କୁ ନିମନ୍ତ୍ରଣ ଦିଆଯାଇ ନଥିବା କୁହାଯାଉଛି। କିନ୍ତୁ ଖଡ଼ଗେ କିମ୍ବା ସୋନିଆ ଉତ୍ସବରେ ଯୋଗ ଦେବେ କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି। କେବଳ ଏହି ଦୁଇ ନେତା ନୁହେଁ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଜେଡିୟୁ ସୁପ୍ରିମୋ ନୀତୀଶ କୁମାର, ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଭଳି ବହୁ ନିମନ୍ତ୍ରିତ ନେତା ଏହି ଉତ୍ସବକୁ ଆସିବେ କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ନେତାଙ୍କ ଆସିବା ଏବଂ ନ ଆସିବା ପଛରେ ଭୋଟ ବ୍ୟାଙ୍କ କାରଣ ମୁଖ୍ୟ ହୋଇ ରହିଥିବା କୁହାଯାଉଛି।ବହୁ ମୁସଲମାନ ପକ୍ଷ ରାମ ମନ୍ଦିର ପ୍ରତିଷ୍ଠାକୁ ବିରୋଧ କରୁଥିବା ବେଳେ ଏହାକୁ ନେଇ 'ଇଣ୍ଡିଆ' ମେଣ୍ଟର ବହୁ ନେତା ଏହି ଉତ୍ସବକୁ ନ ଆସିବାକୁ ଉତ୍ତମ ମଣୁଛନ୍ତି ବୋଲି କୁହାଯାଉଛି। ବିଶେଷକରି ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ତୁଷ୍ଟୀକରଣ ରାଜନୀତିକୁ ବିରୋଧୀ ନେତାମାନେ ଜୋର ଦେଉଥିବାରୁ ଦେଶର ଏଭଳି ଏକ ଭବ୍ୟ ଉତ୍ସବରେ ଉପସ୍ଥିତ ରହିବାର ସୁଯୋଗକୁ ମଧ୍ୟ ନେତାମାନେ ହାତଛଡ଼ା କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

● ଉତ୍ସବରେ ନେତାଙ୍କ 'ଇନ୍-ଆଉଟ୍'କୁ ନେଇ ରାଜନୀତି ଜୋର୍
● ଉତ୍ସବକୁ ଆସିବାକୁ ୟେଚୁରୀ, ମମତାଙ୍କ ନା

● ମୁସଲିମ ଲିଗ୍ ଜମ୍ମୁ-କଶ୍ମୀର ସଂଗଠନ ନିଷିଦ୍ଧ ଘୋଷିତ

ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ କେନ୍ଦ୍ର ସରକାର ଜମ୍ମୁ କାଶ୍ମୀରର ଆଉ ଏକ ପ୍ରମୁଖ ସଂଗଠନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଠାକାର ମୁସଲିମ ଲିଗ୍ ଜମ୍ମୁ କାଶ୍ମରୀ (ମସରତ ଆଲମ ଗୋଷ୍ଠୀ)ର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହମନ୍ତ୍ରାଳୟ ଏହି ସଂଗଠନକୁ ବେଆଇନ ଘୋଷଣା କରିଛି। ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଘୋଷଣା କରିଛନ୍ତି। ଏହି ସଙ୍ଗଠନ ଏବଂ ଏହାର ସଦସ୍ୟମାନେ ଜମ୍ମୁ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡିତ ରହିବା ସହିତ ଏଠାରେ ସକ୍ରିୟ ରହିଥିବା ଆତଙ୍କବାଦୀ ଗୋଷ୍ଠୀଙ୍କୁ ସମର୍ଥନ କରୁଥିବା ଅଭିଯୋଗ ହେବା ପରେ ଏହା ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ଆଗାମୀ ୫ ବର୍ଷ ପାଇଁ ଏହି ଦଳକୁ ବେଆଇନ ଘୋଷଣା କରାଯାଇଥିବା ଶ୍ରୀ ଶାହ ଟ୍ୱିଟ କରି କହିଛନ୍ତି। ଏହି ସଂଗଠନର ସଦସ୍ୟମାନେ ଜମ୍ମୁ କାଶ୍ମୀରରେ ଆତଙ୍କବାଦକୁ ସହାୟତା କରିବା ସହିତ ଏଠାରେ ଇସଲାମିକ ଆଇନ ପ୍ରଣୟନ ସମ୍ପର୍କରେ ଲୋକଙ୍କୁ ଉସୁକାଉଥିବା ସେ କହିଛନ୍ତି।

## ସ୍ୱାମୀ ସାମ୍ନାରେ ସିନ୍ଦୂର ପୋଛିବା ଛାଡ଼ପତ୍ରର ଆଧାର: ହାଇକୋର୍ଟ

**ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):** ଛାଡ଼ପତ୍ରର ୨ଟି ଅଲଗା ଅଲଗା ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱାମୀଙ୍କ ସାମ୍ନାରେ ସ୍ତ୍ରୀ ସିନ୍ଦୂର ପୋଛିବା, କାଚ ଭାଙ୍ଗିଦେବା ଏବଂ ଧଳା ଲୁଗା ପିନ୍ଧି ନିଜକୁ ବିଧବା ଭାବେ ଦର୍ଶାଇବା ଛାଡ଼ପତ୍ରର ପ୍ରମୁଖ କାରଣ ହେବ। ଏହା ଦ୍ୱାରା ସ୍ତ୍ରୀ ହିନ୍ଦୁ ରୀତିନୀତି ମାନୁନାହାନ୍ତି ବୋଲି ଜଣାପଡୁଛି। ସ୍ୱାମୀଙ୍କ ପ୍ରତି ତାଙ୍କର କୌଣସି ଭଲ ପାଇବା ଏବଂ ସମ୍ମାନ ନାହିଁ। ଜଣେ ସ୍ୱାମୀଙ୍କ ପାଇଁ ଏହା କୌଣସି ମାନିସକ ଆଘାତ ଏବଂ ଉତ୍ପୀଡ଼ନ ଠାରୁ କମ୍‌ନୁହେଁ ବୋଲି ଜଷ୍ଟିସ ସୁରେଶ କୈତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଛାଡ଼ପତ୍ରର ଅନ୍ୟ ଏକ ମାମଲାରେ ହାଇକୋର୍ଟ କହିଛନ୍ତି ଯେ ସ୍ୱାମୀଙ୍କ ଉପରେ ନପୁଂସକର ମିଥ୍ୟା ଅଭିଯୋଗ ଲଗାଇବା ନିଷ୍ଠୁରତା। ଏହା ସାବ୍ୟସ୍ତ କରିବା ପାଇଁ ମେଡିକାଲ ପରୀକ୍ଷଣ କରିବାକୁ ସ୍ତ୍ରୀ ବାଧ୍ୟ କରିବା ମାନସିକ ନିର୍ଯାତନା। ଏଭଳି ବ୍ୟବହାର ଛାଡ଼ପତ୍ରର ପ୍ରମୁଖ ଆଧାର ହୋଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏହା ସହିତ ଛାଡ଼ପତ୍ର ରଦ୍ଦ କରିବାକୁ ମହିଳା କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି।

ମଣିଷ ଜୀବନରେ ଗପର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଠିନ ସ୍ଥିତିରେ ଏହାର ଆବଶ୍ୟକତା ଆହୁରି ଅଧିକ। -ଟିମ୍ ଓ ବ୍ରେନ୍



ସକାଳ
THE SAKALA

## ମଧ୍ୟପ୍ରାଚ୍ୟରେ ଅସ୍ଥିର ଭୂ-ରାଜନୀତି

# ଶାନ୍ତି ପାଇଁ ଭାରତର ଉଦ୍ୟମ ଜରୁରୀ

ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ଇରାନ୍, ସିରିଆ ଓ ୟେମେନ୍‌ର ପରୋକ୍ଷ ଅଂଶଗ୍ରହଣ ପଶ୍ଚିମ-ଏସିଆ ସ୍ଥିତିକୁ ଅଧିକ ଜଟିଳ କରିବା ସହିତ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିରତାକୁ ବିପନ୍ନ କରିବାର ଆଶଙ୍କା ସୃଷ୍ଟି କରିଛି। ଆମେରିକା ଏହି ଲଢ଼େଇରେ ପ୍ରତ୍ୟକ୍ଷ ଭାବେ ଇସ୍ରାଏଲ୍ ସହିତ ରହିଥିବା ବେଳେ ହମାସ୍‌କୁ ସିରିଆ, ଇରାନ୍, ୟେମେନ୍ ସାହାଯ୍ୟ କରୁଛନ୍ତି। ଏହି ତିନିଦେଶର ଉଗ୍ରପନ୍ଥୀ ଗୋଷ୍ଠୀମାନେ ଏବେ ହମାସ ସପକ୍ଷରେ ଲଢ଼େଇ କରିବା ସହିତ ସମଗ୍ର ଅଞ୍ଚଳରେ ୧୯୪୮ ର ସ୍ଥିତିର ପୁନରାବୃତ୍ତି କରିବାକୁ ଚାହୁଁଛନ୍ତି। ଗତ ସପ୍ତାହରେ ଲୋହିତ ସାଗର ଓ ବାବ୍-ଏଲ୍-ମାନଦେବ ପ୍ରଣାଳୀରେ ତୈଳ ଓ ପଣ୍ୟବାହୀ ଜାହାଜ ଉପରେ ସିରିଆ ଓ ୟେମେନ୍‌ରେ ସକ୍ରିୟ ଥିବା ଇରାନ୍‌ର କେତେକ ଉଗ୍ରବାଦୀ ସଂଗଠନ ଡ୍ରୋନ୍ ଆକ୍ରମଣ କରିଛନ୍ତି। ହାଇତି ବିଦ୍ରୋହୀମାନେ ମଧ୍ୟ ଏଭଳି ଆକ୍ରମଣରେ ସାମିଲ୍ ହୋଇଥିବା ଖବର ମିଳିଛି। ଭାରତକୁ ଆସୁଥିବା ତୈଳବାହୀ ଜାହାଜ ଉପରେ ମଧ୍ୟ ଇରାନୀ ଡ୍ରୋନ୍ ଅକ୍ରାମଣ କରାଯାଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭଳି ହମାସ୍-ଇସ୍ରାଏଲ୍ ଲଢ଼େଇରେ ଭାରତ ପକ୍ଷଭୁକ୍ତ ହୋଇନାହିଁ। ଏହାସତ୍ତ୍ୱେ ଭାରତୀୟ ତୈଳବାହୀ ଜାହାଜକୁ ଆମ୍ରକମଣ କରିବା ପଛରେ ଇରାନ୍ ଓ ତାହାର ମିତ୍ରରାଷ୍ଟ୍ରଙ୍କର ଅଭିସନ୍ଧି ସ୍ପଷ୍ଟ। ଭାରତ-ମଧ୍ୟପ୍ରାଚ୍ୟ ଅର୍ଥନୈତିକ କରିଡର(ଆଇଏମ୍‌ଇସି), ଯାହା ନିର୍ମିତ ହେଲେ ସମଗ୍ର ଅଞ୍ଚଳର ଭାଗ୍ୟ ବଦଳିଯିବ. ତାହାକୁ ବିଘ୍ନିତ କରିବାକୁ ଏଭଳି ଆକ୍ରମଣ ଯେ କରାଯାଉଛି ତାହା ବୁଝିବାକୁ ବାକି ନାହିଁ। ସମଗ୍ର ଘଟଣା ପଛରେ ଚୀନର ପ୍ରଚ୍ଛନ୍ନ ହାତ ମଧ୍ୟ ରହିଛି। କାରଣ ଆଇଏମ୍‌ଇସି ଚୀନ୍‌ର ନୂଆ ସିଲ୍କ ରୁଟ୍ ବା 'ବେଲଟ୍ ଆଣ୍ଡ ରୋଡ୍' ପ୍ରକଳ୍ପ ପାଇଁ ବିପଦ ସୃଷ୍ଟି କରୁଛି।

ରୁଷିଆ-ୟୁକ୍ରେନ୍ ଲଢ଼େଇ ତୃତୀୟ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ଏହାର ପରିସମାପ୍ତି ସୂଚନା ମଳୁନାହିଁ। ତେଣେ ହମାସ୍-ଇସ୍ରାଏଲ୍ ଯୁଦ୍ଧ ମଧ୍ୟ ନିକଟ ଭବିଷ୍ୟତରେ ବନ୍ଦ ହେବା ସମ୍ଭାବନା କ୍ଷୀଣତର ହେଉଛି। ହମାସ୍ ମୁଣ୍ଡ ନୁଆଁଇବାକୁ ଚାହୁଁନାହିଁ। କାରଣ ତା' ପଛରେ ଆରବ ରାଷ୍ଟ୍ରର ଆର୍ଥିକ ଓ ସାମରିକ ଗୁପ୍ତ ସହାୟତା ରହିଛି। ଏଭଳି ସ୍ଥିତିରେ ଲୋହିତ ସାଗର, ହର୍ମୁଦ ଉପସାଗର... ଓ ଭୂମଧ୍ୟ ସାଗର ଅଞ୍ଚଳରେ ତୈଳ ଓ ପଣ୍ୟବାହୀ ଜାହାଜ ଉପରେ ଡ୍ରୋନ ଆକ୍ରମଣ କରି ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିବାର ଏକ ରୀତିମତ ଷଡ଼ଯନ୍ତ୍ର ଚାଲିଛି। ଏଥିରେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଚତୁରତାର ସହ ନିୟୋଜିତ କରଯାଉଛି। ବିଶ୍ୱର ଯୋଗାଣ ଶୃଙ୍ଖଳା ବ୍ୟାହତ ହେବା, ବିଶେଷକରି ତୈଳ କାରବାର ଉପରେ ବିପଦ ଦେଖା ଦେଲେ ଭାରତ ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ରର ଅର୍ଥନୀତି ଗୁରୁତର ପ୍ରଭାବିତ ହେବ। ସେହିଭଳି ସମଗ୍ର ବିଶ୍ୱରେ ଖାଦ୍ୟ ସଙ୍କଟ ଉତ୍କଟ ଆକାର ଧାରଣ କରିବ। ତେଣୁ ଏହି ଡ୍ରୋନ୍ ଆକ୍ରମଣ ପଛରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ରହିଥିବା ମନେ ହେଉଛି। ଏବେ ପରିସ୍ଥିତି ଯାହା, ସେଥିରେ ଭାରତ ଓ ଆମେରିକା ଭଳି ପ୍ରଭାବଶାଳୀ ଦେଶ ଚେଷ୍ଟା କଲେ ମଧ୍ୟ ଇସ୍ରାଏଲ୍ ଏବଂ ରୁଷିଆକୁ ମନାଇ ଯୁଦ୍ଧ ବିରତି ଆଣି ପାରିବେ ନାହିଁ। ତେଣେ ୨୦୨୪ରେ ଭାରତ ଓ ଆମରିକାରେ ନିର୍ବାଚନ ହେବ। ନରେନ୍ଦ୍ର ମୋଦୀ ପୁନର୍ବାର କ୍ଷମତାକୁ ଆସିବା ଘେନି ପୂର୍ବାନୁମାନ ହେଉଥିଲେ ମଧ୍ୟ ଆମେରିକାରେ ରାଷ୍ଟ୍ରପତି ଜୋ ବାଇଡେନ ପୁନଃ ନିର୍ବାଚିତ ହେବା ନେଇ ସନ୍ଦେହ ରହିଛି। ଡୋନାଲ୍ଡ ଟ୍ରମ୍ପ ଯଦି ପୁନର୍ବାର ଜିତନ୍ତି ତା' ହେଲେ ବିଶ୍ୱର ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣ ବଦଳି ପାରେ। କିନ୍ତୁ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଟ୍ରମ୍ପଙ୍କ ବିଜୟ ଚାହୁଁନାହାନ୍ତି।

ଉପରକୁ ଯାହା ଦେଖାଯାଉଛି ବାସ୍ତବତା ତା'ଠାରୁ ଭିନ୍ନ। ଶାନ୍ତି ରକ୍ଷା ଓ ଦୁର୍ବଳ ରାଷ୍ଟ୍ରକୁ ସୁରକ୍ଷା ଆଳରେ ଆମେରିକାର ଯେଉଁ କୂଟନୀତି ଅବଲମ୍ବନ କରୁଛି ସେଥିରେ ଯୁଦ୍ଧ ଅଧିକ ବଢ଼ିବ ସିନା କମିବ ନାହିଁ। ଶକ୍ତିଶାଳୀ ରୁଷିଆଠାରୁ ୟୁକ୍ରେନ୍‌କୁ ସୁରକ୍ଷା ଦେବା ଆଳରେ ଆମେରିକା ସେହି ଅଞ୍ଚଳରେ ଯୁଦ୍ଧକୁ ଅଧିକ ଦିନ ପର୍ଯ୍ୟନ୍ତ ଜାରି ରଖିବାକୁ ଚାହୁଁଛି। ଏହାଦ୍ୱାରା ରୁଷ୍ ଦୁର୍ବଳ ହେବ ଏବଂ ଆମେରିକାରେ ପ୍ରତିରକ୍ଷା ଅର୍ଥନୀତି ଆହୁରି ସୁଦୃଢ଼ ହେବ। ସମାନ ନୀତି ଏବେ ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ମଧ୍ୟ ଆମେରିକା ଆପଣେଇଛି। ଏହାଦ୍ୱାରା ଯେ ବିଶ୍ୱ ବାଣିଜ୍ୟ ଓ ଅବଶିଷ୍ଟ ବିଶ୍ୱବାସୀ ପ୍ରଭାବିତ ହେଉଛନ୍ତି ତାହା ମଧ୍ୟ ଆମେରିକା ଭଲ ଭାବରେ ଜାଣିଛି। ଏହାଦ୍ୱାରା ଦେଶଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେଲେ ଆମେରିକାର ଅର୍ଥନୀତି ଆହୁରି ଶକ୍ତିଶାଳୀ ହେବ ଏବଂ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରେ ଆମେରିକାର ପ୍ରଭାବ ଆହୁରି ବଢ଼ି। ଆମେରିକାର ଏହି ନୀତି ସହିତ ସମାନ୍ତରାଳ ଭାବେ ଚୀନ୍ ମଧ୍ୟ ଗତ କିଛିବର୍ଷ ହେଲା ପ୍ରତିଯୋଗିତା ଆରମ୍ଭ କରିଥିବାରୁ ଆମାଗୀ ଦିନରେ ଭୂମଧ୍ୟ ସାଗର, ଲୋହିତ ସାଗର ସମେତ ଆରବ ସାଗର ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଆହୁରି ଅଶାନ୍ତ ହେବାକୁ ଯାଉଛି।

ରୁଷିଆ ଓ ଇସ୍ରାଏଲ୍ ଭାରତର ଦୁଇ ସବୁଠୁ ବିଶ୍ୱସ୍ତ ରାଷ୍ଟ୍ର ଏବେ ନିଜ ଶତ୍ରୁଙ୍କୁ ସହିତ ଯଦ୍ଧରତ ଥିବାବେଳେ ସେ ଦୁଇ ଦେଶକୁ ଭାରତ ବର୍ତ୍ତମାନ ସ୍ଥିତିରେ ରପ୍ତାନି ବଢ଼ାଇବା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଭାତର କାଳେ ଏହି ଦୁଇ ଦେଶକୁ ସାମଗ୍ରୀ ରପ୍ତାନି କରିବ ସେହି ଭୟରେ ଭାରତୀୟ ଜାହାଜ ଉପରେ ଆକ୍ରମଣ କରାଯାଉଥିବା କୁହାଯାଉଛି। ଏହା ଭାରତ ପାଇଁ ଏକ ପରୋକ୍ଷ ଚେତାବନୀ ବୋଲି କୁହାଯାଇପାରେ। ଭାରତର ନୌସାମରିକ ଶକ୍ତି ଓ ସାମର୍ଥ୍ୟ ମାମୁଲି ନୁହେଁ। ନିଜର ଜାହାଜକୁ ସୁରକ୍ଷା ଦେବା ଏବଂ ଆନ୍ତର୍ଜାତିକ ବାଣିଜ୍ୟ ପଥକୁ ସୁରକ୍ଷିତ କରିବାକୁ ଏହା ସମର୍ଥ। ଏଥିପାଇଁ ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଆରବ ସାଗରକୁ ନୌଜାହାଜ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇ ସାରିଲେଣି। ଏହା ସତ୍ତ୍ୱେ ପଶ୍ଚିମ-ଏସିଆର ଆଞ୍ଚଳିକ ଶକ୍ତିମାନେ ଯେତେବେଳେ ଇସ୍ରାଏଲ୍ ବିରୋଧରେ ହମାସ୍‌କୁ ସଦୃଢ଼ କରୁଛନ୍ତି ସେତେବେଳେ ଭାରତ ପାଇଁ ସାମୁଦ୍ରିକ ବାଣିଜ୍ୟ ସୁରକ୍ଷା ବିପଦାପନ୍ନ ହେବା ଆଶଙ୍କା ଅଧିକ। ଯୁଦ୍ଧ ଏକ ସ୍ଥାୟୀ ଘଟଣା କିମ୍ବା ସମାଧାନର ପନ୍ଥା ନୁହେଁ। ଏହା ଦିନେ ନା ଦିନେ ସରିବ ଓ କାହାର ବିଜୟ ସୁନିଶ୍ଚିତ ହେବା ନିଶ୍ଚିତ। ତେବେ ଘଟଣା ଅଧିକ ଅଣାୟତ୍ତ ହୋଇ ଆନ୍ତର୍ଜାତିକ ରୂପ ନେବା ପୂର୍ବରୁ ଏହାର ସମାଧାନ ପାଇଁ ବୈଶ୍ୱିକ ପ୍ରୟାସ ହେବା ଆବଶ୍ୟକ। ଭାରତ ତାହାର ନେତୃତ୍ୱ ନେଉ ଏବଂ ନୂଆବର୍ଷରେ ଏ କ୍ଷେତ୍ରରେ ଏକ ସକାରାତ୍ମକ ପଦକ୍ଷେପ ସୃଷ୍ଟି ହେଉ। ●

# ଐତିହାସିକ ଏ ଦୁର୍ଗ ବାରବାଟୀ...



ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପୁରାତନ କଟକ ନଗରୀରେ ଅବସ୍ଥିତ ବାରବାଟୀ ଦୁର୍ଗ ହେଉଛି ଓଡ଼ିଶା ଜାତିର ସ୍ୱାଭିମାନ। ଏହି ଦୁର୍ଗରେ ଓଡ଼ିଶାର ଏକହଜାର ବର୍ଷର ଇତିହାସ ଲିପିବଦ୍ଧ। ଓଡ଼ିଆ ଜାତିର ଉତ୍ଥାନ, ପତନ, ବୀରତ୍ୱ, ଶୌର୍ଯ୍ୟ, ଗୌରବ, ସମର କାହାଣୀ, ବିପର୍ଯ୍ୟୟ ପ୍ରଭୃତିର ମୂକସାକ୍ଷୀ ବାରବାଟୀ। ବାରବାଟୀ ଦୁର୍ଗ ଦେଖିଲେ ପ୍ରତିଟି ଓଡ଼ିଆ ପ୍ରାଣରେ କମ୍ପନ ସୃଷ୍ଟି ହୁଏ, ବୀରବିକ୍ରମୀ ରାଜା, ସ୍ୱାଭିମାନୀ ପ୍ରଜା ଓ ସମରସଜ୍ଜା ମନେ ପଡ଼ିଯାଏ, ନବତଳ ପ୍ରାସାଦର ଶୋଭା ଝଲସି ଉଠେ। ବୀରଗାଥା, ବୀରକବିତା ଓ ରଣଦୁନ୍ଦୁଭି କର୍ଣ୍ଣଗହ୍ୱରରେ ନିନାଦିତ ହୁଏ ତଥା ଉଚ୍ଚମାଟିଗଦା ଓ ରୁକ୍ଷତିକ୍ତ ପଦା ଦେଖିଲେ ମନ ବିଷେଇ ଉଠେ। କର୍ପୂର ଉଡ଼ିଯାଇଛି, କେବଳ କନାଖଣ୍ଡିକ ପଡ଼ିରହିଛି। ଗୋପବନ୍ଧୁଙ୍କ ଭାଷାରେ 'ବାରବାଟୀ' ହେଉଛି ପ୍ରାଚୀନ ଓଡ଼ିଆ ଜାତିର ଶକ୍ତିଶ୍ମଶାନ, ରାଧାନାଥଙ୍କ ଭାଷାରେ-

**ଉତ୍କଳର ପୂର୍ବକୀର୍ତ୍ତି, ସ୍ମୃତି ପୂତ, ବାରବାଟୀ ଆଜି ସାଜେ ସଜ୍ଜୀଭୂତ / ଐତିହାସିକ ଏ ଦୁର୍ଗ ବାରବାଟୀ, ବୀରରକ୍ତ ପିଣ୍ଡେ ଗଢ଼ା ଯାର ମାଟି।**

ବାରବାଟୀ ଦୁର୍ଗର ଇତିହାସ ସୁପ୍ରାଚୀନ। ସୋମ ବା କେଶରୀ ବଂଶର ରାଜାଗଣ ଚୌଦ୍ୱାରକୁ ଓଡ଼ିଶାର ରାଜଧାନୀ କରିଥିଲେ ଏବଂ ସେଠାରେ ଗୋଟିଏ ଚାରିଦୁଆର ବିଶିଷ୍ଟ ରାଜପ୍ରାସାଦ ନିର୍ମାଣ କରି ନିବାସ କରୁଥିଲେ। ପ୍ରାଚୀନ କଟକନଗରୀ ସେହି ସମୟରେ ଓଡ଼ିଶାର ପ୍ରମୁଖ ବାଣିଜ୍ୟସ୍ଥଳ ଥିଲା। ନଦୀପଥରେ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରୁ ପଣ୍ୟଦ୍ରବ୍ୟ କଟକରେ ଠୁଳ ହେଉଥିଲା। ଓଡ଼ିଆ ସାଧବଗଣ କଟକରୁ ଜାହାଜରେ ପଣ୍ୟଦ୍ରବ୍ୟ ବୋଝେଇ କରି ଦରିଆପାରି ଦେଶମାନଙ୍କୁ ଯାଉଥିଲେ ତଥା ବିଦେଶରୁ ଅସରନ୍ତି ଧନଦୌଲତ ବୋହି ଆଣି ଓଡ଼ିଶାକୁ ସମୃଦ୍ଧ କରିଥିଲେ। ଓଡ଼ିଆମାନଙ୍କର ସାମୁଦ୍ରିକ ବାଣିଜ୍ୟ ଖ୍ରୀଷ୍ଟପୂର୍ବ କାଳରୁ ଚାଲି ଆସୁଥିଲା ବୋଲି ପ୍ରାଚୀନ ଶାସ୍ତ୍ରରେ ଉଲ୍ଲେଖ ରହିଛି। ସେହି ସମୟରେ କର୍ଦ୍ଦମାକ୍ତ କଟକକୁ କଟିକର୍ଦ୍ଦମ ନଗରୀ କୁହାଯାଉଥିଲା। ଏହା ଥିଲା ତତ୍କାଳୀନ ବୃହତ୍ ନଦୀବନ୍ଦର। ସେହି କାଳରୁ କଟକରେ ବାଲିଯାତ୍ରା ଅନୁଷ୍ଠିତ ହୋଇ ଆସୁଛି, ଯହିଁରୁ ପ୍ରମାଣିତ ହୁଏ, କଟକନଗରୀର ଇତିହାସ ଦୁଇହଜାର ବର୍ଷରୁ ପ୍ରାଚୀନ। ଏହି ପ୍ରାଚୀନ କଟକ ନଗରୀରେ ତୁଳସୀପୁର, ବିଡ଼ାନାସୀ, ରାମଗଡ଼, କେଶରପୁର, ରାଣୀହାଟ, ଯୋବ୍ରା, ହରିପୁର, ଶଙ୍କରପୁର, ବିଦ୍ୟାଧରପୁର ଓ ଖପୁରିଆ ପ୍ରଭୃତି ଦଶଗୋଟି ରାଜସ୍ୱଗ୍ରାମ ରହିଥିଲା। ସୋମବଂଶୀ ରାଜନ୍ୟବୃନ୍ଦ ମହାନଦୀ ଓ କାଠଯୋଡ଼ି ନଦୀଦ୍ୱୟର ମଧ୍ୟରେ ଅବସ୍ଥିତ ପୂର୍ବୋକ୍ତ ଦଶଗୋଟି ଗ୍ରାମକୁ ଏକ ସ୍ୱତନ୍ତ୍ର ଦଣ୍ଡପାଟର ବା ଉପଖଣ୍ଡର ମାନ୍ୟତା ପ୍ରଦାନ କରିଥିଲେ। ତତ୍କାଳୀନ ଓଡ଼ିଶାରେ ଜଳେଶ୍ୱର, ରେମୁଣା, ଯାଜପୁର, ଭୀମନଗରୀ, କଳିଙ୍ଗା, ରାଜମାହେନ୍ଦ୍ରୀ ପ୍ରଭୃତି ବଡ଼ ବଡ଼ ଦଣ୍ଡପାଟ ବା ଉପଖଣ୍ଡ ଥିଲେ ହେଁ କଟକନଗରୀର ଏହି ଦଶଗୋଟି ଗ୍ରାମ ବାଣିଜ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର ଦଣ୍ଡପାଟର ମାନ୍ୟତା ପାଇଥିଲା। ଏହି ଦଣ୍ଡପାଟର ନାମ ଥିଲା 'କୋବଣ୍ଡା ଦଣ୍ଡପାଟ'।

କଟକନଗରୀ ନିମିତ୍ତ ବିପତ୍ତି ଥିଲା କାଠଯୋଡ଼ି। ବନ୍ୟା ସମୟରେ ମହାନଦୀର ସୁବିସ୍ତୃତ ବକ୍ଷରେ ବନ୍ୟାଜଳ ତଳକୁ ବୋହିଯାଉଥିଲା, କିନ୍ତୁ କାଠଯୋଡ଼ିର ସଂକୀର୍ଣ୍ଣ ବକ୍ଷ ଥିବାରୁ ଉଦ୍‌ବୃତ୍ତ ବନ୍ୟାଜଳ କଟକନଗରୀରେ ପଶି ବହୁ କ୍ଷତିସାଧନ କରୁଥିଲା। ଉତ୍ତରପାର୍ଶ୍ୱରେ ଥିବା ମହାନଦୀଠାରୁ ଦକ୍ଷିଣପାର୍ଶ୍ୱରେ ଥିବା କାଠଯୋଡ଼ି ନୀଚା ଥିବାରୁ ବେଶୀ ବନ୍ୟାଜଳ କାଠଯୋଡ଼ିରେ ପ୍ରବାହିତ ହେଉଥିଲା ଏବଂ ଉଦ୍‌ବୃତ୍ତ ବନ୍ୟାଜଳ କଟକନଗରୀର ଘରଦ୍ୱାର ଓ ଚାଷଜମି ନଷ୍ଟ କରୁଥିଲା। ସେତେବେଳେ ଚୌଦ୍ୱାରରେ ସୋମବଂଶୀ ରାଜା ଥିଲେ ମର୍କତକେଶରୀ। ବିଡ଼ାନାସୀର ଜଣେ କୃଷକ ବାଇମୁଣ୍ଡି କାଠଯୋଡ଼ିରେ ପଥରବନ୍ଧ ପକାଇ ବନ୍ୟା ଜଳ ରୋକିବାକୁ ଗୁହାରୀ କଲା। ରାଜା ବାଇମୁଣ୍ଡିର ଅନୁରୋଧରେ କାଠଯୋଡ଼ିରେ ପଥର ବନ୍ଧ ନିର୍ମାଣ କଲେ ଏବଂ ଅନୁଭବ କଲେ କଟକରେ ରାଜପ୍ରାସାଦ ନିର୍ମାଣ କଲେ ଶତ୍ରୁମାନେ ନଦୀପାର ହୋଇ ଆକ୍ରମଣ କରିପାରିବେ ନାହିଁ। ରାଜପ୍ରାସାଦ ନିର୍ମାଣ ଉଦ୍ଦେଶ୍ୟ ମର୍କତକେଶରୀ ତୁଳସୀପୁର ଗ୍ରାମର ବାରବାଟୀ ବା ଦୁଇଶତ ଚାଳିଶ ଏକର ପରିମିତ ସ୍ଥାନ ଚିହ୍ନଟ କଲେ। ସେହି ସ୍ଥାନରେ ମର୍କତକେଶରୀ ରାଜପ୍ରାସାଦ ଓ ଦୁର୍ଗ ୯୮୭ ଖ୍ରୀଷ୍ଟାବ୍ଦରେ ନିର୍ମାଣ କଲେ। ସୋମବଂଶର ପରବର୍ତ୍ତୀ ରାଜଗଣ ଏହି ବାରବାଟୀ କଟକରେ ରହିଥିଲେ।

ସୋମବଂଶ ପରେ ଗଙ୍ଗ ସମ୍ରାଟମାନେ ଓଡ଼ିଶା ଶାସନ କଲେ। ସେମାନେ ପ୍ରାଥମିକ ପର୍ଯ୍ୟାୟରେ ଚୌଦ୍ୱାରକୁ ରାଜଧାନୀ କରିଥିଲେ। ଏହି ବଂଶର ତୃତୀୟ ଅନଙ୍ଗଭୀମ ଦେବ ୧୨୧୧ ରୁ ୧୨୩୮ ପର୍ଯ୍ୟନ୍ତ ଓଡ଼ିଶାକୁ ଶାସନ କରିଥିଲେ। ବାରମ୍ବାର ମୁସଲମାନ ଆକ୍ରମଣ ଯୋଗୁଁ ସେ ସ୍ୱରାଜଧାନୀକୁ ଚୌଦ୍ୱାରଠାରୁ ନଦୀ ପରିବେଷ୍ଟିତ ଅଭିନବ ବାରଣାସୀ କଟକକୁ ଉଠାଇ ଆଣିଥିଲେ। ମାଦଳାପାଞ୍ଜିରେ ଲେଖା ଅଛି ଯେ 'ଏ ରାଜା ନଗର ଚଉଦୁଆର କଟକେ ବିଜେ କରିଥାଆନ୍ତି। ଏମନ୍ତରେ ଦିନ କରେ ଏ ରାଜା ମହାନଦୀ ପାର ହୋଇ ଆସି ଏ ନଦୀର ଦକ୍ଷିଣ ତୀରରେ ଦେଖିଲେ କୋଦଣ୍ଡା ଦଣ୍ଡପାଟ ବାରବାଟୀ ଗ୍ରାମ ବିଶେଶ୍ୱର ଦେବଙ୍କ ସାନ୍ନିଧ ଶ୍ୟାମଳପକ୍ଷୀକୁ ବଗ ମାଡ଼ିବସିଅଛି। ଏହା ଦେଖି ରାଜା ବଡ଼ ଆଶ୍ଚର୍ଯ୍ୟ ହୋଇ ଶୁଭଯୋଗ ଦିନରେ ବାରବାଟୀ ଗ୍ରାମରେ ଶୁଭଦେଇ ନଅର ତୋଳାଇଲେ। କଟକର ନାମ ବାରଣାସୀ କଟକ ନାମଦେଇ ନଗର କଟକ ଚଉଦୁଆର ଛାଡ଼ିଆସି ଏ କଟକେ ରହିଲେ। ଥୋକାଏ ବର୍ଷ ଗଲା ଉତ୍ତାରୁ ଏକ ଦିନରେ ରାତ୍ରିରେ ପରମେଶ୍ୱରଙ୍କୁ ସ୍ୱପ୍ନରେ ଦେଖିଲାରୁ ପରମେଶ୍ୱର ଦର୍ଶନକୁ ବିଜେ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଛାମୁରେ ଶାଢ଼ିପ୍ରସାଦ ଲାଗି ହୋଇ ଶ୍ରୀନବରେ ବିଜେ କରି ମୁଦଲ କରାଇଲେ'।

ଏଥିରୁ ପ୍ରମାଣିତ ହୁଏ, ତୃତୀୟ ଅନଙ୍ଗଭୀମ ଦେବ ଚୌଦ୍ୱାର ପରିବର୍ତ୍ତେ କଟକକୁ ଅଧିକ ସୁରକ୍ଷିତ ମଣି ସେଠାରେ ରାଜଧାନୀ ସ୍ଥାପନା କରିଥିଲେ। ସମ୍ଭବତଃ ମର୍କତକେଶରୀ ନିର୍ମାଣ କରିଥିବା ବାରବାଟୀ ରାଜପ୍ରସାଦକୁ ଅନଙ୍ଗଭୀମଦେବ ସୁଦୃଢ଼ କରିଥିଲେ ତଥା ସୈନ୍ୟସାମନ୍ତ, ଅଶ୍ୱ, ହସ୍ତୀ ଓ ଯୁଦ୍ଧ ସାମଗ୍ରୀ ରଖିବା ନିମିତ୍ତ ଅଧିକ ଗୃହ ନିର୍ମାଣ କରିଥିଲେ। ପୂର୍ବୋକ୍ତ ୨୪୦ ଏକର ମଧ୍ୟରୁ ୧୦୨ ଏକରରେ ଅନଙ୍ଗ ଭୀମଦେବ ବାରବାଟୀ ଦୁର୍ଗ ନିର୍ମାଣ କରିଥିଲେ। ଦୁର୍ଗର ସୁଉଚ୍ଚ ପ୍ରାଚୀର ଓ ଜଳ ପରିପୂର୍ଣ୍ଣ ପରିଖା ମଧ୍ୟ ତାଙ୍କ ଦ୍ୱାରା ନିର୍ମିତ। ଦୁର୍ଗର ଅଧିଷ୍ଠାତ୍ରୀ ଭାବରେ ଗଡ଼ଚଣ୍ଡୀଙ୍କୁ ମଧ୍ୟ ସେ ସ୍ଥାପନା କରିଥିଲେ। ବାରବାଟୀ ସନ୍ନିକଟରେ ମହାନଦୀ କୂଳରେ ଚିତ୍ରେଶ୍ୱର ଓ ବିଶ୍ୱେଶ୍ୱରଙ୍କର ମନ୍ଦିର ନିର୍ମାଣ କରିଥଲେ, ଯାହା ବର୍ତ୍ତମାନ ଗଡ଼ଗଡ଼ିଆ ମହାଦେବ ନାମରେ ଖ୍ୟାତ। ବାରବାଟୀ ଦୁର୍ଗ ଭିତରେ ଅନଙ୍ଗଭୀମଦେବ ପୁରୁଷୋତ୍ତମ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପୂର୍ବକ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କ ମଣିବିଗ୍ରହ ପ୍ରତିଷ୍ଠା କରିଥିଲେ। ନଗରୀ ତାମ୍ରପତ୍ର ବର୍ଣ୍ଣନାନୁଯାୟୀ ଏହି ମନ୍ଦିର ପ୍ରତିଷ୍ଠା କାଳରେ ଅନଙ୍ଗଭୀମଦେବ ମହାନଦୀରେ ସ୍ନାନ କରିବା ସମୟରେ ୧୧୫୧ ଶକାବ୍ଦ ବା ୧୨୨୯ ଖ୍ରୀଷ୍ଟାବ୍ଦ ଚୈତ୍ର ମୀନସଂକ୍ରାନ୍ତି ଶନିବାରରେ ସଙ୍କର୍ଷଣ ନନ୍ଦ ଶର୍ମା ନାମକ ଜଣେ ବ୍ରାହ୍ମଣଙ୍କୁ ସାଇଲୋ ବିଷ ଅନ୍ତର୍ଗତ ପୁରଣ ଗ୍ରାମରେ କୋଡ଼ିଏ ବାଟି ଅର୍ଥାତ୍ ଚାରିଶହ ଏକର ଜମି ଦାନ ଦେଇଥିଲେ। ଏହି ଦାନ ଶ୍ରୀପୁରୁଷୋତ୍ତମଙ୍କ ପ୍ରୀତ୍ୟାର୍ଥେ କରାଯାଇଥିଲା। ଏହାବ୍ୟତୀତ ସେ ପୂର୍ବୋକ୍ତ ସଙ୍କର୍ଷଣ ନନ୍ଦଶର୍ମାଙ୍କୁ ୧୨୩୦ରେ ତିରିଶବାଟି ବା ଛଅଶହ ଏକର ଜମି ସାଇଲୋ ବିଷ ଜୟନଗର ଗ୍ରାମରେ, ଅଠରବାଟି ବା ତିନିଶହ ଷାଠିଏ ଏକର ପୁରଣ ଗ୍ରାମରେ ରୁଦ୍ରପାଣି ଶର୍ମାଙ୍କୁ, ପୁରଣ ଗ୍ରାମରେ ପାଞ୍ଚବାଟୀ ବା ଏକଶହ ଏକର ଜମି ସୋମପାଳ ଶର୍ମାଙ୍କୁ ଏବଂ ଶ୍ରୀପୁରୁଷୋତ୍ତମ ମନ୍ଦିର ପ୍ରତିଷ୍ଠା ସମୟରେ ଆଚାର୍ଯ୍ୟ ଚନ୍ଦ୍ରକର ଶର୍ମାଙ୍କୁ ପୁରଣ ଗ୍ରାମରେ ଦୁଇବାଟି ଚାଳିଶ ଏକର ଜମି ଦାନ ଦେଇଥିଲେ। ସେ ମଧ୍ୟ ବିଳାସପୁର ଗ୍ରାମରେ ଦେବଧର ଶର୍ମାଙ୍କୁ ଚାରିବାଟି ଆଠମାଣ ବା ଅଠାଅଶୀ ଏକର ଜମି ଓ କେତେକ ବ୍ରାହ୍ମଣଙ୍କୁ ପାଞ୍ଚବାଟି ବା ଏକଶହ ଏକର ଜମି ଦାନ ଦେଇଥିଲେ। ଦୁଃଖର ବିଷୟ ବାରବାଟୀ ଦୁର୍ଗରେ ଅନଙ୍ଗଭୀମଦେବ ନିର୍ମାଣ କରିଥିବା ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ତୃତୀୟ ଭାନୁଦେବଙ୍କ ଶାସନକାଳରେ ମୁସଲମାନ ଆକ୍ରମଣକାରୀ ଫରୋଜ ସାହା ଧ୍ୱଂସ କରିଦେଇଥିଲା ଓ ମଣିବିଗ୍ରହଙ୍କୁ ନେଇ ଅନ୍ୟତ୍ର ପକାଇ ଦେଇଥିଲା।

ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା ମୁକୁନ୍ଦଦେବ ବାରବାଟୀ ଦୁର୍ଗସ୍ଥ ରାଜପ୍ରାସାଦକୁ ନବତଳ ପ୍ରାସାଦରେ ପରିଣତ କରିଥିଲେ। ମୁକୁନ୍ଦଦେବଙ୍କ ସମସାମୟିକ ସନ୍ଥକବି ଅଚ୍ୟୁତାନନ୍ଦ ଦାସ 'ଗରୁଡ଼ଗୀତା'ରେ ଲେଖିଛନ୍ତି-

**ତେଲଙ୍ଗା ମୁକୁନ୍ଦ ବୋଲି ରାଜା ଗଉଡ଼ ଦେଶରେ ହେବ, ବାରବାଟୀ କିଲ୍ଲା ସେହି ତୋଳାଇବ କୀରତି ରଖିଯିବ।**

ପ୍ରମାଣିତ ହୁଏ ସୁଦକ୍ଷ ଯୁଦ୍ଧବିଶାରଦ ମୁକୁନ୍ଦଦେବଙ୍କ ସାମରିକ ଯୋଜନାନୁସାରେ ବାରବାଟୀ ଦୁର୍ଗ ନୂତନ ପ୍ରକାରରେ ନିର୍ମିତ ହୋଇଥିଲା। ମୁକୁନ୍ଦଦେବ ନିର୍ମାଣ କରିଥିବା ବାରବାଟୀ ଦୁର୍ଗର ଚିହ୍ନବର୍ଣ୍ଣ ସଂପ୍ରତି ନାହିଁ। କେବଳ ବାରବାଟୀଠାରେ ଏକ ପୁରାତନ ଦରଜା ଓ ଚାରିପାଖରେ ବିସ୍ତୃତ ଗଡ଼ଖାଇ ପୋତିହୋଇ ପଡ଼ିରହି ଅତୀତର ଗୌରବମୟ ଇତିହାସକୁ ସୂଚୀତ କରାଉଛି। ମୁସଲମାନ ଶାସକମାନେ ବାରବାଟୀର କୀର୍ତ୍ତିରାଜି ଭାଙ୍ଗି ଦେଇଛନ୍ତି। ୧୭୧୯ରେ ସେହି ଦୁର୍ଗ ମଧ୍ୟରେ ନକବ ମର୍ସିଦ୍ କୁଲିଖାଁ ନିର୍ମାଣ କରିଥିବା ମସ୍‌ଜିଦ୍ ଅଦ୍ୟାବଧି ରହିଛି। ଆକୁଲ ଫାଜଲ ଏହି ନବତଳ ପ୍ରାସାଦ ଦେଖିଥିଲେ। ତାଙ୍କ ବର୍ଣ୍ଣନାନୁଯାୟୀ ପ୍ରଥମ ମହଲାରେ ହାତୀ ଓ ଘୋଡ଼ାମାନେ ରହୁଥିଲେ, ଦ୍ୱିତୀୟ ମହଲାରେ ଯୁଦ୍ଧ ସରଞ୍ଜାମ ତଥା ରକ୍ଷୀ ଓ ପରିଚାର ରହୁଥିଲେ, ତୃତୀୟ ମହଲାରେ ଦୁର୍ଗରକ୍ଷକ ଓ ଦ୍ୱାରରକ୍ଷକ ରହୁଥିଲେ, ଚତୁର୍ଥ ମହଲାରେ ଯୁଦ୍ଧ ସରଞ୍ଜାମ ତିଆରି କାରଖାନା, ପଞ୍ଚମ ମହଲାରେ ପାକଶାଳା, ଷଷ୍ଠ ମହଲାରେ ଅଭ୍ୟର୍ଥନା ଗୃହ, ସପ୍ତମ ମହଲା ପାରିବାରିକ ଗୃହ ରୂପେ ବ୍ୟବହୃତ ହେଉଥିଲା, ଅଷ୍ଟମ ମହଲାରେ ସ୍ତ୍ରୀଲୋକମାନେ ରହୁଥିଲେ ଏବଂ ନବମ ମହଲାରେ ରାଜା ଓ ରାଜ ପରିବାର ନିବାସ କରୁଥିଲେ। ଉଇଲିୟନ୍ ବ୍ରୁଟନ ମଧ୍ୟ ୧୬୩୩ରେ ବାରବାଟୀ ଦୁର୍ଗରେ ମୁକୁନ୍ଦଦେବଙ୍କ ନବତଳ ପ୍ରାସାଦ ଦେଖିଥିବା କଥା ଲେଖିଛନ୍ତି।

ଅନଙ୍ଗଭୀମଦେବ ବାରବାଟୀ ଦୁର୍ଗରୁ ବଙ୍ଗ ନବାବ ଓ କଳଚୁରୀମାନଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିଥିଲେ। ତୃତୀୟପୁତ୍ର ଲାଙ୍ଗୁଳା ନରସିଂହଦେବ ବାରବାଟୀ ଦୁର୍ଗରୁ ବଙ୍ଗ ନବାବ ତୁଘାନ ଖାଁଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିଥିଲେ। ଗଜପତି କପିଳେନ୍ଦ୍ରଦେବ ଏହିଠାରୁ ଦାକ୍ଷିଣାତ୍ୟ ବିଜୟଯାତ୍ରା ଆରମ୍ଭ କରିଥିଲେ। ପୁରୁଷୋତ୍ତମ ଦେବ ଏହି ଦୁର୍ଗରୁ ସୈନ୍ୟସାମନ୍ତଙ୍କ ସହ କାଞ୍ଚି ବିଜୟ ଯାତ୍ରା ଆରମ୍ଭ କରିଥିଲେ ଓ ସେଠାରୁ ସାକ୍ଷୀଗୋପାଳଙ୍କୁ ଆଣି ବାରବାଟୀରେ ଏକ ସ୍ୱତନ୍ତ୍ର ମନ୍ଦିରରେ ରଖିଥିଲେ। ୧୫୧୦ରେ ଶ୍ରୀଚୈତନ୍ୟ ବାରବାଟୀରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିଥିଲେ। ପରବର୍ତ୍ତୀକାଳରେ ସାକ୍ଷୀଗୋପାଳ ଏଠାରୁ ସ୍ଥାନାନ୍ତରିତ ହୋଇ ସଂପ୍ରତି ସତ୍ୟବାଦୀ ନିକଟରେ ଫୁଲଅଲସା ଗ୍ରାମରେ ଭବ୍ୟମନ୍ଦିରରେ ପୂଜା ପାଉଛନ୍ତି। ୧୫୬୮ରେ ଗୋହିରା ଟିକିରୀ ଯୁଦ୍ଧରେ ମୁକୁନ୍ଦଦେବଙ୍କ ନିଧନ ପରେ ଓଡ଼ିଶାର ଗୌରବ ରବି ଅସ୍ତମିତ ହୋଇଗଲେ ତଥା ମୁସଲମାନମାନେ ବାରବାଟୀ ଦୁର୍ଗ ଅଧିକାର କଲେ। ୧୫୯୨ରେ ରାଜା ମାନସିଂହ ମୋଗଲ ପ୍ରତିନିଧି ଭାବରେ ବାରବାଟୀରେ ନିବାସ କରୁଥିଲେ। ତୋଡ଼ରମଲ୍ଲଙ୍କ ପୁତ୍ର କଲ୍ୟାଣମଲ୍ଲ ଓଡ଼ିଶାର ପ୍ରାଦେଶିକ ଶାସକ ଭାବରେ ମୋଗଲଙ୍କ ଦ୍ୱାରା ନିଯୁକ୍ତ ହୋଇ ଏଠାରେ ରହୁଥିଲେ। ୧୬୩୩ରେ ଓଡ଼ିଶା ଶାସକ ଆଗା ମହମ୍ମଦ ବାରବାଟୀ ଦୁର୍ଗରେ ରାଜ କାର୍ଯ୍ୟ ପରିଚାଳନା କରୁଥିଲେ। ୧୭୨୫ରେ ତକୀ ଖାଁ ଖୋରଧା ରାଜା ରାମଚନ୍ଦ୍ର ଦେବଙ୍କୁ ବନ୍ଦୀ କରି ବାରବାଟୀ ଦୁର୍ଗରେ ରଖିଥିଲେ। ୧୭୪୫ରେ ରଘୁଜୀ ଭୌଁସଲା ବାରବାଟୀ ଦୁର୍ଗ ଅଧିକାର କଲେ। ୧୮୦୩ରେ ଇଂରେଜଙ୍କ ତୋପ ଓ କମାଣରେ ବାରବାଟୀ ଦୁର୍ଗ ଭାଙ୍ଗିଥିଲା। କୁଜଙ୍ଗ ରାଜା ଓ ସୁରୁଗୁଡା ରାଜାଙ୍କୁ ଇଂରେଜମାନେ ବନ୍ଦୀ କରି ଏଠାରେ ରଖିଥିଲେ।

ହାଇକୋର୍ଟଙ୍କ ବିବରଣୀରୁ ଜଣାଯାଏ ଯେ ବାରବାଟୀ ଦୁର୍ଗ ଖୁବ୍ ଶକ୍ତିଶାଳୀ ଥିଲା ଏବଂ ଏହାର ପାର୍ଶ୍ୱଦେଶ ଆବୃତ୍ତକରି ୨୦ ଫୁଟ ଜଳ ବିଶିଷ୍ଟ ୩୫ ଫୁଟ୍ ପ୍ରଶସ୍ତ ଏକ ସୁଗଭୀର ପରିଖା ଥିଲା। ୧୮୧୮ରେ ଖୋରଧା ରାଜା ମୁକୁନ୍ଦଦେବ ପୁତ୍ର ସହ ଏଠାରେ ବନ୍ଦୀ ଜୀବନ ବିତାଇ ଥିଲେ। ଇଂରେଜମାନେ ୧୮୨୮ରେ ଗୁପ୍ତଧନ ଖୋଜିବା ଲାଗି ବାରବାଟୀରେ ବ୍ୟାପକ ଅଞ୍ଚଳ ଖୋଳିତାଡ଼ି ଧ୍ୱଂସ କରି ଦେଇଥିଲେ। ପରିଣାମ ସ୍ୱରୂପ ବାରବାଟୀ ଏକ ମାଟିସ୍ତୂପରେ ପରିଣତ ହୋଇଗଲା। କମିଶନର ପାକେନ୍‌ହାମ୍ ୧୮୨୯ରେ ବାରବାଟୀ ଦୁର୍ଗ ଭାଙ୍ଗି ଦୁର୍ଗର ପଥରରେ ରାସ୍ତା ନିର୍ମାଣ କରାଇଥିଲେ। ୧୮୫୫ର ପ୍ରଳୟଙ୍କରୀ ବନ୍ୟାରେ ମହାନଦୀ ଓ କାଠଯୋଡ଼ିର ପଥରବନ୍ଧ ଭାଙ୍ଗିଯିବାରୁ ବାରବାଟୀ ଦୁର୍ଗ ପଥରରେ ପୁନଃନିର୍ମାଣ କରାଗଲା। ୧୮୫୭ ସିପାହୀ ବିଦ୍ରୋହ ସମୟରେ ଇଂରେଜମାନେ ଦୁର୍ଗର ପୂର୍ବପାର୍ଶ୍ୱରୁ ପଥର ଖୋଳାଇ ଗୋଟିଏ ଅସ୍ତ୍ରାଗାର ନିର୍ମାଣ କଲେ। ୧୮୭୩ରେ ବାରବାଟୀ ପଥରରେ ଗୋଟିଏ ଡାକ୍ତରଖାନା ନିର୍ମାଣ ହେଲା। ଇଂରେଜମାନେ ସର୍ବସାଧାରଣଙ୍କୁ ମଧ୍ୟ ବାରବାଟୀ ପଥର ବିକ୍ରୟ କରିଥିଲେ। ୧୯୧୫ରେ ବାରବାଟୀ ଦୁର୍ଗ ସଂରକ୍ଷିତ ପ୍ରତ୍ନବିଭବ ସ୍ୱରୂପରେ ଉଦ୍‌ଘୋଷିତ ହେଲା। ପରବର୍ତ୍ତୀ କାଳରେ ବାରବାଟୀ ଦୁର୍ଗର ଭୂଖନନ ଓ ପ୍ରତ୍ନସର୍ବେକ୍ଷଣ ବହୁବାର ହୋଇଛି, ଯାହା ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ।

୯୮୭ ଠାରୁ ୧୯୪୮ ପର୍ଯ୍ୟନ୍ତ ଦୀର୍ଘ ଏକ ହଜାର ବର୍ଷର ଓଡ଼ିଶା ଇତିହାସର ମୂକସାକ୍ଷୀ ହେଉଛି ବାରବାଟୀ ଦୁର୍ଗ। ଓଡ଼ିଆ ଜାତିର ଗର୍ବ, ଗୌରବ, ବିଜୟ, ପରାଜୟ, ମାନ, ଅପମାନ, ବାଦ, ବିବାଦ, ବିସମ୍ବାଦର ସ୍ମୃତି ବହନ କରି ବାରବାଟୀ ଆଜି ମୃତ ପାହାଡ଼ ସଦୃଶ ପ୍ରତୀୟମାନ।

**ବାରବାଟୀ ଦୁର୍ଗେ ବାଜୁନାହିଁ ବାଜା, ନାହିଁ ଦରବାର ଉଡୁନାହିଁ ଧ୍ୱଜା / ଶୁଭୁନାହିଁ ଆଉ ବୀରଙ୍କ ହୁଙ୍କାର, ବାରବାଟୀ ଆଜି ନିଶ୍ଚଳ ନିଅର। / କରପୂର ଉଡ଼ି ପଡ଼ିଅଛି କନା, ନେତ୍ର ପଥେ ପଡ଼େ ମୁଖଶାଳା ସିନା। / ସୁପ୍ତ ବାରବାଟୀ ମୃତ ଶୈଳପ୍ରାୟେ, କାନ୍ଦୁଛି ଗୁମୁରି ଦୁଃଖିନୀ ପରାୟେ।** ●

# ସ୍କୁଲ୍ ଶିକ୍ଷାରେ ଗପର ଭୂମିକା



ସଂଗ୍ରାମ କେଶରୀ ପୃଷ୍ଟି
ଅନୁଗୋଳ, ମୋ: ୯୪୩୭୫୪୭୧୪୬

ସମାଜର ନିଚ୍ଛକ ଓ ବାସ୍ତବତାର ପ୍ରତିଫଳନ ହେଉଛି ଗପ। ପ୍ରତିଟି ଗପ ଭିତରେ ଆମେ କେଉଁଠି ନା କେଉଁଠି ନିଜକୁ ଦେଖିବାର ସୁଯୋଗ ପାଇଥାଉ। ଏହା ଆନନ୍ଦ ସହିତ ଦିଏ ମନୋରଞ୍ଜନ। କ୍ଷଣିକ ମଧ୍ୟରେ ଭାବନା ରାଇଜରେ ବିଚରଣ କରିବା ପାଇଁ ଏହା ଅଭୂତପୂର୍ବ ସୁଯୋଗ ଆଣିଦିଏ। ଏହି ଦୃଷ୍ଟିକୋଣରୁ ଗପ ସହିତ ଆମର ଭାବଗତ ସଂପର୍କ ରହିଆସିଛି କାହିଁ କେଉଁ କାଳରୁ। ଗପ ମଧ୍ୟ ପାଠକୀୟ ତୃଷା ନିବାରଣ ଦିଗରେ ବିଶେଷ ଭୂମିକା ଗ୍ରହଣ କରିଥାଏ। 'ତା' ପରେ କ'ଣ ହେବ?'ର ପ୍ରଶ୍ନବାଚୀଟିଏ ଅହରହ ଉଙ୍କିମାରୁଥାଏ ମାନସପଟରେ। ଏହି ପ୍ରଶ୍ନବାଚୀ ମଧ୍ୟରେ ଗପ କ୍ରମଶଃ ଗତି କରୁଥାଏ ଆଗକୁ ଆଗକୁ। ଯେଉଁ ଗପରେ ଉତ୍କଣ୍ଠାର ମାତ୍ରା ଯେତିକି ଅଧିକ, ସେ ଗପ ସେତିକି ପ୍ରଭାବଶାଳୀ। ଗପର ଭୂମିକା ଜୀବନ ଓ ସମାଜର ସବୁକ୍ଷେତ୍ରରେ ସବୁ ସ୍ତରରେ ଥିବା ବେଳେ ଶିକ୍ଷାଦାନରେ ମଧ୍ୟ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ତେବେ ଆଧୁନିକ ଶିକ୍ଷାର ପ୍ରଚଳନ ପରେ ଶିକ୍ଷାରେ ଗପ କ୍ରମଶଃ ତାହାର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବାର ଦେଖାଗଲା। ବିଦ୍ୟାଳୟ ଶିକ୍ଷା ପଦ୍ଧତିରେ ତା'କୁ ସେତେଟା ପ୍ରାଧାନ୍ୟ ଦିଆଗଲା ନାହିଁ। ତେଣୁ ପୁସ୍ତକଗତ ବିଦ୍ୟାକୁ ଆୟତ୍ତ କରିବାକୁ ସମସ୍ତେ ଶ୍ରେଷ୍ଠ ବୋଲି ଧରିନେଲେ। ପରୋକ୍ଷରେ ଶିଶୁ ମନରେ ଗପ ଶୁଣିବାର ଇଚ୍ଛା ଟିକକ ମାରି ଦିଆଗଲା। ଗପ ପିଲାଙ୍କ ପାଇଁ ଅନାବଶ୍ୟକ ବୋଲି ତା ମନରେ ଭର୍ତ୍ତି କରିଦିଆଗଲା।

ଶିକ୍ଷାୟତନ ବ୍ୟତିରେକ ଶିଶୁ ପାଇଁ ଗପର ଖୋରାକ ଯୋଗାଉଥିଲେ ଜେଜେମା' କିମ୍ବା ଆଈ। ସଞ୍ଜ ନଇଁଗଲେ ତାଙ୍କ ପାଖରେ ପହଞ୍ଚି ଯାଉଥିଲେ ନାତିନାତୁଣୀ। ବୁଢ଼ୀମା' ଖୋଲି ଦେଉଥିଲେ ଗପର ପସରା। ଗପ ସେଇଠି ଶେଷ ହେଲା ବୋଲି ବୁଝାପଡ଼ିବ ଯେତେବେଳେକି ବୁଢ଼ୀମା କହିବେ - 'ମୋ ଗପଟି ସଇଲା ଫୁଲ ଗଛଟି ମରିଲା।' ହେଲେ ପିଲାଏ କି ଛାଡ଼ନ୍ତି! ଆଉ ଗୋଟିଏ ଗପ ଶୁଣାଇବାକୁ ଅଳିକରି ବସନ୍ତି। ତେବେ ପୁଣି କାଲି ଗପ କହିବାକୁ ଏକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇ ଗପପେଡ଼ିକୁ ବନ୍ଦ କରିଦିଅନ୍ତି ବୁଢ଼ୀମା। ଏହା ଭିତରେ ଗପ ଶୁଣିଶୁଣି ପିଲାଟି ଯେ କେତେବେଳୁ ନିଦମାଉସୀ କୋଳରେ ଆଶ୍ରୟ ନେଇସାରିଲାଣି ସେ ନିଜେ ବି ଜାଣିପାରେ ନାହିଁ। ତେଣେ ସମୁଦାୟ ଗପଟି ଆଙ୍କି ହୋଇଯାଇଥାଏ ପିଲାଙ୍କ ମାନସପଟରେ।

ଗପ ମାଧ୍ୟମରେ ଶିକ୍ଷାଦାନର ଅୟମାରମ୍ଭ ଘଟିଥିଲା ପ୍ରାଚୀନ ଗୁରୁକୁଳ ଶିକ୍ଷାରୁ। ସେତେବେଳେ ବସ୍ତାନି ବୋଝରେ ଆକ୍ରାମାକ୍ରା ହେଉ ନ ଥିଲେ ଶିଶୁ। ବାସ୍ତବଧର୍ମୀ ଶିକ୍ଷାର ମୂଳ ପିଣ୍ଡ ଥିଲା ଗପ। ଯେଉଁଠି ଶିଶୁ ମନୋରଞ୍ଜନ ମାଧ୍ୟମରେ ପାଉଥିଲା ଜ୍ଞାନ। ଅନେକ ମହାନ ବ୍ୟକ୍ତିଙ୍କ ଆତ୍ମଜୀବନୀକୁ ଅନୁଶୀଳନ କଲେ ସେମାନେ କିପରି ଗପ ଶୁଣି ପ୍ରଭାବିତ ହେଉଥିଲେ ସେ କଥା ଜଣାଯାଏ। ମହାନ୍ ସନ୍ଥ, ଗୁରୁଙ୍କଠାରୁ ଆରମ୍ଭ କରି ଅବଧାନଙ୍କ ପର୍ଯ୍ୟନ୍ତ ଶିକ୍ଷାଦାନର ମାଧ୍ୟମ ଭାବରେ ଗପର ଏକ ଧାରା ସୃଷ୍ଟି କରିପାରିଥିଲେ। ଗପ ଶୁଣାଇବାର ଧାରା ଶିଷ୍ୟ ମନରେ ଗଭୀର ରେଖାପାତ କରିପାରୁଥିଲା। ଶିଷ୍ୟର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଓ ଚାରିତ୍ରିକ ସଂଶୋଧନରେ ମଧ୍ୟ ଗପ ବିଶେଷ ଭୂମିକା ଗ୍ରହଣ କରୁଥିଲା।

ଆମ ଜୀବନରେ ଘଟିଥିବା ଗପ ସଂସ୍କୃତିର ଏ ମହାନ ପରମ୍ପରାକୁ ଆମେ ଆମର ଦାୟଦମାନଙ୍କୁ ଦେବା ପାଇଁ ଚାହୁଁନୁ। ଆମ ବିଚାରରେ ଗପ ପଢ଼ିବା ବା ଶୁଣିବା ଅର୍ଥ କୁଆଡ଼େ ସମୟ ନଷ୍ଟ କରିବା। ଗପ କୁଆଡ଼େ ଅବାସ୍ତବ। ଭିତ୍ତିହୀନ ଏହାର ସାମ୍ରାଜ୍ୟ। ଶିକ୍ଷା ସହିତ ଏହାର କୌଣସି ସମ୍ପର୍କ ନାହିଁ। ଏହି ବିଚାରଧାରା ଶିଶୁମାନଙ୍କୁ ଗପ ଶୁଣିବା ଓ ପଢ଼ିବାର ପ୍ରବୃତ୍ତିଠାରୁ ଦୂରେଇ ଦେଇଛି। ଖାଲି ଏତିକି ନୁହେଁ, ଏହା ଭାବଗତ ବିଭେଦ ମଧ୍ୟ ସୃଷ୍ଟି କରୁଛି। ବୁଢ଼ୀମା'ଙ୍କ ପାଖକୁ ଆମ ପିଲାଙ୍କୁ ଗପ ଶୁଣିବାକୁ ଏବେ ଆମେ ଆଉ ଛାଡ଼ିବାପାଇଁ ପ୍ରସ୍ତୁତ ନୋହୁଁ। ଜେଜେ-ଜେଜେମାଙ୍କ, ଅଜା-ଆଈଙ୍କ ସାନିଧ୍ୟରୁ ବଞ୍ଚିତ ଆଜିର ପିଲା। ପୋଥିଗତ ବିଦ୍ୟାକୁ ଶ୍ରେଷ୍ଠତମ ସ୍ଥାନ ଦେବାକୁ ଯାଇ ଆମେ ମହାନ ଗପ ସଂସ୍କୃତିକୁ ହତ୍ୟା କରିବାର ଦୁଃସାହସ କରି ବସିଛୁ।

ଗପର ଏହି ସଂକଟଜନକ ସ୍ଥିତି ଓ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତାକୁ ଉପଲବ୍ଧି କରି ସରକାର ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯୋଜନାର ନାଁ ହେଉଛି 'ଗପ ଶୁଣିବା ଓ କହିବା' କାର୍ଯ୍ୟକ୍ରମ। ଏହାର ମୂଳ ଲକ୍ଷ୍ୟ ହେଉଛି, ପିଲାଙ୍କ ଶୁଣିବା ଓ କହିବା ଅଭ୍ୟାସକୁ ବିକଶିତ କରିବା। ଯୋଜନା ମୁତାବକ ଗପ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପିଲାମାନେ ଗପର ଆନନ୍ଦ ଉପଲବ୍ଧି କରିପାରିବେ। ଏହାଦ୍ୱାରା ପିଲାମାନେ ଗପ ଶୁଣିବା ସହିତ ତାକୁ ମନେରଖି ନିଜେ ଉପସ୍ଥାପନ କରିପାରିବେ। ଏହା ପିଲାଙ୍କ ସୃଜନଶକ୍ତି ବୃଦ୍ଧି କରିବାରେ ବିଶେଷ ସହାୟକ ହୋଇପାରିବ।

ବିଦ୍ୟାଳୟକୁ ଗପ ସଂସ୍କୃତି ଫେରାଇ ଆଣିବା ଦିଗରେ ସରକାରଙ୍କ ଏହି ପଦକ୍ଷେପ ନିଶ୍ଚୟ ଆନନ୍ଦର ବିଷୟ। ଏହା ପିଲାମାନଙ୍କ ସୃଜନଶୀଳତାର ବିକାଶ ସହିତ ଜ୍ଞାନ ଓ ମନୋରଞ୍ଜନ ପ୍ରଦାନ କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ। ସମ୍ଭବତଃ ଏହି ବିଚାରଧାରା ପିଲାମାନଙ୍କୁ ପୁଣିଥରେ ଗପମନସ୍କ କରାଇପାରିବ। ବୁଢ଼ୀମା'ଙ୍କ ଆତ୍ମୀୟତାଭରା ଭରା ଗପ ଶୁଣିବା ପାଇଁ ଏଥର ତାଙ୍କପାଖରେ ଜମିଯିବ ପିଲାଙ୍କ ଗହଳି। ପୁଣି ଥରେ ଖୋଲିଯିବ ଗପ ଗଣ୍ଠିଲି। ନୈତିକ ଶିକ୍ଷା କ୍ଷେତ୍ରରେ ଗପର ଯୋଗଦାନ ନିଶ୍ଚୟ ଉତ୍ସାହ ଓ ପ୍ରେରଣା ଆଣିଦେବ। ଆଶା, ଏଥର ଗପ ପ୍ରତି ଆମ ମନରେ ଥିବା ନକାରାତ୍ମକ ଦୃଷ୍ଟିଭଙ୍ଗୀ ଅବଶ୍ୟ ବଦଳିଯିବ। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ରହସ୍ୟ ଘେରରେ ନରକଙ୍କାଳ







ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉଦ୍ଧାର ହେଉଥିବା ନରକଙ୍କାଳକୁ ନେଇ ଅନେକ ସମୟରେ ଭିନ୍ନଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି । କିଏ କହୁଛି ଗୁଣିଗାରେଡ଼ି କାରଣରୁ ଏସବୁ ନରକଙ୍କାଳ ସଂଖ୍ୟା ବଢ଼ିଚାଲିଛି ତ ଆଉ କିଏ କହୁଛି ହତ୍ୟା କରି ନରକଙ୍କାଳଗୁଡ଼ିକୁ ପରିତ୍ୟକ୍ତ ସ୍ଥାନରେ ପକାଇ ଦିଆଯାଉଛି । ଅଧିକାଂଶ ସମୟରେ ଅଭିଯୋଗ ହେଉଛି ବିଭିନ୍ନ କଲେଜ ଲାବୋରେଟୋରିକୁ ପରୀକ୍ଷା ପାଇଁ ଏବଂ ପାଠପଢ଼ା ପାଇଁ ଆସୁଥିବା ନରକଙ୍କାଳଗୁଡ଼ିକୁ ପରବର୍ତ୍ତୀ ସମୟରେ ଫୋପାଡ଼ି ଦିଆଯାଉଛି । ସବୁଥର ପରି ପୁଲିସ ନରକଙ୍କାଳ ଜବତ କରି ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଉଛନ୍ତି । ସେଠାରେ କଙ୍କାଳ ବହୁଦିନ ଧରି ପଡ଼ିରହୁଥିଲେ ମଧ୍ୟ ତାହା ନଷ୍ଟ ହୋଇଯାଇଥିବାରୁ ସେଥିରୁ ରହସ୍ୟ ଉନ୍ମୋଚନ କରିପାରୁନାହିଁ ପୁଲିସ ।

ପ୍ରସ୍ତୁତି: ସିଦ୍ଧାର୍ଥ

## କଙ୍କାଳ: କେଉଁଠୁ କେବେ...

- ଗତ ଅକ୍ଟୋବର ୨୦ ତାରିଖରେ ଯାଜପୁର ସଦର ଥାନା ନିଶ୍ଚିନ୍ତା ଗାଁରେ କିଛି ପିଲା ଖେଳୁଥିବାବେଳେ ଏକ ନିର୍ମାଣାଧୀନ ପାଣିଟାଙ୍କିରୁ ଦୁଇଟି କଙ୍କାଳ ଦେଖିବାକୁ ପାଇଥିଲେ । ଅନେକ ଏହାକୁ ମାଙ୍କଡ଼ର କଙ୍କାଳ ବୋଲି କହୁଥିଲେ ମଧ୍ୟ ପାଣିଟାଙ୍କିରୁ ମିଳିଥିବା କଙ୍କାଳ ମଣିଷର ନା ମାଙ୍କଡ଼ର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।
- ସେହିଭଳି ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ନିର୍ଗୁଣ୍ଡି ଗ୍ରାମ ବାରବଖରା ଅଞ୍ଚଳର ନୀଳଗିରି ତୋଟାରୁ ଗତ ସେପ୍ଟେମ୍ବର ୯ ତାରିଖରେ ପୁଲିସ ଠାବ କରିଥିଲା ଏକ ନରକଙ୍କାଳ । କିନ୍ତୁ ଏହି କଙ୍କାଳ ସେହି ଗ୍ରାମର ସ୍ୱପ୍ନ ମାଣ୍ଡିକାଙ୍କ ବୋଲି ଜଣାପଡ଼ିଥିଲା । ସେ ବହୁଦିନ ଧରି ମାନସିକ ଭାରସାମ୍ୟ ହରାଇ ଗାଁ ଗାଁ ବୁଲି ରହୁଥିଲେ । ଦୀର୍ଘଦିନ ଧରି ସେ ଗାଁକୁ ଫେରି ନ ଥିବାରୁ ଉଦ୍ଧାର କଙ୍କାଳ ତାଙ୍କର ବୋଲି ପରିବାର ଲୋକେ ଦାବି କରିଥିଲେ । ତେବେ ତାଙ୍କର ମୃତ୍ୟୁର କାରଣକୁ ନେଇ ଏବେ ବି ଉଭୟ ପୁଲିସ ଓ ପରିବାର ଲୋକେ ସନ୍ଦେହ ଭିତରେ ରହିଛନ୍ତି ।
- ଗତ ଅଗଷ୍ଟ ୯ ତାରିଖରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଭୃଙ୍ଗୀଯୋଡ଼ି ପଞ୍ଚାୟତ ଅଡାସରୁ ପାହାଡ଼ ଉପରେ ଏକ ଭାଲିଆ ଗଛରେ ବାଲିଗୁଡା ଥାନା ଅନ୍ତର୍ଗତ ବୋରିକିଆ ଗାଁର ଶାନ୍ତିଲତା ଦିଗାଲଙ୍କ ନରକଙ୍କାଳ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଶାନ୍ତିଲତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ଏବେ ବି ରହସ୍ୟ ଘେରରେ ରହିଯାଇଛି ।
- ଗତ ଅକ୍ଟୋବର ୮ ତାରିଖରେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଗାଁର ରଞ୍ଜନ ସ୍ୱାଇଁ ମଶାଣି ନାଳକୁ ଶୌଚ ହେବାକୁ ଯାଇଥିବାବେଳେ ଜଣେ ବ୍ୟକ୍ତିଙ୍କର ପାଦ ଓ ପଞ୍ଜରା ହାଡ଼ ପାଇଥିଲେ । ପୋଲତଳେ ପଡ଼ିଥିବା ପାଦ ଓ ପଞ୍ଜରା ହାଡ଼ କାହାର ଏବଂ କିଏ ସେ ବ୍ୟକ୍ତି, ହତ୍ୟା ନା ଆତ୍ମହତ୍ୟା କରାଯାଇଛି ତାହା ଏବେ ବି ରହସ୍ୟ ମଧ୍ୟରେ ରହିଯାଇଛି ।
- ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ମହାନିଲହ ଗାଁ ପାଖ ବେଳବାଞ୍ଜି ଜଙ୍ଗଲକୁ ଜଣେ ବ୍ୟକ୍ତି ଛେଳି ଚରାଇବାକୁ ଯାଉଥିବାବେଳେ ସେ ଏକ ନରକଙ୍କାଳ ଦେଖି ପୁଲିସକୁ ଖବର ଦେଇଥିଲେ । ଗତ କିଛିଦିନ ପୂର୍ବରୁ ରାମୁଡ଼ ଗାଁରେ ବୁଲାବୁଲି କରୁଥିବା ଜଣେ ମାନସିକ ବିକୃତ ମହିଳାଙ୍କ ନର କଙ୍କାଳ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କଙ୍କାଳ ପଛର ରହସ୍ୟ ଜଣାପଡ଼ିନାହିଁ ।
- ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ପାଣିଶୁଳିଆ ଗ୍ରାମରେ ଗତ ମାର୍ଚ୍ଚ ୧୧ ତାରିଖରେ ମାଛ ଧରିବା ପାଇଁ ପୋଖରୀ ଶୁଖାଇବା ବେଳେ ଅଖାରେ ଭର୍ତ୍ତି ଥିବା ମଣିଷର ଖପୁରି ଓ ହାଡ଼ ମିଳିଥିଲା । ତେବେ ନରକଙ୍କାଳ କାହାର ଓ କେଉଁ କାରଣ ପାଇଁ ତାଙ୍କୁ ହତ୍ୟା କରି ଏଭଳି ଅମାନବୀୟ ଭାବେ ବସ୍ତାରେ ଭର୍ତ୍ତି କରି ପୋଖରୀକୁ କିଏ ଫିଙ୍ଗିଥିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।



- ଭଦ୍ରକ ଜିଲ୍ଲା ଥାନା ଦେହୁଡ଼ି ଆନନ୍ଦପୁର ଅଞ୍ଚଳରେ ବାଉଁଶ ବୁଦା ଭିତରୁ ଗତ ଫେବୃୟାରୀ ୨ ତାରିଖରେ ମିଳିଥିଲା ନରକଙ୍କାଳ । ସେହି କଙ୍କାଳଟି ନିଖୋଜ ଥିବା ଯୁବକ ଖଗେଶ୍ୱର ନାୟକଙ୍କ ବୋଲି ସନ୍ଦେହ କରାଯାଉଥିଲା । ହାତିବାଡ଼ି ଗାଁର ଯୁବକ ଜଣଙ୍କ ଅନଲାଇନ୍ ଗେମ୍ ଖେଳି ବାପାଙ୍କ ଆକାଉଣ୍ଟରୁ ଟଙ୍କା କଟିଯିବା ପରେ ଉଭାନ ହୋଇଯାଇଥିଲେ । ବାପାଙ୍କୁ ଭୟ କରି କିମ୍ବା ମାନସିକ ଚାପରେ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଇଥିଲା ।
- ଗତ ସେପ୍ଟେମ୍ବର ୨୫ ତାରିଖରେ ଅନୁଗୁଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ପୋକତୁଙ୍ଗା ପଞ୍ଚାୟତର ଭୋକିଲାପାଳର କିଛି ଲୋକ କୌଣସି କାମ ପାଇଁ ଗ୍ରାମ ନିକଟରେ ଥିବା ବଉଳି ନାଳକୁ ଯାଇଥିବା ବେଳେ ସେଠାରେ ଏକ ନରକଙ୍କାଳ ଭାସୁଥିବା ଦେଖିବାକୁ ପାଇଥିଲେ । ଲୋକଙ୍କ କହିବା କଥା ୧୩ ତାରିଖ ଦିନ ଗାଈ ଚରାଇବାକୁ ଯାଇଥିବା ବେଳେ ବଉଳି ନାଳରେ ନନ୍ଦପୁର ପଞ୍ଚାୟତ ମଧୁପୁର ଗ୍ରାମର ନରେଶ ଗୋଚ୍ଛାୟତ ଭାସିଯାଇ ନିଖୋଜ ଥିଲେ । କିନ୍ତୁ ମିଳିଥିବା ନରକଙ୍କାଳ ତାଙ୍କର କି ନୁହେଁ ତାହା ରହସ୍ୟ ଘେରରେ ରହିଥିଲା ।
- ୨୦୨୩ ମସିହା ଏପ୍ରିଲ୍ ୧୩ ତାରିଖରେ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ବାଣିଆ ନିକଟ କାଜୁ ଜଙ୍ଗଲ ମଧ୍ୟରୁ ଏକ ନରକଙ୍କାଳ ଉଦ୍ଧାର ହୋଇଥିଲା । କଙ୍କାଳ ନିକଟରେ ଏକ ବ୍ୟାଗ ପଡ଼ିଥିବା ବେଳେ ଗଛ ଡାଳରୁ ଏକ ସାର୍ଟ ବନ୍ଧାଯାଇଥିଲା । ସେହି ପରିଚୟ ପତ୍ରରୁ କୋମଣ୍ଡ ଗାଁର ମିଟୁ ବେହେରାଙ୍କ ବୋଲି ଜଣାପଡ଼ିଥିଲା । ସେ ଦୀର୍ଘ ୧୧ ଧରି ନିଖୋଜ ଥିଲେ । ତାଙ୍କ ମୃତଦେହ ଉଦ୍ଧାର ବେଳେ ତାହା ସେତେବେଳକୁ ପୂରା ମାଟିରେ ମିଶିଯାଇଛି । କେବଳ ହାଡ଼କୁ ଜବତ କରି ପୁଲିସ ଏଫଏମ୍‌ଟିକୁ ପଠାଇଥିଲା ।

ରାଜ୍ୟର ବିଭିନ୍ନ ଦୁର୍ଗମ ଅଞ୍ଚଳ କଥା ଛାଡ଼ନ୍ତୁ ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ଅଳିଆ ଗଦାରୁ କଙ୍କାଳ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ନଭେମ୍ବର ୨୯ ତାରିଖରେ ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜ ହାଇସ୍କୁଲ ନିକଟରେ ଥିବା ଏକ ଡଷ୍ଟବିନ୍‌ରେ ୩ଶହରୁ ଅଧିକ ହାଡ଼, ଖପୁରୀ ମିଳିଥିଲା । ସକାଳୁ ଜରି ଗୋଟାଳି ଡଷ୍ଟବିନରୁ ଜରି ଖୋଜିବା ପରେ ହାଡ଼, କଙ୍କାଳ ବନ୍ଧା ହୋଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ହାଡ଼ ଖପୁରୀ ଜବତ କରି ଏମ୍ସ ପଠାଇଥିଲେ ପରୀକ୍ଷା ପାଇଁ । ହେଲେ ଆଜି ପର୍ଯ୍ୟନ୍ତ ମଧ୍ୟ ଏହାର ରହସ୍ୟ ହଟିପାରିନି । ୨୦୨୧ ଅକ୍ଟୋବର ୧୫ ତାରିଖରେ ରାମ ମନ୍ଦିର ପଛପଟରେ ଥିବା ଏକ ଅଳିଆଗଦାରେ ଗୋଟିଏ କଟାଗୋଡ଼ ପଡ଼ିଥିବା ଦେଖିବାକୁ ମିଳିଥିଲା । କିଛି ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଗୋଡ଼କୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ହସ୍ପିଟାଲ ପଠାଇଥିଲା । ଏହାକୁ ନିକଟରେ ଥିବା ମେଡିକାଲ୍ କଲେଜ ଫିଙ୍ଗିଥିବା ପୁଲିସ ଅନୁମାନ କରିଥିଲା । ସେହିଭଳି ଗତ ଦୁଇବର୍ଷ ତଳେ ମଞ୍ଚେଶ୍ୱର ଥାନା ପଟିଆ ଇଞ୍ଜଣା ବ୍ରିଜ୍ ତଳୁ ୧୪ଟି ଖପୁରି ଏବଂ ହାଡ଼ ମିଳିବା ପରେ ପୁଣି ସେହି ପ୍ରଶ୍ନ ଉଠିଛି । ସବୁଠାରୁ ବଡ଼କଥା ହେଉଛି ରାଜଧାନୀ ଭୁବନେଶ୍ୱରରୁ ରାଜ୍ୟରୁ ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକେ ଆସୁ ରହୁଥିବାରୁ କେତେବେଳେ କିଏ କେଉଁଠି କାହାର ନରକଙ୍କାଳରୁ କେଉଁଠାରେ ପକାଉଛି ତାହା ଖୋଜି ପାଇବା କାଠିକର ପାଠ ହୋଇପଡୁଛି ।

## ରାଜଧାନୀରୁ ଜବତ ହେଉଛି ମାଲମାଲ ଖପୁରି

### କାର୍ ଭିତରେ ନରକଙ୍କାଳ

୨୦୨୧ ମାର୍ଚ୍ଚ ମାସରେ ଯାଁଳା ଫାଣ୍ଡି ଭିତରୁ ଜବତ କାରରୁ ଜଣେ ମହିଳାଙ୍କ ନରକଙ୍କାଳ ଉଦ୍ଧାର କରାଯାଇଥିଲା । କେହି ହତ୍ୟାକରି କାର୍‌ରେ ରଖି ଦେଇଥିବା ସନ୍ଦେହ କରାଯାଉଥିଲା । ତେବେ ମହିଳାଙ୍କ ପରିଚୟ ପାଇଁ ପୁଲିସ ସ୍କେଚ୍ କରିଥିଲା । ଘଟଣାକୁ ଅନେକଦିନ ବିତି ଯାଇଥିଲେ ମଧ୍ୟ ସେହି କଙ୍କାଳର ପରିଚୟ ମିଳିପାରିନାହିଁ । ତାହା ଏବେ ପୁଲିସ ତଦନ୍ତର ଶୀତଳଭଣ୍ଡାରରେ ପଡ଼ିରହିଛି । ସେହିଭଳି ଚାରିବର୍ଷ ହେବ ମଞ୍ଚେଶ୍ୱର ଥାନା ହାଇଟେକ୍ ଛକ ନିକଟରୁ ନରକଙ୍କାଳ ଜବତ କରାଯାଇଥିଲା । ଏହାକୁ ଜରିରେ ବନ୍ଧା ହୋଇପଡ଼ିଥିଲା । କେହି ବ୍ୟକ୍ତି ଏହାକୁ ଆଣି ରାସ୍ତାକଡ଼ରେ ଫିଙ୍ଗି ଚାଲିଯାଇଥିଲା । ପୁଲିସ ଏହାକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିଲେ ମଧ୍ୟ ସୁଫଳ ମିଳିପାରିନି ।




### ଡିଏନ୍‌ଏ ସମସ୍ୟା

ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମିଳୁଥିବା ନରକଙ୍କାଳ ବହୁ ପୁରାତନ ହୋଇଥିବାରୁ ସେଥିରେ ଡିଏନ୍‌ଏ ପରୀକ୍ଷା କରିବା ସମସ୍ୟା ହୋଇଥାଏ । ଯେଉଁଥିପାଇଁ କଙ୍କାଳ କାହାର ତାହା ଚିହ୍ନଟ ହେବା ଅସମ୍ଭବ ହୋଇପଡୁଛି । ନିଖୋଜ ହୋଇଥିବା ବ୍ୟକ୍ତିଙ୍କ ପରିବାର ଲୋକଙ୍କ ଡିଏନ୍‌ଏ ପରୀକ୍ଷା କଲେ ଜଣାପଡ଼ନ୍ତା କିନ୍ତୁ ତାହା ହୋଇପାରୁ ନ ଥିବାରୁ କଙ୍କାଳକୁ କେବଳ ଫୋରେନ୍‌ସିକ୍ ଲ୍ୟାବ୍‌ରେ ସାଇତି ରଖାଯାଉଛି । କିନ୍ତୁ ପରିଚୟ ଖୋଜି ପାଇପାରୁନି ପୁଲିସ ।



### ୨୦୨୩ ଜାନୁଆରୀ ୧୩ ତାରିଖ

କଟକ ଜିଲ୍ଲା ବାଙ୍କି ଥାନା ଅନ୍ତର୍ଗତ ସାନମୁଣ୍ଡୁଳି ଗ୍ରାମର ଚାରିମାସ ତଳେ ନନ୍ଦକିଶୋର ବେହେରା ନାମକ ଜଣେ ବ୍ୟକ୍ତି ନିଖୋଜ ହେବାର କିଛିଦିନ ପରେ ତାଙ୍କର କଙ୍କାଳର କିଛି ହାଡ଼, ଖପୁରୀ, ସାର୍ଟ ଓ କିଛି ନଷ୍ଟ ହୋଇଥିବା ଟଙ୍କାକୁ ଉଦ୍ଧାର କରାଯାଇଥିଲା । ଯେଉଁ ଘଟଣା ପରବର୍ତ୍ତୀ ସମୟରେ ପର୍ଦ୍ଦାଫାସ ହୋଇଥିଲା । ନନ୍ଦକିଶୋର ଡମପଡ଼ା ଅଭୟାରଣ୍ୟ ଦେଇ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିଲେ । ଘଟଣାସ୍ଥଳରୁ ତାଙ୍କର ବାଇକ୍, ଫେରି ସାମଗ୍ରୀ ଓ ଚପଲକୁ ଜବତ କରାଯାଇଥିଲା । ଭାଗୀପୁର ଫରେଷ୍ଟ କର୍ମଚାରୀ ଜଙ୍ଗଲରେ ଡ୍ୟୁଟି କରିଥିବା ବେଳେ ଘଲବାଙ୍କ ଗ୍ରାମ ନିକଟ ରାଜଗଡ଼ ଗୋଡ଼ଭଙ୍ଗା ବେଙ୍ଗପାଣି ଜଙ୍ଗଲ ମଧ୍ୟରେ ଖପୁରି ହାଡ଼ ଦେଖିଥିଲେ । ବାଙ୍କି ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଏସବୁକୁ ଜବତ କରିଥିଲେ ମଧ୍ୟ ମୃତ୍ୟୁର କାରଣ ଏବେ ବି ରହସ୍ୟ ମଧ୍ୟରେ ରହିଛି ।

- ବାଲେଶ୍ୱର ଜିଲ୍ଲା ବସ୍ତାଥାନା ବରୁଣଗଡ଼ିଆ ପଞ୍ଚାୟତ ଚୋରପଦା ନିକଟରୁ ୨୦୨୩ ଏପ୍ରିଲ୍ ୮ ତାରିଖରେ ୬୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ ଖାଲ ଏକ ନରକଙ୍କାର ମିଳିଥିଲା । ନିକଟରୁ ଏକ ଶାଢ଼ି ମଧ୍ୟ ମିଳିଥିଲା । ତେବେ କେହି ଜଣେ ଦୁର୍ବୃତ୍ତ ମହିଳା ଜଣଙ୍କୁ ହତ୍ୟାକରି ଫିଙ୍ଗି ଦେଇଥିବା ଅନୁମାନ କରାଯାଇଥିଲା । ଏହା ହତ୍ୟା ନା ଆତ୍ମହତ୍ୟା ତାହା ଏବେ ବି ରହସ୍ୟ ଘେରରେ ।
- ଗତ ଫେବୃୟାରୀ ୪ ତାରିଖରେ ପୁରୀ ଜିଲ୍ଲା ଗୋପ ଥାନା ଡଭାର ପଞ୍ଚାୟତର ମୁଗେଇନଦୀବନ୍ଧକଡ଼ରୁନରକଙ୍କାଳଉଦ୍ଧାରହୋଇଥିଲା ।ନଦୀବନ୍ଧକଡ଼ରୁଏକ ମଣିଷର ମୁଣ୍ଡ ଖପୁରି, କଙ୍କାଳ ଏବଂ କିଛି ଦୂରରେ ଖଣ୍ଡ ବିଖଣ୍ଡିତ ହାତର ଛୋଟ ଛୋଟ ହାଡ଼ ପଡ଼ିଥିଲା । ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା ।
- ବାଲେଶ୍ୱର ଜିଲ୍ଲା ସିଳାଂ ଥାନା ପାଣିଶୁଳିଆ ଦୁରୁଣ୍ଡି ଖାଲରୁ ନରକଙ୍କାଳ ବସ୍ତାରୁ ମିଳିଥିଲା । ମାଛ ଧରିବା ପାଇଁ ପୋଖରୀକୁ ଯାଇଥିବା ବେଳେ ଜଣେ ବ୍ୟକ୍ତି ଏକ ବସ୍ତା ପାଇଥିଲେ । ଦୁର୍ବୃତ୍ତ ହତ୍ୟାକରି ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ବସ୍ତାରେ ଫିଙ୍ଗିଥିବା ସନ୍ଦେହ କରାଯାଇଥିଲା ।
- ଗତ ମାର୍ଚ୍ଚ ୩୦ ତାରିଖରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ସହରସିଦା ଗ୍ରାମର ତିନିଜଣ ଯୁବକ ପରିତ୍ୟକ୍ତ ପୋଖରୀରୁ ଜାଲରେ ମାଛ ଧରୁଥିବା ବେଳେ ଜଣେ ବୃଦ୍ଧଙ୍କ କଙ୍କାଳ ଠାବ ହୋଇଥିଲା । ପ୍ରାଥମିକ ତଦନ୍ତ ଜାରି ରଖିଥିଲା ବେଳେ ସେହି କଙ୍କାଳଟି ଗୋପୀମୋହନପୁର ପଞ୍ଚାୟତ ବାସୁଳିଆ ଗ୍ରାମର ଜଣେ ୮୦ ବର୍ଷ ବୟସ୍କା ବୃଦ୍ଧା ଜସ୍ମିନ ମୁର୍ମୁଙ୍କ ବୋଲି ଜଣାପଡ଼ିଥିଲା । କୁହାଯାଉଥିଲା ବୃଦ୍ଧା ଜଣଙ୍କ ୧୫ ଦିନ ତଳୁ ନିଖୋଜ ଥିଲେ । ମୃତ୍ୟୁ ପଛରେ କାରଣ କଣ ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ ।
- ୨୦୨୩ ଅଗଷ୍ଟ ୫ ତାରିଖରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କଙ୍କିଳି ଗ୍ରାମର ସୁନ୍ଦରଖୋଲା ସଂରକ୍ଷିତ ଜଙ୍ଗଲରୁ ନିଖୋଜ ବାଲିପଶି ଗ୍ରାମର ବେଣୁଧର ସାହୁଙ୍କ କଙ୍କାଳ ଠାବ ହୋଇଥିଲା । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରିଥିଲେ ମଧ୍ୟ ଏବେ ବି ମୃତ୍ୟୁର କାରଣ ରହସ୍ୟ ଘେରରେ ରହିଛି ।



- ୨୦୨୨ ସେପ୍ଟେମ୍ବର ୧୫ ତାରିଖରେ କଟକ ଜିଲ୍ଲା ବାଙ୍କି ଥାନା କୁସୁପଙ୍ଗି-ଚକୁଳେଶ୍ୱର ଗାଁ କାଜୁ ଜଙ୍ଗଲରୁ ଏକ ନରକଙ୍କାଳ ଠାବ ହୋଇଥିଲା । ଘଟଣାସ୍ଥଳରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ କୌଣସି ସବିଶେଷ ତଥ୍ୟ ପ୍ରାପ୍ତ ହୋଇ ନ ଥିଲା । ସେହିଭଳି ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ବାଣୁଆସାହି ବାଲି ଆଡ଼ିଆର ଜଙ୍ଗଲରୁ ୨୦୨୨ ଅଗଷ୍ଟ ୧୮ ତାରିଖରେ ମୃଷା ଗିରିଙ୍କ ପୁଅ ନୀଳା ଗିରିଙ୍କ ନରକଙ୍କାଳ ଠାବ ହୋଇଥିଲା । ୨୦୨୨ ଅଗଷ୍ଟ ୨୫ ତାରିଖରେ ପୁରୀ ଜିଲ୍ଲା ମେରାଇନ ଥାନା ତଥା ପୁରୀ କୋଣାର୍କ ବେଳାଭୂମିରୁ ମଧ୍ୟ ନରକଙ୍କାଳ ଉଦ୍ଧାର ହୋଇଛି । ନୂଆନଈ ମୁହାଣଠାରୁ ରାମଚଣ୍ଡୀ ନଈ ମୁହାଣ ଭିତରେ ଏକ କଙ୍କାଳ ପଡ଼ିଥିବା ସ୍ଥାନୀୟଲୋକେ ଦେଖିଥିଲେ । ତେବେ ଏହି କଙ୍କାଳଟି କାହାର ଏବଂ କେଉଁ ପରିସ୍ଥିତିରେ ଏଠାକୁ ଆସିଥିଲା, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲା ।
- ସେହିଭଳି ଗତ ୨୦୨୧ ମସିହା ଜୁଲାଇ ୩୦ ତାରିଖରେ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ସିରିଗିଡ଼ା ପଞ୍ଚାୟତ ଅଧୀନସ୍ଥ କାଳିମା ଗ୍ରାମର ଜଣେ ବ୍ୟକ୍ତି ନାଳକୁ ଶୌଚ ହେବାକୁ ଯାଇଥିବା ବେଳେ ଏକ ବୁଦାମୂଳେ ନରକଙ୍କାଳ ପଡ଼ିଥିବା ଦେଖିବାକୁ ପାଇଥିଲେ । ବହୁଦିନରୁ ନରକଙ୍କାଳଟି ସେହି ସ୍ଥାନରେ ପଡ଼ିରହି ଦୁର୍ଗନ୍ଧ ହେଉଥିବା ବେଳେ କୌଣସି ପରିଚୟ ମିଳିପାରି ନ ଥିଲା । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଗତ ୨୦୨୧ ମସିହା ଜୁଲାଇ ୨୦ ତାରିଖରେ ଏକ କଙ୍କାଳ ପଡ଼ିଥିବାର ଦେଖିବାକୁ ମିଳିଥିଲା । ସେହି ଗାଁର ଦୁଃଶାସନ କଟୁଆଳଙ୍କ ଝିଅ ଶାନ୍ତି କଟୁଆଳ ଦୀର୍ଘ ଏକ ମାସଧରି ନିଖୋଜ ଥିଲେ ବୋଲି ଗାଁ ଲୋକମାନେ କହୁଥିଲା ବେଳେ ଏହା ସେହି ମହିଳାଙ୍କ ନରକଙ୍କାଳ ବୋଲି ଅନୁମାନ କରାଯାଇଥିଲା ।

ଛାୟାଗୀତି




ସୂର୍ଯ୍ୟ ଦେଓ

# ମନୋଜ ଦାସଙ୍କ ସିନେମା ଗୀତ

'ଭାଇ ଭାଇ' ପାଇଁ ସାହିତ୍ୟିକ ମନୋଜ ଦାସଙ୍କ ରଚିତ ଗୀତ 'ଭୁଲନା ଭୁଲନା ସଖୀ ଆରେ' ମଧ୍ୟ ସେହି ଓଡ଼ିଆ ଲୋକଗୀତର ଛାଞ୍ଚ ଦେଇ ଆସିଥିଲା । 'ଝଞ୍ଜା କେତେ ମଉ ବାଆ/ ଆସୁ ଯେତେ ବହିରେ/ ଘୂର୍ଣ୍ଣି ଜଳେ ନୌକା ତୋର ଚାଲୁ ସବୁ ସହିରେ/ ଜୀବନ ପଥେ ପଥେ ଦାଉ ସାଧେ/ ତୋ ସାଥେ ଏ ମହୀରେ/ ବାଉଳା ବାଆର ସୁରେ ସୁରେ/ ବାହି ନେବୁ ନାଆ ଦୂର ପୁରେ' ଏହି ପଙ୍‌କ୍ତିରେ ଥିବା ସୂକ୍ଷ୍ମ ଅନୁରଣନକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ସ୍ପଷ୍ଟ ହୋଇଯିବ ଯେ ଲୋକଗୀତର ଛାଞ୍ଚରେ ଆଧୁନିକତାର ସ୍ପର୍ଶ ଦେବାର ଯେଉଁ ପରମ୍ପରା ମନୋଜ ଦାସ ରୋପଣ କରିଥିଲେ ଏବଂ ଆଶାବାଦର ଯେଉଁ ହର୍ଷ ସ୍ୱର ଆଣିଥିଲେ, ତାହା ଥିଲା ଅନୁପମ । 'ବାଉଳା ବାଆର ସୁରେ ସୁରେ' ପରି ଚମକପ୍ରଦ ସଂଯୋଜନା ଥିଲା ଓଡ଼ିଆ ଚଳଚ୍ଚିତ୍ର ଗୀତରେ ପ୍ରଥମ ଓ ଅନନ୍ୟ । ତେବେ ମନୋଜ ଦାସ ମଧ୍ୟ ଏହି ସମୟସୀମାର ଅଧିକାଂଶ କବିଙ୍କ ପରି ଚଳଚ୍ଚିତ୍ର ଗୀତ ରଚନା ସହ ପରେ ଆଉ ସଂପୃକ୍ତ ହେଲେନାହିଁ । ଏହା ତାଙ୍କ ରଚନାର ଏକମାତ୍ର ଚଳଚ୍ଚିତ୍ର ଗୀତ । ଉଲ୍ଲେଖଯୋଗ୍ୟ ଯେ, ଏହି ସମୟ ସୀମା ପର୍ଯ୍ୟନ୍ତ ଯେତିକି କବି ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନା କରିଛନ୍ତି ସେମାନଙ୍କ ମଧ୍ୟରୁ କେବଳ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ବ୍ୟତୀତ ଅନ୍ୟ କେହି ପରବର୍ତ୍ତୀ ସମୟରେ ଓଡ଼ିଆ ଚଳଚ୍ଚିତ୍ର ସହ ଦୀର୍ଘକାଳୀନ ସଂପର୍କ ରଖିନାହାନ୍ତି ।

## ସିନେମା ଗୀତକୁ ଅକ୍ଷୟ, ଗୁରୁକୃଷ୍ଣ ଓ ନରସିଂହଙ୍କ ପ୍ରବେଶ

୧୯୫୮ରେ ଚିତ୍ରମ୍ ପ୍ରଯୋଜିତ 'ମା' ଚଳଚ୍ଚିତ୍ର ସହ ଯେଉଁ ତିନିଜଣ ଗୀତିକବି ସଂପୃକ୍ତ ହେଲେ ସେମାନେ କିନ୍ତୁ ଦୀର୍ଘକାଳ ଓଡ଼ିଆ ଚଳଚ୍ଚିତ୍ର ଗୀତ ସହ ସଂଯୁକ୍ତ ହୋଇ ରହିଲେ । ନରସିଂହ ମହାପାତ୍ର, ଗୁରୁକୃଷ୍ଣ ଗୋସ୍ୱାମୀ ଓ ଅକ୍ଷୟ ମହାନ୍ତିଙ୍କ ରଚନା 'ମା' ଚଳଚ୍ଚିତ୍ରରେ ସ୍ଥାନିତ ହୋଇଥିଲା । ଗୁରୁକୃଷ୍ଣ ଗୋସ୍ୱାମୀ ଲେଖିଥିଲେ 'ମୁଁ ଯେ ଭାସେ ସପନେ/ ଭରା ତାରା ଗଗନେ' ଓ 'ବେଦନା ସାଗର ତୀରେ' । ନରସିଂହ ମହାପାତ୍ର ଲେଖିଥିଲେ 'ଆରେ ନାଉରୀ ଭାଇ/ ଦେ ନାଆ' ଘାଟେ ଲଗାଇ', 'ଏ ଅଞ୍ଜନ କାହାଣୀ ଶୁଣ ଶୁଣ' ଓ 'ଝୁମ୍ ଝୁମ୍ ଝୁମ୍ ଝୁମ୍ ବାଜେରେ ନୂପୁର' । କବିଚନ୍ଦ୍ରଙ୍କ ଦୁଇଟି ରଚନା 'ଧୀରେ ଧୀରେ ଚଳେ ରାଇ' ଓ 'ନୂଆ ନାଗର ହରବର କରନା' ମଧ୍ୟ 'ମା' ଚଳଚ୍ଚିତ୍ରରେ ସ୍ଥାନିତ ହୋଇଥିଲା । ଅକ୍ଷୟ ମହାନ୍ତିଙ୍କ ରଚିତ 'ଗୋରୀ ଗୋରୀ ଗୋରୀ/ଆଗୋ ନୀଳ ପରୀ' ଗୀତ 'ମା' ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ ଥିଲା ।

ଚିତ୍ରମ୍ ପ୍ରଯୋଜିତ 'ମା'ର ଗୀତ ଓଡ଼ିଆ ଚଳଚ୍ଚିତ୍ର ଗୀତର ଦିଗ ପରିବର୍ତ୍ତନ କଲା । ଲୋକଗୀତ ଶୈଳୀର ଆବରଣରୁ ଓଡ଼ିଆ ଚଳଚ୍ଚିତ୍ର ଗୀତକୁ ମୁକ୍ତ କରି ସେଥିରେ ଆଧୁନିକ ସ୍ୱଚ୍ଛନ୍ଦ ତୁଳ୍ୟମାନ ଯୋଡ଼ିବାର ପ୍ରକ୍ରିୟା 'ମା' ଚଳଚ୍ଚିତ୍ରରୁ ଆରମ୍ଭ ହେଲା । 'ମୋର ମନ ଅଙ୍ଗନେ/ ଆଶା ହୁଏ ବିଭୋର' ଓ 'ତୁମେ ଯେ ଗୋ ସିନ୍ଧୁ/ ମୁଁ ପୂର୍ଣ୍ଣିମା ଇନ୍ଦୁ/ ଜନମେ ଜନମେ ମଧୁଭରା ମିଳନେ/ ମୁଁ ଯେ ଭାସେ ସପନେ ଭରା ତାରା ଗଗନେ' ଏହି ଦୁଇ ପଙ୍‌କ୍ତିରୁ ସ୍ପଷ୍ଟ ଜଣାଯାଏ ଯେ କଳ୍ପନାର ଶଯ୍ୟାରେ ଯେଉଁ ଆଧୁନିକ ସ୍ୱଚ୍ଛନ୍ଦ ତୁଳ୍ୟମାନ ଯୋଡ଼ାଗଲା, ତାହା ସ୍ୱଚ୍ଛନ୍ଦତାବାଦୀ ଗୀତିକବିତା ପର୍ଯ୍ୟାୟର । ବିଶ୍ୱକବି ରବୀନ୍ଦ୍ରନାଥ ବିଶାଳ ସ୍ୱଚ୍ଛନ୍ଦତାବାଦୀ ପୃଷ୍ଠପଟ ଉପରେ ଯେଉଁ ଅଜସ୍ର ପଟ୍ଟଭୂମିକା ଆଙ୍କିଥିଲେ, 'ମା' ଚଳଚ୍ଚିତ୍ରରେ ଗୁରୁକୃଷ୍ଣ ଗୋସ୍ୱାମୀ ଓ ନରସିଂହ ମହାପାତ୍ର ସେହି ପଟ୍ଟଭୂମିକାକୁ ଆଶ୍ରା କରି ଗୀତ ରଚନା କଲେ । ବିଶ୍ୱକବିଙ୍କ 'ଗୋଧୂଳି ଗଗନେ ମେଘେ ଢେକେଛିଲୋ ତାରା' ବା 'ଅକାଶେ ଭରା ସୂର୍ଯ୍ୟ ତାରା'ର ଭାବ ଓ ଗଠନ ଶୈଳୀ ଅନୁସରିତ 'ମା' ଚଳଚ୍ଚିତ୍ରର ଦୁଇଟି ଗୀତରୁ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ରବୀନ୍ଦ୍ର ପ୍ରଭାବର ଅବତାରଣା ହେଲା । ଅକ୍ଷୟ ମହାନ୍ତି କିନ୍ତୁ ଥିଲେ ବ୍ୟତିକ୍ରମ । ଯେଉଁ ଶୈଳୀ ସେ ନିଜ ପ୍ରଥମ ଓଡ଼ିଆ ସିନେମା ଗୀତରେ ରୋପଣ କଲେ, ତାହା ଓଡ଼ିଆ ଗୀତର ମଙ୍ଗ ମୋଡ଼ିଦେଲା । ସେହି ଶୈଳୀ ଓ ଆରୋପଣର ଚର୍ଚ୍ଚା ଆର ଥରକୁ ରହୁ । ■



## 'ଶ୍ରୀ'ରେ ହରିହର



ଜି- ସାର୍ଥକରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଧାରାବାହିକ 'ଶ୍ରୀ' । ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଲୋକପ୍ରିୟ ଡ୍ୟାନ୍ସର ହରିହର ଦାଶ ଓ ଅଭିନେତ୍ରୀ ଦେବିକା ଅରୁନ୍ଧତୀ । ତେବେ ହରିହର ଫିଲ୍ମ, ମ୍ୟୁଜିକ୍ ଭିଡିଓ ତଥା ବିଭିନ୍ନ ଡ୍ୟାନ୍ସ ରିଆଲିଟି ଶୋ'ରେ ନଜର ଆସିସାରିଥିବା ବେଳେ ତାଙ୍କୁ ଢେ଼ର୍ ଦର୍ଶକୀୟ ଆଦୃତି ମଧ୍ୟ ମିଳିଛି । ଏବେ ପ୍ରଥମଥର ପାଇଁ ତାଙ୍କୁ ମେଗା ଧାରାବାହିକରେ ନୂଆ ରୂପରେ ତଥା ଭିନ୍ନ ଏକ ଚରିତ୍ରରେ ଦେଖିବାକୁ ମିଳିବ । ଅନ୍ୟପଟେ ଏହି ଖବର ସାମ୍ନାକୁ ଆସିବା ପରେ ହରିହରଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି । ଜି ସାର୍ଥକରେ ଏହାର ଏକ ଟିଜର୍ ମଧ୍ୟ ଜାରି କରାଯାଇଛି । ଯାହାକୁ ଦର୍ଶକ ମଧ୍ୟ ବେଶ୍ ପସନ୍ଦ କରିଛନ୍ତି । ଟିଜର୍‌ରୁ ଦେଖିବାକୁ ମିଳିଛି, ହରିହର ଗୋଟିଏ କୁନି ଝିଅ ପାଖରେ ଶ୍ରୀ (ଅରୁନ୍ଧତୀ)ଙ୍କୁ ବାହା ହେବା କଥା କହୁଛନ୍ତି । ସେପଟେ ଝିଅଟି ହରିହରଙ୍କୁ କେଉଁ କାମ କରୁଥିବା ପଚାରିବା ସହିତ କେତେ ଟଙ୍କା ଦରମା ପାଉଛ ବୋଲି ପ୍ରଶ୍ନ କରିଛି । 'ଶ୍ରୀ'ର ହାତ ହରିହରଙ୍କୁ ଦେବା ପୂର୍ବରୁ ସେ ଭାବିକି ଜଣାଇବ ବୋଲି ହରିହରଙ୍କୁ କହିଛି । ତେବେ ଏଥିରୁ ଅନୁମାନ କରାଯାଉଛି, ଶ୍ରୀ ଓ କୁନି ଝିଅଟି ମଧ୍ୟରେ ସମ୍ପର୍କର ଏକ ଭିନ୍ନ ପରିଚୟ ରହିଛି । ■

## 'ଆକାଶବାଣୀ'ର ଶୁଭ ମହୁରତ

ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ଶ୍ରୀ ବୀରବଲ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର୍‌ରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆକାଶବାଣୀ' । ଦୁଇଟି ପରିବାରର କାହାଣୀକୁ ନେଇ ସିନେମା ଗତିଶୀଳ ହୋଇଛି । ଏଥିରେ ବନ୍ଧୁତ୍ୱ ଓ ପାରିବାରିକ ବନ୍ଧନକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଥିବା ସିନେମାର ନିର୍ଦ୍ଦେଶକ ତ୍ରିପତି ସାହୁ କହିଛନ୍ତି । ସେହିପରି ଲଭ୍, କମେଡି ତଥା ମଣିଷର ଜୀବନର ବିଭିନ୍ନ ଦିଗକୁ ଦର୍ଶକେ ଏଥିରେ ଦେଖିବାକୁ ପାଇବେ । ରୋହନ ଗର୍ଗଙ୍କ ନିର୍ଦ୍ଦେଶିତ ଏହି ସିନେମାର ସିନେମାଟୋଗ୍ରାଫର୍ ଅଛନ୍ତି ସ୍ୱର୍ଣ୍ଣ ପ୍ରସାଦ (ବୁବୁ) । ଏଥିରେ ରୋହନଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ପୂଜା । ସିନେମାର କାହାଣୀ ଓ ସଂଳାପରେ ଡ. ନିର୍ମଳ ନାୟକ ଥିବା ବେଳେ ସମସ୍ତ ଗୀତ ମଧ୍ୟ ସେ ରଚନା କରିଛନ୍ତି । ଅବଶ୍ୟ ଗୋଟିଏ ହିନ୍ଦୀ ଗୀତକୁ କୁକୁ ପ୍ରଭାସ ଲେଖିଛନ୍ତି । ସେହିପରି ସମସ୍ତ ଗୀତକୁ ସୁମଧୁର ସଙ୍ଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର । ସିନେମାର ବିଭିନ୍ନ ଚରିତ୍ରରେ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା, ନମିତା ଦାସ, ବେବି ପ୍ରଧାନ, ଜୋଜୋ, ଅମର ମହାପାତ୍ର, ରୋସନ ଭରଦ୍ୱାଜ, ପ୍ରତାପ ସୁମନ ମହାରଣା, ମଧୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ■



## 'ଅପରେସନ ୧୨/୧୭'ର ଅଡିଓ ରିଲିଜ୍

ସାଇ ଲୁମ୍ବିନୀ ପ୍ରଡକ୍ସନ୍ ନିର୍ମିତ 'ଅପରେସନ୍ ୧୨/୧୭' ଚଳଚ୍ଚିତ୍ରର ଅଡିଓ ରିଲିଜ୍ ହୋଇଯାଇଛି । ଏହି ଚଳଚ୍ଚିତ୍ରରେ ମୋଟ ୪ଟି ଗୀତ ରହିଛି । ଗୀତିକାର ଅରୁଣ ମନ୍ତ୍ରୀ ଓ ଡକ୍ଟର ନିର୍ମଳ ନାୟକ ଗୀତ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ସିନେମାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଋତୁରାଜ ମହାନ୍ତି, ସତ୍ୟଜିତ୍ ପ୍ରଧାନ, ଅସୀମା ପଣ୍ଡା ଏବଂ ଅନନ୍ୟା ଶ୍ରୀତମ ନନ୍ଦ । ଅଡିଓ ରିଲିଜ୍ ଉତ୍ସବରେ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ପ୍ରଯୋଜିକା ଶୁଭ୍ରା ପଟ୍ଟନାୟକ, ଅଭିନେତା ଶ୍ରେୟାନ, ଅଭିନେତ୍ରୀ ଭୂମିକା, ଗାୟକ ଋତୁରାଜ ମହାନ୍ତି, ଗାୟିକା ଅନନ୍ୟା ଶ୍ରୀତମ ନନ୍ଦ, ଶିଶୁ କଳାକାର କିୟାରା, କାହାଣୀ ଲେଖକ ଦ୍ୱୀପାୟନ ପଟ୍ଟନାୟକ, ସଂଳାପ ଲେଖକ ଦିଲୀପ ଚୌଧୁରୀ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ଅମର ମହାପାତ୍ର, ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ । ■






ବର୍ଷ ଶେଷର ବଡ଼ ଉତ୍ସବ

## ତରଙ୍ଗ ପରିବାର ଆୱାର୍ଡ-୨୦୨୪

ତରଙ୍ଗ ଚ୍ୟାନେଲ୍‌ରେ ଡିସେମ୍ବର ୩୧ରେ ପ୍ରସାରିତ ହେବ 'ତରଙ୍ଗ ପରିବାର ଆୱାର୍ଡ-୨୦୨୪' । ବର୍ଷ ଶେଷରେ ଏହା ହେବ ତରଙ୍ଗର ସବୁଠୁ ବଡ଼ ଉତ୍ସବ । ଦର୍ଶକଙ୍କୁ ଏହା ନାଚ, ଗୀତ, କମେଡି, ଡ୍ରାମାର ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ । ସେହିପରି ଏହି ଉତ୍ସବ ମାଧ୍ୟମରେ କଳାକାରଙ୍କୁ ସେମାନଙ୍କ ବର୍ଷ ତମାମର ପରିଶ୍ରମର ବଡ଼ ଉପଲବ୍ଧି ମିଳିଥାଏ । ତେବେ ଏଥିରେ ଲୋକପ୍ରିୟ ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା, ଶିବାନୀଙ୍କ ଭଳି ଅନ୍ୟାନ୍ୟ ଆଗଧାଡ଼ିର କଳକାରଙ୍କ ଉପସ୍ଥିତି ଏହାକୁ ଅଧିକ ଆକର୍ଷଣୀୟ କରିବ । ସେହିପରି ଧାରାବାହିକର ପ୍ରତ୍ୟେକ ଲୋକପ୍ରିୟ ଯୋଡ଼ିଙ୍କ ନାଚ- ଗୀତରେ ଝୁମିବେ ଦର୍ଶକେ । ଆସନ୍ତା ରବିବାର ସନ୍ଧ୍ୟା ୬ଟାରେ ଏହା ପ୍ରସାରିତ ହେବ । ■







ସାକ୍ଷାତକାର

# "ଦର୍ଶକଙ୍କ ତାଳି ମୋ ପାଇଁ ପ୍ରେରଣା"





## ମାନସ ମହାପାତ୍ର, ଅଭିନେତା

ସ୍ନାତକ ପରେ ସେ ଦିଲ୍ଲୀରେ ଚାକିରି କରୁଥିଲେ, କିନ୍ତୁ କଳା ପ୍ରତି ଦୁର୍ବଳତା ତଥା ମାଟିମୋହ ତାଙ୍କୁ ଓଡ଼ିଶା ଫେରାଇ ଆଣିଲା । ୨୦୧୯ ରେ ରିଆଲିଟି ଶୋ' 'ବିଗ୍ ବ୍ରେକ୍', ଏବଂ 'ସିନେ ଷ୍ଟାର୍ସ କି ଖୋଜ୍'ରେ ସେ ଭାଗନେଲେ । ଏହି ପ୍ଲାଟଫର୍ମରେ ସେ ନିଜର ପ୍ରତିଭା ଦେଖାଇଥିଲେ । ତାଙ୍କ ଭିତରେ ଥିବା କଳା ପ୍ରତିଭା ଯୋଗୁଁ ତାଙ୍କୁ 'ମାୟା' ଧାରାବାହିକରେ ମୁଖ୍ୟ ଚରିତ୍ରରେ କାମ କରିବାକୁ ସୁଯୋଗ ମିଳିଥିଲା । ଏବେ ସେ 'ସୁନାଝିଅ'ରେ ବିଷ୍ଣୁ ଚରିତ୍ରରେ ଘରେ ଘରେ ପରିଚିତ । ଏହି ଯୁବ ଅଭିନେତା ଜଣକ ହେଉଛନ୍ତି ବାରିପଦାର ମାନସ ମହାପାତ୍ର । ହୃଦୟସ୍ପର୍ଶୀ ଅଭିନୟ କରି ଦର୍ଶକଙ୍କ ତାଳିକୁ ପ୍ରେରଣା ମାନୁଥିବା ମାନସଙ୍କ ମୁହଁରୁ ଜାଣିବା ତାଙ୍କ ବିଷୟରେ ।

**ଅଭିନୟ କରିବାକୁ କେବେ ଠୁ ମନ ବଳାଇଲେ?**

- ମୋର ଜନ୍ମ ବାରିପଦାରେ । ଏହି କଳାପ୍ରେମୀ ଭୂମିରୁ ଅନେକ କଳାକାର ଗଢ଼ି ହୋଇଛନ୍ତି । ହୁଏତ ଏହି କଳା ଯୋଗୁଁ ପିଲାଟି ଦିନରୁ ମୋର ଅଭିନୟ ପ୍ରତି ଦୁର୍ବଳତା ରହିଥିଲା । ଦିଲ୍ଲୀରେ ଚାକିରି କରୁଥିଲି । ତା ସହିତ ଥିଏଟର୍‌ରେ ଅଭିନୟ ଶିଖୁଥିଲି । ମଞ୍ଚ ଅଭିନୟର ଅଭିଜ୍ଞତା ନେଇ ନିଜ ମାଟିରେ କିଛି କରିବାକୁ ଇଚ୍ଛା ହୋଇଥିଲା । ତେଣୁ ଓଡ଼ିଶାକୁ ଆସି ବିଭିନ୍ନ ରିଆଲିଟି ଶୋରେ ଭାଗ ନେଇଥିଲି । ଦୃଢ଼ ଇଚ୍ଛାଶକ୍ତି ଆଗେ ସବୁ ବାଧାପ୍ରତିବନ୍ଧକ ହାର୍ ମାନେ । ଏହି ଇଚ୍ଛାକୁ ଅସ୍ତ୍ର କରି ସ୍ୱପ୍ନ ସାକାର କରିବାର ଯାତ୍ରା ଜାରି ରଖିଛି ।

**ପ୍ରଥମେ 'ଲାଇଟ୍- କ୍ୟାମେରା- ଆକ୍ସନ'କୁ କେମିତି ସାମ୍ନା କରିଥିଲେ?**

- ମଞ୍ଚରେ ଅଭିନୟ କରିଥିଲି । ତେଣୁ ଲାଇଟ୍, କ୍ୟାମେରା, ଆକ୍ସନକୁ ସାମ୍ନା କରିବା ମୋ ପାଇଁ ନୂଆ ଥିଲା କିନ୍ତୁ ନିଜକୁ ପ୍ରମାଣିତ କରିବାକୁ କିଛି କରିବାର ଜିଦ ବି ରହିଥିଲା । ଅଭିନୟ କିପରି ଉଚ୍ଚକୋଟୀର ହୋଇପାରିବ, ତାହାକୁ ଗୁରୁତ୍ୱ ଦେଇଥିଲି । ନିଜ କାମକୁ ଅଧିକ ପ୍ରାଧାନ୍ୟ ଦିଏ ।

**'ମାୟା' ଧାରାବାହିକରୁ 'ସୁନାଝିଅ' ପାଇଁ ସୁଯୋଗ ମିଳିଥିଲା କି?**

- 'ମାୟା'ରେ ନାଗେଶ ଚରିତ୍ରରେ ଦର୍ଶକଙ୍କ ଭଲ ପାଇବା ସେମାନଙ୍କ ସ୍ନେହ, ଆଦର ମୋତେ ପୁଣି 'ସୁନାଝିଅ'କୁ ଟାଣି ଆଣିଛି । ଏହି ଧାରାବାହିକର କାହାଣୀ ହିଁ ଦର୍ଶକଙ୍କ ହୃଦୟକୁ ଛୁଇଁଛି । ଏମିତିକି ବ୍ୟବସାୟିକ ଦୃଷ୍ଟିରୁ 'ସୁନାଝିଅ'କୁ ଭଲ ଟିଆର୍‌ପି ମିଳୁଛି । ମୋତେ ମାନସ ନୁହେଁ, ବିଷ୍ଣୁ ଭାବେ ଲୋକେ ଚିହ୍ନୁଛନ୍ତି ।

**'ସୁନାଝିଅ'ରେ ଆଗକୁ କିଛି ଟ୍ୱିଷ୍ଟ ଦେଖିବାକୁ ମିଳିବ କି?**

- ହଁ, ସମାଜରେ ଏକ ମଧ୍ୟବିତ୍ତ ପରିବାରରେ ଝିଅ ନିଜ ସ୍ୱପ୍ନକୁ ପୂରା କରିବାକୁ କିପରି ସଂଘର୍ଷ କରୁଛି, ଆଉ ସେଥିରେ ସଫଳ ହେଉଛି ତାହା ଏହି ଧାରାବାହିକ ମାଧ୍ୟମରେ ଦେଖାଉଛୁ । ମୋ ବିପକ୍ଷରେ ଅଙ୍କିତା ପ୍ରିୟା ଭୂମିକାରେ ସେହି ଚରିତ୍ର ନିଭାଉଛନ୍ତି । ଆଗକୁ ଟ୍ୱିଷ୍ଟ ଦେଖିବାକୁ ନିଶ୍ଚୟ ମିଳିବ ।

**ଅଙ୍କିତାଙ୍କ ସହ ଆପଣଙ୍କ ବଣ୍ଡିଂ କେମିତି?**

- ମୁଁ ବହୁତ ପ୍ରାକ୍ଟିକାଲ୍ । ସୁଟିଂ ସମୟରେ ମୁଁ ବିଷ୍ଣୁ ଆଉ ସୁଟିଂ ସରିଲେ ମୁଁ ମାନସ । କେବଳ ଅଙ୍କିତା ନୁହଁନ୍ତି, ସେଟ୍‌ରେ ସମସ୍ତଙ୍କ ସହ ମୁଁ ମଜାମସ୍ତି କରେ । ମିଳିମିଶି କାମ କରୁ । ପରଦା ବାହାରେ ସାଧାରଣ ଲୋକ ପରି ବଞ୍ଚେ । ମୁଁ ସବୁବେଳେ ମୋର ପେସାଗତ ଓ ବ୍ୟକ୍ତିଗତ ଜୀବନକୁ ଅଲଗା ରଖିଥାଏ ।

**ବଡ଼ ପରଦାରେ କାମ କରିବା ପାଇଁ ଯୋଜନା କରିଛନ୍ତି କି?**

- ଭଲ କାହାଣୀ ଆଉ ଭଲ କାମ ମିଳିଲେ ନିହାତି କରିବି ।

**ସୋସିଆଲ୍ ମିଡିଆରେ କେମିତି ସମୟ ବିତାନ୍ତି?**

- ଆଦୌ ସକ୍ରିୟ ରୁହେନି । ମୋ ଚିନ୍ତାଧାରାରେ ଯଦି ମୁଁ ହୃଦୟସ୍ପର୍ଶୀ ଅଭିନୟ କରିବି ମୋର ଫଲୋର୍ସ ବଢ଼ିବେ । ସେହିପରି ଆଜିର ଯୁବପିଢ଼ିଙ୍କୁ କହିବି ଯେ, ସାମାଜିକ ଗଣମାଧ୍ୟମକୁ ସକାରାତ୍ମକ ଭାବେ ବ୍ୟବହାର କରନ୍ତୁ । କାରଣ ଅଧିକାଂଶ ନଗ୍ନତାକୁ ଗୁରୁତ୍ୱ ଦେଉଛନ୍ତି । ପରିବାର ଓ ସମ୍ପର୍କୀୟଙ୍କ ସହ ସମୟ ନ ବିତାଇ ମୋବାଇଲ୍‌ରେ ବ୍ୟସ୍ତ ରହୁଛନ୍ତି । ଦୁର୍ଘଟଣାସ୍ଥଳରେ ଲୋକେ ମାନବିକତାକୁ ଭୁଲି ଫଟୋ ଭିଡିଓ କରୁଛନ୍ତି । ଏସବୁ ଅଭ୍ୟାସ ଛାଡ଼ିବା ଦରକାର ।

**ମାନସଙ୍କ ଫିଟ୍‌ନେସ୍‌ର ରାଜ?**

- କ୍ୟାମେରା ସାମ୍ନାରେ ସବୁବେଳେ ଫିଟ୍ ରହିବାକୁ ହୁଏ । ଯେହେତୁ କଲେଜ ଜୀବନରୁ ମୁଁ ସନ୍ତୁଳିତ ଖାଦ୍ୟ ଗ୍ରହଣ କରେ । ଆଉ ଅଭିନୟକୁ ଆସିବା ପୂର୍ବରୁ ଜିମ୍ ବା ସ୍କୁଲରେ ଜୁମ୍ବା ଶିଖାଉଥିଲି, ତେଣୁ ଡାଏଟ୍ ମେଣ୍ଟେନ୍ କରେ । ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହେ । ପ୍ରତିଦିନ ସୁଟିଂ ଯିବା ପୂର୍ବରୁ ସ୍ମୁଦି ପିଇ ଯାଏ । ସପ୍ତାହକୁ ଥରେ ଚିଟ୍ ଡେ କରେ ।

**ଡ୍ରିମ୍ ରୋଲ୍ କ'ଣ?**

- ଚରିତ୍ର ଯାହା ବି ଥାଉ, ପାଗଳ ହେଉ କି ରୋମାଣ୍ଟିକ୍ ହିରୋ, ପ୍ରତ୍ୟେକ ଚରିତ୍ରରେ କାମ କରିବାକୁ ପ୍ରାଧାନ୍ୟ ଦେବି ।

**ଜଣେ ଅଭିନେତାଙ୍କ ପାଖେ କ'ଣ ସବୁ ଗୁଣ ରହିବା ଦରକାର?**

- ପ୍ରଥମତଃ ହୃଦୟ ସଫା ହୋଇଥିବ । ଭଲ ମଣିଷ ହେବା ସହ ନିଜ ସକାରାତ୍ମକ ଚିନ୍ତାଧାରାରେ ବଞ୍ଚୁଥିବେ ।

**ଅଭିନୟ ପାଇଁ କେଉଁଠୁ ତାଲିମ ନେଇଛନ୍ତି କି?**

- କଳାକାର ପ୍ରଶଂସା ଶୁଣି ଭଲ କାମ କରନ୍ତି । ଦର୍ଶକଙ୍କ ତାଳି ମୋତେ ପ୍ରେରଣା ଯୋଗାଇଛି । କଳାକାର ପାଇଁ ପାରିଶ୍ରମିକ ଯେତିକି ଆବଶ୍ୟକ, ଦର୍ଶକଙ୍କ ତାଳି ଓ ଭଲପାଇବାର ମଧ୍ୟ ଆବଶ୍ୟକତା ରହିଛି । ମୁଁ ସାଧାରଣ ଲୋକ କିମ୍ବା କଳାକାରଙ୍କ ପାଖରୁ କିଛି ନା କିଛି ଶିଖିଥାଏ ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

- ନିଜ ପାଇଁ ସମୟ ବାହାର କରେ । ସୁଟିଂ ପାଇଁ ଅଧିକ ସମୟ ବିତାଇବାକୁ ପଡୁଥିବାରୁ ମୁଁ ଆରାମ କରେ । ସାଙ୍ଗମାନଙ୍କ ସହିତ ବୁଲାବୁଲି କରେ । ଯେହେତୁ ରୋଷେଇ କରିବାକୁ ଅଧିକ ଭଲ ପାଏ, ତେଣୁ ଘରେ ଥାଏଫୁଡ, ଇଟାଲିୟାନ୍ ଫୁଡ ଓ ଭାରତୀୟ ସ୍ୱାଦିଷ୍ଟ ମିଠା ପିଠାର ନୂଆ ନୂଆ ଆଇଟମ୍ କରି ଅନ୍ୟମାନଙ୍କୁ ଖୁଆଇ ଖୁସି ପାଏ ।

**ଓଡ଼ିଶାର କେଉଁ ଜାଗା ବୁଲିବାକୁ ଭଲ ପାଆନ୍ତି?**

- ପ୍ରକୃତିର ସୌନ୍ଦର୍ଯ୍ୟ କୋଳରେ ସମୟ ବିତାଇବାକୁ ଭଲ ଲାଗେ । ତେଣୁ ଓଡ଼ିଶାର କୋରାପୁଟ, ପୁରୀ, ଜନ୍ମସ୍ଥାନ ମୟୂରଭଞ୍ଜ ବୁଲିବାକୁ ବହୁତ ଭଲ ଲାଗେ ।

**କୋଟିପତି ନା ସାଧାରଣ ଲୋକ, କିପରି ଜୀବନ ଜିଇଁବାକୁ ଚାହାଁନ୍ତି?**

- ଜୀବନ ପାଇଁ ଟଙ୍କା ଯେତିକି ଆବଶ୍ୟକ, ସମ୍ମାନ ଓ ଭଲପାଇବା ମଧ୍ୟ ସେତିକି ଦରକାର । ତେଣୁ କୋଟିପତି ନୁହେଁ, ମାନସମ୍ମାନ ସହିତ ସାଧାରଣ ଲୋକ ପରି ଜିଇଁବାକୁ ପସନ୍ଦ କରିବି । ଜୀବନର ସବୁ ମୁହୂର୍ତ୍ତକୁ ଖୁସିରେ ବଞ୍ଚେ ।

**ନୂଆବର୍ଷ ପାଇଁ ଯୋଜନା?**

- ସବୁଦିନ ପରି ସୁଟିଂ କରିବି । କେବଳ ନୂଆ ବର୍ଷ ପାଇଁ ଯୋଜନା କରେ ତାହା ନୁହେଁ, ଯାହା କରିବି ଆଜି କରିବାକୁ ଠିକ୍ ଭାବେ ।

**ଭବିଷ୍ୟତର ଯୋଜନା?**

- ଭଗବାନଙ୍କ ଆଶୀର୍ବାଦ ସବୁବେଳେ ମୋ ଉପରେ ରହିଛି, ତେଣୁ ମୋ ପାଇଁ ଯାହା ଭଲ ଥିବ ସେ ନିଶ୍ଚେ କରିବେ ବୋଲି ବିଶ୍ୱାସ ରହିଛି । ମୋ ଦର୍ଶକଙ୍କ ଭଲ ପାଇବା ସବୁବେଳେ ଏମିତି ରହିଥାଉ ଏତିକି ପ୍ରଭୁଙ୍କ ପାଖେ ପ୍ରାର୍ଥନା । ■



ପରଦା ପଛର କାହାଣୀ

## 'ବାଦଶାହ'ର ଏକ ଗୀତ ପାଇଁ ସପ୍ତାହେ ଭୋକିଲା ଥିଲେ ଟ୍ୱିଙ୍କଲ୍

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ପତ୍ନୀ ଟ୍ୱିଙ୍କଲ୍ ଖାନ୍ନା ବାହାଘର ପରଠାରୁ ସିନେମା ଜଗତରୁ ଦୂରେଇ ଯାଇଛନ୍ତି । ମାତ୍ର ଜଣେ ଲେଖିକା ଭାବରେ ତାଙ୍କର ବେଶ୍ ଖ୍ୟାତି ରହିଛି । ନିକଟରେ ଟ୍ୱିଙ୍କଲ୍ ତାଙ୍କ ଅଭିନୀତ 'ବାଦଶାହ' ଫିଲ୍ମକୁ ନେଇ ଏକ ଖୁଲାସା କରିଛନ୍ତି । ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିଥିଲେ ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍ । ଏହି ଫିଲ୍ମଟିକୁ ସେତେବେଳେ ଢେର ଦର୍ଶକୀୟ ଆଦୃତି ମିଳିଥିଲା । ସିନେମାର ସୁଟିଂକୁ ନେଇ ଟ୍ୱିଙ୍କଲ୍ କହିଛନ୍ତି ଯେ, ଏହି ସିନେମାର ହିଟ୍ ଗୀତ 'ମହବତ ହୋ ଗୟି ହୈ'ର ସୁଟିଂ ସମୟରେ ଏକ ଆଉଟ୍‌ଫିଟ୍‌ରେ ଫିଟ୍ ଦେଖାଯିବା ପାଇଁ ସେ ଗୋଟିଏ ସପ୍ତାହ ଉପାସରେ ରହିଥିଲେ । ଏହି ସମୟରେ ଟ୍ୱିଙ୍କଲ୍ କେବଳ ଚଣା ହିଁ ଖାଉଥିଲେ । ଲଗାତାର ନ ଖାଇବା ଯୋଗୁଁ ତାଙ୍କର ତାଙ୍କର ଏସିଡିଟି ବଢ଼ି ଯାଇଥିଲା । ଏହି ସମୟରେ ଶାହରୁଖ ତାଙ୍କୁ ଉଠାଇବାର ଏକ ଦୃଶ୍ୟ ଥିଲା । ଏହି ଦୃଶ୍ୟର ସୁଟିଂ କରିବା ସମୟରେ ଟ୍ୱିଙ୍କିଲକୁ ଭୟ ଲାଗିଥିଲା ଯେ, ଅତ୍ୟଧିକ ଗ୍ୟାସ୍ ଯୋଗୁଁ ତାଙ୍କର ପେଟ ଫାଟି ନଯାଉ ।' ସେ ଆହୁରି ମଧ୍ୟ କହିଥିଲେ ଯେ, 'କୌଣସି ସିନେମାରେ ମନୀଷ ମଲହୋତ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଡ୍ରେସ୍ ପିନ୍ଧିବାର ଥିଲେ ମୁଁ ଭୋକିଲା ରହିବା ସହ ପେଟକୁ କମ୍ କରି ଥାଏ ।' ■







## ରୋନିତଙ୍କ ପୁନର୍ବିବାହ

ଲୋକପ୍ରିୟ ଅଭିନେତା ରୋନିତ ରୟଙ୍କ ପୁନଃବିବାହ ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ତାଙ୍କ ବିବାହକୁ ୨୦ ବର୍ଷ ପୂରିଛି । ଆଉ ସେ ତାଙ୍କର ୨୦ତମ ବିବାହ ବାର୍ଷିକୀ ଅବସରରେ ପୁଣି ଥରେ ତାଙ୍କ ପତ୍ନୀ ନୀଲମଙ୍କୁ ବାହା ହୋଇଛନ୍ତି । ଡିସେମ୍ବର ୨୫ରେ ରୋନିତ ନୀଲମ୍‌ଙ୍କୁ ପୁନର୍ବିବାହ କରିଛନ୍ତି । ଗୋଆରେ ଏକ ମନ୍ଦିରରେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ରୋନିତ୍ ନୀଲମ୍‌ଙ୍କୁ ବାହା ହୋଇଛନ୍ତି । ପରସ୍ପରକୁ ବରଣମାଳ ପିନ୍ଧାଇବା ସହିତ ସାତଫେରା ମଧ୍ୟ ନେଇଛନ୍ତି । ରୋନିତ ପରିବାର ସଦସ୍ୟ ଓ ଦୁଇ ପିଲାଙ୍କ ଉପସ୍ଥିତିରେ ନୀଲମ୍‌ଙ୍କ ମଥାରେ ସିନ୍ଦୂର ଭରିଛନ୍ତି । ଏବେ ଏ ଦୁହିଁଙ୍କ ବାହାଘର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହୋଇଛି । ନୀଲମ୍ ନାଲି ଡ୍ରେସ୍ ପିନ୍ଧିଥିବା ବେଳେ ରୋନିତ ଧଳା ଡ୍ରେସ୍‌ରେ ନଜର ଆସିଛନ୍ତି । ଏହାର ଏକ ଭିଡିଓ ନିଜେ ରୋନିତ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଲେଖିଛନ୍ତି, 'ଦ୍ୱିତୀୟ ଥର କ'ଣ, ହଜାରେ ଥର ମୁଁ ତୁମକୁ ବାହା ହେବି ।' ଅନ୍ୟପଟେ ରୋନିତଙ୍କ ପ୍ରଶଂସକମାନେ ତାଙ୍କୁ ବିବାହର ଶୁଭକାମନା ଜଣାଇଛନ୍ତି । ■

## ରଣବୀରଙ୍କୁ ରଶ୍ମିକା ମାରିଥିଲେ ୨୦ ଚାପୁଡ଼ା !

'ଡଙ୍କି' ଏବଂ 'ସାଲାର୍' ଫିଲ୍ମ ଆସିବା ପରେ ମଧ୍ୟ ସନ୍ଦୀପ ରେଡ୍ଡି ଭଙ୍ଗାଙ୍କ ଫିଲ୍ମ 'ଆନିମଲ୍' ଚର୍ଚ୍ଚାରେ ରହିଛି । ଅନେକ ଲୋକ ଫିଲ୍ମରେ ରଣବୀରଙ୍କ ଚରିତ୍ରକୁ ନାପସନ୍ଦ କରିଥିବା ଦେଖାଯାଇଛି । ଏହାରି ଭିତରେ ଫିଲ୍ମର ଗୋଟିଏ ଦୃଶ୍ୟରେ ଅଭିନେତ୍ରୀ ରଶ୍ମିକା ରଣବୀରଙ୍କୁ ଚାପୁଡ଼ା ମାରିଥିବାର ଅଛି । ତେବେ ଏହି ଗୋଟିଏ ଦୃଶ୍ୟ ପାଇଁ ରଶ୍ମିକାଙ୍କଠାରୁ ରଣବୀର ୨୦-୨୫ ଚାପୁଡ଼ା ଖାଇଥିଲେ । ତେବେ ଏତେ ବେଶି ଚାପୁଡ଼ା ଖାଇବା ପଛରେ ବି କାରଣ ଥିଲା । ଏହି ଦୃଶ୍ୟଟି ଯେଭଳି ସୁନ୍ଦର ହୋଇପାରିବ ସେଥିପାଇଁ ଖୋଦ୍ ରଣବୀର ହିଁ ରଶ୍ମିକାଙ୍କୁ ମନଇଚ୍ଛା ମାରିବାକୁ ଅନୁମତି ପ୍ରଦାନ କରିଥିଲେ । ତା'ପରେ ରଶ୍ମିକା ମଧ୍ୟ ତାଙ୍କ କଥାରେ ସେମିତି କରିଥିଲେ । ଦୃଶ୍ୟଟି ଯେଭଳି ଜୀବନ୍ତ ଓ ଭଲ ହେବ, ସେଥିପାଇଁ ସେ ରଣବୀରଙ୍କୁ ୨୦-୨୫ ଚାପୁଡ଼ା ମାରିଥିଲେ । ■





# ଯୁଦ୍ଧ ଓ ଶାନ୍ତିର ଦ୍ୱନ୍ଦ୍ୱ

ବର୍ଷ ୨୦୨୩ ବିଶ୍ୱବାସୀଙ୍କ ପାଇଁ ଭିନ୍ନ ପରିସ୍ଥିତି ସୃଷ୍ଟି କରିଛି । ୨୦୨୨ରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ବିରତି ପଡ଼ି ନଥିଲା ବେଳେ ଇସ୍ରାଏଲ-ହମାସ୍ ଯୁଦ୍ଧ ବୈଶ୍ୱିକ ଦୃଶ୍ୟପଟ୍ଟରେ ପୁଣି ଏକ ସମସ୍ୟା ହୋଇ ଛିଡ଼ାହୋଇଛି । ଏହାଛଡ଼ା ଆର୍ମେନିଆ-ଆଜରବୈଜାନ ଏବଂ ଭେନେଜୁଏଲା-ଗୁଏନା ଯୁଦ୍ଧ ସହିତ ଏସିଆ ମହାଦେଶରେ ଉତ୍ତର କୋରିଆର ଆଣବିକ ଯୁଦ୍ଧର ଭୟ ଏବଂ ଏସିଆ-ପ୍ରଶାନ୍ତ କ୍ଷେତ୍ରରେ ଚୀନ୍‌ର ଔଦ୍ଧତ୍ୟକୁ ନେଇ ବୈଶ୍ୱିକ କୂଟନୀତି ଏବଂ ଭୂ-ରାଜନୀତିକ ସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଛି । ଏଭଳି ସ୍ଥିତିକୁ ନେଇ ବୈଶ୍ୱିକ ଅର୍ଥନୀତି ଏବଂ ସାମାଜିକ ଜୀବନ ବିପଦାମୁଖୀ ହୋଇପଡ଼ିଥିଲା ବେଳେ ଅଧିକାଂଶ ରାଷ୍ଟ୍ର ଯୁଦ୍ଧ ବନ୍ଦ ସମର୍ଥନରେ ରହିଛନ୍ତି । କିନ୍ତୁ ପରୋକ୍ଷରେ ସେହି ରାଷ୍ଟ୍ରମାନେ ହିଁ ଯୁଦ୍ଧ ସ୍ଥିତିକୁ ପୁଣି ପ୍ରୋତ୍ସାହିତ କରୁଥିବା ଦେଖାଯାଇଛି । ଏଭଳି ସ୍ଥିତିରେ ବୈଶ୍ୱିକ ଶାନ୍ତି ଓ ସମୃଦ୍ଧି ପାଇଁ ଦ୍ୱନ୍ଦ୍ୱ ଉପୁଜିଛି ।

## ସମସ୍ୟା କାହାର , ସୁଯୋଗ ନେଉଛି କିଏ

ଗୋଟିଏ ପଟେ ରୁଷ୍-ୟୁକ୍ରେନ ଯୁଦ୍ଧ ଜାରି ରହିଥିବାବେଳେ ଅନ୍ୟପଟେ ହମାସ-ଇସ୍ରାଏଲ ଯୁଦ୍ଧ ଆରମ୍ଭ ହୋଇଥିଲା । ଅଜରବୈଜାନ-ଆର୍ମେନିଆ ମଧ୍ୟ ମୁହାଁମୁହିଁ ହୋଇଥିଲେ । ଏହି ସବୁ ଘଟଣା ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଥିଲା । ଦରଦାମ ବୃଦ୍ଧି ପାଇଥିଲା । ଖାଦ୍ୟ ଯୋଗାଣ ପ୍ରଭାବିତ ହୋଇଥିଲା । ସାରା ବିଶ୍ୱରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଥିଲା । ଏହି ଯୁଦ୍ଧକୁ ନେଇ ବିଶ୍ୱ ତିନି ଭାଗରେ ବିଭକ୍ତ ହୋଇଯାଇଥିଲା । କିଛି ଦେଶ ସପକ୍ଷରେ, ବିପକ୍ଷରେ ଏବଂ ଆଉ କିଛି ଦେଶ ନିରପେକ୍ଷ ରହିଥିଲେ । ତେବେ ଇସ୍ରାଏଲ-ହମାସ ସଂଘର୍ଷ ସବୁଠାରୁ ଚର୍ଚ୍ଚାରେ ରହିଥିଲା । ଏହା ଆଜିର ନୁହେଁ, ବହୁତ ବର୍ଷ ତଳର ସଂଘର୍ଷ । ଇହୁଦୀ ରାଷ୍ଟ୍ର ଇସ୍ରାଏଲର ଏହି ସଂଘର୍ଷ କାହାଣୀ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି । ଜୀବନଧାରଣ ପାଇଁ ବାର ଦୁଆର ଶୁଣି ପିଣ୍ଡା ହୋଇଥିବା ଇହୁଦୀ ନିଜର ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଏବେ ବି ସଂଘର୍ଷ କରୁଛନ୍ତି ।

ଅତ୍ୟନ୍ତ ଚରମ ସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ଇହୁଦୀ ନିଜର ମୂଳକୁ ଭୁଲି ଯାଇନାହାନ୍ତି । ଏହା ହିଁ ସେମାନଙ୍କୁ ଶକ୍ତି ଏବଂ ସାମର୍ଥ୍ୟ ଯୋଗାଇଛି । ବଞ୍ଚିବା ପାଇଁ ରାହା ଦେଇଛି । ଏହି ଦେଶକୁ ଚାରିପଟେ ଶତ୍ରୁ ଘେରି ରହିଛନ୍ତି । ଏହା ସତ୍ତ୍ୱେ ଇସ୍ରାଏଲ କାହା ଆଗରେ ହାର୍ ମାନି ନାହିଁ, ବରଂ ଦୃଢ଼ତାର ସହ ମୁକାବିଲା କରି ଶତ୍ରୁଙ୍କୁ ଧୂଳି ଚଟାଇ ଦେଇଛି । ପ୍ରାୟ ପ୍ରତ୍ୟେକ ବର୍ଷ ଇସ୍ରାଏଲ ଶତ୍ରୁଙ୍କ ଆକ୍ରମଣର ସମ୍ମୁଖୀନ ହେଉଛି । ଗାଜା ଷ୍ଟ୍ରିପ୍‌କୁ ନେଇ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଅନେକ ବର୍ଷ ହେଲା ସଂଘର୍ଷ ଜାରି ରହିଛି । ଉଭୟେ ଏହା ଉପରେ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି । ଏହାକୁ ନେଇ ଅନେକ ଥର ଯୁଦ୍ଧ ମଧ୍ୟ ହେଲାଣି । ପୁଣି ଚଳିତ ବର୍ଷ ଏହାର ପୁନରାବୃତ୍ତି ହୋଇଥିଲା । ଅକ୍ଟୋବର ୭ରେ ହମାସ ସକାଳୁ ସକାଳୁ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ କରିଥିଲା । ଘଣ୍ଟାଏ ମଧ୍ୟରେ ୫ ହଜାରୁ ଅଧିକ ରକେଟ ମାଡ଼ କରିଥିଲା । ଏଭଳି ଆକ୍ରମଣ ପାଇଁ ଇସ୍ରାଏଲ ପ୍ରସ୍ତୁତ ନ ଥିଲା । ଗୁଇନ୍ଦା ସଂସ୍ଥା ମୋସାଦ ପାଖରେ ମଧ୍ୟ ଏହାର କୌଣସି ସୂଚନା ନ ଥିଲା । ଏକାସଙ୍ଗରେ ଏତେ ରକେଟ ମାଡ଼ କରାଯାଇଥିବାରୁ ଇସ୍ରାଏଲର ଡିଫେନ୍ସ ସିଷ୍ଟମ ଆଇରନ ଡୋମ୍ ରକେଟକୁ ଅଟକାଇବାରେ ବିଫଳ ହୋଇଥିଲା । ତେଣୁ ଅଧିକାଂଶ ରକେଟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପଡ଼ିଥିଲା । ଏଥିରେ ୧୨୦୦ରୁ ଅଧିକ ଲୋକଙ୍କ ପ୍ରାଣହାନୀ ହୋଇଥିଲା । ହମାସ ଆତଙ୍କବାଦୀ ସୀମା ବାଡ଼ କାଟି ଏବଂ ଆଉ କିଛି ପାରାଚୁଟ୍ ମାଧ୍ୟମରେ ସୀମା ଡେଇଁ ଗାଜା ଷ୍ଟ୍ରିପ୍‌ରେ ପ୍ରବେଶ କରିଥିଲେ । ପରେ ଇସ୍ରାଏଲର ସାଧାରଣ ଲୋକଙ୍କ ଉପରେ ଅତର୍କିତ ଗୁଳି ମାଡ଼ କରିଥିଲେ । ୨୬୦ରୁ ଅଧିକ ଲୋକଙ୍କୁ ମଧ୍ୟ ବନ୍ଦୀ କରି ନେଇଥିଲେ । ଏହା ପରେ ଇସ୍ରାଏଲ ହମାସ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା । ଏହି ଯୁଦ୍ଧ ଏବେ ବି ଜାରି ରହିଛି । ବନ୍ଦ ହେବା ପରିବର୍ତ୍ତେ ଦିନକୁ ଦିନ ଉଗ୍ର ରୂପ ଧାରଣ କରିଚାଲିଛି ।











## ନିଦାବିଷ୍ଣୁ ସାଜିଛି ଜାତିସଂଘ

ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ଶାନ୍ତି ପ୍ରୟାସ ବିଫଳ ହୋଇଯାଇଛି । ଯୁଦ୍ଧ ରୋକିବା ପାଇଁ ଗଠନ ହୋଇଥିବା ମିଳିତ ଜାତିସଂଘ ମଧ୍ୟ ନିଦା ବିଷ୍ଣୁ ପରି ବସି ରହିଛି । ଏହି ସଂସ୍ଥା ପ୍ରାସଙ୍ଗିକତା ଏବଂ କ୍ଷମତା ହରାଇଲାଣି ବୋଲି ସାବ୍ୟସ୍ତ କରିଦେଇଛି । କୌଣସି ବିବାଦ ସମାଧାନ କରିବାରେ ଏହା ସଫଳ ହୋଇପାରି ନାହିଁ । ଏହାକୁ ନେଇ ଭାରତ ଭଳି ଅନେକ ରାଷ୍ଟ୍ର ମଧ୍ୟ ଜାତିସଂଘ ଉପରେ ପ୍ରଶ୍ନ ଉଠାଇଛନ୍ତି । ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘ ସୁରକ୍ଷା ପରିଷଦ ଏବଂ ସାଧାରଣ ସଭାରେ ହୋଇଥିବା ସମସ୍ତ ପ୍ରୟାସ ବିଫଳ ହୋଇଯାଇଛି । ଆମେରିକା ଏହି ଯୁଦ୍ଧକୁ ଶତ ପ୍ରତିଶତ ସମର୍ଥନ ଦେଉଛି । ଏହି ଦେଶ ଇସ୍ରାଏଲ ସମର୍ଥନରେ ବାହାରିଛି । ନିଜ ସ୍ୱାର୍ଥ ପାଇଁ ଆମେରିକା ଯୁଦ୍ଧର ଫାଇଦା ନେବାକୁ ଚାହୁଁଛି । ଅସ୍ତ୍ରଶସ୍ତ୍ର ବିକି ବିପର୍ଯ୍ୟସ୍ତ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କରୁଛି । ତେଣୁ ଆମେରିକା ଜାତିସଂଘରେ ଇସ୍ରାଏଲ-ହମାସ ମଧ୍ୟରେ ଅସ୍ତ୍ରବିରତି ପାଇଁ ଆସୁଥିବା ପ୍ରସ୍ତାବକୁ ଭିଟୋ ପ୍ରୟୋଗ କରି ଅଟକାଇ ଦେଇଛି । ଆଉ କେବେ ନିଜ ସଦସ୍ୟ ରାଷ୍ଟ୍ରଙ୍କ ସହାୟତାରେ ଶାନ୍ତିର ବାଟକୁ ବନ୍ଦ କରିଦେଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟ ବୃଥା ପ୍ରଳାପ କରି ଚାଲିଛନ୍ତି । ଗୋଟିଏ ପଟେ ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଚେତାବନୀ ଦେଉଥିବାବେଳେ ଅନ୍ୟପଟେ ଜାତିସଂଘରେ ଭିଟୋ ପ୍ରୟୋଗ କରି ଯୁଦ୍ଧ ବନ୍ଦ ପ୍ରୟାସକୁ ନିଷ୍ଫଳ କରିଦେଉଛନ୍ତି । ଯୁଦ୍ଧ ପାଇଁ ଆମେରିକା ଇସ୍ରାଏଲକୁ କୋଟି କୋଟି ଡଲାର ଅସ୍ତ୍ରଶସ୍ତ୍ର ଦେଉଛି । ଏହା ଦ୍ୱାରା ଆମେରିକା ଅର୍ଥନୀତିକୁ ଗତି ମିଳୁଛି । ତେଣୁ ଏହି ଯୁଦ୍ଧ ବନ୍ଦ ନ ହେଉ ବୋଲି ଆମେରିକା ଚାହୁଁଛି । ଇସ୍ରାଏଲ ଆକ୍ରମଣରେ ମାଟି କାମୁଡି ପଡ଼ିଥିବା ହମାସର ନେତା ମଧ୍ୟ ଅସ୍ତ୍ରବିରତି ଚାହୁଁଛନ୍ତି । ଆକ୍ରମଣରେ ହମାସର ବିପୁଳ କ୍ଷୟକ୍ଷତି ହୋଇଛି । ଏହି ଆତଙ୍କବାଦୀ ସଂଗଠନର ସୁଡ଼ଙ୍ଗ ନେଟୱର୍କକୁ ମଧ୍ୟ ଇସ୍ରାଏଲ ଧ୍ୱଂସ କରିବାରେ ଲାଗିଛି । ବଡ଼ ନେତାଙ୍କୁ

### ହମାସ-ଇସ୍ରାଏଲ, ରୁଷ୍-ୟୁକ୍ରେନ୍ ଯୁଦ୍ଧ

ଧରିବା ପାଇଁ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) ପ୍ରୟାସ ଜାରି ରଖିଛି । ଏହା ମଧ୍ୟରେ କାତାରରେ ରହି ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ କରୁଥିବା କାତାରର ବଡ଼ ନେତାମାନେ କାତାର, ତୁର୍କୀ, ଚୀନ୍, ସାଉଦି ଆରବ ସହଯୋଗରେ ଜାତିସଂଘ ମାଧ୍ୟମରେ ଯୁଦ୍ଧ ବନ୍ଦ ପାଇଁ ଆଲୋଚନା କରୁଥିବା କୁହାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ବନ୍ଦୀଙ୍କୁ ମୁକୁଳାଇବା ଏବଂ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ ସର୍ତ୍ତରେ ଏହି ଆଲୋଚନା ଜାରି ରହିଛି । ତେବେ ଏହା ମଧ୍ୟରେ ହମାସ ମୁଖ୍ୟ ୟାହା ସିନାୱାର ବଡ଼ ବୟାନ ଦେଇଛି । ହମାସ କେବେ ବି ଆତ୍ମସମର୍ପଣ କରିବ ନାହିଁ ବୋଲି କହିଛି । ଇସ୍ରାଏଲକୁ ତଳି ତଳାନ୍ତ କରି ଦିଆଯିବ । ଆଇଡିଏଫକୁ ନିପାତ କରି ହମାସ ନିଶ୍ୱାସ ନେବ । ଏ ପର୍ଯ୍ୟନ୍ତ ଆକ୍ରମଣରେ ଇସ୍ରାଏଲ ୧୫୦୦ରୁ ଅଧିକ ସୈନିକ ନିପାତ ହେଲେଣି । ୩,୫୦୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି । ଅନେକ ଶାରୀରିକ ଅକ୍ଷମ ହୋଇଯାଇଛନ୍ତି ସିନାୱାର ଦାବି କରିଛି । ଅନ୍ୟପଟେ ଏ ପର୍ଯ୍ୟନ୍ତ ଦେଶର ୧୫୬ ସୈନିକଙ୍କ ଜୀବନ ଗଲାଣି ବୋଲି ଆଇଡିଏଫ ପକ୍ଷରୁ କୁହାଯାଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ମଧ୍ୟ ହମାସ ନେତାଙ୍କୁ ଖୋଜି ଖୋଜି ମାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆତଙ୍କବାଦୀ ସଂଗଠନର ନିପାତ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି କହିଛନ୍ତି । ଏପରି ସ୍ଥଳେ ଯୁଦ୍ଧ କେବେ ବନ୍ଦ ହେବ ତାହା ଦେଖିବା ବାକି ରହିଲା । ଯୁଦ୍ଧରେ ୟୁକ୍ରେନ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଥିଲେ ମଧ୍ୟ ଶାନ୍ତି ପ୍ରତିଷ୍ଠା ହୋଇପାରି ନାହିଁ । ଅନେକ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଛି । ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷ୍ ଉପରେ ପଶ୍ଚିମ ରାଷ୍ଟ୍ରଗୁଡିକ ଅନେକ କଟକଣା ଲଗାଇ ଥିବାବେଳେ ଏହା ନିଷ୍ଫଳ ସାବ୍ୟସ୍ତ ହୋଇଛି । ଯୁଦ୍ଧରେ ଉଭୟ ରାଷ୍ଟ୍ରର ବିପୁଳ କ୍ଷୟକ୍ଷତି ହୋଇଥିବାବେଳେ ଦୀର୍ଘଦିନ ହେଲା ପଡ଼ି ରହିଥିବା ନାଟୋ ରାଷ୍ଟ୍ରଗୁଡିକର ଅସ୍ତ୍ରଶସ୍ତ୍ର ସବୁ ଶେଷ ହୋଇଯାଇଛି । ନୂଆ ଉତ୍ପାଦନ ପାଇଁ ଅର୍ଡର ମିଳୁଛି । ଏହା ଦ୍ୱାରା ଅର୍ଥନୀତିକୁ ଗତି ମିଳୁଛି । ବଡ଼ ରାଷ୍ଟ୍ରର କଥାରେ ଚାଲୁଥିବା ଜାତିସଂଘ ମଧ୍ୟ ଚୁପ୍ ହୋଇ ବସି ରହିଛି । ନିଜ ସ୍ୱାର୍ଥ ସାଧନ ପାଇଁ କିଛି ବିକଶିତ ରାଷ୍ଟ୍ର ଯୁଦ୍ଧକୁ ମାଧ୍ୟମ କରିଥିବା କୁହାଯାଉଛି । ଅନ୍ୟପଟେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୁଦ୍ଧକୁ ନେଇ ନରମ ଆଭିମୁଖ୍ୟ ପୋଷଣ କରିଛନ୍ତି । ସେ ଯୁଦ୍ଧ ବନ୍ଦ କରିବାକୁ ନିଃସର୍ତ୍ତ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ଭର୍ଚୁଆଲ ଜି-୨୦ ସମ୍ମିଳନୀରେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଯୁଦ୍ଧ ବନ୍ଦ ସପକ୍ଷରେ ମତ ଦେଇଛନ୍ତି । ଏହି ସମୟ ଯୁଦ୍ଧର ନୁହେଁ । ଏହାକୁ ବନ୍ଦ କରିବା ପାଇଁ ଭାରତ ସମସ୍ତ ପ୍ରୟାସ କରିବା ବୋଲି କହିଛନ୍ତି । ଏପରି ସଙ୍କଟ ସମୟରେ କିଛି ଦେଶ ଯୁଦ୍ଧ ଏବଂ ଆଉ କିଛି ଶାନ୍ତି ଚାହୁଁଥିବାବେଳେ ବିଶ୍ୱରେ ଯୁଦ୍ଧ ଏବଂ ଶାନ୍ତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

# କୋପ୍-୨୮ ରୁ ନୂଆ ଆଶାର ଝଲକ



ଜଳବାୟୁ ପରିବର୍ତ୍ତନ ବିଶ୍ୱସମାଜ ପାଇଁ ରଣଭୂମିର ଭୟବହତା ତୁଳନାରେ ଆହୁରି ସଙ୍କଟ ସୃଷ୍ଟି କରିଛି । ୨୦୨୩ରେ ସାରା ବିଶ୍ୱରେ ତାପମାତ୍ରା ସବୁ ରେକର୍ଡ ଅତିକ୍ରମ କରିବା ସହିତ ଆମେରିକା, କାନାଡ଼ା,ୟୁରୋପ,ଦକ୍ଷିଣ ଆମେରିକା ଏବଂ ଅଷ୍ଟ୍ରେଲିଆରେ ବନାଗ୍ନିକୁ ନେଇ ଯେଉଁଳି ପରିସ୍ଥିତି ସୃଷ୍ଟି ହୋଇଛି ତାହା ପରିବେଶବିତ୍‌ମାନଙ୍କୁ ଚିନ୍ତିତ କରିଛି । ଏହାବ୍ୟତୀତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଗରିବ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଯେଉଁଳି ପ୍ରଭାବିତ କରିଛି ତାହା ମଧ୍ୟ ଆଉ ଏକ ବଡ଼ ଚିନ୍ତା ହୋଇଛି । ମାନବସମାଜ ପାଇଁ କାଳ ପାଲଟିଥିବା ଏଭଳି ଏକ ଜଟିଳ ସମସ୍ୟାର ସମାଧାନ ପାଇଁ ବୈଶ୍ୱିକ ସ୍ତରରେ ଉଦ୍ୟମ ଚାଲିଥିଲା ବେଳେ ଜାତିସଂଘ ନେତୃତ୍ୱରେ ବିଗତ କିଛି ବର୍ଷ ହେଲା ଚାଲିଥିବା ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ସିଓପି) ଏଦିଗରେ କିଛି ସକାରାତ୍ମକ ପ୍ରଭାବ ଆଣିବାର ଆଶା ସୃଷ୍ଟି କରିଛି । ଏହି ଶୀର୍ଷ ସମ୍ମିଳନୀରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହୋଇଥିବା ଆଲୋଚନା ଦୀର୍ଘମିଆଦୀ ଭିତ୍ତିରେ ବିଶ୍ୱତାପମାତ୍ରା ନିୟନ୍ତ୍ରଣକୁ ନେଇ ଆଶା ସଞ୍ଚାର ହୋଇଛି । ପ୍ରଥମ ଥର ପାଇଁ କୋପ୍-୨୮ରେ ମିଥେନ୍ ବାଷ୍ପର ନିର୍ଗମନକୁ ପର୍ଯ୍ୟାୟକ୍ରମେ ଯଥାସମ୍ଭବ ହ୍ରାସ କରି ଏବଂ ୨୦୩୦ ସୁଦ୍ଧା ୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରି ୨୦୫୦ ବେଳକୁ ଶୂନ୍ୟରେ ପହଞ୍ଚାଇବା ପାଇଁ ବିକଳ୍ପ ଇନ୍ଧନର ଉପଯୋଗିତାକୁ ସର୍ବସମ୍ମତ ସ୍ୱୀକାରୋକ୍ତି ମିଳିଛି । ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରିବାକୁ ପୂର୍ବରୁ ମତ ପ୍ରକାଶ ପାଇ ଆସୁଥିଲେ ମଧ୍ୟ ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଅକ୍ଷୟ ଶକ୍ତିର ଉତ୍ପାଦକୁ ବର୍ତ୍ତମାନର କ୍ଷମତାଠାରୁ ତିନିଗୁଣ ବୃଦ୍ଧି କରିବା ପାଇଁ ସମସ୍ତ ସଦସ୍ୟ ଦେଶଙ୍କୁ ଆହ୍ୱାନ କରାଯାଇଛି । କିନ୍ତୁ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନକ୍ସା ପ୍ରସ୍ତୁତ କରାଯାଇ ନ ଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମ୍ଭାବନା ଦ୍ୱନ୍ଦ୍ୱ ସୃଷ୍ଟି କରିବା ସ୍ୱାଭାବିକ । ଏଥିସହିତ ଜଳବାୟୁ ପରିବର୍ତ୍ତନଜନିତ କ୍ଷୟକ୍ଷତିର ଭରଣା ପାଇଁ ଗତ କୋପ୍ ୨୭ ଶାର୍ମ ଏଲ୍ ଶୈଖ୍ ବୈଠକରେ ନିଆଯାଇଥିବା ପାଣ୍ଠି ଗଠନ ନିଷ୍ପତ୍ତିର ବାସ୍ତବ ରୂପାୟନ ଓ ଏହାକୁ ଅଧିକ କ୍ରିୟାଶୀଳ କରିବା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଛି । କୋଇଲା ଉତ୍ପାଦନ ଓ ବ୍ୟବହାର ହ୍ରାସ କରିବା ଲାଗି କୋପ୍-୨୮ରେ ଏକ ପ୍ରସ୍ତାବ ରଖାଯାଇଥିଲା ଯେ କୌଣସି ଦେଶ ଆଉ ନୂଆ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା କରିବେ ନାହିଁ । କିନ୍ତୁ ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାର ଆପତ୍ତି ପରେ ଏହି ପ୍ରସ୍ତାବକୁ ହଟାଯାଇ ୨୦୨୧ ଗ୍ଲାସ୍‌ଗୋ ଜଳବାୟୁ ଶିଖର ସମ୍ମିଳନୀରେ ଗୃହୀତ ପ୍ରସ୍ତାବକୁ ପାରିତ କରାଯାଇଥିଲା, ଯେଉଁଥିରେ ପର୍ଯ୍ୟାୟକ୍ରମ କୋଇଲା ବ୍ୟବହାର ହ୍ରାସ କରିବାକୁ ସର୍ବସମ୍ମତ ସଂକଳ୍ପ ପାରିତ ହୋଇଥିଲା । ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି ବିଶ୍ୱତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ଭାବରେ ଆମେ ବ୍ୟବହାର କରୁଥିବା ଶୀତଳୀକରଣ ଉପକରଣର ଯୋଗଦାନ ବୃଦ୍ଧି ପାଉଥିବା କୋପ୍-୨୮ରେ ସ୍ୱୀକାର କରାଯାଇଥିଲା । ତେଣୁ ୨୦୫୦ ସୁଦ୍ଧା ଏହି ସବୁ ଉପକରଣର ଉତ୍ପାଦନ ଓ ବ୍ୟବହାର ହ୍ରାସ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ଆଗାମୀ ଦିନରେ ସୁପ୍ରଭାବ ଆଣିପାରେ ବୋଲି ଆଶା ସଞ୍ଚାର କରିଛି ।




# ଖାଦ୍ୟ ସୁରକ୍ଷାରେ ମିଲେଟ୍ ଅଦ୍ୱିତୀୟ ବିକଳ୍ପ

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଯେ, କେବଳ ବୈଶ୍ୱିକ ଅର୍ଥନୀତି ଏବଂ ପରିବେଶ ପ୍ରଭାବିତ ଏକଥା ନୁହେଁ , ବରଂ ଖାଦ୍ୟସୁରକ୍ଷା ବ୍ୟବସ୍ଥା ମଧ୍ୟ ବିପନ୍ନ । ବିଶ୍ୱ ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନକୁ ନେଇ ଆଗାମୀ ଦିନରେ ଖାଦ୍ୟ ସୁରକ୍ଷା ଦିଗରେ ଭୟଙ୍କର ସ୍ଥିତି ଉତ୍ପନ୍ନ ହେବାର ଆଶଙ୍କା ଜତାଇବା ପରେ ଏହାର ବିକଳ୍ପ ପନ୍ଥା ଚିନ୍ତା କରିବାକୁ ଅନେକ ରାଷ୍ଟ୍ର ଉଦ୍ୟମ ଆରମ୍ଭ କରିଛନ୍ତି । ତେବେ ଭାରତ ନେତୃତ୍ୱରେ ଆରମ୍ଭ ହୋଇଥିବା 'ମିଲେଟ୍ ମିଶନ' ଖାଦ୍ୟ ସୁରକ୍ଷା ପାଇଁ ଅଦ୍ୱିତୀୟ ବିକଳ୍ପ ହୋଇଛି ବୋଲି ଏବେ ଆମେରିକା ଠାରୁ ଆରମ୍ଭ କରି ବହୁ ୟୁରୋପୀୟ ରାଷ୍ଟ୍ର ହୃଦୟଙ୍ଗମ କରିସାରିଲେଣି । ପ୍ରାୟ ୫ ହଜାର ବର୍ଷ ତଳେ ଭାରତ, ଚୀନ୍ ଏବଂ କିଛି ଆଫ୍ରିକୀୟ ଦେଶମାନଙ୍କରେ ମିଲେଟ୍ ଜାତୀୟ ଶସ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଆସୁଥିଲା । ସବୁଜ ବିପ୍ଲବ ପୂର୍ବରୁ କେବଳ ଭାରତରେ ହିଁ ୪୦ ପ୍ରତିଶତ ଶସ୍ୟ ଏହି କ୍ଷେତ୍ରରୁ ଉତ୍ପାଦିତ ହେଉଥିଲା । କିନ୍ତୁ ସବୁଜ ବିପ୍ଲବ ପରେ ଲୋକମାନେ ଅଧିକ ଅମଳକ୍ଷମ ହେବା ଲକ୍ଷ୍ୟରେ ଶଙ୍କର ଜାତୀୟ ଧାନ, ଗହମ ଏବଂ ଡାଲି ଜାତୀୟ ଶସ୍ୟ ପ୍ରତି ସର୍ବାଧିକ ଆଗ୍ରହୀ ହେଲେ । ଯାହାକୁ ନେଇ ମିଲେଟ୍ ଜାତୀୟ ଶସ୍ୟ ଉତ୍ପାଦନ କମିବା ସହିତ ଏହା କେବଳ ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରେ ସୀମିତ ହୋଇଗଲା । ଏପରିକି ଏହାକୁ ଗରିବଙ୍କ ଖାଦ୍ୟ ବୋଲି ମଧ୍ୟ କୁହାଗଲା । ହେଲେ ସମୟଚକ୍ରରେ ଏହି ଜାତୀୟ ଶସ୍ୟର ଗୁରୁତ୍ୱ ଏବଂ ଚାହିଦାକୁ ମଣିଷସମାଜ ବୁଝିପାରିଛି । ମିଲେଟ୍ ଜାତୀୟ ଶସ୍ୟକୁ ଆନ୍ତର୍ଜାତିକ ସ୍ତରରେ ପ୍ରମୁଖ ଶସ୍ୟ ଭାବେ ବିବଚେନା କରାଯାଇଛି । ମିଲେଟ୍‌କୁ ସବୁଠାରୁ ପୁଷ୍ଟିକର ଏବଂ ଜଳବାୟୁଅନୁକୂଳ ଶସ୍ୟ ଭାବେ ଗ୍ରହଣ କରାଯାଇଛି । ଜାତିସଂଘ ମଧ୍ୟ ଏହାକୁ ସ୍ୱୀକାର କରିସାରିଛି । ଯାହାକୁ ନେଇ ଏବେ ଆନ୍ତର୍ଜାତିକ ସ୍ତରରେ ମିଲେଟ୍ ମିଶନକୁ ସ୍ୱୀକୃତି ଦିଆଯାଇଛି । ସବୁଠାରୁ ବଡ଼ କଥା ହେଲା ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ମିଥେନ ଗ୍ୟାସର ଉତ୍ପନ୍ନକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ଏସୀୟ ରାଷ୍ଟ୍ରମାନେ ଯେଉଁଳି ବିବାଦୀୟ ସ୍ଥିତିରେ ରହିଛନ୍ତି, ମିଲେଟ୍ ଚାଷ ଏହି ବିବାଦର ଅନ୍ୟତମ ସମାଧାନର ସୂତ୍ର ହେବାକୁ ଯାଉଛି । ବିଶ୍ୱର ଉନ୍ନତ ଏବଂ ଶିଳ୍ପସମୃଦ୍ଧ ରାଷ୍ଟ୍ରମାନଙ୍କ ଦ୍ୱାରା ଅଧିକରୁ ଅଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁଁ ମିଥେନ୍ ଗ୍ୟାସ୍‌ର ପରିମାଣ ବଢ଼ି ଚାଲିଛି ବୋଲି ବିକାଶଶୀଳ ଓ ଅନୁନ୍ନତ ଦେଶମାନେ ଅଭିଯୋଗ କରୁଥିବା ବେଳେ ଭାରତ, ଚୀନ୍, ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ବହୁଳ ଭାବେ ଧାନ ଚାଷ ଓ ଗୋପାଳନରୁ ଅଧିକ ମିଥେନ୍ ଉତ୍ପନ୍ନ ହେଉଥିବା ବିକଶିତ ଦେଶମାନେ ପାଲଟା ଅଭିଯୋଗ କରୁଛନ୍ତି । ତେଣୁ ବିଶ୍ୱ ତାପମାନ ବୃଦ୍ଧିରେ ଅଧିକ ଯୋଗଦାନ ଥିବା ମିଥେନ୍ ବାଷ୍ପର ଉତ୍ସ ଶିଳ୍ପ ନା କୃଷି ତାହାକୁ ନେଇ ନୂଆ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି । କିନ୍ତୁ ଏହି ଦିଗରେ ମିଲେଟ୍ ଚାଷର ପ୍ରଭାବ ଅନେକ ସମସ୍ୟାର ସମାଧାନ ଆଣିପାରିବ ବୋଲି କୁହାଯାଉଛି । ମିଳିତ ଜାତିସଂଘର ପ୍ରସ୍ତାବ ଅନୁସାରେ ଭାରତ ସରକାର ୨୦୧୮ ବର୍ଷକୁ ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲା ବେଳେ ବର୍ଷ ୨୦୨୩କୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଘୋଷଣା କରିଛନ୍ତି । ଏହିକ୍ରମରେ ଓଡ଼ିଶାର ମିଲେଟ୍ ମିଶନ ମଧ୍ୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି ।

**ମିଲେଟ୍ ପାଇଁ ବର୍ଷଟିଏ ୨୦୨୩**



### ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ମା’ ବିରଜାଙ୍କୁ ସେବାୟତଙ୍କ ନିମନ୍ତ୍ରଣ







**ଯାଜପୁର, ୨୭ ।୧୨(ସମିସ):**

ପବିତ୍ର ଜ୍ୟେଷ୍ଠ ଶୁକ୍ଳପକ୍ଷ ସପ୍ତମୀ ତିଥି ଆଗାମୀ ଜାନୁୟାରୀ ୧୭ ତାରିଖ ବୁଧବାର ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ସମୟରେ ଶ୍ରୀମନ୍ଦିର ପରିକ୍ରମା କମିଟି ଆନୁକୂଲ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ପ୍ରଶାସନର ଦଇତାପତି ଓ ପ୍ରଶାସନିକ ଅଧିକାରୀଙ୍କ ଏକ ୪ଜଣିଆ ଟିମ୍ ଯାଜପୁର ଜିଲ୍ଲା ଗସ୍ତ କରି ଅଧିଷ୍ଠାତ୍ରୀ ଦେବୀ ଶକ୍ତିପୀଠ ମା’ ବିରଜାଙ୍କ ସେବାୟତଙ୍କୁ ସକାଳ ୯ ଘଟିକା ସମୟରେ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳ ପ୍ରଦକ୍ଷଣ ଭବନରୁ ବାହାରି ବିରଜା ମନ୍ଦିର ପରିସରରେ ପହଞ୍ଚିଥିଲେ। ଦଇତାପତିଙ୍କ ମଧ୍ୟରେ ଜିତେନ୍ଦ୍ର ନାଥ ଦାଶମହାପାତ୍ର, ଭଗବାନ ଦାଶମହାପାତ୍ର, ରାମାନନ୍ଦ ଦାଶମହାପାତ୍ର ଓ ପୁରୀ ଜିଲ୍ଲା ପ୍ରଶାସନ ଡେପୁଟୀ କଲେକ୍ଟର ବିବେକାନନ୍ଦ ସାହୁଙ୍କୁ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ଶୋଭାଯାତ୍ରାରେ ମା’ ବିରଜାଙ୍କ ରଥଦାଣ୍ଡରୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ମା’ ବିରଜା ବ୍ୟାଣ୍ଡ ପାର୍ଟି, ବାଲୁଙ୍କେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ, କୋଳଥା ବାଙ୍କସାହି, ମା’ ବୀଣାପାଣି ସଂକୀର୍ତ୍ତନ ମଣ୍ଡଳୀ, ବାଙ୍କସାହି, ସୁଜନପୁର, ଓଡିଶୀ ନୃତ୍ୟରେ ବ୍ୟାସଶ୍ରୀ କଳା ନିକେତନ, ଯାଜପୁର ରୋଡର ସ୍ୱର୍ଣ୍ଣଲକ୍ଷ୍ମୀ ମିଶ୍ର, ସ୍ମୃତିମୟୀ ଲତାସା ମାଝି ଯୋଗ ଦେଇଥିଲେ। ପରେ ମା’ ବିରଜାଙ୍କ ମନ୍ଦିରର ସେବାୟତ ଦେବୀ ପ୍ରସାଦ ପାଣି, ସୁକାନ୍ତ ପାଣି, ନାଗେନ୍ଦ୍ର ଭୂଷଣ କର, ଦିଗମ୍ବର ପାଣି,

### ଆଧ୍ୟାତ୍ମିକ ପରିବେଶରେ ପ୍ରକମ୍ପିତ ହେଲା ସମଗ୍ର ଅଞ୍ଚଳ

ସତ୍ୟବ୍ରତ ପାଣି, ଭବାନୀ ପ୍ରସାଦ ପାଣି, ବିଜୟ ପାଣି, ବିକାଶ ପାଣି, କିଶୋର ପାଣି, ଦୀପାଲି ପାଣି, ସୁରଜ ପାଣି, କଲ୍ୟାଣ ପାଣି, ମନ୍ଦିର କର୍ମଚାରୀ ମଳୟ କୁମାର ପଣ୍ଡା, ପ୍ରଭାତ ପତି, ଚନ୍ଦନ ଦୀକ୍ଷିତ ପ୍ରମୁଖ ଉପସ୍ଥିତିରେ ଯଥାବିଧି ମା’ଙ୍କୁ ପୂଜାର୍ଚ୍ଚନା କରି ପୁରୀ ଶ୍ରୀମନ୍ଦିର ସେବାୟତ ଟିମ୍ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଲତା ହୋତା, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସେବାୟତ ଦଳଙ୍କୁ ନେଇ ଶ୍ରୀ ବରାହଜୀଉ ମନ୍ଦିର ପରିଦର୍ଶନ କରିବା ସହ ଯଥା ରୀତିମତେ ପୂଜାର୍ଚ୍ଚନା କରି ମନ୍ଦିର ମୁଖ୍ୟ ପୂଜକ ଶ୍ରୀ ସୀତାରାମ ଦୀକ୍ଷିତଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ସେଠାରୁ ଦଶାଶ୍ୱମେଧ ଘାଟ ପରିଦର୍ଶନ କରିବା ସହ ମା’ ଲକ୍ଷ୍ମୀ ଠାକୁରାଣୀ, ଶ୍ରୀଜୀଉଙ୍କୁ ଓ ଯମ ମା’ ସାତ ଭଉଣୀ ଓ ସିଦ୍ଧି ବିନାୟକଙ୍କୁ ଦର୍ଶନ କରି ସିଦ୍ଧେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରି ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହ ପୂଜକ ଶ୍ରୀହୃଦାନନ୍ଦ ଦୀକ୍ଷିତଙ୍କ ସହ ମନ୍ଦିରର କିମ୍ବଦନ୍ତୀ ସଂପର୍କରେ ପଚାରି ବୁଝିଥିଲେ। ପରିଶେଷରେ କୁସୁମା ପୁଷ୍କରଣୀ ପରିଦର୍ଶନ କରି ଭଦ୍ରକ ଜିଲ୍ଲା ଅଭିମୁଖେ ନିମନ୍ତ୍ରଣ କରିବାକୁ ଯାତ୍ରା କରିଥିଲେ।

## ପଡୋଶୀଙ୍କ ଆକ୍ରମଣରେ କଟିଲା ଅଙ୍ଗୁଳି

**ଶଙ୍ଖଚିଲା,୨୭।୧୨(ସମିସ):** ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ବେଳେ ପଡିଶାଙ୍କ ପାଖକୁ ଦୌଡି ଯିବାରୁ ଉନ୍ମତ୍ତ ଯୁବକ ପଡୋଶୀଙ୍କୁ ଆକ୍ରମଣ କରି ଡାହାଣ ହାତ ଆଙ୍ଗୁଠିକୁ ହାଣିଦେଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପାଣିକୋଇଲି ଥାନା ଶଙ୍ଖଚିଲା ପାଣ୍ଠି ଅନ୍ତର୍ଗତ ଖମଣ ପଞ୍ଚାୟତ ରାଧାନଗର ଗ୍ରାମରେ। ରାଧାନଗରପାଟଣା ଗ୍ରାମର ଦଶରଥ ପାତ୍ର ପରିବାର ମଧ୍ୟରେ କୌଣସି କାରଣ ନେଇ ବଡଭାଇ ଓ ସ୍ତ୍ରୀକୁ ଗାଳିଗୁଲଜ କରିବା ସହ ମାଡ ମାରଥିଲା। ସେମାନେ ଭୟରେ ଦୌଡିଆସି ପଡୋଶୀ ବିଷ୍ଣୁ ଚରଣ ସାହୁଙ୍କ ପୁଅ ସଂଗ୍ରାମ ପାଖରେ ପହଞ୍ଚିଥିଲେ। ସଂଗ୍ରାମ ଦଶରଥଙ୍କୁ ବିରୋଧ କରିବାରୁ ସେ ଏକ ଧାରୁଆ ଅସ୍ତ୍ରରେ ସଂଗ୍ରାମକୁ ଆକ୍ରମଣ କରିଥିଲା। ଫଳରେ ସଂଗ୍ରାମର ଡାହାଣ ହାତ ଆଙ୍ଗୁଠିଟି କଟି ଯାଇଥିଲା। ସଂଗ୍ରାମ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଏନେଇ ତା’ର ବାପା ବିଷ୍ଣୁ ସାହୁ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି।

## ମା’ତାରିଣୀ ମନ୍ଦିରରେ ଉଦ୍ୟାନ କୃଷି କର୍ମଶାଳା

**ପାଣିକୋଇଲି, ୨୭।୧(ସମିସ):** ପାଣିକୋଇଲି ମା’ ତାରିଣୀ ମନ୍ଦିର ପରିସରରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ କୋରେଇ ବ୍ଲକସ୍ତରୀୟ ଏହି କର୍ମଶାଳା କରାଯାଇଥିଲା। ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ଆଲୋଚନା କରାଯାଇଥିଲା। ଚାଷୀଙ୍କ ପାଇଁ ଉଦ୍ୟାନ କୃଷି ମାଧ୍ୟମରେ ଥିବା ଯୋଜନା ଓ ଚାଷୀମାନେ କିପରି ଋଣ ପାଇଁ ସବସିଡ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରେଇ ବ୍ଲକ କୃଷି ଅଧିକାରୀ କବିତା ବେହେରା, ସୁକିନ୍ଦା ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ ପାତ୍ର, ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଚନ୍ଦ୍ରକାନ୍ତ ଜେଠୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କୋରେଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ମାଝୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ ଦୀପ୍ତିରାଣୀ ନାୟକ, କାଳନ୍ଦୀ ବେହେରା, ଉଦ୍ୟାନ ସାଥି ଜଗନ୍ନାଥ ମହାରଣା, ଶୁଭଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଚାଷୀ ବଳରାମ ସାହୁ, ସୂର୍ଯ୍ୟମଣି ପଣ୍ଡା, କୃଷକ ସାଥି ଶଶିକାନ୍ତ ମଲ୍ଲିକ, ସୁରେଶ ଧଳ, ସୁକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍, ୫ ହଜାର ଟଙ୍କା ଜରିମାନା

ଯାଜପୁର, ୨୭ ।୧୨ (ସମିସ): ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଘଟଣାରେ ବୁଧବାର ଦିନ ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରି ରାୟ ପ୍ରକାଶ କରିଛନ୍ତି ଆଡହକ୍ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଶରତ ଚନ୍ଦ୍ର ଦେହୁରୀ। ଗତ ୨୦୧୬ ନଭେମ୍ବର ୧୮ ତାରିଖ ଦିନ ନାବାଳିକା ପୀଡିତାର ଗ୍ରାମକୁ ଟେଣ୍ଟ କାମ କରିବାକୁ ଆସି ରାତିରେ ନାବାଳିକାକୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା ଜଣେ ଯୁବକ। ପରବର୍ତ୍ତୀ ମୁହୂର୍ତ୍ତରେ କ୍ରମାଗତ ଭାବେ ପ୍ରାୟ ୩/୪ ଥର ନାବାଳିକାକୁ ଧମକଚମକ ଦେଇ ଦୁଷ୍କର୍ମ କରିଆସୁଥିଲା। ପୀଡିତାର ଦେହ ଖରାପ ହେବା ସହ ବାନ୍ତି ହେବାରୁ ତାଙ୍କ ପରିବାର ଲୋକ ତାକୁ ଚିକିତ୍ସା କରାଇବା ପାଇଁ ଡାକ୍ତରଖାନାକୁ ନେବାରୁ ସେଠାରେ ନାବାଳିକା ଜଣକ ଗର୍ଭବତୀ ଥିବାର ଜାଣିବାକୁ ପାଇଥିଲେ। ଏହି ଘଟଣା ଜଣାପଡିବା ପରେ ନାବାଳିକାକୁ ଦୁଷ୍କର୍ମ କରିଥିବା ଆସାମୀ ମଙ୍ଗଳପୁର ଥାନା ଖାନନଗର ଅଞ୍ଚଳର ସୁରେଶ ସାହୁ (୩୦) ବୋଲି ପ୍ରକାଶ କରିଥିଲା। ନାବାଳିକାର ଜେଜେ ମା’ ମଙ୍ଗଳପୁର ଥାନାରେ ଲିଖିତ ଏତଲା ଦେବାପରେ ଥାନାଧିକାରୀ ୧୨୪/୨୦୧୭ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବୁଧବାର ଚୂଡାନ୍ତ ଶୁଣାଣି କରି ୯ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତକୁ ୧୦ବର୍ଷ ଜେଲ ଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି ଆଡହକ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଶରତ ଚନ୍ଦ୍ର ଦେହୁରୀ। ଜିଲ୍ଲା ଆଇନ୍ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇ ପୀଡିତାକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଏହି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ପରିଚାଳନା କରିଥିଲେ।

ସେହିପରି ଜଣେ ନାବାଳିକାକୁ ଟ୍ୟୁସନ୍ ମାଷ୍ଟର ଦୁଷ୍କର୍ମ କରିଥିବା ଘଟଣାରେ ବୁଧବାର ଦିନ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଓ ପୋକ୍ସୋ କୋର୍ଟର ବିଚାରପତି ବିଜୟ କୁମାର ଜେନା। କୋରାଇ ଥାନା ଅଞ୍ଚଳ ତୁଳସୀପୁର ଗ୍ରାମର ଟ୍ୟୁସନ୍ ମାଷ୍ଟର ବିଶ୍ୱନାଥ ବାରିକ ନାବାଳିକା ଜଣକୁ ଟ୍ୟୁସନ୍ କରିଆସୁଥିଲା। ୨୦୨୧ ମାର୍ଚ୍ଚ ମାସ ୧୬ ତାରିଖ ଦିନ ଅନ୍ୟ ଜଣେ ଟ୍ୟୁସନ୍ ପିଲାକୁ ଘର ବାରଣ୍ଡାରେ ଜଗାଇ ନାବାଳିକା ଜଣକୁ ଘର ଭିତରକୁ ନେଇ ଦୁଷ୍କର୍ମ କରିଥିଲା ଟ୍ୟୁସନ ମାଷ୍ଟର। ନାବାଳିକା ଘଟଣା ସମ୍ପର୍କରେ ପରିବାର ପାଖରେ ଜଣାଇବା ପରେ ନାବାଳିକାର ମା’ କୋରେଇ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ୮୪/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବୁଧବାର ଦିନ ଚୂଡାନ୍ତ ଶୁଣାଣି କରି ୧୯ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିବା ସହ ଜରିମାନା ଅନାଦେୟରେ ଅଧିକ ୬ମାସ ଜେଲ ଦଣ୍ଡାଦେଶ ଭୋଗ କରିବ ବୋଲି ଏହି ରାୟରେ ପ୍ରକାଶ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଓ ପୋକ୍ସୋ କୋର୍ଟର ବିଚାରପତି। ଏହି ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର କୁମାର ନାୟକ ପରିଚାଳନା କରିଥିଲେ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

**ଦଶରଥପୁର, ୨୭।୧୨ (ସମିସ):** ପ୍ରେମ ବିବାହ କରିଥିବା ଜଣେ ନବବଧୂକୁ ଯୌତୁକ ପାଇଁ ସ୍ୱାମୀ ଓ ଶାଶୂଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ମହିଳାଙ୍କ ବାପା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳପୁର ଥାନା ତଥା ଦଶରଥପୁର ବ୍ଲକ ପାଟପୁର ଗ୍ରାମର ସୁବ୍ରତ ସାହୁଙ୍କ ଝିଅ ବର୍ଷା ସାହୁ (୧୮) ସମ୍ପୃକ୍ତ ଥାନା ଅହିୟାସ ପୁରୁଣା ସାହି ଅଞ୍ଚଳର କାଳନ୍ଦୀ ମୁଦୁଲିଙ୍କ ପୁଅ ଉମେଶ ମୁଦୁଲି(୨୫)ଙ୍କୁ ଗତ ଏକବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ୬ ମାସର ଝିଅଟିଏ ଜନ୍ମ ନେଇଥିବାବେଳେ ବାପଘରୁ ଟଙ୍କା, ସୁନା ଓ ଅନ୍ୟାନ୍ୟ ଯୌତୁକ ସାମଗ୍ରୀ ଆଣିବା ଦାବି ନେଇ ବର୍ଷାଙ୍କ ଶାଶୂ ତାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ। ବିଭିନ୍ନ ସମୟରେ ବର୍ଷାଙ୍କୁ ଭଲରେ ଖାଇବାକୁ ମଧ୍ୟ ଦେଉ ନ ଥିଲେ। ପ୍ରଥମେ ସ୍ୱାମୀ ଉମେଶ ବର୍ଷାଙ୍କୁ ସବୁ କିଛି ସହ୍ୟକରି ସମୟକୁ ଅପେକ୍ଷା କରିବାକୁ କହୁଥିବାବେଳେ ସମୟକ୍ରମେ ସ୍ୱାମୀ ଉମେଶ ମଧ୍ୟ ଶାଶୂଙ୍କ ସହିତ ତାଳ ଦେଇ ସ୍ତ୍ରୀ ବର୍ଷାଙ୍କୁ ବାପ ଘରୁ ଟଙ୍କା, ସୁନା ଆଣିବାକୁ .ପ ପକାଇଥିଲେ। ବର୍ଷା ବାପା ସୁବ୍ରତଙ୍କୁ କହିବା ପରେ ସୁବ୍ରତ ବର୍ଷାଙ୍କ ଶାଶୂଘରେ ପହଞ୍ଚି ନିଜର ଆର୍ଥିକ ସମସ୍ୟା କଥା କହିବା ସହ କିଛି ସମୟ ଦେବାକୁ କହି ଘଟଣାର ସମାଧାନ କରିଥିଲେ। ମାତ୍ର ବର୍ଷାଙ୍କ ଉପରେ ନିର୍ଯାତନା ଥମିନଥିଲା। ବୁଧବାର ଦିନ ପ୍ରାୟ ୧୦ଟା ସମୟରେ କେଉଁ ଅଜଣା ନମ୍ବରରୁ ବର୍ଷା ଗୁରୁତର ଅବସ୍ଥାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ସୁବ୍ରତ ଖବର ପାଇ ସେଠାରେ ପହଞ୍ଚି ବର୍ଷାଙ୍କୁ ମୃତ ଅବସ୍ଥରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଝିଅ ବର୍ଷାଙ୍କୁ ଯୌତୁକ ଦାବିରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସୁବ୍ରତ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ବିଷ୍ଣୁ ସାମନ୍ତରାୟ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ବଡ଼ଚଣା, ୨୭।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ନୂଆ-ଓ ଆନୁକୂଲ୍ୟରେ ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ସାଂସ୍କୃତିକ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାକୁ ବଡଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ନିଆରା ଯୋଜନା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ଲୋକଲୋଚନକୁ ଆଣିବାରେ ସହାୟକ ହେବା ସହ ଛାତ୍ରଛାତ୍ରୀଙ୍କ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ସହ ଖେଳକୁଦ, ନୃତ୍ୟ, ସଂଗୀତ, ସମାଜସେବା ଭଳି ଅନ୍ୟାନ୍ୟ ଦିଗରେ ଉତ୍ସାହ ବୃଦ୍ଧି କରିବାରେ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ବାଦ୍ୟଯନ୍ତ୍ର ପରିବେଷଣ, ପାରମ୍ପରିକ ପୋଷାକ ପରିଧାନ ଆଦି ପ୍ରତିଯୋଗିତର ଆୟୋଜିତ ହୋଇଥିଲା। + ୨ ବିଭାଗ ନୋଡାଲ ଅଫିସର ଡ. ଦୀପକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜିକା ଡ. ସରିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ପ୍ରମୋଦ ଖଣ୍ଡାଇ, ନାରାୟଣ ଚନ୍ଦ୍ର ମୁଦୁଲି, ପ୍ରଦୀପ କୁମାର ବରାଳ, ଶାନ୍ତନୁ କୁମାର ରାଉତରାୟ, ଡ. ଭାଗ୍ୟଧର ନାୟକ, କିଶୋର କୁମାର ସାହୁ, ଅମ୍ବାପିକା ଡ. ଅମ୍ବିକା ତ୍ରିପାଠୀ, ରଂଜିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ବିଡିଓଙ୍କୁ ରିଟେଲରଙ୍କ ଦାବିପତ୍ର ପ୍ରଦାନ

**ଦାନଗଦି,୨୭ ।୧୨(ସମିସ):** ୨୮ ମାସର ବକେୟା ଟଙ୍କା ନ ମିଳିବା ସମେତ ୯ ଦଫା ଦାବି ନେଇ ଆଜି ଦାନଗଦି ବ୍ଲକ ରିଟେଲର ସଂଘ ପକ୍ଷରୁ ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ଜାନୁୟାରୀ ମାସ ୧ ତାରିଖଠାରୁ ବ୍ଲକର କୌଣସି ରିଟେଲର ଆଉ ମାଗଣା ଚାଉଳ ବାଣ୍ଟିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଫଳରେ ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ଏପ୍ରିଲ ଆଦି ୪ ମାସ ପାଇଁ ଆସିଥିବା ମାଗଣା ଚାଉଳ ପାଇବାରୁ ହିତାଧିକାରୀ ବଞ୍ଚିତ ହେବେ। ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ ସପ୍ ଡିଲର ଫେଡରେସନ ଆନୁକୁଲ୍ୟରେ ରାଜ୍ୟ ବ୍ୟାପି ପ୍ରତ୍ୟେକ ବ୍ଲକରେ ରିଟେଲର ବିଡିଓଙ୍କୁ ଏଭଳି ଦାବିପତ୍ର ପ୍ରଦାନ କରୁଥିବାବେଳେ ଆଜି ଦାନଗଦି ବ୍ଲକର ରିଟେଲର ସଙ୍ଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଦଶରଥପୁରରେ ନୂଆ-ଓ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଦଶରଥପୁର, ୨୭।୧୨ (ସମିସ): ରାଜ୍ୟ ସରକାରଙ୍କ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ ନୂଆ-ଓ କାର୍ଯ୍ୟକ୍ରମ ରାଜ୍ୟ କ୍ରୀଡା ଓ ସଂସ୍କୃତି ବିଭାଗ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନୁକୂଲ୍ୟରେ ଦଶରଥପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଆକାଶ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ଗ୍ରାମାଞ୍ଚଳର ଯୁବ ପ୍ରତିଭା ଏହି କ୍ରୀଡ଼ା ଉତ୍ସବ ମାଧ୍ୟମରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ଉଦ୍ୟମ କରିବା ଆବଶ୍ୟକ କହିବା ସହ ରାଜ୍ୟ ସରକାର ସବୁ ସ୍ତରରୁ ଏଥିପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଯେଉଁମାନେ ଏହି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ, ସେମାନେ ଜିଲ୍ଲା ସ୍ତରରେ ପ୍ରତିଭା ପ୍ରଦର୍ଶନ ପାଇଁ ଚୟନ ହେବେ ବୋଲି କହିଥିଲେ। ତିନିଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ବ୍ଲକସ୍ତରୀୟ ନୂଆ-ଓ କ୍ରୀଡ଼ା ଉତ୍ସବରେ ଫୁଟ୍‌ବଲ, କ୍ରିକେଟ୍, ଭଲିବଲ୍, କବାଡ଼ି ଓ ଖୋ-ଖୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୩ରୁ ୩୦ ବର୍ଷ ପର୍ଯ୍ୟନ୍ତ କ୍ରୀଡ଼ାବିତ୍ ଭାଗ ନେବାର ସୁଯୋଗ ରହିଥିବା ବ୍ଲକ ସହକାରୀ ନିବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା ସୂଚନା ଦେଇଥିଲେ। ପ୍ରଥମ ଦିବସରେ କବାଡ଼, ଭଲିବଲ ଓ ଖୋ-ଖୋ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା।

### ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଦଶରଥପୁରକୁ ହରାଇ ଝାଡ଼ଙ୍ଗା ଚାମ୍ପିଅନ୍

**ମଙ୍ଗଳପୁର, ୨୭ ।୧୨(ସମିସ):**



ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ଏସଜି କଲେଜ ପଡିଆରେ ଚାଲିଥିବା ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଝାଡ଼ଙ୍ଗା କ୍ରିକେଟ ଟିମ ଓ ଦଶରଥପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଝାଡ଼ଙ୍ଗା କ୍ରିକେଟ ଟିମ ୨୦ ଓଭରରେ ୮ ୱିକେଟ ହରାଇ ୧୮୨ ରନ ସଂଗ୍ରହ କରିଥିବାବେଳେ ଜବାବରେ ଦଶରଥପୁର କ୍ରିକେଟ ଟିମ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୬୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ସନ୍ତୋଷ ନାୟକ ମ୍ୟାନ ଅଫ୍ ଦି ସିରିଜ ଓ ରମାକାନ୍ତ ଦାଶ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ବେଷ୍ଟ ବୋଲର ଭାବେ ଜିତନ ସାହୁ, ବେଷ୍ଟ ବ୍ୟାଟ୍ସମ୍ୟାନ ଚନ୍ଦନ ଦାସ, ବେଷ୍ଟ କ୍ୟାଚ୍‌ର ଭାବେ ଶୁଭରାମ ରାଉତ, ବେଷ୍ଟ ୱିକେଟକିପର ଭାବେ ସତ୍ୟପ୍ରିୟ ବେହେରା ଯୋଗ୍ୟ ବିବେଚିତ ହୋଇଥିଲେ। ସୁମନ୍ତ କୁମାର ମହାପାତ୍ର ଓ ପ୍ରିୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ।

ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ କ୍ଲବର ବରିଷ୍ଠ ସଭ୍ୟ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାଶ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ କନିକାପଡା ପଞ୍ଚାୟତର ଯୁବନେତା ଇଂ ତିମିରକାନ୍ତ ସେନାପତି, ଏସଜି କଲେଜର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ମହାପାତ୍ର, ବାଣିଜ୍ୟ ବିଭାଗର ମୁଖ୍ୟ ଡ଼ ସୁଧାଂଶୁ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଭାପତି ପ୍ରଦୀପ କୁମାର ଯେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ପଞ୍ଜାବ କେଶରି ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ବିଜୟୀ ଝାଡ଼ଙ୍ଗା ଟିମକୁ ଟ୍ରଫି ସହ ନଗଦ ୧୫ ହଜାରେ ଟଙ୍କା ଓ ରନର୍ସଅପ ଟିମକୁ ଟ୍ରଫି ସହ ନଗଦ ୧୦ ହଜାରେ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। କ୍ଲବର ବରିଷ୍ଠ ସଭ୍ୟ ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଷ୍ଟିଲ୍ ଏସ୍‌ଏମ୍‌ଏସ୍ ସାଇଡ୍‌ରେ ଦୁର୍ଘଟଣା: ଜଣେ ଶ୍ରମିକ ମୃତ

**ଦାନଗଦି,୨୭।୧୨(ସମିସ):** ଆଜି ସନ୍ଧ୍ୟା ପ୍ରାୟ ୬:୩୫ ମିନିଟ ସମୟରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟା ଷ୍ଟିଲ କାରଖାନାର ଏସ୍‌ଏମଏସ ସାଇଡରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସପନ କୁମାର ଦାସ (୨୮)। ସେ ଟାଟା ଷ୍ଟିଲ୍ କଳିଙ୍ଗନଗର କାରଖାନାର ଭେଣ୍ଡର ପାର୍ଟନର ମେସର୍ସ ହିମାଳୟ ଷ୍ଟିଲ ମିଲ୍ସ ଠିକା ସଂସ୍ଥା ଅଧୀନରେ ଷ୍ଟିଲ ମେଲଟିଂ ସପର ସ୍ଲାଗ ୟାର୍ଡରେ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲେ। ସେ ଡ୍ୟୁଟିରେ ଥିବାବେଳେ ହଠାତ ଲାଡେଲର ଲକ୍‌ଟି ଖସି ଯାଇଥିଲା। ଫଳରେ ସପନଙ୍କ ଉପରେ ପଡିଥିଲା ଓ ସେଥିରେ ସେ ଚାପି ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ଟାଟା ମେଡିକା ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଏ ସମ୍ପର୍କରେ ଟାଟା ଷ୍ଟିଲ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କୁହାଯାଇଛି ଯେ ସପନ କୁମାର ଦାସଙ୍କ ସହ ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ଏ ବିଷୟରେ ଆମେ ଆପଣଙ୍କୁ ଅତ୍ୟନ୍ତ ଦୁଃଖର ସହ ଅବଗତ କରୁଛୁ। ସପନ କୁମାର ଦାସଙ୍କ ଘର ବାଲେଶ୍ୱର ଜିଲ୍ଲା କମର୍ଦା ତହସିଲ ଅନ୍ତର୍ଗତ ମହମଦପୁରରେ। ଏହି ଦୁଃଖଦ ଘଟଣା ସମ୍ପର୍କରେ ମୃତକଙ୍କ ପରିବାରକୁ ଅବଗତ କରାଯାଇଛି। ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ ଆମେ ଗଭୀର ଦୁଃଖିତ। ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି।

ସକାଳ THE SAKALA



## ଓଲାଭର କଲେଜରେ କ୍ରୀଡ଼ା ପ୍ରତିଯୋଗିତା

**ରାଜକନିକା,୨୭ ।୧୨(ସମିସ):** ଓଲାଭର କଲେଜରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରୁ ଜ୍ୟୋତି ବାହାରି ପଡିଆ ପରିକ୍ରମା କରିଥିଲା। ଅଧ୍ୟକ୍ଷ ହଳଧର ବେହେରାଙ୍କ ତତ୍ତ୍ୱାବଧାନରେ ବସନ୍ତ ସେଠି ଓ ପ୍ରତାପ ବିଶ୍ୱାଳ ପ୍ରମୁଖ ସଂଯୋଜନା କରିଥିଲେ। ମନିନ୍ଦ୍ର ସାହୁ, ଅରୁଣ ବାରିକ, ସୁଜାତା ମଳିକ, ବିଜୟ ବେହୁରା ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ




**ଡେରାବିଶ,୨୭ ।୧୨(ସମିସ):** ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ମହମ୍ମଦ ଅମୀରଙ୍କ ନେତୃତ୍ୱରେ ସେକ ଲିୟାକତ ଅଲି, ରଶ୍ମିତା ପ୍ରଧାନ, ଅବରାର ହସରତ ଖାନ, ହଳଦର ସ୍ୱାଇଁ, ସନ୍ତୋଷ ମଲ୍ଲିକ, ସରୋଜିନୀ ସାହୁ, ଉର୍ମିଳା ବେହେରା, ଇସା ଖାନ, ସେକ ସମଶେର ଅଲି ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବକୁ ଛାତ୍ରୀ ମନୋନୀତ

**ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ):** ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲରେ ଶିକ୍ଷକ ସଂଗଠନ ଓଷ୍ଟାର ୨୭ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୭୦ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ଟି ବିଭାଗର ପ୍ରତିଯୋଗୀଙ୍କୁ କଟକରେ ଆୟୋଜିତ ଓଷ୍ଟା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବାକୁ ସୁଯୋଗ ମିଳିଛି। ଏଥିରେ ଡାମରପୁର ବାଳିକା ବିଦ୍ୟାଳୟ (ମା 'ବାସନ୍ତୀ)ର ଛାତ୍ରୀ ସୁଶ୍ରୀ ବର୍ଷା ପ୍ରିୟାଦର୍ଶିନୀ ଚୟନ କରାଯାଇଛି। ଶିକ୍ଷକ ଦିଲ୍ଲୀପ ରାଉତଙ୍କ ତତ୍ତ୍ୱାବଧାନରେ ସେ ପ୍ରସ୍ତୁତ ହୋଇଥିଲେ।

## ଷ୍ଟ୍ରିଟ୍ ଲାଇଟ୍ ଲାଗିଲା

**ରାଜନଗର,୨୭ ।୧୨(ସମିସ):** ସାନବଡଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟଠାରୁ ରାଜନଗର ଷ୍ଟେଟବ୍ୟାଙ୍କ ଛକ ଯାଏଁ ଷ୍ଟ୍ରିଟ୍ ଲାଇଟ୍ ଲାଗିଛି। ବୀଣାପାଣୀବଜାର, ନୂତନ ବସ୍‌ଷ୍ଟାଣ୍ଡ ସମ୍ମୁଖ, ତ୍ରିନାଥବଜାର, ହଂସୁଆ ସେତୁ, ବାଇପାସ୍, ମହାବୀର ବଜାର ପ୍ରଭୃତି ସ୍ଥାନରେ ଏହି ଉଜ୍ଜ୍ୱଳ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଉଜ୍ୱଳ ଆଲୋକମାଳାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ସଂଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଜାନୁଆରୀ ୧୬ରୁ ପାଣି ପଞ୍ଚାୟତ ପକ୍ଷ

ଜଗତସିଂହପୁର,୨୭ ।୧୨(ସମିସ): ଜାନୁଆରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ଏ ନେଇ ଜିଲ୍ଲପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ତିର୍ତ୍ତୋଲ ବ୍ଲକ୍ ମଣିଜଙ୍ଗାରେ ଜାନୁଆରୀ ୨୪ରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲ୍ଲାର ସମସ୍ତ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଡିଓ, ତହସିଲଦାର, ଓୟୁଏଟିର ପ୍ରଫେସର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଚାଷୀଙ୍କୁ ଉତ୍ସବକୁ ନିମନ୍ତ୍ରଣ କରାଯିବ। ପାଣି ପଞ୍ଚାୟତ ରଥ ପ୍ରତ୍ୟେକ ବ୍ଲକ୍ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିବ। ଜିଲ୍ଲାର ସମସ୍ତ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟାଳୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ଆଦର୍ଶ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଅଗ୍ରଣୀ ଚାଷୀ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଜିଲ୍ଲାରେ ଜଳ ସେଚନ ବିଭାଗର ୭୨ଟି ଏବଂ ମହାନଦୀ ସାଉଥ୍ ଡିଭିଜନର ୫୮ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଅମୃତଶୋହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଶିକ୍ଷାବିତ ସ୍ୱର୍ଗତ କୁଞ୍ଜବିହାରୀ ପାତ୍ରଙ୍କ ପତ୍ନୀ ବିଶିଷ୍ଟ ଧର୍ମପ୍ରାଣା ମହିଳା ମନୋରମା ପାତ୍ରଙ୍କ ପରଲୋକ ହୋଇଯାଇଛି ମୃତ୍ୟୁ ବେଳକୁ ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ।

# ପାଲାରେ କମ୍ପିଲା ଶିବାନନ୍ଦ ଆଶ୍ରମ

**କେନ୍ଦ୍ରାପଡା,୨୭।୧୨(ସମିସ)**



ଶ୍ରୀ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ୨୬ତମ ବାର୍ଷିକ ଉତ୍ସବ ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସମ୍ମିଳନୀକୁ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀ ମା' ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଓ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ କବି କରୁଣାକର ଦାସ, ଗାୟକ ପ୍ରଶାନ୍ତ ନାଥଶର୍ମା, ରାମକୃଷ୍ଣ ଦାସ, ଡ. କାଳୀପ୍ରସନ୍ନ ଶତପଥୀ, ପ୍ରାବନ୍ଧିକ ଡ. ସର୍ବେଶ୍ୱର ସେଣ ପ୍ରମୁଖ ଯୋଗଦେଇ ସାହିତ୍ୟ ଉପରେ ଆଲୋଚନା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ପାଲାଗାୟକ ପରିଷଦର ସଭାପତି ଗାୟକ ପ୍ରକୃତିବନ୍ଧୁ ଗଗନ ବିହାରୀ ସିଂହ ସଭାପତିତ୍ୱ କରିଥିଲେ। ପାଲା ପରିଷଦର ସମ୍ପାଦକ ସୁଧାକଣ୍ଠ ପ୍ରଫୁଲ୍ଲ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ୟଙ୍ଗକବି ଶ୍ରୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଗାୟକ ପ୍ରଦୀପ୍ତ ନାୟକ ଓ ଗାୟକ ପ୍ରମୋଦ ନାଥ ପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଡାକ୍ତର ରବିନାରାୟଣ ପଣ୍ଡା, ବିଷ୍ଣୁଚରଣ ଦାଶ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋରଚନ୍ଦ୍ର ତରାଇ, ଗାୟକ ସନ୍ତୋଷ ପଟ୍ଟନାୟକ, ଶୁଭ୍ରାଂଶୁ ଦାସ, ଗାୟକ ନାରାୟଣ ମହାରଣ, ପାର୍ବତୀ ନାୟକ ପ୍ରମୁଖ ଯୋଗଦେଇ ପାଲାର ଉନ୍ନତି ଓ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷକ ମନୋଜ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ସାହୁ, ଶିକ୍ଷକ ଶିବପ୍ରସାଦ ନାୟକ ଓ ଅଧ୍ୟାପକ ଗିରିଜାକାନ୍ତ ଦାସଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେହିଭଳି ଗାୟକ କେଶବ ଦାଶ, ପରମାନନ୍ଦ ବେହେରା, ଗାୟକ ବସନ୍ତ ବେହୁରା, ସନାତନ ସ୍ୱାଇଁ, ଗାୟକ ଅଲେଖଚନ୍ଦ୍ର ଦାସ, ନିରଞ୍ଜନ ନାୟକ, ଶାରଦା ପ୍ରସନ୍ନ ନାଥ ଓ ଗାୟିକା ଆରତୀ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଗାୟକ ପରିଷଦ ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା ବେଦପାଠ କରିଥିବାବେଳେ କ୍ଷୀରୋଦ ନାଥ ଶ୍ରୀମା'ଙ୍କ ରଚନାରୁ ଭଜନ ଗାନ କରିଥିଲେ। ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡା ଓ ଗାୟକ ପ୍ରତାପଚନ୍ଦ୍ର ରଥ ପାଲା ପରିବେଷଣ କରିଥିଲେ। ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ପରିଷଦର ସଭାପତି ଗାୟକ ଗଗନ ବିହାରୀ ସିଂ ସଭାପତିତ୍ୱ କରିଥିଲେ। ଶେଷରେ କ୍ଷୀରୋଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ଅଣ୍ଡା ବୋଝ

**ରାଜନଗର,୨୭ ।୧୨(ସମିସ)**



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ବର୍ଷ ଆରମ୍ଭରୁ ସମଗ୍ର ରାଜ୍ୟରେ କିଶୋରୀ ବାଳିକାଙ୍କ ପାଇଁ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କରାଯିବ। ଏ ନେଇ ନଭେମ୍ବର ୬ରେ ଏକ ବିଜ୍ଞପ୍ତି ( ଚିଠି ନଂ ୨୪୪୯୭) ଜାରି କରାଯାଇଛି। ଏହି ବିଜ୍ଞପ୍ତିରେ କିଶୋରୀ ବାଳିକାଙ୍କୁ ମାସିକ ୧୬ଟି ଲେଖାଏଁ ଅଣ୍ଡା ଯୋଗାଇ ଦେବା ପାଇଁ ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଅନୁସାରେ ଅଣ୍ଡା କ୍ରୟ ମୂଲ୍ୟ ସରକାରୀ ସ୍ତରରେ ୫ ଟଙ୍କା ଧାର୍ଯ୍ୟ କରାଯାଇଛି; ହେଲେ ବଜାର ଦର ୬ ଟଙ୍କା ୯୦ ପଇସା ରହିଛି। ବଜାରରୁ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ନିର୍ଦ୍ଧାରିତ ହୋଇଥିବା ଦରଠାରୁ ଯଥେଷ୍ଟ ଅଧିକ ରହିବ। ଏହା ଫଳରେ ଅଙ୍ଗନବାଡି କର୍ମୀଙ୍କ ଉପରେ ଆର୍‌ଥିକ ବୋଝ ଲଦି ଦିଆଯାଉଛି। ଅଣ୍ଡାର ବଜାର ଦରକୁ ସରକାର ବିଚାରକୁ ନେଇ ଅଧିକ ଆର୍‌ଥିକ ସହାୟତା ଯୋଗାଇ ଦେବା ନ ଚେତ୍ ପ୍ରଶାସନ ଅଣ୍ଡା ଯୋଗାଇ ଦେବାକୁ ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ ଆସୋସିଏସନ ଦାବି କରିଛି। ପୁଷ୍ପଲତା ରଥ, ରାଜନଗର ବ୍ଲକ ସଭାନେତ୍ରୀ ଲୀଳାବତୀ ବେହେରା, ସେବତୀ ପରିଡା, ମଂଜୁଳତା ମଲ୍ଲିକ, ରମାବତୀ ସ୍ୱାଇଁ, ଅବିଚାରୀ ବାରିକ, ମିନତୀ ଭୂୟାଁ, ବନଲତା ମୁଖାଲ, ସନ୍ଧ୍ୟାବତୀ ମହାନ୍ତି, ମେନକା ଦାସ, ମିନତୀ ଭୂୟାଁ, ପ୍ରମିଳା ଦାସ, କୁସୁମ ବେହେରା ପ୍ରମୁଖ ରାଜନଗର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କ ଉଦ୍ଦେଶ୍ୟରେ ସୁପରଭାଇଜର ମିନତୀ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## 'ବୀର୍ ବାଲ୍' ଦିବସ ପାଳିତ



**କେନ୍ଦ୍ରାପଡ଼ା,୨୭ ।୧୨(ସମିସ):** ଦୁହୁରିଆସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ "ବୀର୍ ବାଲ୍ ଦିବସ' ପାଳିତ ହୋଇଛି। ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳ୍ପନା ମଲ୍ଲିକ, ଅଭିମନ୍ୟୁ ଗୋଛାୟତ, ମନୀଷା ପଣ୍ଡା, ଅମିତାଭ ସୁଆର, ଉମାକାନ୍ତ ନାୟକ, ଶଶାଙ୍କ ଶେଖର ଓଝା, ଧୀରେନ୍ଦ୍ର ଶତପଥୀ, ନିହାର ରଞ୍ଜନ ମହାନ୍ତି, ନାରାୟଣ ପ୍ରସାଦ ସିଂ, ବଳରାମ ବେହେରା, ରାଜେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୁରୁ ଗୋବିନ୍ଦ ସିଂହଙ୍କ ଦୁଇ ପୁତ୍ର ବୀର ଯୋରାବର ସିଂହ ଓ ବୀର ଫତେହ ସିଂହ ଦେଶ ଓ ଧର୍ମ ପାଇଁ ଶିଶୁ ଅବସ୍ଥାରେ ନିଜ ଜୀବନକୁ ବଳିଦାନ ଦେଇଥିଲେ। ସେହି ସ୍ମୃତିରେ ବିଜେପି ତରଫରୁ ଏହି ଦିବସ ପାଳିତ ହୋଇଛି।

## 'ପଲ୍ଲିଶ୍ରୀ' ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ



**ଗରଦପୁର,୨୭ ।୧୨(ସମିସ):** କୋରୁଆ ପଲ୍ଲିଶ୍ରୀ କନ୍ୟାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ସଂଯୋଜନାରେ ବିଜେଡି ନେତ୍ରୀ ତଥା ଆଇନଜୀବୀମଧୁମତୀ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଶ୍ରମ ପରିସରରେ ଚାରା ରୋପଣ କରିଥିଲେ। ସରପଞ୍ଚ ସନ୍ତୋଷ ମାହାଳୀ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ବରିଷ୍ଠ ସାମ୍ବାଦିକ ନବଘନ ନାୟକ, ରଞ୍ଜିତ ପଣ୍ଡା, ଶାନ୍ତି ସ୍ୱରୂପ ଭୂୟାଁ, ଶାରଦା ସାମନ୍ତରାୟ, ପ୍ରକାଶ ସାହୁ, ଦିଲ୍ଲୀପ ସେଠୀ, ନଳିନୀକାନ୍ତ ରଥ, ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଆଲୋକ ମାହାଳୀ, ସରୋଜକାନ୍ତ ନାୟକ, ଶିବ ପ୍ରସାଦ ପାଣି, କବିତା ଦେବତା, ବନିତା ବାରିକ୍, ରୀତାଞ୍ଜଳି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକାନ୍ତ ନାୟକ, ପ୍ରମୋଦ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

## ଚାନ୍ଦୋଳ କଲେଜରେ ନିଶା ନିବାରଣ କାର୍ଯ୍ୟକ୍ରମ



**ଡେରାବିଶ,୨୭ ।୧୨(ସମିସ)**

ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ନୂଆ-ଓ' ପକ୍ଷରୁ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ସମାଜସେବା ବିଭାଗ ତରଫରୁ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ ଦାଶ ସଭାପତିତ୍ୱ କରିଥିଲେ। ନିଶାମୁକ୍ତି ଆନ୍ଦୋଳନ, ସଂଗ୍ରାମୀ ଓ ସଲାମ ଜୀବନର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମହମ୍ମଦ ଇମ୍ରାନ ଅଲ୍ଲି ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟର ପ୍ରକାର ଭେଦ, ନିଶାପାନର ଶରୀର ଓ ସମାଜପ୍ରତି ଖରାପ ପ୍ରଭାବ ଓ ଏଥିରୁ ନିବୃତ୍ତ ରହିବା ଏବଂ ନିଶାନିବାରଣର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର ଓ ଦିଲ୍ଲୀପ ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଶ୍ରୀମତୀ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ, ସ୍ମୃତି ଶ୍ରାବଣୀ, ଅଧ୍ୟାପକ ପ୍ରଦୀପ ରାଉତ, ସୌଭାଗ୍ୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

**ଡେରାବିଶ,୨୭ ।୧୨(ସମିସ):** ଗୋଲରାହାଟ ପଞ୍ଚାୟତ ଡେରାବିଶ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡକ୍ଟର କିଶୋର ବେଦାନ୍ତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ହୃଶିକେଶ ଦାସ ଓ ସମ୍ମାନିତ ଅତିଥି ଭାବେ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇ ଥିଲେ। ଜାତୀୟ ସେବା ଯୋଜନାରେ ଛାତ୍ରଛାତ୍ରୀ ସମାଜସେବାରେ ବ୍ରତୀ ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ବୋଲି ଅତିଥି କହିଥିଲେ। ଅଧ୍ୟାପକ ରଘୁନାଥ ସାହୁ ସଂଯୋଜନା କରିଥିଲେ।




# ନୂତନ ଭାରତ ଗଠନରେ ବାଜପେୟୀଙ୍କ ଅବଦାନ ସ୍ମରଣୀୟ

**ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ)**

ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ନୂତନ ଭାରତ ଗଠନରେ ବାଜପେୟୀ ଅବଦାନ ସ୍ମରଣୀୟ ବୋଲି ଅତିଥିମାନେ କହିଛନ୍ତି। ବନମାଳୀ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସଭାରେ ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦିଲ୍ଲୀପ ରାଉତ, କିଶୋର ସାମନ୍ତରାୟ, ଦିଲ୍ଲୀପ ପାତ୍ର, ପ୍ରହ୍ଲାଦ ପଣ୍ଡା, କୈଳାଶ ପରିଡା, ରଞ୍ଜନ ମହାପାତ୍ର, ଅଜୟ ସାମନ୍ତରାୟ, ପ୍ରତାପ ଜେନା, ଦେବାଶିଷ ମଲିକ, ଖଗେଶ୍ୱର ରାଉତ, ମାଧବାନନ୍ଦ ଭୂୟାଁ, ଶାରଦା ପ୍ରସାଦ ପରିଡା, ଗଣେଶ୍ୱର କୁଣ୍ଡୁ, ଶଙ୍କର୍ଷଣ ମହାନ୍ତି, ଚିତ୍ତରଞ୍ଜନ ଶତପଥୀ, ମାଗୁଣି ନାୟକ,





ନିରଞ୍ଜନ ନାୟକ, ଦିନେଶ ଦାସ, ହୃଷିକେଶ ମଲିକ, ଚିତ୍ତରଞ୍ଜନ ଦାସ, ସୁଦର୍ଶନ ମଲିକ, ରତ୍ନାକର ସେଠୀ, ବାବୁ ମଲିକ ପ୍ରମୁଖ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ନୃସିଂହ ସାହୁ ଧନ୍ୟବାଦ ଦେଇଥିଲେ।

**ରାଜନଗର:** ଭାରତବର୍ଷର ଅଦ୍ୱିତୀୟ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ରାଜନଗର ବ୍ଲକ ବିଜେପି କାର୍ଯ୍ୟାଳୟରେ ପାଳିତ ହୋଇଛି। ସରପଞ୍ଚ ଦିଲ୍ଲୀପ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଲେଖ ଜେନା, ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ଜିଲ୍ଲା ସଂପାଦକ ଶୁନ୍ୟବାସୀ ରଣା, ସୁବାସଚନ୍ଦ୍ର ରାଉତ, ଦିଲ୍ଲୀପ ପାତ୍ର, ସରୋଜ ରାଉତ, ପର୍ଶୁରାମ ମୌର୍ଯ୍ୟବାଡ, ସରୋଜ ରାଉତ, ପବିତ୍ର ପଢିହାରୀ, ବଗୁଲା ରାଉତ, ଶରତଚନ୍ଦ୍ର ସେଠୀ, ପବିତ୍ର ମୋହନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବାଜପେୟୀଙ୍କ ଯୁଗଜୟୀ କାର୍ଯ୍ୟଧାରା ସଂପର୍କରେ ଆଲୋଚନା କରିଥିଲେ।

## ଦୁଇ ଶିକ୍ଷକ ସମ୍ବର୍ଦ୍ଧିତ

**ପଞ୍ଚୁପାଣ୍ଡବ,୨୭ ।୧୨(ସମିସ):** ଡେରାବିଶ ବ୍ଲକ୍ ବେଣପୁର ପଞ୍ଚାୟତ ବଜାର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ସମର କେଶରୀ ସାମଲ ଓ ମଙ୍ଗଳପୁର ପଞ୍ଚାୟତ ହଳଦିଆ ପାଟଣା ସରକାରୀ ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। କଟକ ସ୍ଥିତ କଳାବିକାଶ କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟର ବିଭିନ୍ନ କୃତୀ ଶିକ୍ଷାବିତ୍ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ କବି ଡକ୍ଟର ପ୍ରସନ୍ନ ପାଟସାଣୀ, କଟକ ବିଧାୟକ ମହମ୍ମଦ ମୋକିମ୍, ଚଳଚିତ୍ର ଅଭିନେତା ଶ୍ରୀତମ ଦାସଙ୍କ ଉପସ୍ଥିତିରେ ଡେରାବିଶର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମର କେଶରୀ ସାମଲ ଓ ହଳଦିଆପାଟଣା ସରକାରୀ ବିଦ୍ୟାଳୟର ଶିକ୍ଷକ ଚିତରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# କଳିଙ୍ଗରେ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆଜିଠାରୁ

ଭୁବନେଶ୍ୱର, ୨୭।୧୨(ସମିସ)



ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଗୁରୁବାରଠାରୁ ଜାତୀୟ କନିଷ୍ଠ ଓ ବରିଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଓଡ଼ିଶା ଜିମ୍ନାଷ୍ଟିକ ସଂଘ ଓ ଜିମ୍ନାଷ୍ଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ସହଯୋଗରେ ଏହି ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଅତ୍ୟାଧୁନିକ ଜିମ୍ନାଷ୍ଟିକ୍‌ସ ସେଣ୍ଟରରେ ଅନୁଷ୍ଠିତ ହେବ। ଏଥିରେ ସମଗ୍ର ଭାରତ ବର୍ଷରୁ ୫୫୦ ପ୍ରତିଯୋଗୀ, ୧୨୦ ଜଣ ପ୍ରଶିକ୍ଷକ ଓ ୧୦୦ ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଦେଶର ଶ୍ରେଷ୍ଠ ଜିମ୍ନାଷ୍ଟମାନେ ଏହି ଅତ୍ୟାଧୁନିକ ସେଣ୍ଟରରେ ସେମାନଙ୍କ ଶ୍ରେଷ୍ଠ ଦକ୍ଷତା ପ୍ରଦର୍ଶନ କରିବାକୁ ସୁଯୋଗ ପାଇବେ।

ଦୁଇଟି ବିଭାଗରେ ଏହି ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ମଧ୍ୟରୁ ଜାତୀୟ କନିଷ୍ଠ ଚାମ୍ପିଅନସିପ ଡିସେମ୍ବର ୨୮ରୁ ୩୦ଯାଏ ଓ ଜାତୀୟ ବରିଷ୍ଠ ଚାମ୍ପିଅନସିପ ୨୦୨୪ ଜାନୁଆରୀ ୨ରୁ ୪ ତାରିଖଯାଏ ଅନୁଷ୍ଠିତ ହେବ। ଦେଶର ସମସ୍ତ ଶ୍ରେଷ୍ଠ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଜିମ୍ନାଷ୍ଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ମିଳିଛି। ଏଥିରେ ଫେଡେରେସନର ସମସ୍ତ ସ୍ୱୀକୃତିପ୍ରାପ୍ତ ୨୮ଟି ଏଥିରେ ଭାଗ ନେବେ। କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଅତ୍ୟାଧୁନିକ ସୁବିଧା ସୁଯୋଗରେ ଏହି ପ୍ରତିଯୋଗୀମାନଙ୍କୁ ଶ୍ରେଷ୍ଠ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବାକୁ ସହାୟତା ପ୍ରଦାନ କରିବ।

'ଆମେ ଗୁରୁତ୍ୱ ଦେଉଥିବା ଖେଳ ମଧ୍ୟରେ ଜିମ୍ନାଷ୍ଟିକ୍ ରହିଛି। ଓଡ଼ିଶାରେ ଅନେକ ପ୍ରତିଭାବାନ ଖେଳାଳି ରହିଛନ୍ତି ଓ ଆମେ ଏଠାରେ ଜାତୀୟ ପ୍ରତିଯୋଗିତା ଆୟୋଜନ କରି ଖୁବ୍ ଆନନ୍ଦିତ' ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନୀଲ କ୍ରିଷ୍ଣା କହିଛନ୍ତି। ଏହି ପ୍ରତିଯୋଗିତା ମଧ୍ୟ ଆମ ଜିମ୍ନାଷ୍ଟଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ଉପଯୁକ୍ତ ସୁଯୋଗ ଦେଇଛି। ଅଂଶଗ୍ରହଣକାରୀମାନଙ୍କୁ ଓଡ଼ିଶାରେ ଶ୍ରେଷ୍ଠ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ଆମେ ରାଜ୍ୟ ଓ କେନ୍ଦ୍ର ଜିମ୍ନାଷ୍ଟିକ୍ ସଂଘ ସହ ମିଳିତ ଭାବେ କାମ କରୁଛୁ। ଆଶା ରଖିଛୁ, ଏହି ପ୍ରତିଯୋଗିତା ସଫଳ ହେବ ବୋଲି କ୍ରିଷ୍ଣା କହିଛନ୍ତି।

ଏବେ ଓଡ଼ିଶାରେ ଜିମ୍ନାଷ୍ଟିକ୍ ଖେଳ ଲାଗି ସବୁଠାରୁ ଆଧୁନିକ ସୁବିଧା ସୁଯୋଗ ରହିଛି। ଏଠାରେ ପ୍ରତିଯୋଗୀ ବିଶ୍ୱସ୍ତରର ଇକ୍ୱିପମେଣ୍ଟରେ ଦକ୍ଷତା ପ୍ରଦର୍ଶନ କରିବେ। ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନ ଓ ଓଡ଼ିଶା ସରକାରଙ୍କୁ ଆମେ ଏହି ପ୍ରତିଯୋଗିତା ଆୟୋଜନ ଲାଗି ଧନ୍ୟବାଦ ଜଣାଉଛୁ ବୋଲି ସର୍ବଭାରତୀୟ ମହାସଂଘର ସଭାପତି ସୁଧୀର ମିତ୍ତଲ କହିଛନ୍ତି। ବରିଷ୍ଠ ବିଭାଗରେ ଏଠାରେ ପ୍ରଶିକ୍ଷଣ ନେଉଥିବା ରାକେଶ ପାତ୍ର, ଯୋଗେଶ୍ୱର ସିଂ, ପ୍ରଣତି ନାୟକ, ତପନ ମହାନ୍ତି, ସୈଫ ତାମ୍ବୋଲି ଓ ଗୌରବ କୁମାରଙ୍କ ପରି ଅନେକ ଖେଳାଳି ରହିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୩ ଜୁଲାଇ ମାସରୁ ଏହି ଅତ୍ୟାଧୁନିକ ଏବଂ ବିଶ୍ୱସ୍ତରର ଜିମ୍ନାଷ୍ଟିକ୍ ସେଣ୍ଟର କାମ କରୁଛି।



● ନିଖିଳ ଓଡ଼ିଶା ଫୁଟବଲ

# ଇଣ୍ଡିପେଣ୍ଡେଣ୍ଟ କ୍ଲବ୍‌ର ବିଜୟ

ଭୁବନେଶ୍ୱର, ୨୭।୧୨(ସମିସ)




ଫୁଲବାଣୀ ଫୁଟବଲ ଏକାଡେମୀକୁ ୨-୧ ଗୋଲରେ ପରାସ୍ତ କରି କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ଏଠାରେ ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟବ୍ରତ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ବୁଧବାର ଅନୁଷ୍ଠିତ ତୃତୀୟ ମୁକାବିଲା ବେଶ ଉପଭୋଗ୍ୟ ହୋଇଥିଲା। ଏଥିରେ ବିଜୟୀ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ପକ୍ଷରୁ ମହମ୍ମଦ୍ ଆଫ୍ରିଦୀ ଓ ବିକାଶ ପଡ଼ିଆରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫୁଲବାଣୀ ଦଳ ପକ୍ଷରୁ ଲେଅନ ଗୋଟିଏ ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲେ। ବିଜୟୀ ଦଳର ବିକାଶ ପଡ଼ିଆରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଭୁବନେଶ୍ୱର ସ୍ପୋର୍ଟ୍ସ ଏମ୍ପୋରିୟମ ଏମ୍‌ଡି ରୋନକ ଧୂପର ଅତିଥିଭାବେ ଯୋଗ ଦେଇ ୫, ୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ରେଫରି ଆଶୀର୍ବାଦ କାନୁନଗୋ, ପ୍ରଦୀପ୍ତ ନାୟକ, ସୁବ୍ରତ ପୁରୋହିତ ଓ ଅରୁଣ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ଚନ୍ଦ୍ର ମହାନ୍ତି ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚିନାରାୟଣ ମହାନ୍ତି, ବିଜୟ କାନୁନଗୋ ଓ ଅଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେମିରେ ସନ୍‌ରାଇଜ୍ କ୍ଲବ୍

ବୁଧବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ କଟକର ସନ୍‌ରାଇଜ୍ କ୍ଲବ୍ ୫-୧ ଗୋଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ବାପୁନି ବିହାଣି ୨ଟି ଗୋଲ ଦେଇଥିଲାବେଳେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଗୁରୁବାର ପ୍ରଥମ ସେମିଫାଇନାଲ କିଶୋର କ୍ଲବ୍ ଓ ସନ୍‌ରାଇଜ୍ କ୍ଲବ୍ ମଧ୍ୟରେ ଓ ଦ୍ୱିତୀୟ ସେମିଫାଇନାଲ ରାଇଜିଂ ଷ୍ଟୁଡେଣ୍ଟ ଓ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ମଧ୍ୟରେ ଖେଳାଯିବ। ଶୁକ୍ରବାର ଏହାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ସର୍ବ ଭାରତୀୟ ବିଚ୍ ଭଲିବଲ୍

# କିଟ୍ ମହିଳା ଦଳକୁ କାଂସ୍ୟ




ଭୁବନେଶ୍ୱର,୨୭ ।୧୨(ସମିସ)

ଚେନ୍ନଇରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ଜୋନାଲ ବିଶ୍ୱବିଦ୍ୟାଳୟ ବିଚ୍ ଭଲିବଲ୍ ଚାମ୍ପିଅନସିପ୍‌ରେ କିଟ୍ ମହିଳା ଦଳ କାଂସ୍ୟ ପଦକ ଜିତିଛି। ଆସୋସିଏସନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ (ଏଆଇୟୁ) ତତ୍ତ୍ୱାବଧାନରେ ଚେନ୍ନଇର ଏଏମ୍‌ଇଟି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଗତ ୨୬ରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି।

ବୁଧବାର ପ୍ରଥମରୁ ଚତୁର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯାଇଥିଲା। କିଟ୍ ଏଥିରେ ୨-୦ ସେଟ୍‌ରେ ଭିଏଲ୍‌ଏସ୍‌କୁ ପରାସ୍ତ କରିବା ପରେ କର୍ବାଗମ ବିଶ୍ୱବିଦ୍ୟାଳୟ ଓ ଏସ୍‌ଆରଏମ୍ ଆଇଏସ୍‌ଟିଠାରୁ ପରାସ୍ତ ହୋଇଥିଲା। ଚଳିବର୍ଷ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରଥମଥର ପାଇଁ ବିଚ୍ ଭଲିବଲ୍‌କୁ ସାମିଲ କରାଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ ମୁକାବିଲାରେ କିଟ୍ ମାଡ୍ରାସ ୟୁନିଭର୍ସିଟିକୁ ୨-୦ ଓ ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟକୁ ୨-୦ ସେଟ୍‌ରେ ପରାସ୍ତ କରିଥିଲା। କିଟ୍ ମହିଳା ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଆଶା ମୁଣ୍ଡାରୀ ଓ ଶିବାନୀ ପ୍ରିୟଦର୍ଶିନୀ। ପ୍ରଶିକ୍ଷକ ଭାବେ ସଙ୍ଗୀତା ଟୋପ୍ପୋ ଦାୟିତ୍ୱ ନିର୍ବାହ କରିଥିଲେ। କାଂସ୍ୟ ବିଜୟୀ ମହିଳା ଦଳକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

୫ମ ସର୍ବଭାରତୀୟ ଓଡ଼ଗାଁ ଫୁଟବଲ୍

# ସେମିରେ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍

ଓଡ଼ଗାଁ,୨୭ ।୧୨(ସମିସ)



ସ୍ଥାନୀୟ ମିନିଷ୍ଟାଡିୟମଠାରେ ଚାଲିଥିବା ୫ମ ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ ମ୍ୟାଚରେ ବରଗଡ଼ର ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ୨-୦ ଗୋଲରେ ସାଇ ଏକାଡେମୀ ବୋକାରୋ ଷ୍ଟିଲ ପ୍ଲାଣ୍ଟ (ଝାଡ଼ଖଣ୍ଡ)କୁ ହରାଇ ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଆରମ୍ଭର ୫ ମିନିଟ ସମୟରେ ବରଗଡ଼ ଦଳର ୧୭ ନଂ ଜର୍ସି ଚନ୍ଦୁରା ମୁର୍ମୁ ପ୍ରଥମ ଗୋଲ ସ୍କୋର କରି ଦଳକୁ ୧-୦ରେ ଆଗରେ ରଖିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ବରଗଡ଼ ଦଳର ୮ ନଂ ଜର୍ସି ପରିଧାନ କରିଥିବା ମୋରିସ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଫଳରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଏହାପରେ ଆଉ କୌଣସି ଗୋଲ୍ ନ ହେବାରୁ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ୨-୦ରେ ବିଜୟୀ ଲାଭ କରିଥିଲା। ବିଜୟୀ ଦଳର ମୋରିସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଖେଳକୁ ରେଫରି ଭାବେ ରାଜୁ ମହାନ୍ତି ଏବଂ ଶଶୀକାନ୍ତ ଦାସିଆ, ଚୁନୁ ସିଂ ଏବଂ ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ।

ଓଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ଅରୁନ୍ଧତୀ ପଣ୍ଡା, ଓଡ଼ଗାଁ ଆଦର୍ଶ ଥାନା ଏସଆଇ ଚକ୍ରଧର ସିଂ ଅତିଥିରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ କୁମାର ପାତ୍ର, ସାର୍ଥକ ଷଡଙ୍ଗୀ, ନରେଶ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମାଜସେବୀ ବିଭୁପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ଗଣ୍ଡରପୁର (ଭୁବନେଶ୍ୱର) ଓ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ (ବରଗଡ଼) ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂଚନାରୁ ଜଣାପଡିଛି।

● ଓଡ଼ିଶା ମହିଳା ଲିଗ

# ନୀତା ଫୁଟବଲ୍ ଏକାଡେମୀ ବିଜୟୀ

କଟକ,୨୭।୧୨(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶା ମହିଳା ଲିଗ୍ ଖେଳାଯାଉଛି। ଭୁବନେଶ୍ୱର ୟୁନିଟ-୧ରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲରେ କିଟ-କିସ୍ ଦଳକୁ ହରାଇଛି। ବିଜୟୀ ନୀତା ଏକାଡେମୀ ପକ୍ଷରୁ ସରୋଜିନୀ ତିର୍କୀ ହ୍ୟାଟ୍ରିକ ଗୋଲ ଦେଇଥିଲେ। ପାର୍ବତୀ ବାର୍ଲା ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ। କିଟ-କିସ ପକ୍ଷରୁ ଦୁଇଟି ଯାକ ଗୋଲ ଦେଇଛନ୍ତି ସୀମାରାଣୀ ଦେହୁରୀ। ଚୌଦ୍ୱାର ଓଟିଏମ ଗ୍ରାଉଣ୍ଡରେ ରାଇଜିଂ ଷ୍ଟୁଡେଣ୍ଟ ୱାକଓଭର ଦେଇଥିବା ହେତୁ ଓଜିପିକୁ ବିଜୟୀ ଘୋଷଣା କରାଯାଇଥିଲା।



ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

# ତୃତୀୟ କ୍ୱାର୍ଟରରେ ହାୱଡା ବିଜୟୀ

କୁହୁଡ଼ି, ୨୭।୧୨(ସମିସ)

ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ୬୪ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ପ୍ରତିଯୋଗିତାରେ ବୁଧବାର ତୃତୀୟ କ୍ୱାଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପି.ଆଇ.ଏଫ୍ ଏକାଡେମୀ (ହାୱଡା) ଓ କିଶୋର କ୍ଲବ (ଭୁବନେଶ୍ୱର) ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇପାରି ନଥିଲେ। ଫଳରେ ଟ୍ରାଇବ୍ରେକରେ ହାୱଡା ୫-୪ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ରେଫରି ଗୋପାଳ ସାମନ୍ତରାୟ, ପ୍ରତାପ ମୁଦୁଲି, ବିଜୟ ମଙ୍ଗରାଜ, ଅପର୍ତି ବେହେରା ପରିଚାଳନା କରିଥିଲେ। କମଳକାନ୍ତ ସାମନ୍ତରାୟ ମ୍ୟାଚ୍ କମିଶନର ଦାୟିତ୍ୱରେ ରହିଥିଲେ। କିଶୋର କ୍ଲବର ପପୁ ମାଝୀ ଓ ହାୱଡ଼ାର ଡୋଙ୍ଗ ମେଲୋଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ବିଭୂତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା।



ମ୍ୟାଚରେ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ପୋଲ ଫ୍ୟାକ୍ଟ୍ରି ପରିଚାଳକ ବିଜୟ କୁମାର ପ୍ରଧାନ, କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ସମ୍ପାଦକ ମନୋଜ କୁମାର ମାନସିଂହ, ଉପସଭାପତି ଶୁଭେନ୍ଦୁ ମାନସିଂହ, ବିପିନ ଉଦୟସିଂହ, କେଦାର ଦାସ, ନିରଞ୍ଜନ ଜେନା, ଶଙ୍କର୍ଷଣ ଜେନା ଓ ହରିଶ୍ଚନ୍ଦ୍ର ନାଇଡୁ ଉପସ୍ଥିତ ରହିଥିଲେ। ଗୁରୁବାର ରଘୁନାଥଦେବ ଏଫ୍.ସି. ଚକ୍ରଧରପୁର (ଝାଡ଼ଖଣ୍ଡ) ଓ ସମ୍ବଲପୁର ଫୁଟବଲ୍ କ୍ଲବ ସମ୍ବଲପୁର ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।

● ସର୍ବଭାରତୀୟ ଯୋଗାସନ ଚାମ୍ପିଅନସିପ୍

# କିଟ୍ ବିଶ୍ୱ ବିଦ୍ୟାଳୟକୁ ରୌପ୍ୟ

ଭୁବନେଶ୍ୱର,୨୭ ।୧୨(ସମିସ)

ନୂଆଦିଲ୍ଲୀରେ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନାଲ ଯୋଗାସନ ପୁରୁଷ ଓ ମହିଳା ଚାମ୍ପିଅନସିପ୍‌ରେ କିଟ୍ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ ସାଇନ୍ସ ଓ ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ମିଳିତ ଆ ନୁ କୂ ଲ୍ୟ ରେ ବୁଧବାର ଉଦ୍‌ଯାପିତ ଏହି ଚାମ୍ପିଅନସିପ୍‌ରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଉତ୍ତର ପୂର୍ବାଞ୍ଚଳର ୧୬ ଓ ଦକ୍ଷିଣ ପଶ୍ଚିମାଞ୍ଚଳର ୧୬ଟି ଦଳ ସାମିଲ ରହିଥିଲେ। କିଟ୍ ଦଳରେ ୬ ଜଣ ଖେଳାଳି ଯଥା ମନୀଷା ପ୍ରଧାନ, ସାବିତ୍ରୀ ଶବର, ଦେବାଙ୍ଗିନୀ ଶବର, ଜମୁନା କଲକା, ଜୁଲି ନାୟକ ଓ ସନ୍ତୋଷୀ ଜାନୀ ସାମିଲ ରହିଥିଲେ। ପ୍ରଶିକ୍ଷକ ଭାବେ ମଧୁସ୍ମିତା ସେନାପତି ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ କିଟ୍ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।




# ଦ୍ୱିତୀୟ ଟେଷ୍ଟ: ପାକିସ୍ତାନର ସଂଘର୍ଷ ଜାରି

ମେଲବୋର୍ଣ୍ଣ,୨୭ ।୧୨(ଏଜେନ୍ସି)

ସ୍ଥାନୀୟ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିବାକୁ ସଂଘର୍ଷ ଜାରି ରଖିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୯୬.୫ ଓଭରରେ ୩୧୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରି ପାକିସ୍ତାନ ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ୫୫ ଓଭରରେ ୬ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଛି। ଫଳରେ ୪ ୱିକେଟ ହାତରେ ଥାଇ ପାକିସ୍ତାନ ଏବେ ୧୨୪ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟରକ୍ଷକ ବ୍ୟାଟର ମହମ୍ମଦ ରିଜୱାନ ୨୯ ଓ ଆମୀର ଜମାଲ ୨ ରନକରି ଅପରାଜିତ ରହିଛନ୍ତି। ଦଳର ତରଫରୁ ଓପନର ଅବଦୁଲ୍ଲା ସାଫିକ୍ ସର୍ବାଧିକ ୬୨ ରନର ଅର୍ଦ୍ଧଶତକୀୟ ପାଳି, ଅଧିନାୟକ ସାନ ମାସୁଦ ୫୪, ଇମାମ-ଉଲ- ହକ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଏହି କ୍ରମରେ ବାବର ଆଜମ ୧, ସାଉଦ ସକିଲ ୯, ଅଘା ସଲମାନ ୫ ରନକରି ଆଉଟ ହୋଇଥିଲେ। ଏଥିସହ ସାଫିକ୍ କ୍ୟାରିୟରର ୫ମ ଓ ମାସୁଦ ୮ମ ଅର୍ଦ୍ଧଶତକ ହାସଲ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ପ୍ୟାଟ କମିନ୍ସ ୩, ନାଥନ ଲିୟନ ୨ ଓ ଜୋଶ ହାଜ୍‌ଲେଉଡ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।



### ଲାବୁସେନଙ୍କ ଅର୍ଦ୍ଧଶତକ

ଅସମାପ୍ତ ପ୍ରଥମ ପାଳି ସ୍କୋର ୧୮୭/୩ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ବୁଧବାର ଅଲଆଉଟ ହୋଇଥିଲା। ଅପରାଜିତ ଥିବା ଦୁଇ ବ୍ୟାଟର ମାର୍ନସ ଲାବୁସେନ ୪୪ ଓ ଟ୍ରାଭିସ ହେଡ୍ ୯ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୬୩ ଓ ୧୭ ରନକରି ଯଥାକ୍ରମେ ଆମୀର ଆଜମଲ ଓ ଶାହିନ ଶାହା ଆଫ୍ରିଦିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମିଚେଲ ମାର୍ଶ ୪୧ ଓ ଅଧିନାୟକ କମିନ୍ସ ୧୩ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ଏହି କ୍ରମରେ ୱିକେଟରକ୍ଷକ ବ୍ୟାଟର ଆଲେକ୍ସ କାରେ ୪, ମିଚେଲ ଷ୍ଟାର୍କ ୯, ନାଥନ ଲିୟନ ୮ ଓ ହାଜଲେଉଡ ୫ ରନକରି ଅପରାଜିତ ରହିଥିଲେ। ପାକିସ୍ତାନ ତରଫରୁ ବୋଲିଂରେ ଅମୀର ଆଜମଲ ସର୍ବାଧିକ ୩, ଆଫ୍ରିଦି, ମୀର ହମ୍‌ଜା ଓ ହାସନ ଅଲି ଦୁଇଟି ଲେଖାଏ, ଆଘା ସଲମାନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ସିରିଜର ପ୍ରଥମ ଟେଷ୍ଟରେ ୩୬୦ ରନରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଥିଲା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ପାଳି: ୩୧୮/୧୦, ୯୬.୫ ଓଭର (ଲାବୁସେନ- ୬୩, ଖୱାଜା- ୪୨, ମାର୍ଶ- ୪୧, ୱାର୍ଣ୍ଣର- ୩୮, ଜମାଲ- ୩/୬୪, ଆଫ୍ରିଦି- ୨/୮୫, ହମଜା- ୨/ ୫୧, ହାସନ ଅଲି- ୨/୬୧)।

ପାକିସ୍ତାନ ପ୍ରଥମ ପାଳି: ୧୯୪/୬,୫୫ ଓଭର (ସାଫିକ୍- ୬୨, ମାସୁଦ- ୫୪, ରିଜୱାନ- ୨୯*, କମିନ୍ସ-୩/ ୩୭, ଲିୟନ- ୨/୪୮)।

# ନ୍ୟୁଜିଲାଣ୍ଡକୁ ହରାଇଲା ବାଂଲାଦେଶ

ନାପିଏର,୨୭ ।୧୨(ଏଜେନ୍ସି)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମୁକାବିଲାରେ ଭ୍ରମଣକାରୀ ବାଂଲାଦେଶ ୮ ବଲ୍ ବାକିଥାଇ ୫ ୱିକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୧-୦ରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ମ୍ୟାକ୍‌ଲିନ୍ ପାର୍କ ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୯ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୮.୪ ଓଭରରେ ୫ ୱିକେଟ ହରାଇ ୧୩୭ ରନକରି ବିଜୟ ହାସଲ କରିଥିଲା। ମୂଲ୍ୟବାନ ୨ ୱିକେଟ ନେବା ସହ ଅପରାଜିତ ୧୯ ରନ ସଂଗ୍ରହ କରିଥିବା ବାଂଲାଦେଶର ମେହେଦି ହାସନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶୁକ୍ରବାର ଦ୍ୱିତୀୟ ଟି-୨୦ ମାଉଣ୍ଟ ମାଉନଗାନୁଇରେ ଖେଳାଯିବ।

ବାଂଲାଦେଶ ତରଫରୁ ଓପନର ଲିଟନ ଦାସ ସର୍ବାଧିକ ୪୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟ ସରକାର ୨୨, ତୋହିଦ ହୃଦୟ ୧୯, ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ୧୯, ରୋନି ତାଲୁକଦାର ୧୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟିମ ସୌଦି, ଆଦାମ ମିଲନେ, ଜେମ୍ସ ନିଶାମ, ବେନ ସିୟର୍ସ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନିଶାମ ସର୍ବାଧିକ ୪୮, ଅଧିନାୟକ ମିଚେଲ ସାଣ୍ଟନର ୨୩, ମାର୍କ ଚାପ୍‌ମ୍ୟାନ ୧୯, ଡାରିଲ ମିଚେଲ ୧୪ ରନକରି ଆଉଟ୍ ହୋଇଥିବା ବେଳେ ଆଡାମ ମିଲ୍‌ନେ ୧୬ ରନକରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ପାଇଁ ଶୋରିଫୁଲ ଇସଲାମ ୩, ହାସନ ଓ ମୁସ୍ତାଫିଜୁର ରହମାନ ୨ଟି ଲେଖାଏ, ତାଞ୍ଜିମ ହାସନ ସକିବ ଓ ରିସାଦ ହୋସେନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ପ୍ରଥମ ଟି-୨୦



# ଅବଶିଷ୍ଟାଂଶ...

## ଧାମନଗରରେ ଧର୍ମେନ୍ଦ୍ରଙ୍କୁ...

ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଦେବାକୁ ବି ଭୁଲିଗଲେ। ଉପନିର୍ବାଚନରେ ତାଙ୍କ ପ୍ରାର୍ଥୀ ବିଜୟୀ ହେଲେ ସତ, ମାତ୍ର ଧାମନଗରବାସୀଙ୍କ ବିଶ୍ୱାସ ହରାଇଲେ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଆଜି ଧାମନଗର ନିର୍ବାଚନମଣ୍ଡଳୀରେ ଜନତାଙ୍କୁ ଉଦବୋଧନ ଦେଲାବେଳେ ଧର୍ମେନ୍ଦ୍ରଙ୍କ ନାଁ ନ ନେଇ ମଧ୍ୟ ତାଙ୍କ ମୁଖା ଖୋଲି ଦେଇଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି ଯେ ୧୧ମାସ ତଳେ ଧାମନଗର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେପି ପ୍ରାର୍ଥୀଙ୍କ ପ୍ରଚାରର ଯିଏ ମଙ୍ଗ ଧରିଥିଲେ ସେ ଧାମନଗରରେ ପ୍ରଚାର କାଳରେ ଶହଶହ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ସରିଲା ଓ ତାଙ୍କ ପ୍ରାର୍ଥୀ ଜିତିଲା ; କିନ୍ତୁ ତା'ପରଠୁ ପ୍ରଚାରର ମଙ୍ଗ ଧରିଥିବା ଏହି ନେତାଙ୍କ ଦେଖା ଦର୍ଶନ ନାହିଁ । ତାଙ୍କ ପ୍ରାର୍ଥୀ ଜିତିଲେ ସେ ଧାମନଗରର ରୂପରେଖ ବଦଳାଇଦେବେ, ଧାମନଗର ଭିନ୍ନ ଏକ ନିର୍ବାଚନ ମଣ୍ଡଳୀ ପାଲଟିଯିବ ବୋଲି ସେହି ନେତା କହିଥିଲେ। ସେ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରଶ୍ନ କରିଛନ୍ତି।

ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ ଏକ ସାଧାରଣ ସଭାକୁ ଉଦବୋଧନ ଦେଇ ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି ଯେ ଏବେ ଧାମନଗରରେ ଅନ୍ୟ ଦଳର ବିଧାୟକ ଅଛନ୍ତି। ସେଥିପାଇଁ ଧାମନଗର ନ ଯିବା ଲାଗି ତାଙ୍କୁ କିଛି ଲୋକ ପରାମର୍ଶ ଦେଇଥିଲେ; କିନ୍ତୁ ଧାମନଗର ଯାଇ ଧାମନଗରର ଉନ୍ନତି ଲାଗି ଯାହା ଆବଶ୍ୟକ ତାହା କରିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେବା ମନୋବୃତ୍ତି ନେଇ ରାଜନୀତି କରନ୍ତି। ସାଢ଼େ ୪କୋଟି ଓଡ଼ିଆ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ଗରିବ ମୁହଁରେ ହସ ଫୁଟାଇବା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଅସୁରାଳି ପରେ ଭଦ୍ରକ ନେହରୁ ଷ୍ଟାଡିୟମ ସମାବେଶରେ ମଧ୍ୟ ବିକାଶ ବିରୋଧୀଙ୍କୁ ସିଧା ଟାର୍ଗେଟ୍ କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେ କହିଛନ୍ତି ଯେ ଓଡ଼ିଶାରେ ସବୁ କ୍ଷେତ୍ରରେ ରୂପାନ୍ତରଣ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯେଉଁଭଳି ଭାବେ ଶ୍ରୀମନ୍ଦିରଠୁ ନେଇ ଲିଙ୍ଗରାଜ ମନ୍ଦିର, ଭଦ୍ରକାଳୀ ମନ୍ଦିରଠୁ ନେଇ ବିଭିନ୍ନ ମଠ, ମନ୍ଦିର, ମସଜିଦ୍ ଓ ଚର୍ଚ୍ଚର ଉନ୍ନତିକରଣ ଓ ରୂପାନ୍ତରୀକରଣ ଚାଲିଛି ତାହା ଦେଖି ବିରୋଧୀମାନଙ୍କ ନିଦ ହଜି ଯାଇଛି। ଅପପ୍ରଚାର ଏବେ ସେମାନଙ୍କର ଏକମାତ୍ର ଅସ୍ତ୍ର। ମୁଖ୍ୟମନ୍ତ୍ରୀ ଭଲ କାମ କଲେ ସେମାନଙ୍କର ଅସୁବିଧା ହୋଇଯିବ ସେଥିପାଇଁ ସେମାନେ ରୂପାନ୍ତରଣ ରୋକିବାକୁ ଦିନରାତି ଚେଷ୍ଟା କରୁଛନ୍ତି। ସେମାନଙ୍କର ବିକାଶ ଉପରେ ବିଲକୁଲ୍ ବିଶ୍ୱାସ ନାହିଁ। ହେଲେ ଗରିବଙ୍କ ମୁହଁରେ ହସ ଫୁଟାଇବାକୁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି। ବିକାଶ ରଥକୁ ଅଟକାଇବାକୁ ଚେଷ୍ଟା କରୁଥିବା ଏହି ବିରୋଧୀମାନଙ୍କୁ ମହାପ୍ରଭୁ ସଦବୁଦ୍ଧି ଦିଅନ୍ତୁ ବୋଲି ୫-ଟି ଅଧ୍ୟକ୍ଷ କଟାକ୍ଷ କରି କହିଛନ୍ତି।

## ରୂପାନ୍ତରଣ ଧାରାରେ...

କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀ ପାଣ୍ଡିଆନ ନିର୍ମାଣାଧୀନ କାର୍ଯ୍ୟକୁ ଧାର୍ଯ୍ୟ ଅବଧି ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ଆରଡି, ଅସୁରାଳି ଓ ଭଦ୍ରକ ମ୍ୟୁନିସିପାଲିଟି ଅଞ୍ଚଳରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି ଏବଂ ସେମାନଙ୍କର ଯୋଗ୍ୟ ଦାବିଗୁଡ଼ିକୁ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟଅଞ୍ଚଳର ବିକାଶ ପାଇଁ ଗତ ୬ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଧାମନଗରକୁ ୩୦୦ କୋଟି ଟଙ୍କା ଏବଂ ୫ ମାସ ମଧ୍ୟରେ ଭଦ୍ରକକୁ ୨୫୦ କୋଟି ଟଙ୍କା ପ୍ରଦାନ କରିଥିବା ଶ୍ରୀ ପାଣ୍ଡିଆନ ସାଧାରଣ ଲୋକଙ୍କୁ ସୂଚନା ଦେଇଛନ୍ତି । ଦିନିକିଆ ଭଦ୍ରକ ଗସ୍ତରେ ଅବସରରେ ୫-ଟି ଅଧ୍ୟକ୍ଷ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ୮୯୩ କୋଟି ଟଙ୍କା ବ୍ୟୟରେ ଚାନ୍ଦବାଲି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ, ୧୦୦ କୋଟି ଟଙ୍କା ବ୍ୟୟରେ ଭଦ୍ରକ ରିଙ୍ଗ ରୋଡ , ୪୮୦ କୋଟି ଟଙ୍କା ବ୍ୟୟରେ ଆଖୁଆପଦାଠାରେ ସମନ୍ୱିତ ନଦୀଗର୍ଭ ଜଳାଶୟ ପ୍ରକଳ୍ପ, ୧୬୪ କୋଟି ଟଙ୍କା ବ୍ୟୟରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ମେଡିକାଲ କଲେଜର ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ, ୪୭ କୋଟି ଟଙ୍କା ବ୍ୟୟରେ ବାସୁଦେବପୁରର ଚୂଡାମଣିଠାରେ ବନ୍ଦର , ୪୧ କୋଟି ଟଙ୍କା ବ୍ୟୟରେ ପୁରୁଣା ବଜାରଠାରୁ ଗୁଜିଦହଡା ଭାୟା ମା'ଭଦ୍ରକାଳୀ ମନ୍ଦିର ରାସ୍ତା ନିର୍ମାଣ ଏବଂ ୨୭ କୋଟି ଟଙ୍କା ବ୍ୟୟରେ ଧାମରା ଜେଟି ଉନ୍ନତିକରଣ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ଅବଧି ମଧ୍ୟରେ ଶେଷ ହେବ ସେଥିପ୍ରତି ଧ୍ୟାନ ରଖି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଚାନ୍ଦବାଲିର ଧାନକଣିଆଠାରେ ୮୦ କୋଟି ଟଙ୍କା ବ୍ୟୟରେ ସାଳନ୍ଦୀ ନଦୀ ସେତୁ, ଭଣ୍ଡାରିପୋଖରୀସ୍ଥିତ କେନ୍ଦୁଆପଦାଠାରେ ରେଳ ଓଭରବ୍ରିଜ ନିର୍ମାଣ ଏବଂ ଚାନ୍ଦବାଲି ପଞ୍ଚୁଟିକିରିଠାରେ ମନ୍ତେଇ ନଦୀ ଉପରେ ୫୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ସେତୁ କାର୍ଯ୍ୟ ସମୀକ୍ଷା କରିବା ସହ ଏହାର ଅଗ୍ରଗତି ପଚାରି ବୁଝିଛନ୍ତି । ପ୍ରକଳ୍ପ ଶେଷ ପାଇଁ ଯେଉଁ ସମୟ ଧାର୍ଯ୍ୟ ହୋଇଛି, ତାହା ପୂର୍ବରୁ ଏହାକୁ ଶେଷ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହିସବୁ ପ୍ରକଳ୍ପ କାର୍ଯ୍ୟ ଯଥା ଶୀଘ୍ର ଶେଷକରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଆରଡିଠାରେ ଆୟୋଜିତ ସାଧାରଣ ସଭାରେ ଶ୍ରୀ ପାଣ୍ଡିଆନ ଚାନ୍ଦବାଲି ସହରରେ ପାଇପ ଯୋଗେ ଜଳ ଯୋଗାଣ ଲାଗି ୫୦କୋଟି ଟଙ୍କା, ଧାମରାଇ ମନ୍ଦିର ଉନ୍ନତି ପାଇଁ ୧କୋଟି, ପାଟଣମଙ୍ଗଳା ମନ୍ଦିର ଉନ୍ନତି ପାଇଁ ୧କୋଟି, ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଥିବା ସବୁ କଲେଜର ରୂପାନ୍ତରଣ ପାଇଁ ୬କୋଟି ଟଙ୍କା, ଧାର୍ମିକ ପୀଠ ପାଇଁ ୪କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଜୁନ ମାସଠାରୁ ଇତି ମଧ୍ୟରେ ୧୦୦କୋଟି ଟଙ୍କା ଧାମନଗର ପାଇଁ ମଞ୍ଜୁର ହୋଇଛି । ଖୁବଶୀଘ୍ର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ ହେବ। ମହିଳା ଓ ଛାତ୍ରଛାତ୍ରୀମାନେ ମାତ୍ର ୫ଟଙ୍କାରେ ଏଥିରେ ଯାତ୍ରା କରିପାରିବେ ବୋଲି ୫-ଟି ଅଧ୍ୟକ୍ଷ ସୂଚନା ପ୍ରଦାନ କରିଥିଲେ। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ପାଇଁ ୧୨କୋଟି ଟଙ୍କା ମଞ୍ଜୁର ହୋଇଛି। ୨୧ଟି କଲେଜର ରୂପାନ୍ତରଣ ପାଇଁ ୧୦କୋଟି ଟଙ୍କା, ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ୨୨କୋଟି ଟଙ୍କା ମଞ୍ଜୁର ହୋଇଛି। ତିହିଡିରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପୀଠ ପାଇଁ ୫୦ଲକ୍ଷ, ବିଭିନ୍ନ ଧର୍ମସ୍ଥଳୀ ପାଇଁ ୬କୋଟି ଟଙ୍କା ଓ ଗତ ୬ମାସ ଭିତରେ ଧାମନଗର ନିର୍ବାଚନମଣ୍ଡଳୀକୁ ୧୦୦କୋଟି ଟଙ୍କା ଅନୁମୋଦନ ମିଳିଛି ବୋଲି ସେ କହିଛନ୍ତି। ଭଦ୍ରକ ନେହେରୁ ଷ୍ଟାଡିୟମ ସଭାରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଗତ ୫ମାସ ଭିତରେ ଅନେକ ଅଭିଯୋଗର ସମାଧାନ ହୋଇଛି । ୫ମାସରେ ପାଖାପାଖି ୨୫୦କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାଛଡା ଆମ ବ୍ୟାଙ୍କ ଯୋଜନାରେ ଦୁଇ ମାସ ଭିତରେ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ଏବଂ ସେହିପରି ଫେବ୍ରୁଆରୀ ଶେଷ ସୁଦ୍ଧା ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ।

## ପଦ୍ମନାଭସ୍ୱାମୀ...

ଭଣ୍ଡାରଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର, ଅସ୍ତରଙ୍ଗ ମାଳଦାର ଦାରୁକ୍ଷେତ୍ର, ସାକ୍ଷୀଗୋପାଳସ୍ଥିତ ରାଇଚକ୍ରଧରପୁର ମନ୍ଦିର, ବାରିପଦା ଶ୍ରୀ ଶ୍ରୀ ହରି ବଳଦେବ ମନ୍ଦିର, ସମ୍ବଲପୁର ମା' ସମଲେଶ୍ୱରୀ ମନ୍ଦିର, ରେଢାଖୋଲ ଜଗନ୍ନାଥ ମନ୍ଦିର, କେନ୍ଦ୍ରାପଡ଼ା ବଳଦେବ ଜୀଉ ମନ୍ଦିର, ବୌଦ୍ଧର ଚନ୍ଦ୍ରଚୂଡ଼ ମନ୍ଦିର, ପୁରୁଣା କଟକ ଭୈରବୀ ମନ୍ଦିର, ଆଠଗଡ଼ ଶରଣ କ୍ଷେତ୍ର, ଖଲ୍ଲିକୋଟ ଚକ୍ରତୀର୍ଥ, ଅନୁଗୋଳର ଜଗନ୍ନାଥ ମନ୍ଦିର ଓ ମା' ହିଙ୍ଗୁଳା ମନ୍ଦିର, ଜଗତ୍‌ସିଂହପୁର ଅଢଙ୍ଗଗଡ଼ ଦାରୁକ୍ଷେତ୍ର, ଖଡିପଡିଆ ଦାରୁକ୍ଷେତ୍ର ଓ ଗଞ୍ଜାମ ମା' ତାରାତାରିଣୀ ମନ୍ଦିର, ନବରଙ୍ଗପୁରର ମା' ଭଣ୍ଡାରଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଭଦ୍ରକର ଭଦ୍ରକାଳୀ ଓ ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ସେବାୟତ ଓ ବରିଷ୍ଠ ଅଧିକାରୀମାନେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନସ୍ଥାନରେ ମନ୍ଦିରର ମୁଖ୍ୟ ଓ ଟ୍ରଷ୍ଟିମାନେ ନିମନ୍ତ୍ରଣ ଗ୍ରହଣ କରି ମହାପ୍ରଭୁଙ୍କ ଏହି ଅନନ୍ୟ କାର୍ଯ୍ୟରେ ସାମିଲ ହେବା ଏକ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି । ସବୁ ସ୍ଥାନରେ ନିମନ୍ତ୍ରଣ ପ୍ରଦାନ କରିବାକୁ ଯାଇଥିବା ଟିମ୍‌କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ, ଶଙ୍ଖ ଧ୍ୱନି ଓ ହରିବୋଲ, ହୁଳହୁଳି ପକାଇ ସମସ୍ତେ ସ୍ୱାଗତ କରିଥିଲେ ।

## ହାତୀ ଆକ୍ରମଣରେ...

କରାଯିବ ବାଲିବନ୍ଧ ବନପାଳ ବୁଲୁ ନାହାକ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ୪ସାଙ୍ଗଙ୍କ ସହ ମିଥୁନ୍ ମୁରୁସୁଆଁ ହାଟ ସାରି ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଘରକୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଆଗପଛ ହୋଇ ଚାଲୁଥିବା ସାଙ୍ଗଙ୍କ ମଧ୍ୟରୁ ପ୍ରଥମ ଯୁବକଙ୍କୁ ହାତୀଟି ଆକ୍ରମଣ କରିଥିଲେ ମଧ୍ୟ ସୌଭାଗ୍ୟବଶତଃ ସେ ବର୍ତ୍ତି ଯାଇଥିଲେ। ଏହା ଦେଖି ମିଥୁନ୍ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ସଫଳ ହୋଇପାରିନଥିଲେ। ହାତୀଟି ତାଙ୍କୁ କଚାଡ଼ି ମାରିଦେଇଥିଲା।

## 'ନବୀନ' ପ୍ରେରଣାରେ...

ପରେ +୨ ଓ ପରେ ଏମ୍‌କେସିଜି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପାଠ ଶେଷ କରିଥିଲେ। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ମେଡିକାଲ୍ ଅଫିସର ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇ ସେ ସଫଳତା ହାସଲ କରିଛନ୍ତି ଓ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ମେଡିକାଲ୍ ଅଫିସରଙ୍କ ପାଇଁ ଆୟୋଜିତ ହେବାକୁ ଥିବା ଦିଗଦର୍ଶନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ସେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କଠାରୁ ନିଯୁକ୍ତି ପତ୍ର ନେବାକୁ ଅପେକ୍ଷା କରିଛନ୍ତି । ନିଜ ଜୀବନର ଯାତ୍ରା ସମ୍ପର୍କରେ ସୂଚନା ଦେଇ ନବୀନ କହିଛନ୍ତି ଯେ ସେ ତାଙ୍କ ପିଲାଦିନ କେନ୍ଦ୍ରାପଡ଼ାର ଏକ ମଫସଲ ଗ୍ରାମରେ ଅତିବାହିତ କରିଛି। ସପ୍ତମ ବୋର୍ଡ ପରୀକ୍ଷାରେ ଜିଲ୍ଲା ଟପ୍ପର ହେବା ପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବିଜୁ ବାବୁ ପଢ଼ିଥିବା ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢିବା ପାଇଁ କଟକ ଆସିଥିଲେ। ମାତ୍ର ଏହି ସମୟରେ ସେ ଅନେକ ବାଧାବିଘ୍ନ ଦେଇ ଗତି କରିଥିଲେ। ପାରିବାରିକ ଆର୍ଥିକ ସ୍ଥିତି ସେତେ ଭଲ ନ ଥିଲା। ବାପାଙ୍କ ଅସୁସ୍ଥତା ତାଙ୍କ ଶିକ୍ଷା କ୍ଷେତ୍ରରେ ବାଧକ ହୋଇଥିଲା। ମାତ୍ର ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ନେବା ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲେ। ତାଙ୍କ ନାମ ସହ ନିଜ ନାମର ସମାନତା ତାଙ୍କୁ ଅଧିକ ଉତ୍ସାହିତ କରିଥିଲା। ସରକାରୀ ସ୍କୁଲରେ ପାଠ ଶେଷ ପରେ ଯୁକ୍ତ ଦୁଇ ଓ ପରେ ସେ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡ଼ିକାଲ କଲେଜରୁ ଏମ୍‌ବିବିଏସ୍ ଡ଼ିଗ୍ରୀ ହାସଲ କରିବାକୁ ସକ୍ଷମ ହୋଇଛନ୍ତି ବୋଲି ଡ଼. ପରିଡ଼ା କହିଛନ୍ତି । ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଏକକାଳୀନ ୨୫୦୦ରୁ ଅଧିକ ଡାକ୍ତର ନିଯୁକ୍ତି ପାଉଛନ୍ତି। ଜୁନ୍ ମାସରେ ୧୨୦୦ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ଗୋଟିଏ ବର୍ଷରେ ୩୫୦୦ରୁ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦେଇ ଓଡ଼ିଶା ସରକାର ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି। ସେଇ ଡାକ୍ତର ମାନଙ୍କ ମଧ୍ୟରୁ ସେ ଜଣେ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ନବୀନଙ୍କ ସାନ ଭାଇ ମଧ୍ୟ ଏନସିସି କ୍ୟାଡେଟ୍ ଭାବେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ପୁରସ୍କାର ପାଇବା ସହ ଚଳିତ ବର୍ଷ ସେ ରାଜ୍ୟ ସରକାରଙ୍କ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି।

## ଆଉ କେତେ ମଲେ...

ଉଦ୍ୟମ କରାଯାଇଥିଲା। ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଥିଲା ଯେ ରାସ୍ତା କାମ ଶୀଘ୍ର ସାରିବା ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଆଲୋଚନା ହୋଇଛି ଓ ଡିସେମ୍ବର ସୁଦ୍ଧା କାମ ସରିଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଡିସେମ୍ବର ସରିବାକୁ ଆଉ ୩ ଦିନ ବାକି ଥିବା ବେଳେ ଅଧା କାମ ବି ଶେଷ ହୋଇପାରିନାହିଁ। ଶରଧାପୁର, ଖମାର, ବେନ୍ତପୁରରେ ହେଉଥିବା ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଏବେ ବି ଚାଲୁ ରହିଛି। ତେଣୁ ଅନୁଗୋଳର ବିଜେପି ନେତାମାନେ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରୁ ଆସି ଏଠାରେ ବଡ଼ବଡ଼ ମିଛ ପ୍ରତିଶ୍ରୁତି ଦେଇ ସାଧାରଣ ଜନତାଙ୍କୁ ଭୂଆଁ ବନାଇଥିବା ଅଭିଯୋଗ ହେଲାଣି। ଅପରପକ୍ଷେ କିଛି ବୁଦ୍ଧିଜୀବୀଙ୍କ କହିବାନୁଯାୟୀ, ନିର୍ବାଚନ ପୂର୍ବରୁ ଜାତୀୟ ରାଜପଥ କାମ ସାରିବା ପାଇଁ କେନ୍ଦ୍ର ସରକାର ଚେଷ୍ଟା ଚଳାଇଛନ୍ତି। କିନ୍ତୁ ଜାତୀୟ ରାଜପଥ ପ୍ରାଧିକରଣର ଢେଙ୍କାନାଳଠାରେ ଅବସ୍ଥାପିତ ଥିବା ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଆଗାମୀ ୨ ବର୍ଷରେ ବି ଏ କାମ ସରିବ ନାହିଁ। ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ଆମେ ଜିଲ୍ଲା ସଡ଼କ ସୁରକ୍ଷା ବୈଠକରେ ଶୀଘ୍ର ସରିଯିବ ବୋଲି ପ୍ରତିଶ୍ରୁତି ଦେଇଛୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଷ୍ପତ୍ତି ହୋଇଥିଲା ଯେ ଅନୁଗୋଳ ଆର୍‌ଟିଓ ଅଫିସ୍‌ଠାରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ୧୫ଦିନ ଭିତରେ ମରାମତି ନକଲେ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ବିରୋଧରେ ପ୍ରାକୃତିକ ବିପର୍ଯ୍ୟୟ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ନିର୍ଦ୍ଦେଶ ଦେଇଥିଲେ। ଏହା ଭିତରେ ସପ୍ତାହକୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ରାସ୍ତା ମରାମତି କାମ ଆରମ୍ଭ ହୋଇନାହିଁ। ନିଜକୁ ଅନୁଗୋଳ ଜିଲ୍ଲାର ସୁପୁତ୍ର କହୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କିନ୍ତୁ ୫୫ ନମ୍ବର ଜାତୀୟ ରାଜପଥ କାମ କେବେ ଶେଷ ହେବ, ସେ ନେଇ ପଦୁଟିଏ ବି କହିନଥିଲେ।

## ଦୁଇ ବାଇକ୍...

ପାଇଥିଲା। ସ୍ଥାନୀୟ ଲୋକ ଜାତୀୟ ରାଜପଥକୁ ୩ ଘଣ୍ଟା ଧରି ଅବରୋଧ କରିଥିଲେ। ଘଟଣାସ୍ଥଳରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏଆଇପିଏଲ କମ୍ପାନୀ ଏବଂ ରେଡ୍‌କ୍ରସରୁ ପ୍ରତି ମୃତକଙ୍କ ପରବାରକୁ ୧ ଲକ୍ଷ ୨୦ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟ ଅଣାଯାଇଛି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିଛି। ପ୍ରକାଶ ଥାଉକି କିଛି ବର୍ଷ ତଳେ ବିଦେଶୀ ସାହୁଙ୍କ ବଡ଼ ପୁଅ ତଥା ମୃତ ଶୁଭେନ୍ଦୁଙ୍କ ବଡ଼ ଭାଇଙ୍କର ଅନୁରୂପ ଭାବେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କ ସମେତ ଅନ୍ୟ ପ୍ରଶାସନ ଅଧିକାରୀମାନେ ପହଞ୍ଚିଥିଲେ।

# ଧରାପଡ଼ିଲା ୫ ଜଣିଆ ଡକାୟତ ଗ୍ୟାଙ୍ଗ୍

**ବାରିପଦା, ୨୭ ।୧୨(ସମିସ):** ବାରିପଦା ସହରର ବିଭିନ୍ନ ସ୍ଥାନରେ ଚୋରି, ଡକାୟତି, ରାହାଜାନି କରି ପୁଲିସର ନିଦ ହଜାଇଥିବା ଏକ ଗ୍ୟାଙ୍ଗ୍‌କୁ ବାରିପଦା ଟାଉନ୍ ଥାନା ପୁଲିସ୍ ଠାବ କରିବା ସହ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ଏହି ଥାନା ଅନ୍ତର୍ଗତ ତୁଳସୀଚୌରା ଅଞ୍ଚଳର ବିକ୍ରମ ନାଏକ (୨୦), କାଳିକାପୁର ଅଞ୍ଚଳର ଜିତୁ ମୁଖୀ (୨୧) ଓ ବିଜୁ ଘଡ଼େଇ (୨୩), ଦେବେନ୍ଦ୍ରପୁର ଅଞ୍ଚଳର ଅଭିଷେକ ପାତ୍ର (୨୦), ଡ଼ିପାସାହି ଅଞ୍ଚଳର ଗୋପୀନାଥ ଗିରି (୨୧) । ଏମାନଙ୍କଠାରୁ ଲ୍ୟାପଟପ୍, ମୋବାଇଲ, ଅଳଙ୍କାର ଆଦି ଜବତ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଆଉ କିଛି ଦୁର୍ବୃତ୍ତ ସାମିଲ ଥିବା ପୁଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚଳାଇଛି। ସୂଚନାନୁଯାୟୀ, ବାରିପଦା ଟାଉନ୍ ଥାନା ଅଞ୍ଚଳରେ ଗତ କିଛି ଦିନ ହେବ ବିଭିନ୍ନ ଲୋକଙ୍କ ଘରର ତାଲା ଭାଙ୍ଗି ଡକାୟତି ହେଉଥିବା ଅଭିଯୋଗ ହେଉଥିଲା। ଏହି ଘଟଣା ପରେ ପୁଲିସ ପକ୍ଷରୁ ବାରିପଦା ସହରରେ ପାଟ୍ରୋଲିଂ ବ୍ୟବସ୍ଥା ଜୋରଦାର କରିବା ସହ ନାକା କରି ନିୟମିତ ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ଗ୍ୟାଙ୍ଗ୍‌କୁ ଧରିଥିଲେ। ଡିପାସାହି ନିକଟ ନର୍ସିଂ ତାଲିମ୍ କେନ୍ଦ୍ର ଛକ ନିକଟରେ ଅଭିଯୁକ୍ତମାନେ ବୁଲାବୁଲି କରୁଥିବା ବେଳେ ପୁଲିସର ସନ୍ଦେହ ହେବାରୁ ସେମାନଙ୍କୁ ଅଟକାଇଥିଲା। ପୁଲିସକୁ ଦେଖି ସେମାନଙ୍କ ମଧ୍ୟରୁ କିଛି ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ବେଳେ ଏହି ୫ଜଣ ଧରାପଡ଼ିଥିଲେ।

**ଲ୍ୟାପଟପ୍, ମୋବାଇଲ ଓ ଅଳଙ୍କାର ଜବତ**

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- HINDI

**खंड - 'अ'(वस्तुपरक)**

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिकउपयुक्त उत्तर वाले विकल्प चुनकर लिखिए।** (1x5=5)

संसार के सभी देशों में शिक्षित व्यक्ति की सबसे पहली पहचान यह होती है कि वह अपनी मातृ भाषा में दक्षता से काम कर सकता है। केवल भारत एक देश है , जिसमें शिक्षित व्यक्ति वह समझा जाता है , जो अपनी मातृभाषा में दक्ष्य हो या नहीं , किंतु अंग्रेजी में जिसकी दक्षता असंदिग्ध हो । संसार के अन्य देशों में सुसंस्कृत व्यक्ति वह समझा जाता है ,जिसके घर में अपनी भाषा की पुस्तकों का संग्रह हो और जिसे बराबर यह पता रहे कि उसकी भाषा के अच्छे लेखक और कवि कौन हैं तथा समय - समय पर उसकी कौन - सी कृतियाँ प्रकाशित हो रही है। भारत में स्थिति दूसरी है यहाँ प्रायः घर में साज सजा के आधुनिक उपकरण तो होते हैं किंतु अपनी भाषा की कोई पुस्तक या पत्रिका दिखाई नहीं पड़ती। यह दुरावस्था भले ही किसी ऐतिहासिक प्रक्रिया का परिणाम है , किंतु वह सुदशा नहीं दुरावस्था ही है और जब तक यह दुरावस्था कायम है हमें अपने -आप को सही अर्थों में शिक्षित और सुसंस्कृत मानने का ठीक ठीक न्याय संगत अधिकार नहीं है। इस दुरावस्था का एक भयानक दुष्परिणाम यह है कि भारतीय भाषाओं के समकालीन साहित्य पर उन लोगों की दृष्टि नहीं पड़ती जो विश्वविद्यालयों के प्रायः सर्वोत्तम छात्र थे और अब शासन तंत्र में ऊंचे ओहदों पर काम कर रहे है। इस दृष्टि से भारतीय भाषाओं के लेखक केवल यूरोपीय और अमेरिकी लेखकों से ही हीन नहीं बल्कि उनकी किस्मत मिस्र, बर्मा, इंडोनेशिया, चीन और जापान के लेखको की किस्मत से भी खराब है। क्योंकि इन सभी देशों के लेखकों की कृतियाँ वहाँ के अत्यंत सुशिक्षित लोग भी पढ़ते हैं , केवल हम ही हैं जिनकी पुस्तकों पर यहाँ के तथाकथित शिक्षित समुदाय की दृष्टि प्रायः पडती ही नहीं ।

१) संसार के अन्य देशों में सु संस्कृत व्यक्ति किसे माना जाता है ?
   क) सभी भाषाओं का ज्ञाता हो।   ख) अपनी मातृभाषा की जानकारी हो।
   ग) अपनी मातृ भाषा में रचित साहित्य और साहित्यकारों की ज्ञानकारी हो।
   घ) अपने मातृ भाषा बोलने में कुशल हो।
२) भारत में मातृ भाषा के साहित्य की स्थिति कैसी है?
   क) अच्छी   ख) दयनीय   (ग) बहुत अच्छी   (घ) उच्च कोटि की।
३) भारतीय भाषाओं के लेखकों की किस्मत क्यों खराब है?
   क) मातृ भाषा की पुस्तक पर शिक्षित समुदायों का ध्यान अधिक है ।
   ख) मातृ भाषा की पुस्तक पर शिक्षित समुदाय का ध्यान नहीं है।
   ग) मातृ भाषा की पुस्तकों पर अशिक्षित लोगों का ध्यान है ।
   घ) मातृ भाषा की पुस्तकों की ओर लोगों की अधिक रुचि है।
४) भारत देश में कौन सा व्यक्ति शिक्षित समझा जाता है?
   क) जो पढ़ना, लिखना, जानता हो ।   ख) जो बोलने में चतुर हो।
   ग) जो मातृभाषा में दक्ष हो।   घ) जो अंग्रेजी में निपुण हो।
५) लेखक के अनुसार भारत में मातृ भाषा के साहित्य की दुरावस्था किस प्रक्रिया का परिणाम है ?
   क)धार्मिक प्रक्रिया का   ख)राजनीतिक प्रक्रिया का
   ग)ऐतिहासिक प्रक्रिया का   घ)सामाजिक प्रक्रिया का

**व्यावहारिक व्याकरण**

2. **निर्देशानुसार 'पदबंध' पर आधारित पाँच बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए ।** **(1x4)**

(क) 'सुलेमान केवल मानव जाति के ही राजा नहीं थे, सारे छोटे-बड़े पशु-पक्षी के भी हाकिम थे।' रेखांकित पदबंध का भेद है
   (i) संज्ञा पदबंध   (ii) सर्वनाम पदबंध (iii) क्रिया पदबंध   (iv) विशेषण पदबंध
(ख) 'जीने मरने वाले मनुष्य तो हो सकते हैं पर सही अर्थों में नहीं'। इस वाक्य में विशेषण पदबंध होगा -
   (i) मनुष्य तो हो सकते हैं   (ii) सही अर्थों में नहीं
   (iii) जीने-मरने वाले मनुष्य   (iv) जीने-मरने वाले
(ग) क्रियाविशेषण पदबंध का उदाहरण छाँटिए ।
   (i) 'प्रैक्टिकल आइडियालिस्टों के जीवन से आदर्श धीरे-धीरे पीछे हटने लगते हैं
   (ii) 'प्रैक्टिकल आइडियालिस्टों के जीवन से आदर्श धीरे-धीरे पीछे हटने लगते हैं
   (iii) 'प्रैक्टिकल आइडियालिस्टों के जीवन से आदर्श धीरे-धीरे पीछे हटने लगते हैं।
   (iv) 'प्रैक्टिकल आइडियालिस्टों के जीवन से आदर्श धीरे-धीरे पीछे हटने लगते हैं
(घ) 'अकसर हम या तो गुजरे हुए दिनों की खट्टी-मीठी यादों में उलझे रहते हैं या भविष्य के रंगीन सपने देखते रहते हैं' रेखांकित पदबंध का भेद है
   (i) संज्ञा पदबंध   (ii) सर्वनाम पदबंध   (iii) विशेषण पदबंध   (iv) क्रिया पदबंध
(ङ) खिड़की के बाहर अब असहाय दोनों कबूतर रात-भर खामोश और उदास बैठे रहते हैं। रेखांकित पदबंध का भेद है
   (i) संज्ञा पदबंध   (ii) क्रिया पदबंध   (iii) विशेषण पदबंध (iv) क्रियाविशेषण पदबंध

3. **निर्देशानुसार 'रचना के आधार पर वाक्य भेद पर आधारित पाँच बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए।** (1×4= 4)

(क) निम्नलिखित में से उपयुक्त सरल वाक्य छाँटिए ।
   (i) जो कहोगे उसका परिणाम तो भुगतना ही पड़ेगा ।
   (ii) नूह ने जब उनकी बात सुनी तो दुःखी हो मुद्दत तक रोते रहे।
   (iii) दूसरे गाँव के युवक के साथ संबंध परंपरा के विरुद्ध था ।
   (iv) मैं उनकी लताड़ सुनता और आँसू बहाने लगता ।
(ख) 'जब से कानून भंग का काम शुरू हुआ है तब से आज तक इतनी बड़ी सभा ऐसे मैदान में नहीं की गई थी।
   रचना के आधार पर वाक्य भेद है-
   (i) सरल वाक्य (ii) संयुक्त वाक्य (iii) मिश्रित वाक्य (iv) उपर्युक्त i एवं ii
(ग) कॉलम 1, कॉलम 2 के साथ सुमेलित कीजिए और सही विकल्प चुनकर लिखिए।

| कॉलम 1 | कॉलम 2 |
|---|---|
| I. भाई साहब और मैं कनकौआ लूटने के लिए दौड़ रहे थे। | a.संयुक्त वाक्य |
| II. क्योंकि मुझे और भाई साहब को कनकौआ लूटना था इसलिए हम दौड़ रहे थे। | b.सरल वाक्य |
| III. मुझे कनकौआ लूटना था और भाई साहब मेरे साथ दौड़ रहे थे। | c. मिश्र वाक्य |

   I – II – III
   (i) c – a – b
   (ii) b – c – a
   (iii) a – b – c
   (iv) b – a – c
(घ) निम्नलिखित वाक्यों में मिश्रित वाक्य है
   (i) जैसे ही वे घर से बाहर निकले वैसे ही जोर से धमाका हुआ
   (ii) वे लोग घर से बाहर निकले और जोर से धमाका हुआ
   (iii) धमाका होते ही घर से बाहर निकले
   (iv) उनके घर से निकलते ही जोर से धमाका हुआ
(ङ) 'शैलेंद्र का दृढ़ मंतव्य था कि दर्शकों की रुचि की आड़ में हमें उथलेपन को उन पर नहीं थोपना चाहिए ।' रचना के आधार पर इस वाक्य का भेद होगा
   (i) सरल वाक्य (ii) संयुक्त वाक्य (iii) मिश्र वाक्य (iv) विधानवाचक वाक्य

4. **निम्नलिखित पद्यांश को पढ़कर पूछे गए प्रश्नों के उत्तर के लिए सही विकल्प का चयन कीजिए ।** **(1x4)**

साँस थमसी गई, नब्ज ज़मती गई,
फिर भी बढ़ते कदम को न रुकने दिया
कट गए सर हमारे तो कुछ गम नहीं
सर हिमालय का हमने न झुकने दिया

मरते-मरते रहा बाँकपन साथियों
अब तुम्हारे हवाले वतन साथियों ।
जिंदा रहने के मौसम बहुत हैं मगर
जान देने की रुत रोज आती नहीं

(क) 'सर हिमालय का हमने न झुकने दिया का अथ है-
   (i) हिमालय को सजाना   (ii) शहीदों
   (iii) भारत के गौरव को बनाए रखना   (iv) देशवासियों
(ख) कवि द्वारा 'साथियों' संबोधन का प्रयोग ............... के लिए किया गया है।
   (i) कवियों   (ii) देशवासियों के लिए
   (iii) सैनिकों   (iv) साथियों के लिए
(ग) मरते-मरते रहा बाँकपन साथियों कवि ने ऐसा कहा है, क्योंकि-
   (i) सैनिक धरती को दुल्हन की तरह सजा हुआ देखकर प्रसन्न हो गए
   (ii) सैनिकों ने मातृभूमि की रक्षा हेतु जोश और साहस से युद्ध किया
   (iii) देशवासियों को बार-बार पुकारकर सैनिकों ने उनमें देशभक्ति का भाव जगाया
   (iv) सैनिकों ने कभी भी टेढ़ेपन से बातचीत नहीं की देश रक्षा ही एकमात्र उद्देश्य रहा
(घ) 'जान देने की रुत रोज आती नहीं का भाव है-
   (i) सैनिकों के हृदय में जीवित रहने की इच्छा नहीं
   (ii) जीवित रहने का समय आनंददायक होना चाहिए
   (iii) आत्म बलिदान द्वारा भी देश की रक्षा के लिए तत्परहैं
   (iv) जीवन और मरण सब कुछ ईश्वर की इच्छा पर निर्भर

**खंड 'ब' (वर्णनात्मक प्रश्न)**

5. निम्नलिखित प्रश्नों में से किन्ही दो प्रश्नों के उत्तर लगभग60 शब्दों में दीजिए । (3x2=6)

(क) परिवार के अनुभवी जनों के द्वारा दी गई सीख भविष्य निर्माण में सहायक सिद्ध होती है। आपके द्वारा स्पर्श पाठ्यपुस्तक में पढ़े गए पाठ के माध्यम से भी है यह ज्ञात होता है। कहानी "बड़े भाई साहब" के पात्रों के माध्यम से कथन को सिद्ध कीजिए ।
(ख) पाठ्यक्रम में पढ़ी एकांकी द्वारा सिद्ध कीजिए कि मुट्ठी भर आदमी भी बड़ी फौज पर काबू पा सकते हैं।
(ग) आशय स्पष्ट कीजिए 'व्यथा आदमी को पराजित नहीं करती उसे आगे बढ़ने का संदेश देती है।'

**लेखन**

6. आप विद्यालय के हिंदी संघ के सचिव रजत प्रधान / श्वेता प्रधान हैं । अपने वियालय के प्रधानाधार्या को पत्र लिखिए जिसमें पुस्तकालय में हिंदी की अच्छी पुस्तकें व पत्रिकाएँ मँगवाने के लिए निवेदन किया गया हो।

*****

*All the Best...*

**ANSWER KEY**

**1.** १)ग   २)ख   ३)ख   ४)घ)   ५)ग
**2.** (क)(i) (ख)(iv) (ग)(ii) (घ)(iv) (ङ)(i)
**3.** (क)(iii) (ख)(iii) (ग)(ii) (घ)(i) (ङ)(iii)
**4.** (क)(iii) (ख)(iii) (ग)(ii) (घ)(iii)

ePaper : www.sakalaepaper.com   Twitter : thesakala
News Portal : https://thesakala.in   Instagram : thesakala
Facebook : TheSakalaDigital   Youtube : @thesakaladigital

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

# ବାନ୍ଧକଳାର ବିନ୍ଧାଣି ସୁକାନ୍ତି



ପିଲାବେଳେ ତାଙ୍କର ପାଠପଢ଼ା ପ୍ରତି ସେତେଟା ଆଗ୍ରହ ନ ଥିଲା । ଖେଳକୁଦ ବୁଲାବୁଲିରେ ହିଁ ସେ ସମୟ ଅତିବାହିତ କରିବାକୁ ଭଲ ପାଉଥିଲେ । ତେବେ ବାନ୍ଧକଳା ତାଙ୍କ ପରିବାରର କୌଳିକ ବୃତ୍ତି । ପରିବାର ସମସ୍ତ ସଦସ୍ୟ ଏଥିରେ ନିୟୋଜିତ ଥିଲେ ହେଁ ସେ କିନ୍ତୁ ଏହି କାମ ପ୍ରଥମେ କରିବା ପାଇଁ ଆଗ୍ରହ ପ୍ରକାଶ କରି ନ ଥିଲେ । ତେବେ ବାହାଘର ପରେ ଶାଶୂ ଶଶୁର ତାଙ୍କୁ ବାନ୍ଧକଳା ସହ ପରିଚିତ କରାଇଥିଲେ । ସେଥିପାଇଁ ବୋହୂ ଭାବେ ସେ କେବଳ ରୋଷଶାଳାରେ ବାନ୍ଧି ନ ହୋଇ ତନ୍ତଶାଳରେ ବାନ୍ଧି ହୋଇଯାଇଥିଲେ । ଏଇଠୁ ଆରମ୍ଭ ହୋଇଥିଲା ତାଙ୍କ ଶିଳ୍ପୀ ଯାତ୍ରା । ସେହିପରି ସ୍ୱାମୀ ତଥା ପରିବାର ସଦସ୍ୟଙ୍କ ପ୍ରୋତ୍ସାହନ ଯୋଗୁଁ ଦେଶ ବିଦେଶରେ ସେ ବାନ୍ଧଶିଳ୍ପକୁ ବିସ୍ତାର କରି ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେମିତି ଜଣେ ଜାତୀୟ ପୁରସ୍କାର ପ୍ରାପ୍ତ ବାନ୍ଧଶିଳ୍ପୀ ହେଲେ ବରଗଡ଼ ଜିଲ୍ଲାର ବରପାଲିର ସୁକାନ୍ତି ମେହେର ।

### ବାହାଘର ପରେ ବଦଳିଲା ଜୀବନ

ସୁକାନ୍ତିଙ୍କ ବାପଘର ସୁବର୍ଣ୍ଣପୁର ଜିଲ୍ଲା (ସୋନପୁର) ବିନିକାର ହୋଇଥିବା ବେଳେ ଶାଶୂଘର ବରପାଲିରେ। ଏହା ପୁଣି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ। ସେହି କଳା, ସଂସ୍କୃତି, ମାଟି, ପାଣି,ପବନ ସଂସ୍ପର୍ଶରେ ଆସି ତାଙ୍କ ଜୀବନ ବଦଳିଥିବା ସେ କହନ୍ତି। ବାନ୍ଧ କାମ କ'ଣ ଜାଣି ନ ଥିବା ବେଳେ ଶାଶୂଶଶୁର ତାଙ୍କୁ ଝିଅ ଭାବେ ଟିକିନିଖି ସବୁ ଶିଖାଇଲେ। ସେଥିପାଇଁ ସେମାନେ ତାଙ୍କୁ ରୋଷଶାଳାରେ ବାନ୍ଧି ନ ରଖି ତନ୍ତଶାଳାରେ ବାନ୍ଧି ରଖିଲେ। ଧୀରେ ଧୀରେ ସୁକାନ୍ତି ସୂତା, ଖଳା, ବାନ୍ଧ, ରଙ୍ଗ ସବୁ ସହ ପରିଚିତ ହେଲେ। ୮୦ ସୂତା, ୧୨୦ ସୂତା ଭଳି ବାନ୍ଧ ସମ୍ବନ୍ଧୀୟ ଅନ୍ୟାନ୍ୟ କାମ ସବୁ ଧୀରେ ଧୀରେ ଜାଣିଲେ। ତେବେ ୧୯୯୩ରୁ ୨୦୦୬ ପର୍ଯ୍ୟନ୍ତ ସେ କାମ ଶିଖିଥିବା କହିଛନ୍ତି।



'କୃଷ୍ଣ-ଅର୍ଜୁନ' ଡିଜାଇନ୍ ପାଇଁ ବର୍ଷେ ଲାଗିଛି



ସ୍ୱାମୀଙ୍କ ସହ ସୁକାନ୍ତି

### ସ୍ୱାମୀଙ୍କ ପ୍ରେରଣା ଆଗକୁ ନେଇଛି

ଏ କ୍ଷେତ୍ରରେ ସୁକାନ୍ତିଙ୍କ ଗୁରୁ ହେଉଛନ୍ତି ତାଙ୍କ ସ୍ୱାମୀ ମକରଧ୍ୱଜ ମେହେର। ଯେକି ଜଣେ ଦକ୍ଷ ବାନ୍ଧ କାରିଗର। ସାଧାରଣ ବୁଣାକାର ପରିବାର ବୋହୂ ହୋଇଥିବା ବେଳେ ପ୍ରଥମେ ଆର୍ଥିକ ପରିସ୍ଥିତି ତାଙ୍କର ସେତେଟା ସ୍ୱଚ୍ଛଳ ନ ଥିଲା। ଏପରିକି ଦୁଇ ପୁଅ ପ୍ରହଲ୍ଲାଦ ଓ ପ୍ରତାପଙ୍କ ସ୍କୁଲ ଫି' ଦେବାକୁ ସେ ସମୟରେ ତାଙ୍କ ପାଖରେ ସମ୍ବଳ ନ ଥିଲା। ସେଥିପାଇଁ ସେ ସ୍ୱାମୀଙ୍କୁ ସହଯୋଗ କରିବାକୁ ଚାହିଁଲେ। ସେଥିପାଇଁ ସକାଳ ୧୦ଟାରୁ ରନ୍ଧାବଢ଼ା ଶେଷ କରି ପିଲାଙ୍କୁ ସ୍କୁଲ ପଠାଇବା ପରେ ସ୍ୱାମୀଙ୍କ ପାଖରେ ଘଣ୍ଟା ଘଣ୍ଟା ଧରି ଏହି କାମ ଶିଖିବାକୁ ବସୁଥିଲେ। ତାଙ୍କ ସ୍ୱାମୀ ବାହାରକୁ ଯିବା ବେଳେ ସେ ତାଙ୍କ ସ୍ଥାନରେ ବସି ସେହି କାମ କରୁଥିଲେ। ଏହିପରି ଭାବେ ଧୀରେ ଧୀରେ ସ୍ୱାମୀଙ୍କ ପ୍ରେରଣା ଓ ପ୍ରୋତ୍ସାହନ ପାଇ ଏ ଦିଗରେ ଆଗକୁ ଗଲେ। ତା'ସହ ସ୍ୱାମୀଙ୍କ ସହ ମିଶି କାମ କରୁଥିବାରୁ ତାଙ୍କୁ ଆହୁରି ଗର୍ବ ଲାଗୁଥିବା ସେ କହିଛନ୍ତି।

### ସଂଘର୍ଷରୁ ସଫଳତା

ସୁକାନ୍ତି କହନ୍ତି ବାନ୍ଧକାମ ସଫଳତାର ଯାତ୍ରା ଆଦୌ ସହଜ ନ ଥିଲା। ପ୍ରଥମେ ସେ ଏ ସମ୍ବନ୍ଧରେ କିଛି ଜାଣି ନ ଥିଲେ। ଏପରିକି ବୁଣାକାର ସେବା କେନ୍ଦ୍ର ଥିବା ମଧ୍ୟ ତାଙ୍କର ଧାରଣା ନ ଥିଲା। ଧୀରେ ଧୀରେ ସବୁ କ୍ଷେତ୍ର ସହ ପରିଚିତ ହେଲେ। ଏହାସହ ତାଙ୍କ କାମ ମଧ୍ୟ ଲୋକଲୋଚନକୁ ଆସିଲା। ୨୦୦୬ରେ ଗୋଟିଏ ୟୁନିଡୋ କ୍ଲଷ୍ଟର ସହ ପରିଚିତ ହେବା ପରେ ଏ ଦିଗରେ ସେ ଆଗକୁ ବଢ଼ିଥିବା କହିଛନ୍ତି। ସେହିପରି ତାଙ୍କ କାମ ଆଜି ତାଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚିତ କରାଇଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ରାଜ୍ୟ ପୁରସ୍କାର ଗ୍ରହଣ କରିଥିବା ବେଳେ ରାଷ୍ଟ୍ରପତିଙ୍କ ଦ୍ୱାରା ସେ ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି।



ବାନ୍ଧ କାମରେ ନିମଗ୍ନ

### ଗ୍ରାହକଙ୍କ ଚାହିଦାକୁ ଗୁରୁତ୍ୱ ଦିଅନ୍ତି

ସୁକାନ୍ତି ସରୁ ସୂତା ବ୍ୟବହାର, ଫିନିସିଂ, ରଙ୍ଗ ଆଦି ସବୁ ଦିଗ ଉପରେ ଦୃଷ୍ଟି ଦେଇଥାନ୍ତି। ତାଙ୍କର ଗୁଣାତ୍ମକ ଓ ଉନ୍ନତମାନର ବାନ୍ଧକାମ ହିଁ ତାଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇପାରିଛି। ଏହାବାଦ୍ ଗ୍ରାହକଙ୍କ ଚାହିଦା, କଲର କମ୍ବିନେସନ, ଡିଜାଇନ ଆଦି ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥାନ୍ତି। ତେବେ ଶାଢ଼ିର ଡିଜାଇନ ଉପରେ ବୁଣିବାର ସମୟ ନିର୍ଭର କରେ। ଗୋଟେ ଶାଢ଼ି ପାଇଁ କେଉଁଠି ପାଞ୍ଚ ଦିନ ଲାଗେ ତ ପୁଣି କେଉଁଠି ଦୁଇମାସ, ୬ ମାସ ଲାଗିଥାଏ। ଏପରିକି 'କୃଷ୍ଣ ଅର୍ଜୁନ' ଡିଜାଇନ୍ ପାଇଁ ବର୍ଷେ ଲାଗିଥିବା ସେ କହିଛନ୍ତି। ଅନ୍ୟପଟେ କାମ ସରିବା ପରେ ଶାଢ଼ିର ଡିଜାଇନ ଅନୁସାରେ ନାମକରଣ କରାଯାଏ ବୋଲି ସୁକାନ୍ତି କହିଛନ୍ତି। 'ଚିତ୍ରକରି', 'ଉତ୍କଳ ଲକ୍ଷ୍ମୀ', 'ଭାନୁମତି', 'ମଞ୍ଜୁସା' ଭଳି ବାନ୍ଧଶାଢ଼ିର ଅନନ୍ୟ କାରିଗର ହେଉଛନ୍ତି ସୁକାନ୍ତି।

### ଅନ୍ୟମାନଙ୍କ ପାଇଁ ଉଦାହରଣ

ବେଶି ପାଠ ନ ପଢ଼ିବା ସତ୍ତ୍ୱେ ମଧ୍ୟ ସୁକାନ୍ତି ଭୁବନେଶ୍ୱର ଆଇଆଇଟି, ସମ୍ବଲପୁର ଆଇଆଇଏମ୍, ଫ୍ୟାବ୍ ଇଣ୍ଡିଆ ବ୍ରାଣ୍ଡ ସହ ମିଶି କାମ କରିଛନ୍ତି । ସେହିପରି ସେ ୨୦ ବୁଣାକର ପରିବାରଙ୍କ ସହ ସାମିଲ ଅଛନ୍ତି । ଦୁଇ ହଜାର ମହିଳାଙ୍କୁ ଦକ୍ଷତା ବିକାଶ ସହିତ ଯୋଡ଼ିଛନ୍ତି । ଏହାବାଦ୍ ଓଡ଼ିଶା ସରକାରଙ୍କ ବିକାଶ ପରିଷଦର ସଦସ୍ୟା ଥିବା ସୁକାନ୍ତି ଅନ୍ୟମାନଙ୍କୁ ଏ ଦିଗରେ ଟ୍ରେନିଂ ମଧ୍ୟ ପ୍ରଦାନ କରିଛନ୍ତି । ବହୁତ ଲୋକଙ୍କ ମାର୍ଗଦର୍ଶକ ସାଜି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଏବେ ତାଙ୍କର ଦୁଇପୁଅ ମଧ୍ୟ ତାଙ୍କ ପଥରେ ଯୋଡ଼ି ହୋଇଛନ୍ତି । ଭାରତବର୍ଷରେ ଲୋକେ ତାଙ୍କୁ ଚିହ୍ନୁଥିବାରୁ ଏହାକୁ ନେଇ ସେ ଗର୍ବ ଅନୁଭବ କରିବା ସହ ବେଶ୍ ଖୁସି ଥିବା କହନ୍ତି ।

### ସମାଜସେବା କରନ୍ତି

ସୁକାନ୍ତିଙ୍କ ପରିଚୟ କେବଳ ବାନ୍ଧଶିଳ୍ପୀରେ ସୀମିତ ନାହିଁ । ସେ ନିଜକୁ ସମାଜସେବାରେ ମଧ୍ୟ ନିୟୋଜିତ କରିଛନ୍ତି । ସେ ଏକ ଏନ୍‌ଜିଓ (ସରସ୍ୱତୀ ମହିଳା ସଂଘ) ଭଳି ଅନ୍ୟ ସାମାଜିକ ସଂସ୍ଥା ସହ ସାମିଲ ହୋଇ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ, ଦକ୍ଷତା, ପ୍ରତିଭା ଥିଲେ ଜଣେ କିଛି ବି କରିବାକୁ ସକ୍ଷମ । ନିଜ ଭିତରେ ଧୈର୍ଯ୍ୟ ରହିଲେ ସଫଳ ହେବା ସମ୍ଭବ ବୋଲି ସେ କହିଛନ୍ତି । ଆଗକୁ କେମିତି ଏହି କାମରେ ଅଧିକ ନାଁ କମାଇବେ ସେ ପ୍ରଚେଷ୍ଟା ବି ତାଙ୍କର ଜାରି ରହିବ ବୋଲି ସୁକାନ୍ତି କହିଛନ୍ତି ।

# ଗ୍ଲସି ମେକ୍‌ଅପ୍ ଲୁକ୍



**ଆଗକୁ ଆସୁଛି ନୂଆବର୍ଷ । ନୂଆବର୍ଷ ପାର୍ଟି ପାଇଁ ଗ୍ଲସି ମେକ୍‌ଅପ୍‌କୁ ଆପଣାଇପାରିବେ । କାରଣ ଶୀତଦିନକୁ ଗ୍ଲସି ମେକ୍‌ଅପ୍ ଭଲ ଲାଗେ । ତା'ସହ ଏଥିରୁ ମହିଳାଙ୍କୁ ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ମିଳିଥାଏ ।**

- ମେକ୍‌ଅପ୍ ନେବା ପୂର୍ବରୁ ମୁହଁକୁ ଭଲ ଭାବେ ଫେସ୍‌ୱାଶ୍‌ରେ ସଫା କରନ୍ତୁ ।
- ଏହାପରେ କୌଣସି ଲାଇଟ୍ ମଏଶ୍ଚରାଇଜର ଲଗାଇ ମୁହଁକୁ ଭଲ ଭାବେ ମଏଶ୍ଚରାଇଜ କରନ୍ତୁ ।
- ମୁଖ୍ୟତଃ ଶୀତଦିନେ ଗ୍ଲସି ମେକ୍‌ଅପ୍ ନେବାକୁ ଚାହଁୁଥିଲେ ଏହାର ବେସ୍ ଠିକ୍ ରହିବା ଜରୁରି। ତେଣୁ ତ୍ୱଚା ଅନୁସାରେ ମୁହଁରେ ପ୍ରାଇମର୍ ଲଗାନ୍ତୁ। ଯାହାଦ୍ୱାରା ମେକ୍‌ଅପ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ ।
- ଏହାପରେ ବିୟୁଟି ବ୍ଲେଣ୍ଡରରେ ହାଇଡ୍ରେଟିଂ ଲିକୁଇଡ୍ ଫାଉଣ୍ଡେସନ୍ ବ୍ୟବହାର କରନ୍ତୁ । ମୁହଁରେ ବ୍ରଣ, କିମ୍ବା କଳା ଦାଗ ଥିଲେ ତାହାକୁ ଲୁଚାଇବା ପାଇଁ ଯେକୌଣସି କ୍ରିମ୍ କନ୍‌ସିଲର୍ ବ୍ୟବହାର କରିପାରିବେ ।
- ମୁହଁର କୌଣସି ପାର୍ଟକୁ ହାଇଲାଇଟ୍ କରିବାକୁ ଚାହଁୁଥିଲେ ବ୍ରୋଞ୍ଜର ବ୍ୟବହାର କରନ୍ତୁ । ଏଥିସହିତ ଗାଲରେ ପିଚ୍ ସେଡ୍‌ର କ୍ରିମି ବ୍ଲସ୍ ଲଗାନ୍ତୁ। ଏହାକୁ ବ୍ଲେଣ୍ଡରରେ ଭଲ ଭାବେ ବ୍ଲେଣ୍ଡ କରନ୍ତୁ । ତା'ପରେ ନାକ ଓ ମଥାରେ ହାଇଲାଇଟର୍ ଲଗାଇ ଭଲ ଭାବେ ବ୍ଲେଣ୍ଡ କରନ୍ତୁ ।
- ଆଖିରେ ରୋଜ୍ ଗୋଲଡ କିମ୍ବା ସିଲ୍‌ଭର୍ ଆଇସ୍ୟାଡୋ ଲଗାନ୍ତୁ । ଆଖି ପତାରେ ମସ୍କାର ଲଗାନ୍ତୁ । ଏହା ଆଖିକୁ ଅଧିକ ସୁନ୍ଦର କରିଥାଏ ।
- ଗ୍ଲସି ମେକ୍‌ଅପ୍‌ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ ଓଠ । ପ୍ରଥମେ ଓଠରେ ହାଇଡ୍ରେଟିଂ ଲିପ୍‌ବାମ୍ ଲଗାନ୍ତୁ । ଏହା ପରେ ପିଚ୍ ରଙ୍ଗର ଲିପଷ୍ଟିକ୍ ଲଗାନ୍ତୁ । ଓଠର ଚମକ ପାଇଁ ହାଇ ସାଇନ୍ ଲିପ୍‌ଗ୍ଲସ୍ ବ୍ୟବହାର କରନ୍ତୁ ।

# ପୋଷାକ ରଙ୍ଗ ଅନୁସାରେ ଲିପଷ୍ଟିକ୍



**ଲିପଷ୍ଟିକ୍ ତଥା ଲିପ୍‌ଗ୍ଲସକୁ ନେଇ ସବୁ ମହିଳାଙ୍କର ନିଜସ୍ୱ ପସନ୍ଦ ରହିଛି । ତେବେ ଫେଶନ୍ କଥାକୁ ଯଦି ଦୃଷ୍ଟି ଦିଆଯିବ, ତେବେ ସବୁ ଆଉଟ୍‌ଫିଟ୍ ସହ ନିର୍ଦ୍ଦିଷ୍ଟ କେତେକ ଲିପଷ୍ଟିକ୍ ସେଡ୍ ଭଲ ମାନିଥାଏ । ସେଭଳି କେତେକ ସ୍ୱତନ୍ତ୍ର ସେଡ୍‌ର ଲିପଷ୍ଟିକ୍ ସମ୍ପର୍କରେ ଜାଣିବା ।**

### ଧଳା ଡ୍ରେସକୁ ନ୍ୟୁଡ୍ ସେଡ୍

ଆଜିକାଲି ଧଳା ରଙ୍ଗର ପୋଷାକ ପିନ୍ଧିବାକୁ ସମସ୍ତେ ପସନ୍ଦ କରୁଛନ୍ତି । ଧଳା ରଙ୍ଗର ପୋଷାକ ପରିଧାନ କରୁଥିଲେ ନ୍ୟୁଡ୍ କିମ୍ବା ଲାଇଟ୍ ପିଙ୍କ୍ ରଙ୍ଗର ଲିପଷ୍ଟିକ୍ ଲଗାଇପାରିବେ ।

### ନାଲି ସହିତ ଗୋଲାପୀ

ମେରୁନ୍ ରଙ୍ଗର ଲିପଷ୍ଟିକ୍ ସର୍ବଦା ଟ୍ରେଣ୍ଡରେ ଥାଏ । ତେଣୁ ଏହା କେବେ ପୁରୁଣା ହୁଏ ନାହିଁ । ସେହିପରି ଶୀତଦିନେ ମହିଳାମାନେ ନାଲି ରଙ୍ଗର ପୋଷାକ ପିନ୍ଧିବାକୁ ବେଶି ପସନ୍ଦ କରୁଥିବା ଦେଖାଯାଏ। ତେଣୁ ନାଲି ରଙ୍ଗର ଯେକୌଣସି ଡ୍ରେସ୍ ସହିତ ମେରୁନ ରଙ୍ଗର ଲିପଷ୍ଟିକ୍ ଲଗାଇଲେ ଭଲ ଲାଗେ । ଏହାବାଦ୍ ଚାହିଁଲେ ଗୋଲାପୀ ରଙ୍ଗର ଲିପଷ୍ଟିକ୍ ଲଗାଇପାରିବେ ।

### ନୀଳ ଡ୍ରେସକୁ ଭଲ ଲାଗେ ପିଚ୍

ନୀଳରଙ୍ଗ ଡ୍ରେସକୁ ପିଚ୍ ରଙ୍ଗର ଲିପଷ୍ଟିକ୍ ଖୁବ୍ ସୁନ୍ଦର ଲାଗେ । ଏହି ଲିପଷ୍ଟିକ୍ ସବୁ ବୟସର ମହିଳାମାନେ ଲଗାଇପାରିବେ । ଏଥିରୁ ଏକ ଡିସେଣ୍ଟ ଲୁକ୍ ମିଳିଥାଏ ।

# ଟ୍ରେଣ୍ଡରେ ଡିଜାଇନର୍ ଲଟ୍‌କନ୍



**ଶାଢ଼ି ତଥା ଲେହେଙ୍ଗାର ବ୍ଲାଉଜ୍‌କୁ ଅଧିକ ସୁନ୍ଦର କରିଥାଏ ଡିଜାଇନର୍ ଲଟକନ୍ । ତେବେ ଏବେ ନେଟ୍ ଭଳି ଆହୁରି ଅଧିକ ଡିଜାଇନ୍‌ର ଲଟକନ୍ ରହିଛି । ଜାଣିବା ସେ ସମ୍ପର୍କରେ ।**

ଏବେ ନେଟ୍ ଲଟ୍‌କନ୍ ଟ୍ରେଣ୍ଡରେ ରହିଛି । ଏହି ଲଟ୍‌କନ୍‌କୁ ବାଦାମୀ ରଙ୍ଗ ଲେହେଙ୍ଗାରେ ଲଗାଇଲେ ଭଲ ଲାଗେ । ଚାହିଁଲେ ଲେହେଙ୍ଗା ଓଢ଼ଣିରେ ମୋତି ଲଗାଇ ଏହାକୁ ଆହୁରି ଆକର୍ଷଣୀୟ କରିପାରିବେ । ଏ ପ୍ରକାର ଲଟ୍‌କନ୍‌ର ଦାମ୍୭୦ଟଙ୍କାରୁ ଆରମ୍ଭ ହୋଇ ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି କାଚ ଲଟ୍‌କନ୍‌ର ଟ୍ରେଣ୍ଡ କେବେ ପୁରୁଣା ହୋଇ ନ ଥାଏ । ଏ ପ୍ରକାର ଲଟ୍‌କନ୍ ଟିକେ ଓଜନିଆ । ତେବେ ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗେ । ତା'ସହ ଡ୍ରେସ୍‌ରେ ଏହାକୁ ଯୋଡ଼ିବା ପରେ ତାହାର ସୁନ୍ଦରତା ଅଧିକ ବୃଦ୍ଧି ପାଇଥାଏ । ଏହି ଲଟ୍‌କନ୍‌ର ଦାମ୍ ୧୦୦ ଟଙ୍କାରୁ ଆରମ୍ଭ କରି ୩୫୦ ଟଙ୍କା ମଧ୍ୟରେ ରହିଛି ।

# ସୋମ୍ବ୍ରେରୀ ଚିକେନ୍

### ଆବଶ୍ୟକ ସାମଗ୍ରୀ

ଚିକେନ୍: ୫୦୦ ଗ୍ରାମ, ଗୋଲମରିଚ, ଡାଲଚିନି, ଜିରା, ତେଜପତ୍ର, କଞ୍ଚାଲଙ୍କା,ଗୁଜୁରାତି, ଲବଙ୍ଗ, ଭୃର୍ସଙ୍ଗ ପତ୍ର: ଅଳ୍ପ କିଛି, କଟା ପିଆଜ: ଏକ କପ୍, କଟା ଟମାଟୋ: ଏକ କପ୍, ଅଦା ରସୁଣ ପେଷ୍ଟ: ଦୁଇ ଚାମଚ, ହଳଦୀ ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଧନିଆ ଗୁଣ୍ଡ: ଅଧା ଚାମଚ, ଗରମ ମସଲା: ଅଧା ଚାମଚ, ଲେମ୍ବୁ ରସ: ଅଧା ଚାମଚ, କାଜୁ, ପୋସ୍ତ, ନଡ଼ିଆ ପେଷ୍ଟ: ଏକ ଚାମଚ, ଦହି: ଦୁଇ ଚାମଚ, ତେଲ: ଆବଶ୍ୟକତା ଅନୁସାରେ, ଲୁଣ: ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ରଖନ୍ତୁ । ସେଥିରେ ସମସ୍ତ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ସେଥିରେ କଟା ପିଆଜ, ଅଦା ରସୁଣ ପେଷ୍ଟ, କଟା ଟମାଟୋ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଗରମ ମସଲା, ଭୃର୍ସଙ୍ଗପତ୍ର, ଦହି, ଧନିଆ ଗୁଣ୍ଡ ପକାଇ ଭଲ ଭାବେ ଗୋଳାଇ ରଖନ୍ତୁ । ଚୁଲାରେ ପ୍ରେସର କୁକର ବସାଇ କିଛି ତେଲ ଦିଅନ୍ତୁ । ତେଲ ଗରମ ହେବା ପରେ ଚିକେନକୁ ପକାନ୍ତୁ । ଦୁଇଟି ସିଟି ଆସିବା ପରେ ଚୁଲା ବନ୍ଦ କରି ଦିଅନ୍ତୁ । କିଛି ସମୟ ପରେ ଢ଼ାଙ୍କୁଣି ଖୋଲନ୍ତୁ । ଏହାପରେ ପୁଣି ଥରେ ଚୁଲା ଲଗାଇ ସେଥିରେ କାଜୁ, ପୋସ୍ତ, ନଡ଼ିଆ ପେଷ୍ଟ ଦିଅନ୍ତୁ । କିଛି ସମୟ ଧିମା ଆଞ୍ଚରେ ଏହାକୁ ଫୁଟିବାକୁ ଛାଡ଼ନ୍ତୁ । ପରେ ଧନିଆପତ୍ର ଓ ଗରମ ମସଲା ପକାନ୍ତୁ । ପ୍ରସ୍ତୁତ ହେଇଗଲା ସୋମ୍ବ୍ରେରୀ 'ଚିକେନ୍' ।




# ନୂଆବର୍ଷରେ ସିମର୍ ଡ୍ରେସ୍‌ର ଆକର୍ଷଣ

**କୌଣସି ପର୍ବପର୍ବାଣି ଆସିଲେ ଡ୍ରେସ୍ ଓ ମେକଅପ୍‌କୁ ନେଇ ମହିଳାମାନେ ସଚେତନ ହୋଇଥାନ୍ତି । ଏହି ପରିପ୍ରେକ୍ଷୀରେ ଦିନ କେଇଟା ପରେ ଆସିବ ନୂଆବର୍ଷ । ଏହିଦିନ କେଉଁ ପ୍ରକାର ଆଉଟ୍‌ଫିଟ୍ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିବ, ସେସମ୍ପର୍କରେ ଜାଣି ରଖିବା ।**

### ସିମର୍ ଗାଉନ୍

କୌଣସି ପାର୍ଟି ଫଙ୍କସନ୍‌ରେ ମହିଳାମାନେ ଗାଉନ ପିନ୍ଧିବାକୁ ଭଲପାଆନ୍ତି । କିନ୍ତୁ ସିମର୍ ଗାଉନ୍ ସାଧାରଣ ଗାଉନ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ସହ କୌଣସି ହେଭି ଜୁଏଲାରି ପିନ୍ଧିବାକୁ ପଡ଼ି ନ ଥାଏ । ଯେକୌଣସି ଷ୍ଟୋନ୍‌ୱାର୍କର ଲମ୍ବା କାନଫୁଲ ଏହି ଡ୍ରେସ୍ ସହିତ ପିନ୍ଧିଲେ ଭଲ ଲାଗେ । ତା'ସହ ଏହି ଡ୍ରେସ୍‌କୁ ହାଇ ହିଲ୍ ଭଲ ଲାଗେ ।

### ସିମର୍ ସାର୍ଟ

ଏବେ ଏ ପ୍ରକାର ସାର୍ଟ ଟ୍ରେଣ୍ଡରେ ରହିଛି । ଗାଉନ ପିନ୍ଧିବାକୁ ପସନ୍ଦ ନ ଥିଲେ ଜିନ୍ସ ସହିତ ଏହାକୁ ପିନ୍ଧିପାରିବେ । ଏହି ଆଉଟ୍‌ଫିଟ୍‌କୁ ଛୋଟ କାନଫୁଲ କିମ୍ବା ଗୋଲାକାର ରିଙ୍ଗ ଖୁବ୍ ସୁନ୍ଦର ମାନିଥାଏ ।

### ସିମର୍ ଜ୍ୟାକେଟ୍

ସିମର ଜ୍ୟାକେଟ୍‌ରୁ ନିଆରା ଲୁକ୍ ମିଳିଥାଏ । ସେଥିପାଇଁ ଅନେକ ମହିଳା ଏହି ଜ୍ୟାକେଟ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି । ତେବେ ଯେକୌଣସି ଡ୍ରେସ୍ ସହିତ ଏହି ଜ୍ୟାକେଟକୁ ପିନ୍ଧିପାରିବେ ।



### ଲୋକେଶ ରାହୁଲ ଓ ଡିନ୍ ଏଲଗାରଙ୍କ ଶତକ

# ଭାରତ ୨୪୫, ଦ. ଆଫ୍ରିକା ୨୫୬/୫

ସେଞ୍ଚୁରିଆନ୍, ୨୭।୧୨(ଏଜେନ୍ସି)

ୱିକେଟରକ୍ଷକ ଲୋକେଶ ରାହୁଲଙ୍କ ଚମତ୍କାର ଶତକ ବଳରେ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତ ପ୍ରଥମ ପାଳିରେ ୨୪୫ ରନ୍ କରିବାକୁ ସମର୍ଥ ହୋଇଛି। ଭାରତ ପକ୍ଷରୁ ରାହୁଲ ୧୦୧ ରନ୍‌ର ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଜବାବରେ ଡିନ୍ ଏଲଗାରଙ୍କ ସହଜ ଶତକ ବଳରେ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଦକ୍ଷିଣ ଆଫ୍ରିକା ୫ ୱିକେଟ



ବିନିମୟରେ ୨୫୬ ରନ୍ ସଂଗ୍ରହ କରିନେଇଛି। ଏହି ସିରିଜ୍ ପରେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଥିବା ଏଲ୍‌ଗାର ପ୍ରଭାବୀ ବ୍ୟାଟିଂ କରି ୧୪୦ ରନ୍‌ରେ ଅପରାଜିତ ରହିବା ଫଳରେ ଘରୋଇ ଦଳ ୧୧ ରନ୍‌ରେ ପ୍ରଥମ ପାଳି ଆଗୁଆ ହେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ରହିଥିଲାବେଳେ ଭାରତ ନିରାଶ ହୋଇଛି।

**ରାହୁଲଙ୍କ ସାହସିକ ଶତକ**

ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଏକାକୀ ମୁକାବିଲା କରିଥିଲେ ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲ। ପ୍ରଥମ ଦିନ ୭୦ ରନ୍‌ରେ ଅପରାଜିତ ରହିଥିବା ରାହୁଲ ଦ୍ୱିତୀୟ ଦିନ ମଧ୍ୟ ଘରୋଇ ବୋଲରଙ୍କୁ ଉଚିତ ମୁକାବିଲା କରି ଶତକ ହାସଲ କରିଥିଲେ। ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହାୟତା ନେଇ ରାହୁଲ ଏଠାରେ ତାଙ୍କ ଟେଷ୍ଟ ଜୀବନର ୮ମ ତଥା ଏହି ପିଚ୍‌ରେ ଦ୍ୱିତୀୟ ଶତକ ହାସଲ କରିଥିଲେ। ସେ ୯୫ ରନ୍ କରିଥିଲାବେଳେ ଛକା ମାରି ଶତକ ପୂରଣ କରିଥିଲେ, କିନ୍ତୁ ଏହାର ପର ଓଭରରେ ବୋଲ୍ଡ ଆଉଟ ହୋଇଯାଇଥିଲେ। ୯୨ ରନ୍‌ରେ ଚତୁର୍ଥ ୱିକେଟ ପଡ଼ିଯିବା ପରେ ରାହୁଲ ଭାରତୀୟ ପାଳିକୁ ଏକାକୀ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ସିରାଜଙ୍କ ସହ ମିଶି ୯ମ ୱିକେଟରେ ୪୭ ରନ୍ ସଂଗ୍ରହ କରିବା ଥିଲା ଉଲ୍ଲେଖନୀୟ ଘଟଣା। ଏହା ମଧ୍ୟରୁ ସିରାଜ ୨୨ ବଲ ଖେଳି ୫ ରନ୍ କରିଥିଲେ। ସେ ୧୩୭ ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ୪ ଛକା ସହ ୧୦୧ ରନ୍ କରିଥିଲେ।

**ଏଲ୍‌ଗାରଙ୍କ ଲଢୁଆ ଜବାବ**

ଦକ୍ଷିଣ ଆଫ୍ରିକା ପାଳି ଆରମ୍ଭ କରି ଆଇଡେନ୍ ମାର୍କରାମ (୫)ଙ୍କୁ ଶୀଘ୍ର ହରାଇଥିଲା। ଦ୍ୱିତୀୟ ୱିକେଟରେ ଡିନ୍ ଏଲଗାର ଓ ଟୋନି ଡି ଜୋର୍ଜି ୯୩ ରନ୍ ଉଠାଇ ଭାରତକୁ ନିରାଶ କରିଥିଲେ। ଯଶପ୍ରୀତ ବୁମ୍‌ରା ତାଙ୍କ ଦ୍ୱିତୀୟ ସ୍ପେଲ୍‌ରେ ଉଭୟ ଡି ଜୋର୍ଜି (୨୮) ଓ କିଗାନ ପିଟରସନ (୨)ଙ୍କୁ ଆଉଟ କରି ଭାରତକୁ ସଫଳତା ଦେଇଥିଲେ। କିନ୍ତୁ ଚତୁର୍ଥ ୱିକେଟରେ ଏଲ୍‌ଗାର ଓ ପଦାର୍ପଣକାରୀ ଡେଭିଡ୍ ବେଡିଙ୍ଗହାମ୍ ୧୩୧ ରନ୍ ଉଠାଇ ଭାରତକୁ



ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ବେଡିଙ୍ଗହାମ୍ ୫୬ ରନ୍ କରିଥିଲାବେଳେ ସିରାଜ ତାଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ପ୍ରସିଦ୍ଧ କ୍ରିଷ୍ଣା ପ୍ରତିପକ୍ଷ ବ୍ୟାଟର କାଏଲ ଭେରିନ୍‌ଙ୍କୁ ୪ ରନ୍‌ରେ ଆଉଟ କରି ଭାରତକୁ କିଛିଟା ଆଶ୍ୱସ୍ତ କରିଥିଲେ। ଦକ୍ଷିଣ ଆଫ୍ରିକା ୬୬ ଓଭରରେ ୫ ୱିକେଟ ହରାଇ ୨୫୬ ରନ୍ କରିଥିଲାବେଳେ ଆଲୋକ ଅଭାବରୁ ଖେଳକୁ ଅମ୍ପାୟାର ବନ୍ଦ ରଖିଥିଲେ। ଏହି ସମୟରେ ଏଲ୍‌ଗାର ୨୧୧ ବଲ୍‌ର ସାମ୍ନା କରି ୨୩ ଚୌକା ସହ ୧୪୦ ରନ୍‌ରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ବୁମ୍‌ରା ଓ ସିରାଜଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ପାଳି: ୨୪୫/୧୦, ୬୭.୪ ଓଭର (ରାହୁଲ-୧୦୧, କୋହଲି-୩୮, ଆୟର-୩୧, ରାବାଡା-୫/୫୯, ନାନ୍ଦ୍ରେ ବର୍ଗର-୩/୫୦)।
ଦକ୍ଷିଣ ଆଫ୍ରିକା : ୨୫୬/୫, ୬୬ ଓଭର (ଡିନ୍ ଏଲଗାର-୧୪୦*, ଡେଭିଡ ବେଡିଙ୍ଗହାମ୍-୫୬, ବୁମ୍‌ରା-୨/୪୮, ସିରାଜ-୨/୬୩)।

ଅଲ୍ଟିମେଟ ଖୋ ଖୋ-୨

## ବିଜୟ ସହ ଶୀର୍ଷରେ ଜଗରନଟ୍ସ

କଟକ,୨୭।୧୨(ସମିସ)

ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣର ୪ର୍ଥ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ଓ ଗତ ସଂସ୍କରଣର ଉପବିଜେତା ତେଲଗୁ ଯୋଦ୍ଧାସ ବିଜୟୀ ହୋଇଛନ୍ତି। ଘରୋଇ ଓଡ଼ିଶା ଦଳ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ଟାଇ ସହ ୮ ପଏଣ୍ଟ ପାଇ ୬ ଦଳୀୟ ଟେବୁଲ୍ ତାଲିକାର ଶୀର୍ଷରେ ରହିଛି। ସେହିଭଳି ଯୋଦ୍ଧାସ ସମାନ ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହିତ ୬ ପଏଣ୍ଟ ପାଇ ୩ୟ ସ୍ଥାନ ହାସଲ କରିଛି। ଅପରପକ୍ଷରେ ଅଲ୍ଟିମେଟ୍ ଖୋ ଖୋ'ର ଏହି ସଂସ୍କରଣରେ ମୁମ୍ବାଇ ଖିଲାଡିସ ଓ ରାଜସ୍ଥାନ ୱାରିୟର୍ସ ହ୍ୟାଟ୍ରିକ ପରାଜୟବରଣ କରି ପଏଣ୍ଟ ତାଲିକାରେ ଖାତା ଖୋଲିବାରେ ସମର୍ଥ ହୋଇପାରି ନାହାନ୍ତି। ପ୍ରତିଯୋଗିତାରେ ଘରୋଇ ଓଡ଼ିଶା ଜଗରନଟ୍ସ ଏହାର ୩ୟ ମୁକାବିଲାରେ ବୁଧବାର ଅନ୍ୟତମ ଶକ୍ତିଶାଳୀ ଦଳ ମୁମ୍ବାଇ ଖିଲାଡିସ୍‌କୁ ଭେଟିଥିଲା। ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ



ରହିଥିଲା। କିନ୍ତୁ ଶେଷରେ ଦୀପେଶ ମୋରେ'ଙ୍କ ନେତୃତ୍ୱାଧିନ ଓଡ଼ିଶା ଜଗରନଟ୍ସ ୩୧-୨୮ ପଏଣ୍ଟରେ ଖିଲାଡିସ୍ ଦଳକୁ ପରାସ୍ତ କରିଥିଲା। ମ୍ୟାଚରେ ଓଡ଼ିଶା ସ୍କାଏ ଡାଇଭ'ରୁ ସର୍ବାଧିକ ୧୨, ଟଚ୍ ପଏଣ୍ଟରୁ ୮, ପୋଲ୍ ଡାଇଭରୁ ୬ ଓ ବୋନସ୍ ଆକାରରେ ୨ ପଏଣ୍ଟ ପାଇଥିଲା। ଅପରପକ୍ଷରେ ମୁମ୍ବାଇ ପୋଲ୍ ଡାଇଭ ଓ ଟଚ୍ ପଏଣ୍ଟରୁ ୧୨ ଲେଖାଏ ପଏଣ୍ଟ ହାସଲ କରିଥିଲା। ଏହି ବିଜୟରେ ପୁଣିଥରେ ଓଡ଼ିଶାର ୱାଜିର ଦୀପକ ସାହୁ ବେଶ୍ ଚମତ୍କାର ପ୍ରଦର୍ଶନ କରି ଦଳ ପାଇଁ ପ୍ରମୁଖ ସାବ୍ୟସ୍ତ ହୋଇଥିଲେ। ଏଥିପୂର୍ବରୁ ଦିବସର ପ୍ରଥମ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ଠାରୁ ୩୮-୨୮ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସ ପରାସ୍ତ ହୋଇଛି।

## ଶିଶୁ ପ୍ରଶଂସକଙ୍କ ଇଚ୍ଛା ପୂରଣ କଲେ କୋହଲି

ସେଞ୍ଚୁରିଅନ,୨୭ ।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିବସରେ ଏକ ମଜାଦାର ଘଟଣା ଦେଖିବାକୁ ମିଳିଥିଲା। ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଜଣେ ଶିଶୁ ପ୍ରଶଂସକ ବହୁ ପ୍ରତୀକ୍ଷିତ ଅଭିଳାଷ ପୂରଣ କରିଛନ୍ତି। କୋହଲି ଏହି ପ୍ରଶଂସକଙ୍କୁ ନିଜ ଅଟୋଗ୍ରାଫ୍ ସମ୍ବଳିତ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲେର (ଆରସିବି) ଜର୍ସି ପ୍ରଦାନ କରିଥିଲେ। ନିଜ ପ୍ରିୟ କ୍ରିକେଟରଙ୍କଠାରୁ ମନ ପସନ୍ଦର ଜର୍ସି ପାଇ ଶିଶୁ ଜଣକ ବେଶ୍ ଆନନ୍ଦ ଅନୁଭବ କରିଥିଲେ। ଶିଶୁ ପ୍ରଶଂସକଙ୍କୁ କୋହଲି ଜର୍ସି ଦେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି।

● ଡବ୍ଲ୍ୟୁଏଫ୍‌ଆଇ ବିବାଦ

## ଆଡହକ କମିଟି ଗଠନ କଲା ଆଇଓଏ

ନୂଆଦିଲ୍ଲୀ,୨୭ ।୧୨(ଏଜେନ୍ସି): ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ)କୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିଲମ୍ବିତ କରିବା ପରେ ଏବେ ଏହାର ପରିଚାଳନା ପାଇଁ ନୂଆ ଆଡହକ୍ କମିଟି ଗଠନ କରାଯାଇଛି। ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଭାରତୀୟ ଉଷୁ ସଂଘର ଅଧ୍ୟକ୍ଷ ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ବୁଧବାର ଏହି କମିଟି ଗଠନ କରିଛି। ହକି ଅଲିମ୍ପିଆନ ଏମ୍‌ଏମ୍ ସୋମାୟା ଓ ପୂର୍ବତନ ଅନ୍ତର୍ଜାତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ମଞ୍ଜୁସା କନୱର ଏହି କମିଟିର ସଦସ୍ୟ ରହିଛନ୍ତି। ବାଜୱା ଗତ ଏପ୍ରିଲରେ ଗଠନ କରାଯାଇଥିବା ଆଡହକ କମିଟିର ମଧ୍ୟ ସଦସ୍ୟ ଥିଲେ।

ପୂର୍ବତନ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ବ୍ରିଜଭୂଷଣ ସରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ନିର୍ବାଚନରେ ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବାର ଦୁଇ ଦିନପରେ ମନ୍ତ୍ରଣାଳୟ ରବିବାର ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବିତ କରିଥିଲା। ଏଥିସହ ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା ପାଇଁ ଆଇଓଏକୁ ନୂଆ ଅଡହକ୍ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲା। ଡବ୍ଲ୍ୟୁଏଫ୍‌ଆଇ ନବ ନିର୍ବାଚିତ ପାଦାଧିକାରୀମାନେ ସଂଘର ସାମ୍ବିଧାନିକ ନିୟମାବଳୀ ଓ ମର୍ଯ୍ୟାଦାର ଉଲ୍ଲଂଘନ କରି ମନ ଇଚ୍ଛା ନିଷ୍ପତ୍ତି ନେଇଥିଲେ ବୋଲି ଆଇଓଏ ସଭାପତି ତଥା ପୂର୍ବତନ ଅନ୍ତର୍ଜାତୀୟ ଧାବିକା ପିଟି ଉଷା କହିଛନ୍ତି। ଅନ୍ୟପଟେ ଆଇଓଏର ଏହି ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ଜାହିର କରି ସଞ୍ଜୟ ସିଂ ହାଇକୋର୍ଟରେ ଅପିଲ କରିବେ ବୋଲି କହିଛନ୍ତି।

● ଦିନିକିଆ ବିଶ୍ୱକପ୍

## ପ୍ରସାରଣ ଓ ଡିଜିଟାଲ ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୨୭ ।୧୨(ଏଜେନ୍ସି): ଭାରତରେ ଆୟୋଜିତ ୨୦୨୩ ଦିନିକିଆ ବିଶ୍ୱକପ୍ କ୍ରିକେଟ ଇତିହାସର ସବୁଠାରୁ ସଫଳ ଇଭେଣ୍ଟ ବିବେଚିତ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଯେକୌଣସି ଟୁର୍ଣ୍ଣାମେଣ୍ଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପ୍ରଥମଥର ପାଇଁ ଟିଭି ପ୍ରସାରଣରେ ଏକ କୋଟି ମିନିଟ୍ (ଏକ ଟ୍ରିଲିୟନ) ରୁ ଉଦ୍ଧ୍ୱର୍ ଏହି ଟୁର୍ଣ୍ଣାମେଣ୍ଟକୁ ଦେଖାଯାଇଛି। ଅନ୍ୟପଟେ କହିବାକୁ ଗଲେ କ୍ରିକେଟ ପ୍ରଶଂସକମାନେ ଏକ ଲକ୍ଷ କୋଟି ମିନିଟରୁ ଉଦ୍ଧ୍ୱର୍ ସମୟ ସିଧା ପ୍ରସାରଣ ଦେଖିଛନ୍ତି। ଆଇସିସି ଏ ନେଇ ନିଜ ୱେବସାଇଟ୍ ଓ ସାମାଜିକ ଗଣମାଧ୍ୟମ ଏକ୍ସ ବା ଟୁଇଟର ଜରିଆରେ ସୂଚନା ଦେଇଛି। ୨୦୧୧ରେ ଭାରତରେ ଆୟୋଜିତ ଦିନିକିଆ ବିଶ୍ୱକପ୍ ତୁଳନାରେ ଏହା ୩୮% ଅଧିକ। ସେହିପରି ୨୦୧୯ ରେ ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍ ତୁଳନାରେ ଏଥର ୧୭% ଦର୍ଶକ ଅଧିକ ମ୍ୟାଚ୍ ଦେଖିଛନ୍ତି।

● ଫାଓ ୟୁଥ ଲିଗ୍‌ରେ କୁନାଙ୍କ ଚମକ

## କଳିଙ୍ଗନଗର, କିଟ୍-କିସ୍ ବିଜୟୀ



କଟକ,୨୭।୧୨(ସମିସ): ବିଡାନାସୀ ଗ୍ରାଉଣ୍ଡରେ ଫାଓ ୟୁଥ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ କଳିଙ୍ଗ ନଗର ସ୍ପୋର୍ଟସ ଏକାଡେମୀ ଓ କିଟ୍-କିସ୍ ଦଳ ବିଜୟୀ ହୋଇଛନ୍ତି। ୧୩ବର୍ଷରୁ କମ୍ ବୟସ ବର୍ଗର ଏହି ପ୍ରଥମ ମ୍ୟାଚରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ୯-୦ ଗୋଲରେ ରାଇଜିଂ ଷ୍ଟାର କ୍ଲବକୁ ପରାସ୍ତ କରିଛି। ଏହି ମ୍ୟାଚରେ କୁନା ମାଝୀ ଡବଲ୍ ହ୍ୟାଟ୍ରିକ ସହ ଏକାକୀ ୬ଟି ଗୋଲ ଦେଇ ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ଶୁଭମ ବେହେରା ଅନ୍ୟ ୩ଟି ଗୋଲ ଦେଇ ମଧ୍ୟ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ କିଟ୍-କିସ୍ ଦଳ ୩-୨ ଗୋଲରେ ଆରଡୋର୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଥିଲା। ପ୍ରାରମ୍ଭରୁ ପଛୁଆ ଥିବା କିଟ୍-କିସ୍ ଅନ୍ତିମ ମିନିଟରେ ମ୍ୟାଚ୍‌କୁ ଜିତିଥିଲା। ପରାଜିତ ଆର୍‌ଡୋର ପକ୍ଷରୁ ଆୟୂଷ ଗୋପ ୨ଟି ଯାକ ଗୋଲ ଦେଇଥିଲେ। କିଟ-କିସ ପକ୍ଷରୁ ସୂରଜ ମୁର୍ମୁ, ମାଟା ହେମ୍ବ୍ରମ ଓ ରୋହିତ ମୁଣ୍ଡା ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି।

# କ୍ରୀଡ଼ା ଲାଗି ଓଡ଼ିଶା ଏବେ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି: ମଦନ ଲାଲ୍

ଭୁବନେଶ୍ୱର, ୨୭।୧୨(ସମିସ): କ୍ରୀଡ଼ା ଲାଗି ଓଡ଼ିଶା ଏବେ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି। ଓଡ଼ିଶାରେ ଅତ୍ୟାଧୁନିକ ତଥା ବିଶ୍ୱସ୍ତରର ସୁବିଧା ସୁଯୋଗ ସୃଷ୍ଟି ହେବା ଯୋଗୁ ଏଠାରେ ବିଶ୍ୱର ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ବିଶ୍ୱର ଶ୍ରେଷ୍ଠ ଖେଳାଳି, ଦର୍ଶକ ଓ ଗଣମାଧ୍ୟମର ପ୍ରତିନିଧିମାନେ କ୍ରମାଗତଭାବେ ଓଡ଼ିଶା ଆସୁଛନ୍ତି। ଏଠାରେ ହେଉଥିବା ଖେଳର ପ୍ରସାରଣ ସମଗ୍ର ବିଶ୍ୱ ଦେଖୁଛି। ଯାହା ଫଳରେ ଓଡ଼ିଶା ସମ୍ପର୍କରେ ଏବେ ସମସ୍ତେ ଭଲଭାବେ ଅବଗତ ହୋଇଛନ୍ତି। ଖେଳାଳିମାନେ ମଧ୍ୟ ଏଠାରେ ଥିବା ବିଶ୍ୱସ୍ତରର ଭିତ୍ତିଭୂମିକୁ ପ୍ରଶଂସା କରିଛନ୍ତି। ମୋଟାମୋଟି କହିବାକୁ ଗଲେ ଓଡ଼ିଶା ଏବେ ଖେଳାଳି ଓ ଆୟୋଜକଙ୍କ ଲାଗି



ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି ବୋଲି ଭାରତର କିମ୍ବଦନ୍ତୀ କ୍ରିକେଟର ମଦନ ଲାଲ କହିଛନ୍ତି। ଏଠାକୁ ଏକ ପୁରସ୍କାର କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ଭାରତର ଏହି ଚାମ୍ପିଅନ କ୍ରିକେଟର ଓଡ଼ିଶା ସରକାର ଯୋଗାଇଦେଇଥିବା ବିଶ୍ୱସ୍ତରର ଭିତ୍ତିଭୂମିକୁ ଢ଼େର ପ୍ରଶଂସା କରିଛନ୍ତି। ତାଙ୍କ ମତରେ ଏଠାରେ ସରକାର କେବଳ ବିଶ୍ୱସ୍ତରର ଷ୍ଟାଡିୟମ ନିର୍ମାଣ କରିନାହାନ୍ତି, ବରଂ ବିଶ୍ୱସ୍ତରର ଟୁର୍ଣ୍ଣାମେଣ୍ଟ ମଧ୍ୟ ଆୟୋଜନ କରି ଖେଳାଳିଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାକୁ ସୁଯୋଗ ଦେଉଛନ୍ତି। କୃତି କ୍ରୀଡ଼ାବିତଙ୍କୁ ସହାୟତା ଦେବା ସହ ପ୍ରୋତ୍ସାହନ ମଧ୍ୟ ଯୋଗାଇଦେବା କଥା ଜାଣିବାକୁ ପାଇଛି। ଓଡ଼ିଶା ତଥା ଭୁବନେଶ୍ୱରକୁ ମୁଁ ବହୁତ ପୂର୍ବରୁ ଆସିଛି। କଟକ ବାରବାଟୀରେ କ୍ରିକେଟ ଖେଳିବାର ଅଭିଜ୍ଞତା ରହିଛି। କିନ୍ତୁ ଏବେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିରେ ଯେଉଁ ଉନ୍ନତି ହୋଇଛି ତାହା ଅନ୍ୟକେଉଁଠାରେ ମୁଁ ଦେଖିନାହିଁ। ଓଡ଼ିଶା ସରକାରଙ୍କ ଏଭଳି ପ୍ରଚେଷ୍ଟା ନିଶ୍ଚିତ ଭାବେ ଖେଳର ଉନ୍ନତି କରିବ ଓ ଯୁବପିଢ଼ିମାନେ ଏଥିରୁ ଫାଇଦା ପାଇବେ ବୋଲି ସେ କହିଛନ୍ତି। ଓଡ଼ିଶା ତଥା ଭାରତର ଯୁବ ପିଢିଙ୍କୁ ଆହ୍ୱାନ ଦେଇ ମଦନଲାଲ କହନ୍ତି, ଯେଉଁ ଭିତ୍ତିଭୂମି ଲାଗି ଆମକୁ ବିଦେଶ ଯିବାକୁ ହେଉଥିଲା, ତାହା ଏବେ ନିଜ ଘରେ ମିଳିଯାଇଛି। ଏଥିରୁ ଖେଳାଳିମାନେ ପୂରା ଫାଇଦା ଉଠାନ୍ତୁ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ଆଣି ଦେଶର ଗୌରବ ବଢ଼ାନ୍ତୁ ବୋଲି କହିଛନ୍ତି ଏହି ଚାମ୍ପିଅନ କ୍ରିକେଟର। ୧୯୮୩ରେ ଭାରତକୁ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମଦନଲାଲ ଜଣେ ପେସ ବୋଲିଂ ଅଲରାଉଣ୍ଡର। ଖେଳାଳି ଜୀବନରେ ଅନେକ ସଫଳତା ଓ ଅଭିଜ୍ଞତାକୁ ସେ ବର୍ଣ୍ଣନା କରିଥିଲେ।

**ଲକ୍ଷ୍ୟ ସ୍ଥିର ଓ କଠିନ ପରିଶ୍ରମ କର**

ଯୁବ ଖେଳାଳିମାନଙ୍କୁ ଉପଦେଶ ଦେଇ ମଦନ ଲାଲ କହିଲେ, ଯୁବପିଢ଼ିମାନେ ପ୍ରଥମେ ନିଜ ଲକ୍ଷ୍ୟ ସ୍ଥିର କରନ୍ତୁ। ଖେଳ ହେଉ କିମ୍ବା ପାଠ, ଜଣଙ୍କର ଲକ୍ଷ୍ୟ ସ୍ଥିର ହେବା ଉଚିତ। ଆଉ ଏହି ଲକ୍ଷ୍ୟରେ ପହଞ୍ଚିବା ଲାଗି କଠିନ ପରିଶ୍ରମ କରିବା ଆବଶ୍ୟକ। ସମସ୍ତଙ୍କୁ ସର୍ବଦା ସଫଳତା ମିଳି ନଥାଏ। ଏହାର ଅର୍ଥ ନୁହେଁ ଯେ, ଆମେ ଚେଷ୍ଟା କରିବା ଛାଡ଼ିଦେବା। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ଶେଷ ପର୍ଯ୍ୟନ୍ତ ପରିଶ୍ରମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏବେ ଖେଳାଳିମାନଙ୍କୁ ଓଡ଼ିଶା ତଥା ଭାରତରେ ଭଲ ପ୍ରୋତ୍ସାହନ ଦିଆଯାଉଛି। ଖେଳରେ ଦକ୍ଷ ହେବା ଲାଗି ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଖେଳରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବ ପିଢ଼ି ଏଥିରୁ ପୂରା ଫାଇଦା ନେବା ଉଚିତ। ଖେଳରେ ଏବେ ଭଲ କ୍ୟାରିୟର କରିହେଉଛି। ଅନ୍ୟବିଭାଗ ଛଡ଼ା ଖେଳରେ ଅନେକ ଭଲ ଗୁଣ ରହିଛି। ପ୍ରଥମ ତଥା ମୁଖ୍ୟକଥା ହେଉଛି ଜଣେ ବ୍ୟକ୍ତି ଖେଳକୁ କ୍ୟାରିୟର କଲେ ଶୃଙ୍ଖଳିତ ଜୀବନ ଗଠନ କରିପାରିବ। ସଫଳତା ପାଇଲେ ନିଜସ୍ୱ ପରିଚୟ ସୃଷ୍ଟି ହେବ। ପରିଚୟ ସହ ଅର୍ଥ ଓ ସମ୍ମାନ ମିଳିବ। ସବୁଆଡ଼େ ଭଲ ଲୋକଙ୍କ ସହ ମିଶିବାର ସୁଯୋଗ ମିଳିବ। ଏହାଠାରୁ ଆଉ ବଡ଼ କଥା କ'ଣ ହୋଇପାରେ ବୋଲି ସେ କହିଛନ୍ତି। ଖେଳରେ ନିୟମାନୁବର୍ତ୍ତିତା ଓ ଶୃଙ୍ଖଳା ଏକାନ୍ତ ଆବଶ୍ୟକ। ସେ ନିଜ ଖେଳ ଜୀବନର ଉଦାହରଣ ଦେଇ କହନ୍ତି, ଅଭ୍ୟାସ ହେଉ କିମ୍ବା ଖେଳିବାକୁ ହେଉ, ମୁଁ କେଉଁଠାରେ ଗୋଟିଏ ସେକେଣ୍ଡ ବିଳମ୍ବରେ ପହଞ୍ଚିନାହିଁ। ଏପରି ଆଚରଣ ସମସ୍ତଙ୍କ ଲାଗି ଲାଭପ୍ରଦ ହୋଇଥାଏ। ନିଜ ପେସା ଉପରେ ଦୃଷ୍ଟିନିବଦ୍ଧ କର, ନିଶ୍ଚିତ ସଫଳ ହେବ ବୋଲି ମଦନ ଲାଲ କହିଛନ୍ତି।

## ଦେବାଶିଷଙ୍କୁ ଏକଲବ୍ୟ ପୁରସ୍କାର

ରାଜ୍ୟର ଉଦୀୟମାନ ଟେନିସ ତାରକା ଦେବାଶିଷ ସାହୁଙ୍କୁ ୩୧ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏଠାରେ ବୁଧବାର ଅନୁଷ୍ଠିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିମ୍ବଦନ୍ତୀ କ୍ରିକେଟର ମଦନ ଲାଲ ଏକଲବ୍ୟ ପୁରସ୍କାର ବିଜେତା ଦେବାଶିଷଙ୍କୁ ୫ଲକ୍ଷ ଟଙ୍କା,

**ବାପି ହାଁସ୍‌ଦା, ଜ୍ୟୋତ୍ସ୍ନା ଶବର ସମ୍ମାନିତ**



ସ୍ମୃତିଫଳକ ଓ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ୨୫ ବର୍ଷରୁ କମ୍ ବିଭାଗରେ ଦେବାଶିଷଙ୍କ ସଫଳତା ଯୋଗୁଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ରାଜ୍ୟର ଅନ୍ୟ ଦୁଇ ଖେଳାଳି ତଥା ଆଥ୍‌ଲେଟ ବାପି ହାଁସ୍‌ଦା ଓ ଭାରୋତ୍ତୋଳନକାରୀ ଜ୍ୟୋତ୍ସ୍ନା ଶବରଙ୍କୁ ଚଳିତ ବର୍ଷର ପ୍ରଦର୍ଶନ ଲାଗି ସମ୍ମାନିତ କରାଯାଇଛି। ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ରାଜ୍ୟର ଅନ୍ୟତମ ପ୍ରମୁଖ କ୍ରିକେଟର ପୱନ ଅଗରୱାଲ ଓ ଆୟୋଜକ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ତଥା ଏକଲବ୍ୟ ପୁରସ୍କାର ଚୟନ କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏକ ଲକ୍ଷ ଲେଖାଏଁ ଟଙ୍କା, ପ୍ରଶଂସା ପତ୍ର ଓ ସ୍ମୃତିଫଳକ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଇମ୍ପାକ୍ଟ ମ୍ୟାନେଜମେଣ୍ଟ କନସଲଟାଣ୍ଟ ସୟଦ ମୁସ୍ତାକ ଅଲ୍ଲୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଚୟନ କମିଟି ସଂଯୋଜକ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ନିମନ୍ତ୍ରିତ ଅତିଥି, ବିଶିଷ୍ଟ ଚେସ ଖେଳାଳି ତଥା ଚୟନ କମିଟି ସଦସ୍ୟ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର